


THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
BHUBANESWAR | ◆VOLUME- 43 ◆ISSUE-291 ◆SUNDAY ◆19 APRIL 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୨୯୧ ◆ରବିବାର ◆୧୯ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

### ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନବୀନଙ୍କ କଡ଼ା ସମାଲୋଚନା

# ଓଡ଼ିଶାର ନ୍ୟାଯ୍ୟ ଅଧିକାର ସହ ସାଲିସ୍ କରିଛି ରାଜ୍ୟ ବିଜେପି



- ଓଡ଼ିଶାବାସୀଙ୍କ ନିକଟରେ ବିଜେପିର ମୁଖା ଖୋଲି ଯାଇଛି
- ଅନ୍ୟାୟ ବିରୋଧରେ ବିଜେପିର ଜଣେ ବି ସାଂସଦ ସ୍ୱର ଉଠାଇଲେ ନାହିଁ
- ଓଡ଼ିଶାର ଅଧିକାର ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ

■ ଭୁବନେଶ୍ୱର, ୧୮।୪ (ସମିସ): କେନ୍ଦ୍ର ସରକାର ଆଣିଥିବା ସମ୍ବିଧାନର ୧୩୧ ତମ ସଂଶୋଧନ ବିଲ୍ ୨୦୨୬କୁ ନେଇ ବିଭିନ୍ନ ରାଜନୈତିକ ଦଳ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏପରିକି ଶୁକ୍ରବାର ମହିଳା ସଂରକ୍ଷଣ ବିଲ୍ ସଂସଦରେ କାଟ୍ ଖାଇବା ପରେ ଏହା ବିରୋଧୀଙ୍କ ନୈତିକ ବିଜୟ ଏବଂ ସରକାରଙ୍କର ପରାଜୟ ବୋଲି ବିରୋଧୀ ଦଳ ମତବ୍ୟକ୍ତ କରିଛନ୍ତି। ଏପରିକି ମହିଳା ସଂରକ୍ଷଣ ବିଲ୍ ସହ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଯୋଡ଼ିବା ପଛରେ କେନ୍ଦ୍ର ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହିକ୍ରମରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରରିପେକ୍ଷୀରେ ବିଜେପି କିପରି ଓଡ଼ିଶାର ଅଧିକାର, ସ୍ୱାର୍ଥ ସହ ସାଲିସ କଲା, ତାହା ରାଜ୍ୟବାସୀ ଦେଖିଲେ ବୋଲି କହି କଡ଼ା ସମାଲୋଚନା କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରିକି ଏହି ଅନ୍ୟାୟ ବିରୋଧରେ ଓଡ଼ିଶାର ଜଣେ ହେଲେ ବି ବିଜେପି ସାଂସଦ ସ୍ୱର ଉତ୍ତୋଳନ ନ କରିବା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି।

ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ବିଜେଡି ସର୍ବଦା ପଞ୍ଚାୟତ ସ୍ତରରୁ ସଂସଦ ପର୍ଯ୍ୟନ୍ତ ମହିଳା ସଶକ୍ତୀକରଣ ପାଇଁ ଠିଆ ହୋଇଛି। ମାତ୍ର ଆମେ ସୀମା ନିର୍ଦ୍ଧାରଣ ମାଧ୍ୟମରେ ଓଡ଼ିଶାର ରାଜନୈତିକ ଶକ୍ତି ହ୍ରାସ କରିବା ଉଦ୍ୟମକୁ ସମ୍ପୂର୍ଣ୍ଣ ବିରୋଧ କରୁଛୁ। ଓଡ଼ିଶାର ଲୋକମାନେ ଦେଖିଛନ୍ତି ଯେ ସେମାନଙ୍କ ଅଧିକାର ପାଇଁ କିଏ ଲଢ଼ିଛି ଏବଂ ବିଜେପି କିପରି ଓଡ଼ିଶାର ଅଧିକାର ▶ପୃଷ୍ଠା-୭



ମହିଳା ବିଲ୍ ପାସ୍ ନ ହେବା ଦୁର୍ଭାଗ୍ୟଜନକ



ଏନ୍‌ଡିଏକୁ ଝଟ୍‌କା: ଗଣତନ୍ତ୍ରର ବିଜୟ



ଛିଡ୍ରୁନି ହର୍ମୁଜ ଅଡୁଆ: ପୁଣି ଯୁଦ୍ଧ ଧମକ

### 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ସଂସଦୀୟ ଦଳ ନେତା

# ଜାତୀୟ ରାଜନୀତିରେ ବିଜେଡି ଚର୍ଚ୍ଚା



- କୌଣସି ମେଣ୍ଟ ନୁହେଁ, ଓଡ଼ିଶାର ସ୍ୱାର୍ଥ ସହ ରହିଛୁ: ମାନସ
- ପ୍ରସଙ୍ଗ ଭିତ୍ତିରେ କଂଗ୍ରେସକୁ ସମର୍ଥନ ଦେଉଛି ବିଜେଡି: ଭକ୍ତ

■ ଭୁବନେଶ୍ୱର, ୧୮।୪ (ସମିସ): ରାଜ୍ୟର ସ୍ୱାର୍ଥ ରକ୍ଷା ଏବଂ ହକ୍ ପାଇବା ପାଇଁ ଓଡ଼ିଶାରୁ ଦିଲ୍ଲୀ ଯାଏଁ ଲଢ଼େଇ ଜାରି ରଖିଛି ବିଜୁ ଜନତା ଦଳ। ଆନ୍ତଃରାଜ୍ୟ ଜଳ ବିବାଦ ହେଉ କି ରେଳ ଡିଭିଜନ ଉଚ୍ଛେଦ ଅବା ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗ, ସବୁଥିରେ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି ବିଜେଡି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ହକ୍ ପାଇଁ ମିଳିତ ଲଢ଼େଇ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂସଦରେ କେନ୍ଦ୍ର ସରକାର ଆଣିଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନୂଆଦିଲ୍ଲୀରେ ଅନୁଷ୍ଠିତ 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ▶ପୃଷ୍ଠା-୭



# ଗ୍ରୀଷ୍ମ ପ୍ରବାହ : ୩ ଦିନ ପାଇଁ ସ୍କୁଲ ଛୁଟି

**ସମ୍ବଲପୁର, ୧୮।୪ (ସମିସ)**

ସମ୍ବଲପୁର ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତ ୧୪ ତାରିଖରୁ ପାରଦ ୪୧ ଡିଗ୍ରୀ ତଳକୁ ଖସୁନାହିଁ। ସକାଳ ୮ଟାରୁ ଖରା ତାତିରେ ଲୋକେ ସିଝୁଛନ୍ତି। ସନ୍ଧ୍ୟା ନଇଁବା ପରେ ମଧ୍ୟ ତାତିଲା ପବନ ବହୁଛି। ଏପରିସ୍ଥଳେ କେବଳ ମଣିଷ ନୁହେଁ ଜୀବଜନ୍ତୁ ମଧ୍ୟ କଲବଲ ହେଉଛନ୍ତି। ପୁଣି ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୨୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସମେତ ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଉଷ୍ମ ରାତି ହେବ ବୋଲି ସତର୍କତା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାପାଳ ଆସନ୍ତା ୨୦ ତାରିଖରୁ ୩ ଦିନ ପାଇଁ ବିଦ୍ୟାଳୟ ଗୁଡ଼ିକ ବନ୍ଦ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗ୍ରୀଷ୍ମପ୍ରବାହ କାରଣରୁ ଗତକାଲି ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଆଦି ଜିଲ୍ଲାରେ ବିଦ୍ୟାଳୟ ଗୁଡ଼ିକ ୩-୪ ଦିନ ପାଇଁ ବନ୍ଦ କରିଦିଆଯାଇଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁରରେ ତାପମାତ୍ରା ଗତ କିଛିଦିନ ହେବ ୪୦-୪୧ ରହୁଥିବା ଦେଖି ବିଦ୍ୟାଳୟ ଗୁଡ଼ିକର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିଲା। ବିଭିନ୍ନ ମହଲରୁ ପ୍ରତିକ୍ରିୟା ଏବଂ ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ଅସ୍ଥାୟୀ ଭାବେ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥିତିକୁ ଦେଖି ଆମେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ନେଇ ବିଭିନ୍ନ ସ୍ଥାନରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ସ୍କୁଲ, କଲେଜ, ଅଙ୍ଗନବାଡ଼ି କେନ୍ଦ୍ରର ସମୟରେ ପରିବର୍ତ୍ତନ କିମ୍ବା ବନ୍ଦ କରାଯାଇଛି ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମୟକୁ ମଧ୍ୟ ଫେରବଦଳ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହାସହ ସତର୍କତାମୂଳକ ପଦକ୍ଷେପ ଭାବେ ସମସ୍ତଙ୍କ ମଧ୍ୟରେ ସଚେତନତା ଏବଂ ପିଏଚ୍‌ସିଠାରୁ ଆରମ୍ଭ କରି ଭିମସାର, ଡିଏଚ୍‌ଏଚ୍ ଆଦିରେ ଅଂଶୁଘାତ ୱାର୍ଡ ବ୍ୟବସ୍ଥା କରାଯାଇଛି।

ଆଜି ଶନିବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୧.୬ ଡିଗ୍ରୀ ରହିଥିଲା। ରାତିରେ ମଧ୍ୟ ଉଷ୍ମ ରାତ୍ରି ହେଉଥିବାରୁ ସର୍ବନିମ୍ନ ତାପମାତ୍ରା ୨୮.୭ ଡିଗ୍ରୀ ରହିଛି। ଗତ ୧୪ ତାରିଖରୁ କ୍ରମାଗତ ଭାବେ ୫ ଦିନ ପାଇଁ ସମ୍ବଲପୁରର ତାପମାତ୍ରା ୪୧ ଡିଗ୍ରୀ ଉପରେ ରହୁଛି। ଗତ ୧୪ ତାରିଖ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ (୨୫.୦), ୧୫ ତାରିଖରେ ୪୧.୦ ଡିଗ୍ରୀ (୨୫.୦), ୧୬ ତାରିଖରେ ୪୨.୨ ଡିଗ୍ରୀ (୨୬.୭), ୧୭ ତାରିଖରେ ୪୧.୨ ଡିଗ୍ରୀ (୨୭.୮) ଏବଂ ୧୮ ତାରିଖରେ ୪୧.୬ ଡିଗ୍ରୀ (୨୮.୭) ରହିଛି। ଖରା ତାତି ସାଙ୍ଗକୁ ତାତିଲା ପବନ ଏବଂ ଅସହ୍ୟ ଗୁଳୁଗୁଳି ହେଉଛି। ଲୋ-ଭୋଲ୍ଟେଜ୍ ଯୋଗୁଁ ପଙ୍ଖା, କୁଲର୍ ଆଦି କାମ କରୁନାହିଁ। କେବଳ ଦିନବେଳା ନୁହେଁ, ସନ୍ଧ୍ୟା ଓ ରାତି ସମୟରେ ମଧ୍ୟ ଲୋକେ ଘର ଭିତରେ ରହିପାରୁନାହାନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ବାଧକ ହେଉଛି। ଏହାସହ ସମ୍ବଲପୁର ମହାନଗର ନିଗମର କେତେକ ଅଞ୍ଚଳରେ ଜଳ ସଂକଟ ଦେଖାଦେଲାଣି।

## ଖୋଲିଲା ଡିଏଚ୍‌ଏଚ୍ ଅଂଶୁଘାତ କକ୍ଷ



ପ୍ରତିବର୍ଷ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଅଂଶୁଘାତ କକ୍ଷ କରାଯାଇଥାଏ। ସ୍ୱତନ୍ତ୍ର ଭାବେ କୌଣସି କକ୍ଷ ନଥିବାବେଳେ 'ଖରା ଆସିଲେ ମନେପଡ଼େ' ନୀତିରେ ମେଡିସିନ୍ ୱାର୍ଡର ଏକ ରୁମ୍‌କୁ କୁଲର୍ ଲଗାଇ ଅଂଶୁଘାତ କକ୍ଷ କରାଯାଇଥାଏ। ସେହିଠାରେ ପ୍ରତିବର୍ଷ ଶହ ଶହ ଅଂଶୁଘାତ ଆକ୍ରାନ୍ତ ଚିକିତ୍ସିତ ହୋଇଥାନ୍ତି। ଚଳିତବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ତାପମାତ୍ରା ୪୦ ଡିଗ୍ରୀ ପହଞ୍ଚିଥିବାବେଳେ ଗତ ୧୨ ତାରିଖରୁ ସମ୍ବଲପୁରର ତାପମାତ୍ରା ୪୦ - ୪୧ ଡିଗ୍ରୀ ଉପରେ ରହିବାସହ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେଉଛି। ତେବେ, ଆଜି ଶନିବାର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ ହୋଇନଥିଲା। ରୋଗୀମାନେ ବିଭିନ୍ନ ସମସ୍ୟା ଦେଖାଇ ଆସିଲେ ସେମାନଙ୍କୁ ମେଡିସିନ ଓ ଅନ୍ୟ ୱାର୍ଡକୁ ପଠାଇ ଦିଆଯାଉଥିଲା।

ଶନିବାର ପୂର୍ବାହ୍ନରେ ନୂତନ କୋଠାର ତଳମହଲାରେ ୬ ଶଯ୍ୟା ବିଶିଷ୍ଟ ଏକ 'ଅଂଶୁଘାତ କକ୍ଷ' ପ୍ରସ୍ତୁତ କରାଯାଇଛି। ଏଥିରେ ଓଆର୍‌ଏସ୍, ଡ୍ରିପସ୍, ଅମ୍ଳଜାନ ଯୋଗାଣ ଉପକରଣ ଆଦି ରଖାଯାଇଛି। ତେବେ, ଏହି ୱାର୍ଡ ପାଇଁ ସ୍ୱତନ୍ତ୍ର ସମର୍ପିତ ଡାକ୍ତର, ନର୍ସିଂ ଷ୍ଟାଫ୍ ଓ ସ୍ୱାସ୍ଥ୍ୟ କର୍ମୀ ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇନଥିବା ସୂଚନା ମିଳିଛି। ଏପରିକି ଅଂଶୁଘାତ କକ୍ଷ କେଉଁଠି ଅଛି ତାହା ହସପିଟାଲ କର୍ମଚାରୀ ଓ ଅନ୍ୟମା

# ବିଧାୟକ ଭିସୁଟ୍‌ର ଆଇଆଇଟି ମାନ୍ୟତା ପ୍ରସଙ୍ଗରେ ଦେଇଥିବା ମତ ପରିବର୍ତ୍ତନ କରନ୍ତୁ: ରୋହିତ

**ସମ୍ବଲପୁର, ୧୮।୪ (ସମିସ):** ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ବୁର୍ଲା ଭିସୁଟ୍‌ର ଆଇଆଇଟି ମାନ୍ୟତା ପ୍ରସଙ୍ଗରେ ଦେଇଥିବା ନିଜର ମତ ପରିବର୍ତ୍ତନ କରନ୍ତୁ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍ଗ ରୋହିତ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି ଯେ, ବିଗତ ଦୁଇ ଦିନ ପୂର୍ବରୁ ଭିସୁଟ୍ ବୁର୍ଲାଠାରେ ଏକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେଥିରେ ବିଧାୟକ କହିଥିଲେ ଯେ ଭିସୁଟ୍ ବୁର୍ଲାକୁ ଏକ ନମ୍ବର କରିବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଯଥେଷ୍ଟ, କୌଣସି ଆଇଆଇଟି କିମ୍ବା ଏନ୍‌ଆଇଟି ଦରକାର ନାହିଁ। ଏହାଠୁ ଆଉ ଦୁର୍ଭାଗ୍ୟର ବିଷୟ କିଛିନାହିଁ। ବିଧାୟକ ବୁଝିପାରୁନାହାନ୍ତି ଯେ ଆଇଆଇଟିର କ'ଣ ମହତ୍ତ୍ୱ ରହିଛି, ଆଇଆଇଟି ହେଲେ କଣ ସମ୍ଭବ ହୋଇପାରିବ। ସମ୍ବଲପୁରରେ ଆଇଆଇଏମ୍ ରହିଛି, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିମସାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ରହିଛି, ଯଦି ଆଗାମୀ ଦିନରେ ଭିସୁଟ୍‌କୁ ଆଇଆଇଟି ମାନ୍ୟତା ମିଳିଯାଏ ତେବେ ସମ୍ବଲପୁର ବିଶ୍ୱର ଶିକ୍ଷା ମାନଚିତ୍ରରେ 'ଏଡୁକେଶନ ହବ୍' ଭାବରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ। ଆଇଆଇଟି ସହ ସମ୍ବଲପୁରରେ ରହିଥିବା ସମସ୍ତ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ସମ୍ବଲପୁରକୁ ଯେଉଁ ଆଇଟି ହବ୍‌ରେ ପରିଣତ କରିବାର ସ୍ୱପ୍ନ ଦେଖୁଛୁ, ତାହା ଖୁବ୍ ଶୀଘ୍ର ସାକାର ହୋଇପାରିବ। ଆଇଆଇଟି ହେଲେ ରିସର୍ଚ୍ଚ ଏବଂ ଡେଭଲପମେଣ୍ଟ ବଢ଼ିବ, ଷ୍ଟାର୍ଟଅପ୍ ସଂଖ୍ୟା ବଢ଼ିବ, ଇନୋଭେସନ୍ ବଢ଼ିବ, ବିଶ୍ୱସ୍ତରୀୟ ଟେକ୍ ଏବଂ ଆଇଟି କମ୍ପାନୀଗୁଡ଼ିକ ଆକର୍ଷିତ ହେବେ ସମ୍ବଲପୁରରେ କାର୍ଯ୍ୟ କରିବା ପାଇଁ। ଯାହାଦ୍ୱାରା ଭିତ୍ତିଭୂମି ସୁଦୃଢ଼ ହେବ, ପଶ୍ଚିମ ଓଡ଼ିଶାରେ ରହିଥିବା ବିଭିନ୍ନ କଳକାରଖାନା ହିଣ୍ଡାଲକୋ ଠାରୁ ନେଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ସମସ୍ତ କାରଖାନା ଶିକ୍ଷାନୁଷ୍ଠାନମାନଙ୍କ ସହ ମିଳିତ ଉଦ୍ୟମକରି ନିଜର କାର୍ଯ୍ୟ ଅନୁସାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ, ଜିଲ୍ଲାର ସାମଗ୍ରିକ ବିକାଶରେ ମଧ୍ୟ ଏହାର ବହୁତ୍ ବଡ଼ ଯୋଗଦାନ ରହିବ। ଏହାସହ ଉତ୍ତମ ଶିକ୍ଷା ଏବଂ କାର୍ଯ୍ୟସ୍ଥଳୀର ଇକୋ ସିଷ୍ଟମ ତିଆରି ହେବ, ଯାହାଦ୍ୱାରା ଆମ ଅଞ୍ଚଳର ଯେଉଁ ଯୁବକ ଯୁବତୀ ମାନେ ବେଙ୍ଗାଲୁରୁ, ହାଇଦ୍ରାବାଦ, ଦିଲ୍ଲୀ ଭଳି ସହରକୁ ଚାକିରି ପାଇଁ ଯାଉଛନ୍ତି, ଆଉ ସେମାନଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ।

ଏହା ଉତ୍ତମ ସମୟ ଯେ ଭିସୁଟ୍‌କୁ ଆଇଆଇଟି ମାନ୍ୟତା ତଥା ବୁର୍ଲାରେ ଆଇଆଇଟି କରିବା ପାଇଁ, ଯେହେତୁ ଡବଲ ଇଞ୍ଜିନ ଶାସିତ ସରକାର ଉଭୟ ରାଜ୍ୟ ଓ କେନ୍ଦ୍ରରେ ରହିଛି। ବିଧାୟକ ଜୟନାରାୟଣ ମିଶ୍ର ନିଜର ମତ ପରିବର୍ତ୍ତନ କରି ଆମ ସମ୍ବଲପୁରବାସୀଙ୍କ ହକ୍ ବୁର୍ଲା ଠାରେ ଆଇଆଇଟି ସ୍ଥାପନ ପାଇଁ ଦାବି କରନ୍ତୁ। ବୁର୍ଲା ଭିସୁଟ ହେଉଛି ରାଜ୍ୟର ସର୍ବପୁରାତନ ଇଞ୍ଜିନିୟରିଂ ଅନୁଷ୍ଠାନ, ଏହି ଅନୁଷ୍ଠାନର ଅନେକ ପ୍ରତିଭାବାନ ଇଂଜିନିୟର ଆଜି ଦେଶବିଦେଶରେ କାର୍ଯ୍ୟ କରି ସୁନାମ ଆଣିଛନ୍ତି, ଏବେ ସମୟ ଆସିଯାଇଛି ଜନସାଧାରଣ ମଧ୍ୟ ଆଗେଇଆସି ଭିସୁଟ୍, ବୁର୍ଲାକୁ ଆଇଆଇଟି ମାନ୍ୟତା ପାଇଁ ଦାବି କରିବା ଆବଶ୍ୟକ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ହିଣ୍ଡାଲ୍‌କୋ ପକ୍ଷରୁ ଲାଗିଲା ଏକ୍ସ-ରେ ମେସିନ




**ସମ୍ବଲପୁର, ୧୮।୪ (ସମିସ) :** ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କ ପାଇଁ ଏକ ଏକ୍ସରେ ମେସିନ ଉପଲବ୍ଧ ହେବ। ପୂର୍ବଦିନ ମାନଙ୍କରେ ଏକ୍ସରେ ସମ୍ବନ୍ଧିତ ସମସ୍ୟା ପାଇଁ ବୁର୍ଲା କିମ୍ବା ସମ୍ବଲପୁରକୁ ଯିବା ପାଇଁ ଲୋକେ ବାଧ୍ୟ ହେଉଥିଲେ, ସେହି ସମସ୍ୟାର ବର୍ତ୍ତମାନ ପରିସମାପ୍ତି ଘଟିଛି। ଏହି ଏକ୍ସରେ ମେସିନକୁ ହିଣ୍ଡାଲକୋ ଶିଳ୍ପ ସମୂହ ଦ୍ୱାରା ହୀରାକୁଦବାସୀଙ୍କ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଦାନ କରାଯାଇଛି। ହିଣ୍ଡାଲକୋର ଏହି ମହତ୍ କାର୍ଯ୍ୟପାଇଁ ହୀରାକୁଦବାସୀ ହିଣ୍ଡାଲକୋକୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ଗ୍ରୁପ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସମିକ ବାସୁ ଉଦ୍‌ଘାଟନ କରିଥିଲେ। ତା'ସଙ୍ଗେ ଅନ୍ୟମାନେ ମାନବ ସମ୍ବଳ ଅଧିକାରୀ କ୍ରିଷ୍ଣା ପାଢ଼ୀ, ଏଫ୍‌ଆର୍‌ପି ମାନବସମ୍ବଳ ମୁଖ୍ୟ ଶିବ ପ୍ରସାଦ ମିଶ୍ର, ହିଣ୍ଡାଲକୋ ମୁଖ୍ୟ ବିଶ୍ୱାସ ସିନ୍ଧେ, ଡାକ୍ତର ଶୋଭିକ ଚାଟାର୍ଜୀ, ସିଏସ୍‌ଆର୍ ଜିତେଶ ରଥ, ସିଏଚ୍‌ସି ମୁଖ୍ୟ ଡାକ୍ତର ସ୍ନେଧା ରାଉତ, ହୀରାକୁଦ ସମାଜସେବୀ କାର୍ତ୍ତିକ କଲେତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ

**ସମ୍ବଲପୁର, ୧୮।୪ (ସମିସ) :** ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଛି। ସମ୍ପ୍ରତି ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବାସହ ବୃଦ୍ଧି ପାଉଛି। ଏପରିସ୍ଥଳେ ଆଜି ସମ୍ବଲପୁର ଜିଲ୍ଲାରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ମୃତକ ଜଣକ ହେଲେ ସମ୍ବଲପୁର ଜିଲ୍ଲା ଝାଙ୍କରପାଲି ଗ୍ରାମ ପଞ୍ଚାୟତ ରସିଆପାଲି ଗ୍ରାମର ୪୪ ବର୍ଷୀୟ ଯୁବକ ବିଶ୍ୱଜିତ ସାହୁ। ସୂଚନା ଅନୁଯାୟୀ, ବିଶ୍ୱଜିତ ଆଜି ସକାଳ ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ କଂକ୍ରିଟ କାମ କରୁଥିବା ସମୟରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ତୁରନ୍ତ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଅଂଶୁଘାତ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀ ମଧ୍ୟ ଏହା ଅଂଶୁଘାତ ମୃତ୍ୟୁ ବୋଲି କହିବାସହ ଉଚିତ କ୍ଷତିପୂରଣ ଦାବି କରିଛନ୍ତି।

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ହୋତା କହିଛନ୍ତି, ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଏହା ଜଣାପଡ଼ିବ। ଏନେଇ ପୁଲିସକୁ ଅବଗତ କରାଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆଶିଷ କୁମାର ସାହୁ କହିଛନ୍ତି, ଅଂଶୁଘାତ ମୃତ୍ୟୁ ବୋଲି ଅଭିଯୋଗ ହୋଇଛି। ଏନେଇ ଖବର ପାଇବାପରେ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରାଯାଇଛି। ରାଜସ୍ୱ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହାପରେ ଅଂଶୁଘାତ ମୃତ୍ୟୁ ହୋଇଥିଲେ ସରକାରଙ୍କ ନିୟମାନୁଯାୟୀ ୫୦ ହଜାର ଟଙ୍କା ଅନୁକଂପା ରାଶି ପ୍ରଦାନ କରାଯିବ। ଏନେଇ ଯୁଯୋମୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଅନିମା ଏକ୍କା ସୂଚନା ଦେଇଛନ୍ତି।

## ଜମନକିରା ଲାମ୍ପସ୍ ସଭାପତିଙ୍କ ପରଲୋକ

**ଜମନକିରା, ୧୮ ।୪(ସମିସ):** ଜମନକିରା ବ୍ଲକ ସର୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଉମାକାନ୍ତ ପଧାନ (୪୬)ଙ୍କ ଶୁକ୍ରବାର ଗୁରୁତର ଅବସ୍ଥାରେ ସମ୍ବଲପୁରରୁ ଭୁବନେଶ୍ୱର ନେବା ବେଳେ ରେଢ଼ାଖୋଲ ନିକଟରେ ପରଲୋକ ଘଟିଥିଲଶ। ସେ ଜମନକିରା ଜମନକିରା ଲାମ୍ପସ ସଭାପତି ସହ ବରଗଡ଼ ଏସ୍‌ଡିସିସି ବ୍ୟାଙ୍କ ଡାଇରେକ୍ଟର ଭାବେ ମଧ୍ୟ ଥିଲେ। କିଛି ଦିନ ଆଗରୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇ ଘରକୁ ଫେରି ଥିଲେ। ପୁଣି ଗୁରୁତର ହେବାରୁ ପୁଣି ସମ୍ବଲପୁର ନେଇଥିଲେ। ତାଙ୍କର ପରଲୋକ ଖବର ଶୁଣିବା ପରେ ଜମନକିରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଶୁକ୍ରବାର ନିଜ ଗ୍ରାମରେ ଶେଷକୃତ ସମ୍ପନ୍ନ ହୋଇଯାଇଛି। ତାଙ୍କ ଶବାଧାର ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ବତନ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜମନକିରା ବ୍ଲକ ଅଧକ୍ଷା ଆଶ୍ରିତା ଭୋଇ, ସମେତ ଜମନକିରା ଲାମ୍ପସର ସମସ୍ତ କର୍ମ କର୍ତ୍ତା ସହ କର୍ମଚାରି ଯୋଗ ଦେଇଥିଲେ।

## ବାଲ୍ୟବିବାହ ନିବାରଣ ପାଇଁ ସଚେତନତା

**ଜମନକିରା, ୧୮ ।୪(ସମିସ):** ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଫାଶୀମାଲ ସଭା ଗୃହରେ ସିଡ଼ି ଅନୁଷ୍ଠାନ ଜମନକିରା ଆନୁକୂଲ୍ୟରେ ଜଷ୍ଟ ରାଇଟ ଫର ଚିଲଡ୍ରେନ, ନୂଆ ଦିଲ୍ଲୀ ସହାୟତାରେ ବାଲ୍ୟ ବିବାହ ନିବାରଣ ପାଇଁ ସଚେତନତା ଓ ସତର୍କତା ବୃଦ୍ଧି ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇସିଡ଼ିଏସ ସୁପରଭାଇଜର କଳ୍ପନା ପଟେଲ ଏବଂ ସରୋଜିନୀ ପଟେଲ, ବାଲ୍ୟ ବିବାହ ପ୍ରତିରୋଧ ଅଧିକାରୀ ଭାବରେ ଓ ଅଙ୍ଗନବାଡି କର୍ମୀମାନେ, ସାମ୍ବାଦିକମାନଙ୍କ ସମେତ ସକ୍ରିୟ ଭାବେ ଭାଗ ନେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ. ହରିଶ୍ଚନ୍ଦ୍ର ବାଘ, ଜିଲ୍ଲା ଶିଶୁ ମଙ୍ଗଳ ବିଭାଗ ସଦସ୍ୟ ଡାକ୍ତର ରାଜାରାମ ଷଡଙ୍ଗୀ ଅତିଥି ଏବଂ ରିଶୋର୍ସପେରସନ ଭାବରେ ଯୋଗ ଦେଇଥିଲେ। ସିଡ଼ି ଅନୁଷ୍ଠାନ ର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାର ଉଦ୍ଦେଶ୍ୟ ବାଲ୍ୟ ବିବାହକୁ କିପରି ରୋକାଯିବ, ତୃଣମୂଳସ୍ତରରେ ସଚେତନତାର ଜ୍ଞାନ ବୃଦ୍ଧି ଓ ସତର୍କତା ବ୍ୟବସ୍ଥାକୁ ସାମୂହିକ ଭାବରେ ସୃଦୃଢ଼ କରିବା। ଡ. ରାଜାରାମ ଷଡଙ୍ଗୀ ଉଦ୍‌ବୋଧନରେ ବାଲ୍ୟ ବିବାହର କାରଣ, ପ୍ରତିରୋଧ ଆଇନ, ରିପୋଟିଙ୍ଗ ବ୍ୟବସ୍ଥା, ସତର୍କତା ବୃଦ୍ଧି ବିଷୟରେ ବୁଝାଇଥିଲେ।ଆଇସିଡ଼ିଏସ ସୁପରଭାଇଜରମାନେ ଗ୍ରାମସ୍ତରରେ ବାଲ୍ୟ ବିବାହ ରୋକିବା ପାଇଁ ଦୃଢ ସଂକଳ୍ପ ପ୍ରକାଶ କରିଥିଲେ।ସିଡ଼ି ଅନୁଷ୍ଠାନର ସହଯୋଗୀ କର୍ମୀ ସଞ୍ଜୟ ଧୂରୁଆ ଓ କମଳ ଭୋଇ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୧୮।୪ (ସମିସ) :** ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଆନୁକୂଲ୍ୟରେ 'ଆନ୍ତର୍ଜାତୀୟ ଶ୍ରମିକ ଦିବସ' ପାଳନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଗୋକୁଳ ମେହେରଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଶ୍ରମିକ ମାନଙ୍କ ସମସ୍ୟା, ଶ୍ରମ କୋଡ୍, ଶ୍ରମିକ ସଂଗଠନ ମାନଙ୍କ ବର୍ତ୍ତମାନ ସମୟର ଆହ୍ୱାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେ ୧ ଶ୍ରମିକ ଦିବସରେ ସମସ୍ତ ଶ୍ରମିକ ସଂଗଠନ ମାନଙ୍କ ସହ ଶତାଧିକ ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନେ ସାମିଲ କରିବା ପାଇଁ ଆହ୍ୱାନ କରାଯାଇଛି। ସକାଳ ୮ଟାରେ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଅଫିସ ପରିସରରେ ମଇ ଦିବସ ପତାକା ଉତ୍ତୋଳନ, ସନ୍ଧ୍ୟାରେ ଭବ୍ୟ ଶୋଭାଯାତ୍ରା ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଲକ୍ଷ୍ମୀଟକିଜ, ଗୋଲବଜାର ଛକ, ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଯାଇ କାଳିବାଡିଠାରେ ଏକ ସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଆଜି ଏହି ସଭାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଞ୍ଜିତ ମହାନ୍ତି, ଏଆଇଟିୟୁସିର ନଟୁ ଗୋପାଳ, ସିଟୁ ରୁ ଲଳିତ ପଟ୍ଟନାୟକ, ମହେଶ୍ୱର ଷଣ୍ଢ, ଗଦାଧର କୁଅଁର, ହୀରାକୁଦ ବିଦ୍ୟୁତ୍ କର୍ମଚାରୀ ସଂଘର ପ୍ରଣୟ ନାୟକ, ପୋଷ୍ଟାଲ ରୁ ରୂପେଶ ବାଗ, ସିଆଇଟିୟୁ ରୁ ବୀରକିଶୋର ନାଏକ, ରାଜେଶ ପାଣ୍ଡେ, ଭାସ୍କର ନାଏକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ, ଅଫିସର ଓ ପେନସନର ଭି ରାମାରାଓ ବିଏସଏନ୍‌ଏଲ୍ ରୁ ମଧୁସୂଦନ ପ୍ରଧାନ, ଇଣ୍ଟୁସ କୁଲୁ, ଏଓଏଲ୍‌ଆଇସିପିଏ, ଜିଆଇସି ରୁ ସଚ୍ଚିଦାନନ୍ଦ ସୋହେଲା, ରାକେଶ ପାଣ୍ଡେ, ଯୁବନେତା ମିଳନ ହୋତା ପ୍ରମୁଖ ଉପସ୍ଥିତ ରହି 'ମଇ ଦିବସ'ର ଗୁରୁତ୍ୱ ଓ ଆମର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ।

## ଭୀମ ଭୋଇ ମହାବିଦ୍ୟାଳୟରେ ବୃତ୍ତିଗତ ସଚେତନତା




**ରେଢାଖୋଲ, ୧୮ ।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର କ୍ୟାରିୟର କାଉନ୍ସେଲିଂ ସେଲ ଆନୁକୂଲ୍ୟରେ ବୃତ୍ତିଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ରେଢାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ପ୍ରତ୍ୟକ୍ଷ ଭାବରେ ଆଲୋଚନା କରି ବୃତ୍ତି ଚୟନ କ୍ଷେତ୍ରରେ ଥିବା ନୂଆ ନୂଆ ସୁଯୋଗ, ବିଭିନ୍ନ ଦ୍ୱନ୍ଦ୍ୱ, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ ବାବଦରେ ବିଶେଷ ଦୃଷ୍ଟିପାତ କରିଥିଲେ।ସେ ମୁଖ୍ୟତଃ ପ୍ରଶାସନିକ ସେବାରେ ପ୍ରବେଶ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ପ୍ରକ୍ରିୟା ବାବଦରେ ବିଶଦ ଭାବରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ଜୀବନରେ ବୃତ୍ତି ଓ ବ୍ରତ ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। କ୍ୟାରିୟର କାଉନ୍ସେଲିଂ ସେଲର ସଂଯୋଜକ ଡ.ମନୋରଞ୍ଜନ ମହନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଲେଜର ପ୍ରଶାସନିକ ପ୍ରଭାରୀ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ଏବଂ ପରିଚାଳନା କରିଥିଲେ। ଡ.ଦିବ୍ୟଲୋଚନ ରାଉତ, ଅଧ୍ୟାପିକା ନିରୂପମା ଦେହୁରୀ ଓ ମୋନାଲିସା ଦାଶଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ମହାନଗର ନିଗମର ୨୮ ୱାର୍ଡ ସଂରକ୍ଷଣ ଚିଠାପ୍ରକାଶ

**ସମ୍ବଲପୁର, ୧୮।୪ (ସମିସ) :** ୨୦୧୩ ମସିହାରେ ସମ୍ବଲପୁର ମହାନଗର ନିଗମ ଗଠନ ହେବା ପରଠାରୁ ଆଜିପର୍ଯ୍ୟନ୍ତ ସମ୍ବଲପୁରବାସୀ ସେମାନଙ୍କ ନେତା ଚୟନ କରିବା ଅଧିକାର ସାବ୍ୟସ୍ତ କରିପାରି ନାହାନ୍ତି। ମହାନଗର ନିଗମ ପକ୍ଷରୁ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବୁର୍ଲା ଅଞ୍ଚଳର ବିଭିନ୍ନ ୱାର୍ଡରେ ଘନତ୍ୱ ଅନୁଯାୟୀ ସଂରକ୍ଷଣ ହୋଇ ନ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ବହୁଦିନ ଧରି ଚାଲିବାପରେ ୨୦୨୫ ସେପ୍ଟେମ୍ବର ୩ ତାରିଖ ହାଇକୋର୍ଟ ଏହି ମାମଲାର ଫଇସଲା କରି ୬ ସପ୍ତାହ ଭିତରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ, ସରକାର ତାହାର ଅନୁପାଳନ କରି ନଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ମଧ୍ୟରେ ଗତ ୮ ତାରିଖ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୱାର୍ଡର ଆସନ ସଂରକ୍ଷଣ ନେଇ ଏକ ଚିଠା ବିଜ୍ଞପ୍ତି ପତ୍ର ସଂଖ୍ୟା ୧୦୩୦୧ ତା ୮.୪.୨୦୨୬ ପ୍ରକାଶ କରିଛି। ଏହି ନୂତନ ବିଜ୍ଞପ୍ତି ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ସୀମା ଅନୁସାରେ ମୋଟ ୪୧ଟି ୱାର୍ଡକୁ ନେଇ ଗଠିତ ମହାନଗର ନିଗମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୱାର୍ଡ ଆସନଗୁଡ଼ିକୁ ସଂରକ୍ଷିତ କରାଯାଇଛି। ଏହା ଉପରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତିରେ ସମ୍ବଲପୁର ମହାନଗର ନିଗମର ମୋଟ ୪୧ଟି ୱାର୍ଡରେ ବିଭିନ୍ନ ବର୍ଗ ପାଇଁ ୨୮ଟି ୱାର୍ଡ ଆସନ ସଂରକ୍ଷଣ କରାଯାଇଛି। ତଦନୁଯାୟୀ, ଅନୁସୂଚିତ ଜାତି (ମହିଳା) ବର୍ଗ ପାଇଁ ୫ଟି ୱାର୍ଡ ଯଥା ୧, ୪, ୧୮, ୨୫ ଓ ୪୧କୁ ସଂରକ୍ଷିତ ରଖାଯାଇଥିବାବେଳେ ଅନୁସୂଚିତ ଜାତି ବର୍ଗ ପାଇଁ ୫, ୬, ୩୮ ଓ ୪୦ ନମ୍ବର ଆଦି ୪ଟି ୱାର୍ଡ ସଂରକ୍ଷିତ ରଖାଯାଇଛି। ସେହିପରି ଅନୁସୂଚିତ ଜନଜାତି (ମହିଳା) ବର୍ଗ ପାଇଁ ୩ଟି ୱାର୍ଡ ଯଥା ୧୨, ୨୦ ଓ ୨୯ ଏବଂ ଅନୁସୂଚିତ ଜନଜାତି ବର୍ଗ ପାଇଁ ୩ଟି ଯଥା ୨, ୨୮ ଓ ୩୯ ନମ୍ବର ୱାର୍ଡକୁ ସଂରକ୍ଷିତ ରଖାଯାଇଛି। ମହିଳା ବର୍ଗଙ୍କ ପାଇଁ ମୋଟ ୧୩ଟି ୱାର୍ଡ ଯଥା ୩, ୧୩, ୧୬, ୧୯, ୨୨, ୨୩, ୨୪, ୨୬, ୨୭, ୩୦, ୩୧, ୩୨ ଏବଂ ୩୪ ନମ୍ବର ୱାର୍ଡକୁ ସଂରକ୍ଷିତ ରଖାଯାଇଛି। ଏହା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ, ୨୦୦୩ର ସେକସନ୍ ୬୦ ଅନୁଯାୟୀ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଲେଡିଲୁଇସ୍ ହାଇସ୍କୁଲରେ ପୋଷାକ ବଣ୍ଟନ



**ସମ୍ବଲପୁର, ୧୮।୪ (ସମିସ) :** ପଶ୍ଚିମ ଓଡ଼ିଶାର ସର୍ବପୁରାତନ ବାଳିକା ବିଦ୍ୟାଳୟ ଲେଡିଲୁଇସ୍ ଗାର୍ଲସ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଙ୍କ ନିମିତ୍ତ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷା ବେବିଶେଖର ଦେଓ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ମାଗଣା ପାଠ୍ୟ ପୁସ୍ତକ ଓ ପୋଷାକ ପାଇ ଛାତ୍ରୀ ମାନଙ୍କ ମୁହଁରେ ଖୁସିର ଲହରୀ ଖେଳିଯାଇଥିଲା।

## ସମ୍ବଲପୁର ଚିଡ଼ିଆଖାନାରେ ଶୀତଳ ବ୍ୟବସ୍ଥା

# ବରଫ ସହ ଖେଳୁଛି ଭାଲୁ









**ସମ୍ବଲପୁର, ୧୮।୪ (ସମିସ)**

ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଚାଲିଥିବାବେଳେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ପାଖାପାଖି ରହୁଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ମଣିଷ ସହିତ ପଶୁପକ୍ଷୀ ହନ୍ତସନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବବର୍ଷ ଭଳି ସମ୍ବଲପୁର ଚିଡ଼ିଆଖାନାରେ ସ୍ୱତନ୍ତ୍ର ଶୀତଳ ବ୍ୟବସ୍ଥା କରାଯାଇଛି। ମୋତିଝରଣସ୍ଥିତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଏହି ଚିଡ଼ିଆଖାନାରେ (ପୂର୍ବ ଡିଅର୍ ପାର୍କ) ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କୁ ଗ୍ରୀଷ୍ମପ୍ରବାହରୁ ସୁରକ୍ଷିତ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇ ନିୟମିତ ମନିଟରିଂ କରାଯାଉଛି।

ଗତବର୍ଷଠାରୁ ଗ୍ରୀଷ୍ମପ୍ରବାହ ସମୟରେ ଭାଲୁ ଓ ଚିତାବାଘଙ୍କୁ ଦିନ ସମୟରେ ବରଫଖଣ୍ଡ ଦିଆଯାଉଛି। ଖରା ଗରମରେ ଅତିଷ୍ଠ ଭାଲୁ ବରଫଖଣ୍ଡ ସହ ଖେଳୁଥିବାବେଳେ ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି। ଭାଲୁ ଓ ବାଘ ପାଇଁ ଖୁଆଡ଼ରେ ଏୟାର କୁଲର୍ ଓ ଏୟାର କଣ୍ଡିସନର୍ ବ୍ୟବସ୍ଥା କରାଯାଇଛି। ସମସ୍ତ ୨୭ଟି ବନ୍ୟଜନ୍ତୁ ଖୁଆଡ଼ରେ ଖରାଦିନିଆ ନଡ଼ା, ଘାସ ଆଦି ଆଚ୍ଛାଦନ ସହ ଗାଧୋଇ ଥଣ୍ଡା ରହିବା ପାଇଁ ଜଳଗାତ କରାଯାଇଛି। ନିୟମିତ ବ୍ୟବଧାନରେ ଆଚ୍ଛାଦନ ଉପରେ ଜଳ ସିଞ୍ଚନ କରାଯାଉଛି। ହରିଣଙ୍କ ପାଇଁ ପାଣିକୁଣ୍ଡ ମଧ୍ୟ ରଖାଯାଇଛି। କୋକାଟେଲ୍, ବଡ୍‌ଜେରିଗାର୍, ମୟୂର ଆଦି ପକ୍ଷୀ ରହୁଥିବା ତାରଜାଲିଯୁକ୍ତ ଆବାସସ୍ଥଳୀ ଗୁଡ଼ିକୁ ସବୁଜ ନେଟ୍ ଏବଂ ବାଉଁଶପାତିରେ ଆଚ୍ଛାଦନ କରାଯାଇଛି। ଅଜଗର ଆଦି ରହିଥିବା ରାତ୍ରିଚରମାନଙ୍କ ଖୁଆଡକୁ ବାତାନୁକୂଳିତ କରାଯାଇଛି। ଖରାଦିନିଆ ଜଳଯୁକ୍ତ ଖାଦ୍ୟ ତରଭୁଜ, ଆଖୁ, କାକୁଡ଼ି, ଅମୃତଭଣ୍ଡା, ଅଙ୍ଗୁର, ଟମାଟୋ ଆଦି ସାଲାଡ୍ ଭଳି କାଟି ଦିଆଯାଉଥିବା ସୂଚନା ମିଳିଛି। ବନ୍ୟଜନ୍ତୁ ମାନଙ୍କୁ ଜଳସହ ଗ୍ଲୁକୋଜ, ଓଆରଏସ୍ ଓ ଇଲେକ୍ଟ୍ରୋଲାଇଟ୍ ଦିଆଯାଉଛି। ବନବିଭାଗର କର୍ମଚାରୀମାନେ ପଶୁ ପକ୍ଷୀଙ୍କ ଉପରେ ୨୪ ଘଣ୍ଟିଆ ନଜର ରଖିଛନ୍ତି।

୧୩୧୬ ହେକ୍ଟର ପରିମିତ ଏହି ଚିଡ଼ିଆଖାନା ସହରର କେନ୍ଦ୍ରସ୍ଥଳରେ ରହିଛି। ପ୍ରାରମ୍ଭରୁ ବନ୍ୟପ୍ରାଣୀ ଉଦ୍ଧାର ଓ ସଂରକ୍ଷଣ କେନ୍ଦ୍ର ଥିବା ଏହି ଚିଡିଆଖାନା 'ମିନି ଜୁ' ମାନ୍ୟତା ପାଇବାପରେ ସମ୍ପ୍ରତି 'ସ୍ମଲ ଜୁ' ବା କ୍ଷୁଦ୍ର ଚିଡ଼ିଆଖାନା ମାନ୍ୟତା ପାଇଛି। ଏହାକୁ 'ମିଡିୟମ ଜୁ' ମାନ୍ୟତା ସକାଶେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରାଯାଇଛି। ଚିଡିଆଖାନାରେ ୧୮ ପ୍ରଜାତିର ପ୍ରାୟ ୩୦୦ଟି ବନ୍ୟଜନ୍ତୁ ୨୭ଟି ଖୁଆଡ଼ରେ ରହୁଛନ୍ତି। ଏଠାରେ ୪ଟି ଭାଲୁ ଓ ଗୋଟିଏ ଚିତାବାଘ ରହିଛି। ଏହାସହ ବ୍ଲାକବକ୍, ଚଉସିଙ୍ଘା, ହଗ୍‌ଡିଅର୍, ହୋର୍‌ଡିଅର୍, ସ୍ୱଟେଡ୍ ଡିଅର୍, ବାର୍କ ଡିଅର, ସମ୍ବର, ହରିଣ, ମାଙ୍କଡ଼ ଆଦି ରହିଛନ୍ତି। ପକ୍ଷୀମାନଙ୍କ ମଧ୍ୟରେ ରଙ୍ଗବେରଙ୍ଗର ଚଢ଼େଇ ଯେପରିକି କୋକାଟେଲ୍, ବଜ୍‌ଜେରିଗାର୍, ମୟୁର ଆଦି ରହିଛନ୍ତି। ଏହାସହ ରାତ୍ରିଚର ଜୀବ ଭାବେ ଅଜଗର, ସାଳିଆପତନୀ ଆଦି ଏଠାରେ ବନ୍ଦ ଖୁଆଡ଼ ଭିତରେ ରହିଛନ୍ତି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଓଡ଼ିଶା-ଛତିଶଗଡ଼ ପ୍ରଶାସନର ମିଳିତ ରଣନୀତି

# ପାନୀୟ ଜଳ ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣକୁ ଗୁରୁତ୍ୱ

**ଝାରସୁଗୁଡ଼ା/ଇବ୍‌ଥର୍ମାଲ, ୧୮ ।୪(ସମିସ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ସଂସ୍ଥା, ମାଇନିଂ ବେଲ୍ଟ ଏବଂ ପରିବହନ କରିଡରରେ ଶ୍ରମିକ ଓ ଚାଳକମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଏକ ବ୍ୟାପକ ପ୍ରଶାସନିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଉଭୟ ରାଜ୍ୟ ମଧ୍ୟରେ ସୂଚନା ଆଦାନପ୍ରଦାନ ଓ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଶିଳ୍ପାଞ୍ଚଳ ଗୁଡ଼ିକରେ କାର୍ଯ୍ୟକରୁଥିବା ଶ୍ରମିକ ଏବଂ ଦୁଇ ରାଜ୍ୟ ମଧ୍ୟରେ ମାଲବାହୀ ଯାନ ନେଇ ଯାତାୟାତ କରୁଥିବା ଚାଳକମାନଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଗ୍ରୀଷ୍ମ ପ୍ରବାହର ସମୟରେ ଜନସାଧାରଣ ବିଶେଷ କରି ଜାତୀୟ ରାଜପଥ -୪୯ ଦେଇ ଯାତାୟାତ କରୁଥିବା ଟ୍ରକ୍ ଚାଳକ ଏବଂ ହେଲ୍‌ପରମାନଙ୍କ ସୁରକ୍ଷା ପାଇଁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ




ପୂଜାରୀ କହିଥିଲେ ଯେ, ଜାତୀୟ ରାଜପଥ -୪୯ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେପରି କୌଣସି ଜୀବନହାନି ନହୁଏ, ତାହା ନିଶ୍ଚିତ କରିବା ପୁଲିସ ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ । ବିଶେଷ କରି ସକାଳ ୧୧ଟା ପରେ ଏହି ମାର୍ଗରେ ସୁରକ୍ଷା ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ସିନଟେକ୍ସ ଟାଙ୍କି ଏବଂ ପାନୀୟ ଜଳର ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ ମୟଙ୍କ ଚତୁର୍ବେଦୀ, ଏମ.ସି.ଏଲ୍ ର ସିଏମଡି ଉଦୟ ଏ. କାଓଲେ (ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ) ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଝାରସୁଗୁଡ଼ା ଜିଲ୍ଲାପାଳ କହିଥିଲେ, ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ଏବଂ ଗ୍ରୀଷ୍ମ ପ୍ରବାହ ଅଞ୍ଚଳରେ ବିଶେଷ ନଜର ରଖାଯାଉଛି । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏପ୍ରିଲ ଏବଂ ମେ' ରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନନ୍‌ଏସି ପରିବହନ ଯାନଚଳାଚଳ ଉପରେ କଟକଣା ଲଗାଯିବା ସହ ଶ୍ରମିକମାନଙ୍କ ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲାସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି । ପରିବହନ ଯାନଗୁଡ଼ିକର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଜାତୀୟରାଜପଥ କଡ଼ରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଓ ହାଇଡ୍ରେସନ କିଓସ୍କ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ମୋବାଇଲ୍ ୱାଟର କିଓସ୍କ ବ୍ୟବସ୍ଥା କରାଯିବ । ଟ୍ରକ ପାର୍କିଂ ଅଞ୍ଚଳରେ ପର୍ଯ୍ୟାପ୍ତ ଛାଇ, ପାନୀୟ ଜଳ, ବିଶ୍ରାମ କକ୍ଷ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଶିଳ୍ପ ଓ ପରିବହନ ସଂସ୍ଥାଗୁଡ଼ିକୁ କୁହାଯାଇଛି । ଏହା ବ୍ୟତୀତ, ରାସ୍ତାରେ ୱାଟର ସ୍ପ୍ରିଙ୍କଲର ବ୍ୟବହାର ଏବଂ ଜରୁରୀକାଳୀନ ସ୍ଥିତି ପାଇଁ ଜାତୀୟ ରାଜପଥ ୪୯ର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ କରିବାକୁ ନିଷ୍ପତ୍ତି ହୋଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)କିଶୋର ଚନ୍ଦ୍ର ସ୍ୱାଇଁ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଉଭୟ ଜିଲ୍ଲାର ଶ୍ରମଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଙ୍ଘାପୋଷି ଗ୍ରାମରେ ଦନ୍ତା ଆତଙ୍କ

# ଭାଙ୍ଗିଲା ଘର, ଖାଇଲା ଚାଉଳ



**ଦେବଗଡ଼, ୧୮।୪(ସମିସ):** ଏକ ଦନ୍ତା ହାତୀ ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ ସଙ୍ଘାପୋଷି ଗ୍ରାମରେ ପଶି ଆତଙ୍କରାଜ ଚଲାଇବା ସହ ଏକ ଘରଭାଙ୍ଗି ଚାଉଳ ଖାଇ ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ନିକଟସ୍ଥ ଜଙ୍ଗଲରୁ ଏକହାତୀ ସଙ୍ଘାପୋଷି ଗ୍ରାମକୁ ପଶି ଆସିଥିଲା । ହାତୀଟିକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ହାତୀଟି ନିଶ୍ଚିନ୍ତରେ ଗାଁ ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଘୁରି ବୁଲିଥିଲା । ଗ୍ରାମବାସୀମିଳିତ ହୋଇ ହାତୀଟିକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ହାତୀଟି ଉକ୍ତ ଗ୍ରାମର ରଜନୀ ନାୟକଙ୍କ ଘର ଭାଙ୍ଗି ଘର ଭିତରୁ ଏକ ଚାଉଳ ବସ୍ତା ଟାଣି ଆଣି ଖାଇଦେଇଥିଲା । ତେବେ କିଛି ସମୟ ପରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ବନବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ଜଙ୍ଗଲକୁ ଘଉଡାଇବାରେ ସଫଳ ହୋଇଥିଲେ ।

# ବାର୍ହା ଆକ୍ରମଣରେ ଦୁଇ ଗୁରୁତର

**ଦେବଗଡ଼/ ରିଆମାଳ, ୧୮।୪(ସମିସ):** ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅଧୀନ ଜୟନ୍ତାପାଲି ଗ୍ରାମରେ ବାର୍ହା ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଜୟନ୍ତାପାଲି ଗ୍ରାମର ଟୁନି ଭୋଇ(୩୫) ଓ ମଦନ ମୋହନ ମାଝୀ(୪୨) କେନ୍ଦୁପତ୍ର ତୋଳିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଏକ ବାର୍ହା ଜଙ୍ଗଲରୁ ଆସି ଉଭୟଙ୍କୁ ଆକ୍ରମଣ କରିଥିଲା । ମଦନ ମୋହନଙ୍କର ୨ ହାତ ଏବଂ ଜଙ୍ଘରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା । ଅନୁରୂପ ଭାବେ ଟୁନିଙ୍କର ଜଙ୍ଘରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହେବାସହ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେମାନଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ନିକଟସ୍ଥ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅନ୍ୟପକ୍ଷରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି । ପଳସମା ପଞ୍ଚାୟତର ସରପଞ୍ଚ ସୁଶୀଲ କୁମାର ଉଭୟ ଆହତଙ୍କ ପରିବାର ଲୋକଙ୍କୁ ଆର୍ôଥିକ ସହାୟତା ପ୍ରଦାନ କରିବାକୁ ବନ ବିଭାଗ ନିକଟରେ ଦାବି ଜଣାଇଛନ୍ତି ।

# ଝାରସୁଗୁଡ଼ାରେ ୨୦ରୁ ୨୩ ଯାଏଁ ବନ୍ଦ ରହିବ ଶିକ୍ଷାନୁଷ୍ଠାନ

**ଝାରସୁଗୁଡ଼ା, ୧୮ ।୪(ସମିସ):** ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦ ତାରିଖ (ସୋମବାର)ରୁ ୨୩ (ଗୁରୁବାର) ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ । ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି ।

# ଜଳିଗଲା ଘର; ବର୍ତ୍ତିଲେ ତିନି ଶିଶୁ



**ଦେବଗଡ଼, ୧୮।୪(ସମିସ):** ରିଆମାଳ ବ୍ଲକ ତଥା କୁଣ୍ଡେଇଗୋଲା ପଞ୍ଚାୟତର ରାଇରତନପୁର ଗ୍ରାମରେ ଆଜି ଦ୍ୱି ପ୍ରହରେ ହଠାତ ନିଆଁଲାଗି ଏକ ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଇରତନପୁର ଗ୍ରାମର ଦ୍ୱାରି ଶବର ଓ ତାଙ୍କ ସ୍ତ୍ରୀ କାମ କରିବାକୁ ବାହାରକୁ ଯାଇଥିବା ବେଳେ ସେମାନଙ୍କ ଅନୁପସ୍ଥିତିରେ ଘରେ ତାଙ୍କର ତିନି ପୁଅ ରହିଥିଲେ । ତେବେ ଦିନ ପ୍ରାୟ ୧ଟା ସମୟରେ ତାଙ୍କର ଚାଳ ଛପର ଘରେ ହଠାତ ନିଆଁ ଲାଗିଯାଇଥିଲା । ତିନି ଶିଶୁ ବାହାରକୁ ଧାଇଁଆସି ଜୀବନ ବଞ୍ଚାଇବାସହ ଚିତ୍କାର କରିଥିଲେ । ଚିତ୍କାର ଶୁଣି ସାହି ପଡ଼ିଶା ଲୋକେ ଧାଇଁ ଆସିବାସହ ପାଣି ଢାଳି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ବାପ ମା' ଙ୍କ ଅନୁପସ୍ଥିତିରେ ଶିଶୁ ମାନେ ରୋଷେଇ କରୁଥିବା ବେଳେ ଏଭଳି ଅଘଟଣା ଘଟିଥିବା ଅନୁମାନ କରାଯାଉଛି । ସେହିପରି ଦ୍ୱାରୀଙ୍କ ପରିବାରର ଆର୍ôଥକ ସ୍ଥିତି ଅତି ଦୟନୀୟ ଥିବାରୁ ପ୍ରଶାସନ ପକ୍ଷରୁ ଆର୍ôଥକ ସହାୟତା ସହିତ ଏକ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜୈବବିବିଧତା ପରିଚାଳନା କମିଟିର ଦକ୍ଷତା ବୃଦ୍ଧି ଶିବିର



**ଝାରସୁଗୁଡ଼ା, ୧୮ ।୪(ସମିସ):** ଓଡ଼ିଶା ଜୈବବିବିଧତା ପରିଷଦ, ଝାରସୁଗୁଡ଼ା ବନଖଣ୍ଡ ଏବଂ ଭୁବନେଶ୍ୱରସ୍ଥିତ ସପ୍ନା ଅନୁଷ୍ଠାନର ମିଳିତ ସହଯୋଗରେ ଝାରସୁଗୁଡା ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷଠାରେ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ଖଣିଜ ପାଣ୍ଠି ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷଠାରେ ଏପ୍ରିଲ ୧୭ ଏବଂ ୧୮ ତାରିଖରେ ଏହି ଶିବିର ଆୟୋଜିତ ହୋଇଥିଲା । ଜୈବବିବିଧତା ସଂରକ୍ଷଣ, ଜନ ଜୈବବିବିଧତା ପଞ୍ଜିକା ପ୍ରସ୍ତୁତି ଏବଂ ସ୍ଥାନୀୟ ଜୈବ ସମ୍ବଳର ସଠିକ ପରିଚାଳନା କ୍ଷେତ୍ରରେ କମିଟି ସଦସ୍ୟମାନଙ୍କ ଜ୍ଞାନ ଏବଂ ଦକ୍ଷତାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ କିର୍ମିରା ସ୍ଥିତ ଜି.ପାନପଲ୍ଲୀ ଗ୍ରାମ ପଞ୍ଚାୟତ ଜୈବବିବିଧତା ପରିଚାଳନା କମିଟିକୁ ସ୍ୱତନ୍ତ୍ର ଷ୍ଟାର୍ଟଅପ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଛି । ଏହି ଶିବିରରେ ସ୍ୱତନ୍ତ୍ର ଅତିଥି ଭାବ ରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ପ୍ରମୁଖ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୈବ ବିବିଧତା ବୋର୍ଡର ଡିଏଫଓ ଶିଶିର କୁମାର ମିଶ୍ର, ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟରଞ୍ଜନ ବେହେରା, ଡ. ପ୍ରସନ୍ନ କୁମାର ନାୟକ ଏବଂ ପ୍ରଫେସର ଶିବପ୍ରସାଦ ପରିଡ଼ା ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଜୈବବିବିଧତା ପରିଚାଳନା କମିଟିର ବହୁ ସଂଖ୍ୟକ ସଭ୍ୟ ଓ ସଭ୍ୟା ଅଂଶଗ୍ରହଣ କରିଥିଲେ । ସପ୍ନା ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସୌମ୍ୟ ଶେଖର ମିଶ୍ରଙ୍କ ସମେତ ମନୋରଞ୍ଜନ ମିଶ୍ର, ପ୍ରିୟବ୍ରତ ଦାଶ ଓ ଶିବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ତାତି ସାଙ୍ଗକୁ ଗୁଳୁଗୁଳି; ଜନଜୀବନ ଅସ୍ତବ୍ୟସ୍ତ

**ବଣାଇଁ, ୧୮ ।୪(ସମିସ):** ସାରାରାଜ୍ୟରେ ଅସହ୍ୟ ତାତି ହେଉଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ବଣ ପାହାଡ ଘେରା ଅଞ୍ଚଳ ହୋଇଥିଲେ ମଧ୍ୟ ୪୪ ରୁ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଅସହ୍ୟ ତାତିରେ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଜରୁରୀ କାମ ନ ଥିଲେ ଘରୁ ବାହାରକୁ ବାହାରୁ ନ ଥିବା ଦେଖିବାକୁ ମିଳିଛି । ପାଣିପାଗ ବିଭାଗ ପକ୍ଷରୁ ଆହୁରି ଚାରିଦିନ ଏମିତି ହିଟ୍‌ୱେବ ଯୋଗୁଁ ଗରମ ଅନୁଭୂତ ହେବ ବୋଲି କୁହା ଯାଉଥିବାବେଳେ ଆଗକୁ ଶୀତଳ ଷଷ୍ଠୀ ଓ ରଜ ପର୍ବ ଆସୁଥିବା ନେଇ ଲୋକେ ବାଧ ହୋଇ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ବାହାରୁ ଛନ୍ତି । ଓଡ଼ିଶାରେ ମୌସୁମୀର ପ୍ରଭାବରେ କେବେ ବର୍ଷା ହେବ ଓ ଟିକେ ଆଶ୍ୱସ୍ତି ମିଳିବ ବୋଲି ଲୋକେ ବର୍ଷାକୁ ଚାହିଁ ବସିଛନ୍ତି । ପୂର୍ବାହ୍ନ ୧୧ ଟା ପରେ ସହରରେ ରାସ୍ତା ଘାଟ ପୂରା ଶୂନଶାନ ଜଣାପଡୁଛି । ଯାହାକୁ ଦେଖିଲେ ମୁଣ୍ଡରେ ଖରାରୁ ରକ୍ଷା ପାଇବା ପାଇଁ କପଡ଼ା, ଛତା, ଟୋପି, କଳା ଚଷମା ବ୍ୟବହାର କରୁଥିବା ବେଳେ ଥଣ୍ଡା ପାଣି, ପଇଡ଼, ଲସି, ଆଖୁରସ ପିଇ ଶୋଷ ମେଣ୍ଟାଉଛନ୍ତି ।



# ଫେରାର ଅଭିଯୁକ୍ତ ସମେତ ମଦ ମାଫିଆ ଗିରଫ



**ଝାରସୁଗୁଡା, ୧୮ ।୪(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ବେଆଇନ କାର୍ଯ୍ୟ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସେହିପରି ଦୁଇଟି ପୃଥକ୍ ପୃଥକ୍ ମାମଲାରେ ପୁଲିସ ଦୁଇଜଣ ଅଭିଯୁକ୍ତ ଓ ଜଣେ ଦୀର୍ଘ ଦିନରୁ ଫେରାର ଥିବା ୱାରେଣ୍ଟିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ନେଇ ଶୁକ୍ରବାର ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ବଡ଼ିମାଲ ଛକ ନିକଟରେ ପୁଲିସ ଚଢ଼଼ଉ କରି ୮୦ ଲିଟର ଚୋରା ଦେଶୀ ମଦ ଜବତ କରିଥିଲା । ଏହି ଘଟଣାରେ ବଡ଼ିମାଲ ଗ୍ରାମର ରମେଶ ଖଡ଼ିଆଙ୍କୁ ଗିରଫ କରାଯାଇଛି । ଏହାସହିତ ଅଭିଯୁକ୍ତ ନିକଟରୁ ମଦ ସହିତ ଏକ ବାଇକ୍ କରାଯାଇଛି । ଏନେଇ ରେଙ୍ଗାଲି ଥାନାରେ ମାମଲା ରୁଜୁ ହୋଇଛି । ସେହିପରି ଅନ୍ୟଏକ ଘଟଣାରେ ଅତାବିରା ଅଞ୍ଚଳର ମିତ୍ର ମୁଣ୍ଡାଙ୍କୁ ପୁଲିସ ଗିରଫ କରିଛି । ସେହିପରି ଦୀର୍ଘଦିନ ଧରି ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ ଏନ୍‌ବିଡବ୍ଲ୍ୟୁ ଅଭିଯୁକ୍ତକୁ ରେଙ୍ଗାଲି ପୁଲିସ ଧରିବାରେ ସଫଳ ହୋଇଛି । ସାଗରପାଲି ଗ୍ରାମର ଅକ୍ଷୟ ଜଗଦଲାଙ୍କ ନାମରେ ପୂର୍ବରୁ ଅପହରଣ ଓ ଦୁଷ୍କର୍ମ ଭଳି ସଙ୍ଗୀନ ମାମଲା ରହିଥିଲା । ଅଭିଯୁକ୍ତକୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ଲିଙ୍ଗ ସମାନତା କର୍ମଶାଳା



**ଦେବଗଡ଼, ୧୮ ।୪(ସମିସ):** ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଲିଙ୍ଗଗତ ସମାନତା ଏବଂ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭୁବନେଶ୍ୱରରୁ ଆସିଥିବା ଜେଣ୍ଡର ସ୍ପେସାଲିଷ୍ଟ ଅରଣ୍ୟକ ମିଶ୍ର ଯୋଗ ଦେଇ ସାମ୍ପ୍ରତିକ ସମାଜ ରେ ଲିଙ୍ଗ ଗତ ସମାନତା ଏବଂ ସାମାଜିକ ସ୍ତରରେ ସମାନତା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସୌମ୍ୟା ଶୁଚିସ୍ମିତା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଓଏଲ୍‌ଏମ୍ ଡିପିଏମ୍ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦରା କୁଜୁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ଶ୍ରମଅଧିକାରୀ ପଦ୍ମାବତୀ ମାରାଣ୍ଡି, ଓଡ୍ରାଫ ଇନ୍‌ଚାର୍ଜ ମୋହନ ରାଉତଙ୍କ ସମତେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବେଲପାହାଡ଼ ପୌରପରିଷଦରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଝାରସୁଗୁଡା, ୧୮ ।୪(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଉପନଗରପାଳ ଏବଂ କିଛି କାଉନସିଲର ଝାରସୁଗୁଡା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୁର୍ନୀତି ବିରୋଧରେ ଆଗାମୀ ୨-୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ପୌରପରିଷଦରେ ତାଲା ପକେଇବାକୁ ଚେତାବନୀ ଦେଇଛନ୍ତି ଉପନଗରପାଳ ଏବଂ ତାଙ୍କ ସମର୍ଥିତ କାଉନସିଲରମାନେ । ସେମାନେ ଦବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବେଲପାହାଡ ପୌରପରିଷଦରେ ଦୁର୍ନୀତି ହେଉଥିବାନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏହାସହ ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଗତ ୧୦ ତାରିଖ କାଉନସିଲ ବୈଠକରେ ଏହି ରିପୋର୍ଟ ମଗାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବାରୁ ୨୦୨୫-୨୬ ଆର୍ଥିକ ବର୍ଷରେ ବେଲପାହାଡ଼ ପୌରପରିଷଦକୁ ଆସିଥିବା ପାଣ୍ଠି ଏବଂ ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ।



ସକାଳ THE SAKALA



# ଖଣି ଅଧିକାରୀଙ୍କ ପ୍ରତି ପୁଲିସର ଅହେତୁକ ଅନୁକମ୍ପା

ବେଲପଡା,୧୮ ।୪(ସମିସ)

ବଲାଙ୍ଗୀର ଜିଲ୍ଲା ବେଲପଡା ଥାନାରେ ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ ଏବଂ ଘାଗୁର୍ଲି ଗାଁର ଜଣେ ବାଲିଘାଟ ଲିଜଧାରୀ ଯୁବକ ଅଂଶୁମାନ ପାଣିଗ୍ରାହୀଙ୍କ ନାଁରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତମାନଙ୍କ ନାଁରେ ସଂଗୀନ ଦଫାରେ ମାମଲା ରୁଜୁ କରାଯାଇଥିଲେ ମଧ ବେଲପଡା ପୁଲିସ ନିଦାବିଷ୍ଟ ସାଜିଛି । ଗିରଫ କରିବା ତ ଦୂରର କଥା ଅଭିଯୁକ୍ତଙ୍କୁ ଦୀର୍ଘ ସମୟ ଧରି ଥାନାରେ ଅଟକ ରଖି ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଛି । ଏହାକୁ ନେଇ ଅଞ୍ଚଳରେ ପୁଲିସ ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି । ବେଲପଡା ବ୍ଲକ ସିହିନୀ ଗାଁର ଅଭିଯୋଗ କାରି ଦିବାକର ନାଏକଙ୍କ ଲିଖିତ ଅଭିଯୋଗ ଅନୁସାରେ



ଗତ ୩୧ ତାରିଖ ଦିନ ୧୧ଟାରେ ତାଙ୍କ ଟ୍ରାକ୍ଟର (ଓଡି ୦୩ଏଫ ୭୨୪୨) ରେ ଗାଁର ଦୈତାରୀ ନାଏକ ଏବଂ ନୃପ ବାଗଙ୍କ ଅନ୍ତ୍ୟୋଦୟ ଗୃହ ନିର୍ମାଣ ପାଇଁ ବାଲି ଆସୁଥିଲା । ବାହାବଳ ବାଲିଘାଟରୁ ବାଲି ଉଠାଣ କରୁଥିବା ବେଳେ ଘଟଣା ସ୍ଥଳକୁ ବଲାଙ୍ଗୀର ଖଣି ଅଧିକାରୀ ପହଞ୍ଚିଥିଲେ । ବେଆଇନ ବାଲି ଚୋରା ଚଲାଣ ନେଇ ଜାଣିବା ପରେ ୨୫ ହଜାର ଟଙ୍କା ଜରିମାନା କରିଥିଲେ । ଗାଡି ମାଲିକ ଦିବାକର ବାଲିଘାଟ ଲିଜଧାରୀ ଅଂଶୁମାନଙ୍କ ନମ୍ବରରେ ୧୩,୫୦୦ ଟଙ୍କା ଫୋନ ପେ କରିଥିଲେ । ଆଉ ୧୧,୫୦୦ ଟଙ୍କା ହାତରେ ଦେଇଥିଲେ । ତେବେ ଟଙ୍କା ଦେଲା ପରେ ମଧ୍ୟ ଖଣି ଅଧିକାରୀ ରସିଦ ଦେଇ ନ ଥିଲେ । ଏହାକୁ ନେଇ ଗାଡି ମାଲିକ ବାରମ୍ବାର ଅଭିଯୋଗ କରିଥିବା ନେଇ ଏତଲାରେ ଦର୍ଶାଇଛନ୍ତି । ତେବେ ଏନେଇ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶେଷରେ ବିଧାୟକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ପାଟଣାଗଡ଼ ଥାନାରେ ଖଣି ଅଧିକାରୀ ଏବଂ ବେଲପଡାରେ ଅଂଶୁମାନକୁ ଅଟକ ରଖି ପଚରାଉଚରା କରାଯାଇଥିଲା । ଶେଷରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିଲା । ଏନେଇ ବେଲପଡା ଥାନାରେ ଗାଡି ମାଲିକ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି । ଅଭିଯୁକ୍ତମାନଙ୍କ ନାଁରେ ବିଏନଏସ ୩୦୮(୨),୩୧୪, ୩(୫) ଭଳି ସଂଗୀନ ଦଫା ଲଗାଯାଇଛି । ଯଦି ସେଦିନ ରସିଦ କଟାଯାଇଥିବା ଖଣି ଅଧିକାରୀ କହୁଛନ୍ତି ତାହାହେଲେ କାହିଁକି ଗାଡି ମାଲିକଙ୍କୁ ଦେଇ ନ ଥିଲେ ବୋଲି ପ୍ରଶ୍ନ ଉଠିଛି । ନା ଜାଣିଶୁଣି ଟଙ୍କା ହଡପ ଘଟଣାରୁ ଖସିଯିବାକୁ ଜାଲ ରସିଦ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ତାହା ଏବେ ବି ତଦନ୍ତ ସାପେକ୍ଷ । ଅଧିକାରୀଙ୍କୁ ଘଣ୍ଟା ଘଣ୍ଟା ଧରି ଥାନାରେ ଅଟକ ରଖିବା ଏବଂ ସଂଗୀନ ଦଫା ପରେ ମଧ ଛାଡିଦେବା ଏବେ ଅଞ୍ଚଳରେ ଜୋର ଚର୍ଚ୍ଚା ହେଉଛି ।

# କଣ୍ଟାବାଞ୍ଜିରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରଦ୍ଧାଞ୍ଜଳି



କଣ୍ଟାବାଞ୍ଜି,୧୮ ।୪(ସମିସ): ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ବିଜେଡି ନେତା ଡାକ୍ତର ଅଜମଦ ଖାଁଙ୍କ ନେତୃତ୍ୱରେ ୧ ନମ୍ବର ୱାର୍ଡରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଥିଲା । କଣ୍ଟାବାଞ୍ଜି ଡାକ୍ତରଖାନା ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବିଜୁ ଜନତା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ଏଥିରେ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାନେତ୍ରୀ ଗୋପା ମହାନନ୍ଦ, କଣ୍ଟାବାଞ୍ଜି ବିଜେଡ଼ି ନଗର ସଭାପତି କିଶୋର ମଚ୍ଛଖଣ୍ଡ, କାଉନସିଲର ସୂର୍ଯ୍ୟ ପ୍ରତାପ ମିଶ୍ର, ଏସ.କେ ଅମଜଦ, ଏସ.କେ ଅନବରତ, ଅବଦୁଲ ରଫିର, ତାହିର ଖାଁ, ଦେବଦତ୍ତ ମଚ୍ଛଖଣ୍ଡ, ମନୋଜ ଚଣ୍ଡୀ, ସରତ ବେହେରା, ମନୋରଞ୍ଜନ ଭୋଇ, ଭକ୍ତବନ୍ଧୁ ବେହେରା, ଗୁଡୁ ପନିକା, ମନୋଜ ସାହୁ, ଅର୍ଚ୍ଚୁ ଭୋଇ, ଓମ ରାଓ, ସଂଜୀବ ମେହେର, ମୁକେଶ ଭୋଇ, ପବିତ୍ର ରଣା, ପିଣ୍ଟୁ ସାହୁ, ଜୋହନ୍ କେଣ୍ଡେ, ମହେଶ୍ୱର ବାଗ, ଶେଷ ବାରିକଙ୍କ ସହ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବିଜୁ ବାବୁଙ୍କ ଜୀବନୀ ଉପରେ ସମସ୍ତେ ଆଲୋକପାତ କରିଥିଲେ ।

# ପ୍ରଦୂଷଣ ବଢ଼ାଉଛି ବେଆଇନ୍ ଇଟାଭାଟି



ସଇଁତଲା,୧୮ ।୪(ସମିସ): ସଇଁତଲା ବ୍ଲକ୍ ଅଞ୍ଚଳରେ ବେଆଇନ୍ ଇଟାଭାଟି ଚାଲିଛି । ଏଣୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି । ବେଆଇନ୍ ଭାବେ ଏଠାରେ ବହୁ ଇଟାଭାଟି ଗଢି ଉଠିଛି । ଇଟାଭାଟିରୁ ଅଙ୍ଗାରକାମ୍ଳଗ୍ୟାସ୍ ନିର୍ଗତ ହେବା ସାଙ୍ଗକୁ ଧୂଳି, ଧୂଆଁ ଓ ପାଉଁଶ ଏହି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେଉଛି ।



ବଲାଙ୍ଗିର ସହର ଜଗନ୍ନାଥପଡାରେ ରାମଜୀ ନାଟକ ସଂସଦ ଦ୍ୱାରା ଚାଲିଥିବା ରାମଲୀଳା ମହୋତ୍ସବ ଉଦ୍ଯାପିତ ହୋଇଛି

# ଅଟୋ ଓଲଟି ଡ୍ରାଇଭର ସହ ୬ ନାବାଳକ ଗୁରୁତର

କଣ୍ଟାବାଞ୍ଜି,୧୮ ।୪(ସମସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଝରଣୀ ଗାଁରେ ଶନିବାର ଦୁର୍ଘଟଣା ଘଟିଛି । ଅଟୋ ଓଲଟି ଡ୍ରାଇଭର ସହ ୬ଜଣ ନାବାଳକ ଗୁରୁତର ହୋଇଛନ୍ତି । ଝରଣୀ ଗାଁ ଜଣେ ବ୍ୟକ୍ତି ଗତ କିଛି ଦିନ ହେଲା ଏକ ଅଟୋ କିଣିଛନ୍ତି । ସେହି ଅଟୋ ଶିଖିବା ପାଇଁ ଯାଉଥିବା ବେଳେ ସେ ଗାଁ ଦାଣ୍ଡରେ ଖେଳୁଥିବା ନାବାଳଙ୍କୁ ବସାଇ ନେଇଥିଲେ । ମହୁଲବାହାଲି ଗାଁରୁ ଝରଣୀ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଏଣୁ ଅଟୋରେ ଥିବା ଡ୍ରାଇଭର ସହ ୬ଜଣ ନାବାଳକ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ କେତେକଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । କାହାର ଗୋଡ଼ ତ କାହାର ହାତ ଭାଙ୍ଗି ଯାଇଛି । ତୁରେକେଲା ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି ।

# ଶାନ୍ତନୁ ବିଭାର ସମ୍ବର୍ଦ୍ଧିତ



କଣ୍ଟାବାଞ୍ଜି,୧୮ ।୪(ସମିସ): କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ଶାନ୍ତନୁ ବିଭାରଙ୍କୁ ଶନିବାର ଭୁବନେଶ୍ୱରଠାରେ ହେଲ୍ପ ଓଡିଶା ଟ୍ରଷ୍ଟ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ତୃତୀୟା ପୁରସ୍କାର-୨୦୨୬ରେ ତାଙ୍କୁ ଅଲମ୍ପିୟାନ ତଥା ଭାରତର ଦୌଡ଼ରାଣୀ ଦୂତି ଚାନ୍ଦ ପ୍ରଦାନ କରିଛନ୍ତି ।

# କାନୁଟ ରତୁକାଳୀନ ଛାତ୍ରାବାସରେ ସଭା



ବେଲପଡା,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ୍ ଅଧୀନ କାନୁଟ ରତୁକାଳୀନ ଛାତ୍ରାବାସରେ ଏକ ଆଲୋଚନା ଅନୁଷ୍ଠିତ ହୋଇଛି । ପ୍ରବାସୀ ଶ୍ରମିକଙ୍କ ପିଲାଙ୍କ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଲକ୍ଷ୍ୟରେ ଏହି ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀଙ୍କ ରହଣୀ ବ୍ୟବସ୍ଥା, ଶିକ୍ଷାଦାନ ପରିବେଶ ଓ ଅନ୍ୟାନ୍ୟ ସୁବିଧା ଉପରେ ଆଲୋଚନା ହୋଇଥିଲା । କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଡ. ମଧୁବ୍ରତା ରାୟସିଂହ, ଡ. ଏ.ବି. ଦେବାଶିଷ ରାଉତ ଓ ମିଳନ ଭୋଇ ଏଥିରେ ଯୋଗ ଦେଇଥିଲେ । ଏହି ବିଶେଷଜ୍ଞ ଦଳ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ବ୍ଲକ୍ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଖଗେଶ୍ୱର ହରିପାଲ, ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ ।

# ସ୍ନାତକ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବେଲପଡା,୧୮ ।୪(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସ୍ନାତକ ଶେଷ ବର୍ଷର ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ । ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅମିତାଭ ଠାକୁର, ବଙ୍ଗୋମୁଣ୍ଡା ଡିଗ୍ରୀ କଲେଜର ଅଧ୍ୟକ୍ଷ ଶୁଭେନ୍ଦୁ ମେହେର, ତରଭା କଲେଜର ଅଧ୍ୟାପକ ରୋହିତ ପଧାନ, ରୋତ କଲେଜର ଅଧ୍ୟାପକ ଗୋପାଳ ସାହୁ, ଜବାହାର କଲେଜର ଅଧ୍ୟାପିକା ଗାୟତ୍ରୀ ବିଶ୍ୱାଳ, କେଭି କଲେଜର କରୁଣାକର ନାୟକ, ଦୀପାଳି ଶର୍ମା, ଅଧ୍ୟାପକ ଜୟନ୍ତ ବାରିକ, ରୋହିତ ପଧାନ ପମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସରିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ମନୋଜ କୁମାର ମହାଖୁଡ଼ ଓ ପ୍ରାଧ୍ୟାପିକା ଲିଳିମା ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ ।

# ସରସ୍ୱତୀ ଶିଶୁମନ୍ଦିରରେ ଅଗ୍ନିଶମ ବିଭାଗର ମକଡ୍ରିଲ



ଦେଓଗାଁ,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନିଶମ ବିଭାଗ ଦ୍ୱାରା ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହ ପ୍ରଧାନ ଆଚାର୍ଯ୍ୟ କୁନୁ ସାହୁଙ୍କ ଅଧ୍ୟକ୍ଷତାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡା ଯୋଗଦେଇ ଶିଶୁଙ୍କୁ ବିପର୍ଯ୍ୟୟ ଓ ତାହାର ପ୍ରାଥମିକ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଅଗ୍ନିଶମ କର୍ମଚାରୀ ଅଗ୍ନି ନିର୍ବାପକ ଯନ୍ତ୍ରୀ ମାଧ୍ୟମରେ ଅଗ୍ନିକୁ ଆୟତ୍ତ କରିବାର କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ । ପାଣିରେ ବୁଡିଯାଉଥିବା ଲୋକଙ୍କୁ ସୁରକ୍ଷା ଦେବାର ପଦ୍ଧତି ଉପରେ ପ୍ରଶିକ୍ଷଣ ଦେଇଥିଲେ । ବିକ୍ରମ ରାଓଲ, ଲିଙ୍ଗରାଜ ପଧାନ, ପୁରନ୍ଦର ମେହେର, ସୁଧାଂଶୁ ମହାନି, ଶ୍ରୀତମ ବୁଡେକ ଓ ମାଧବ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ ।

# ଗ୍ରାମୀଣ ଲୋକକଳା ମହୋତ୍ସବ



ବଲାଙ୍ଗିର,୧୮ ।୪(ସମିସ): ପୁଇଁନ୍ତଲା ବ୍ଲକ୍ ଡିଙ୍ଗର କୁଆଁର ଖେଳ ପଡିଆ ଦୁହେଲ ଛକରେ କୁଟେନପାଲି ଭବାନୀ ଶଙ୍କର କଳା ପରିଷଦ ଆନୁକୂଲ୍ୟରେ ଗ୍ରାମୀଣ ଲୋକକଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପୁଇଁନ୍ତଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ପ୍ରଧାନ, ସାଂସଦ ପ୍ରତିନିଧି ରାଜକିଶୋର ନାଏକ, ବରିଷ୍ଠ କଳାକାର ମଧୁସୂଦନ ନାୟକ, ବ୍ରହ୍ମାନନ୍ଦ ବନଛୋର, ସୁଜିତ ମେର୍ଲି ଓ ଅନୁଷ୍ଠାନର ସଭାପତି ଗୋକୁଳ ବିହାରି କୁଆଁର ପ୍ରମୁଖ ମଞ୍ଚାସୀନ ଥିଲେ । ସରୋଜ ନାଏକ, ସୁଧୀର ନାୟକ ଓ ଦିଲୀପ ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମ ପରି.ଳନା କରିଥିଲେ । ସାନବଡଙ୍କ ଘୁଡୁକା ନୃତ୍ୟ, ଢୋଲ ମୁହୁରି କଳା ପରିଷଦ, ଦଣ୍ଡ ନୃତ୍ୟ, ଭାଲେର ସ୍କୁଲର ଯୋଗ ନୃତ୍ୟ ବିଶେଷ ଆକର୍ଷଣ ରହିଥିଲା । ଅନୁଷ୍ଠାନ ପକ୍ଷରୁ ନୂଆଁ ସକାଳ' ନାଟକ ପରିବେଷଣ କରାଯାଇଥିଲା । ସୁନାବିର ଠେଲା, ମୟ ବିଶି, ଯଦୁନାଥ ବାରିକ, ସୁନାଧର ବଘାର, ଫକିର ହରପାଲ, ହଳଧର ନାଗ ଓ ମନୋଜ ନାଗ ସହଯୋଗ କରିଥିଲେ । ନବୀନ କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ସମିତିସଭ୍ୟ ଛବିଲ ମାଝୀଙ୍କ ପରଲୋକ

ଦେଓଗାଁ,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ଦେଓଗାଁ ପେକ୍ସ ପରିଚାଳନା କମିଟି ନିର୍ଦ୍ଦେଶକ ଛବିଲ ମାଝୀ (୫୨) ଙ୍କ ଶନିବର ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଦେଓଗାଁ ବ୍ଲକ ଅଞ୍ଚଳରେ



ଶୋକର ଛାୟା ଖେଳିଯାଇଛି । ସେ ବିଜୁ ଜନତାଦଳର ସକ୍ରୀୟ କର୍ମକର୍ତ୍ତା ଥିଲେ । ଜଣେ ଦକ୍ଷ ସଂଗଠକ ଓ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ । ସ୍ଥାନୀୟ ବାଉରୀଯୋଗର ନାଲାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଉମାକାନ୍ତ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଳ ଚାନ୍ଦ, ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ଉମା ଶଙ୍କର ସିଂ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଯୁବନେତା ଅନ୍ତର୍ଯ୍ୟାମୀ ଭୋଇ, ଦୀପକ ବେହେରା ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

# ତୃତୀୟଲିଙ୍ଗୀଙ୍କ ସୁବିଧା ସୁଯୋଗ ନେଇ ବୈଠକ

ବଲାଙ୍ଗିର,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତୃତୀୟଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଶକ୍ତୀକରଣ ଉଦ୍ଦେଶ୍ୟରେ କର୍ମଶାଳା ଆୟୋଜିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ଓ ସାଥୀ ସଂଗଠନର ମିଳିତ ସହଯୋଗରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା ଏଥିରେ ଅଧ୍ୟକ୍ଷତା କରିଥିଲେ । ତୃତୀୟଲିଙ୍ଗୀଙ୍କ ସାମାଜିକ ସୁରକ୍ଷା, କର୍ମ ଯୋଗାଣ ସୁଯୋଗ ଏବଂ ଓଡିଶା



ଜୀବକା ମିଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହିତ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ଜୀବିକା ମିଶନର ବିଭିନ୍ନ ଯୋଜନା ଓ ତାହାର ବିଭିନ୍ନ ସୁବିଧା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ତୃତୀୟଲିଙ୍ଗୀଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ଦକ୍ଷତା ବିକାଶ ତାଲିମ ବିଷୟରେ ଉଲ୍ଲେଖ କରାଯାଇଥବଲା । ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଓ ଓରମାସର ଯୁଗ୍ମ ସିଇଓ ସୌରଭମୟ ଦାସ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅନିଲ ଦହଙ୍ଗା, ନୀଳିମା କୁଜୁର, ସାଥୀର ସହାୟକ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ଶର୍ମିଷ୍ଠା ମିଶ, ଜିଲ୍ଲା ଓ ବ୍ଲକସ୍ତରୀୟ ଓଡ଼ିଶା ଜୀବିକା ମିଶନର ଅଧିକାରୀ ଓ କର୍ମଚାରୀଙ୍କ ସହ ତୃତୀୟ ଲିଙ୍ଗୀମାନେ ଯୋଗ ଦେଇଥିଲେ ।

# ପ୍ରଶାସନିକ ଅଧିକାରୀଙ୍କ ବରିଷ୍ଠ ନାଗରିକ ଆବାସ ପରିଦର୍ଶନ

ଦେଓଗାଁ,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ସାଲେପାଲିସ୍ଥିତ ବୟୋଜ୍ୟେଷ୍ଠ ନାଗରିକ ଆବାସ ପରିଦର୍ଶନ କରିଛନ୍ତି । ବଲାଙ୍ଗିର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୁରା, ସସ୍ମିତା ହୋତା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ ପ୍ରମୁଖ ଆବାସକୁ ଯାଇ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ଓ ସ୍ଥିତି ଉପରେ ପଚାରି ବୁଝିଥିଲେ । ତୁରନ୍ତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଅବଗତ କରି ପାଣି ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ଆବାସର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଚୋରି ଅଭିଯୋଗରେ ୨ ଗିରଫ



ବେଲପଡା,୧୮ ।୪(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ପୁଲିସ ଚୋରି ଅଭିଯୋଗରେ ୨ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବେଲପଡା ଥାନା ଧୂମାଭଟା ଗାଁର ତେଜରାଜ ଓରଫ ରାଜ ରଣା ଏବଂ ସଦାନନ୍ଦ ନାଏକ । ଏମାନେ ଗତ ୧୭ ତାରିଖ ରାତିରେ ଧୂମାଭଟା ଗାଁର ତ୍ରିଭୁବନ ବୁଡ଼େକଙ୍କ ଚାଷ ଜମିରେ ଲାଗିଥିବା ପମ୍ପସେଟ୍ ଚୋରି କରି ଧୂମାଭଟା ଗାଁର କମ୍ୟୁନିଟି ହଲରେ ଏମାନେ ଲୁଚାଇଥିଲେ । ଏନେଇ ତ୍ରିଭୁବନ ଜାଣିବା ପରେ ବେଲପଡା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଏମାନଙ୍କୁ ଗିରଫ କରିଛି । ଏମାନଙ୍କଠାରୁ ସୋଲାର ପ୍ଲେଟ, ପମ୍ପସେଟ୍ ସହ ଗୋଟିଏ ଅଟୋ ଜବତ ହୋଇଛି ବୋଲି ଆଇଆଇସି ଅନନ୍ତ ପ୍ରଧାନ କହିଛନ୍ତି ।

# ଅପରିଚିତ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର



କଣ୍ଟାବାଞ୍ଜି,୧୮ ।୪(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଧାମନଡଙ୍ଗା ଗାଁର ରାଇସ୍ ମିଲ୍ ପଛ ପଟ ଏକ ବିଲରୁ ଶନିବାର ଜଣେ ବୃଦ୍ଧାଙ୍କ ମୃତଦେହ ମିଳିଛି । ଏନେଇ ସ୍ଥାନୀୟ ଲୋକେ କଣ୍ଟାବାଞ୍ଜି ପୁଲିସକୁ ଖବର ଦେଇଥିଲେ । ଟିଟିଲାଗଡ଼ ଡାକ୍ତରଖାନାରେ ଫ୍ରିଜରରେ ମୃତଦେହ ରଖାଯାଇଛି । ତେବେ ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ ।

## ସରକାରଙ୍କ ଚାଷୀ ମାରଣନୀତିର ବିରୋଧ

# ଅକ୍ଷୟତୃତୀୟାରେ ରାସ୍ତାରୋକ କରିବ ମିଳିତ କୃଷକ ମଞ୍ଚ

ବଲାଙ୍ଗିର,୧୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ମିଳିତ କୃଷକ ସଂଗଠନ ପକ୍ଷରୁ ଆସନ୍ତା ଅକ୍ଷୀତୃତୀୟା ଦିନ ସାଲେଭଟା ପେକ୍ସ ସମ୍ମୁଖ ୨୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ । ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ର ଏହା ପ୍ରକାଶ କରିଛନ୍ତି । ଶ୍ରୀ ମିଶ୍ରଙ୍କ କହିବା ଅନୁସାରେ ସରକାର ସମସ୍ତ ଚାଷୀଙ୍କଠାରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣିବାକୁ କହିଥିଲେ; କିନ୍ତୁ ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାର ୧୫୯ ଚାଷୀ ଖରିଫ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି । ଜିଲ୍ଲାପାଳ ପତ୍ର ସଂଖ୍ୟା ୮୮୮ (୧୯ ।୩ ।୨୦୨୬)ରେ ସରକାରଙ୍କୁ ଏହି ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରିବାକୁ ପତ୍ର ଲେଖିଥିଲେ । ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଧାନ କିଣାଗଲା ନାହିଁ । ଏହି ଚାଷୀମାନେ କିପରି ଧାନ ବିକ୍ରି କରିବେ ସେନେଇ ମଧ କୌଣସି ବ୍ୟବସ୍ଥା କରାଗଲା ନାହିଁ । ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଏବଂ ୧୫୯ ଚାଷୀଙ୍କ ଧାନ ବିକ୍ରି ଦାବି ନେଇ ଆସନ୍ତା ୨୦ ତାରିଖ ସୋମବାର ରାସ୍ତା ରୋକ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଚାଷୀ ସଂଗଠନ ତଥା ଜିଲ୍ଲା କୃଷକ ମହାସଂଘ, ଜିଲ୍ଲା କୃଷକ ସଂଘ, ଜିଲ୍ଲା କୃଷକ ସଂଘ ସମିତି, ଜୟ କିଶନ କୃଷକ ସଂଗଠନ, କୋଶଳି କିଶନ ସଭା ଏବଂ ନବ ନିର୍ମାଣ କୃଷକ ସଂଘ କର୍ମକର୍ତ୍ତା ଯୋଗ ଦେବେ ବୋଲି ଜିଲ୍ଲା କୃଷକ ମହାସଂଘ ସମ୍ପାଦକ ପ୍ରକାଶ କରିଛନ୍ତି ।

# ତେଲନଦୀରୁ ବାଲି ପୋଛି ନେଲେଣି ମାଫିଆ

କଣ୍ଟାମାଳ,୧୮ ।୪(ସମିସ)

ବୌଦ୍ଧ ଜିଲ୍ଲାରେ ଦୈନନ୍ଦିନ ଶହ ଶହ ବାଲି ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଛି। ଏହା ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ଦିଗରେ ପ୍ରଶାସନ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁନାହିଁ। ଅନ୍ୟପଟେ କିଛି ଅସାଧୁ ବାଲି ମାଫିଆ କିଛି କର୍ମଚାରୀଙ୍କୁ ହାତ କରି ବେଆଇନ ବାଲି ଚାଲାଣ କରୁଛନ୍ତି। ଖଣିଜ ଦ୍ରବ୍ୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲା ଖଣି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଖଣି ଅଧିକାରୀ କିନ୍ତୁ କାଁ ଭାଁ ଚଢ଼ଉ କରୁଛନ୍ତି। ଜରିମାନା ପକାଇ ବା ଜରିମାନା ଆଦାୟ କରି ଗାଡି ଛାଡି ଦେଉଛନ୍ତି। ଜବତ ଗାଡ଼ିଗୁଡ଼ିକ ଛାଡ଼ି ଦିଆଯାଉଥିବାରୁ ବାଲି ମାଫିଆଙ୍କ ସାହସ ବଢି ଯାଉଛି। ସେହି ଗାଡିରେ ପୁଣି ବେଆଇନ ଭାବେ ବେଧଡ଼କ ବାଲି ଚାଲାଣ ହେଉଛି। ପ୍ରଶାସନ ପକ୍ଷରୁ କେବଳ ଧର୍ମକୁ ଆଖିଠାର ସଦୃଶ ଚଢ଼ଉ କରାଯାଉଛି।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକରାପଡା ତେଲ ନଦୀ ଘାଟରୁ ବେଧଡକ ବାଲି ଚୋରାଚାଲାଣ ହେଉଛି।

- ସବୁ ଦେଖି ସବୁ ଜାଣି ମଧ୍ୟ ଅଧିକାରୀ ଚୁପ୍
- କେବେ କେମିତି ନାମକୁ ମାତ୍ର କାଁ ଭାଁ ଚଢ଼ଉ ହେଉଛି
- ଜରିମାନା ଆଦାୟ ପରେ ଛାଡି ଦେବାରୁ ସାହସ ବଢୁଛି
- ଟଙ୍କା ନେଇ ସହଯୋଗ କରୁଛନ୍ତି ଅସାଧୁ କର୍ମଚାରୀ

ମାସ ମାସ ଧରି ଏହା ଚାଲିଛି। ଦିବାରାତ୍ରି ଶହ ଶହ ଗାଡ଼ିରେ ବାଲି ଚାଲାଣ ହେଉଛି। ମାଫିଆଙ୍କ ବାଲି ଚାଲାଣ ଦ୍ୱାରା ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ବାଲି ଚାଲାଣ ଯୋଗୁଁ ଦିନକୁ ଦିନ ତେଲନଦୀର ବାଲି ଶଯ୍ୟା ନଷ୍ଟ ହେଉଛି। ଏହାସହ ନଦୀରେ ଏବେ ଖାଲ ସହ ପଥର ଦେଖିବାକୁ ମିଳୁଛି। ବାଲି ଚୋରା ଚାଲାଣ ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ଜଳ ଜଳ ଦିଶୁଛି। ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ଅନ୍ୟପକ୍ଷେ ଟ୍ରାକ୍ଟରଗୁଡିକରେ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ବାଲି ଲୋଡ୍ ହୋଇ ଚାଲାଣ ହେଉଛି। ଏହାଦ୍ୱାରା ରାସ୍ତା ନଷ୍ଟ ହେଉଛି। ବାଲି ନେବା ବେଳେ ପାଲ ବା ଜରି ଘୋଡା ଯାଉନାହିଁ। ରାସ୍ତାରେ ବାଲି ଉଡି ଲୋକଙ୍କ ଆଖିରେ ପଶୁଛି। ରାସ୍ତାରେ ମଧ୍ୟ ବାଲି ପଡି ବାଇକ୍ ଦୁର୍ଘଟଣାଗ୍ରସ୍ତ ହେଉଛି। ସେହିପରି ଯେଉଁ ସବୁ ଖାଦାନରେ ଲିଜ୍ ଦିଆଯାଇଛି ସେଠାରେ ଲିଜ୍ ସୀମା ବାହାରେ ବାଲି ଉଠାଣ ହେଉଛି। ବିନା ରସିଦରେ ବାଲି କାରବାର ହେଉଛି। ଯେଉଁମାନେ ଥରେ ରସିଦ କାଟୁଛନ୍ତି ସେମାନେ ଦିନସାରା ବାଲି ଚୋରାରେ ନେଉଛନ୍ତି। ତେବେ ଏ ସମ୍ପର୍କରେ କଣ୍ଟାମାଳ ତହସିଲଦାରଙ୍କୁ ପଚାରିବାରୁ ବାଲି ଚୋରା ଚାଲାଣ କଥାକୁ ସେ ସ୍ୱୀକାର କରିଛନ୍ତି। ସେହିଭଳି ଦାୟିତ୍ୱରେ ଥିବା ବୌଦ୍ଧ ଜିଲ୍ଲା ଅଧିକାରୀ ଦିବ୍ୟଜ୍ୟୋତି ବେହେରାଙ୍କୁ ଯୋଗାଯୋଗ କରିବାରୁ ଚଢ଼ଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

● ଲୋ ଭୋଲ୍ଟେଜରେ ଅତିଷ୍ଠ ଗ୍ରାମବାସୀ

## ଅଭିଯୋଗ ପରେ ମଧ୍ୟ ଚୁପ୍ ବିଭାଗ

ବୌଦ୍ଧ, ୧୮ ।୪ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ଉଡେର ଜାମକାନି ଛକରେ ୩୦ଟି ପରିବାର ରହୁଛନ୍ତି। ସେଠାରେ ଲାଗିଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଠିକ୍ ଭାବେ ଭୋଲଟେଜ୍ ହେଉ ନ ଥିବାରୁ ବିଦ୍ୟୁତ୍ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି କରିଛି। ଏହା ଫଳରେ ଦୈନନ୍ଦିନ ବ୍ୟବହାର କରୁଥିବା ପଙ୍ଖା, କୁଲର, ପାଣି ମଟର ଠିକ୍ ଭାବେ ଚାଲୁନାହିଁ। ବାରମ୍ବାର ଫ୍ୟୁଜ ଚାଲି ଯାଉଛି। ଏହା ଫଳରେ ଦିନ ଦିନ ଧରି ସମ୍ପୂର୍ଣ୍ଣ ଅନ୍ଧାରରେ ରହିବାକୁ ପଡୁଛି ବୋଲି ଗ୍ରାମାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ୨୫କେଭି ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ଗତ ମାସ ୩୦ତାରିଖ ଖୁଣ୍ଟିଗୋରା ପଞ୍ଚାୟତରେ ଆୟୋଜିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିରରେ ଲୋକେ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୧୭ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ଅଧିକାରୀ ତଦନ୍ତ ପାଇଁ ଆସି ନାହାନ୍ତି। ଏହା ପରିତାପର



ବିଷୟ ବୋଲି ଗ୍ରାମର ଲୁହାବିର ଭୋଇ, ଈଶ୍ୱର ଭୋଇ, ବାଲେଶ୍ୱର ରଣା, ପ୍ରମୁଖ ଅଭିଯୋଗ କରିଛନ୍ତି।

## ବୌଦ୍ଧ ଜିଲ୍ଲାରେ ୨୨ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ବୌଦ୍ଧ,୧୮ ।୪(ସମିସ): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ପ୍ରବଳ ଖରା ସ୍ଥିତିକୁ ଦେଖି ଜିଲ୍ଲାପାଳ ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରିଛନ୍ତି। ଶୁକ୍ରବାର ରାତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର, ସରକାରୀ ଓ ବେସରକାରୀ ସ୍କୁଲ୍, କଲେଜ୍ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ବୌଦ୍ଧ ଜିଲ୍ଲା ପାଇଁ ଜାରି ହୋଇଥିବା ରେଡ୍ ୱାର୍ଣ୍ଣିଂ ପରେ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।

ତେବେ ଯେଉଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ଚାଲୁ ରହିଛି ସେଠାରେ ପରୀକ୍ଷା ଜାରି ରହିବ; କିନ୍ତୁ ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କୁ ତାତିରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ପର୍ଯ୍ୟାପ୍ତ ପାନୀୟ ଜଳ ଏବଂ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଚିଠିରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ତେବେ ହରଭଙ୍ଗା ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ସୂଚନା ଦେଇଛନ୍ତି।

## ଜଗା ଦର୍ଶନ ସାରି ଫେରିବା ବେଳେ କାର୍ ଦୁର୍ଘଟଣାଗ୍ରସ୍ତ

ଜହ୍ନାପଙ୍କ,୧୮ ।୪(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଜହ୍ନାପଙ୍କ ଛକଠାରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବୌଦ୍ଧ ବ୍ଲକ୍ ଅଇଲାପାଲି ଗ୍ରାମର ୪ଜଣ ବ୍ୟକ୍ତି ପୁରୀରୁ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସାରି ଗାଁକୁ ଫେରୁଥିଲେ। ଡ୍ରାଇଭରର ଆଖି ଲାଗି ଯିବାରୁ ଗାଡିଟି ଭାରସାମ୍ୟ ହରାଇଥିଲା। ଏହାଫଳରେ ଗାଡିଟି ରାସ୍ତାର ଡାହାଣ କଡ଼କୁ ପଳାଇ ଆସିଥିଲା। ଜହ୍ନାପଙ୍କ ଛକରେ ଥିବା ଏକ କାର୍ ଓ ବାଇକ୍‌କୁ ଧକ୍କା ଦେଇ ଗୋଟିଏ ଖୁଣ୍ଟରେ ପିଟି ହୋଇ ରହି ଯାଇଥିଲା। ସୌଭାଗ୍ୟ ବଶତଃ ସେଠାରେ ଥିବା ଲୋକେ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ। ଜହ୍ନାପଙ୍କ ପାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

## ବୀରମହାରାଜପୁର ଅଞ୍ଚଳରେ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲିଲାନି

ବୀରମହାରାଜପୁର,୧୮ ।୪(ସମିସ): ରାଜ୍ୟରେ ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ସାଧାରଣ ଯାତ୍ରୀ କିମ୍ବା ପଥିକଟିଏ ରାସ୍ତାରେ ଗଲାବେଳେ ପିଇବା ପାଣି ମୁନ୍ଦିଏ ପାଇଁ ଡହଳ ବିକଳ ହେଉଛି। ପଶୁପକ୍ଷୀଙ୍କ ଦୁର୍ଦ୍ଦଶା ମଣିଷଙ୍କଠାରୁ ଆହୁରି ଖରାପ। ଖରା ପ୍ରାୟ ୪୨ ଡିଗ୍ରୀ ଉପରେ। ଅଥଚ ଆଜି ପର୍ଯ୍ୟନ୍ତ ବୀରମହାରାଜପୁର ସହର, ପଞ୍ଚାୟତ ଓ ଗାଁଗଣ୍ଡାରେ ଗୋଟିଏ ବି ଜଳ ଛତ୍ର ଖୋଲାଯାଇ ନାହିଁ। ବ୍ଲକ୍ ଏବଂ ପଞ୍ଚାୟତ ତରଫରୁ ବାଟଘାଟରେ ଜଳଛତ୍ର ଖୋଲାଯିବା କଥା, ହେଲେ ବ୍ଲକ୍ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି ନା ଆନ୍ତରିକତା ନାହିଁ ତାହା ପ୍ରଶ୍ନ ଉଠିଛି।

ସରକାର ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି; ମାତ୍ର ଜଳଛତ୍ର ପାଇଁ ଆସୁଥିବା ଟଙ୍କାର ଠିକ୍ ବିନିଯୋଗ ହୋଇପାରୁନାହିଁ। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ତଥା ଖାମ ଖିଆଲି ମନୋଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ ବୀରମହାରାଜପୁର ଅଞ୍ଚଳରେ ଗୋଟିଏ ବି ଜଳ ଛତ୍ର ଖୋଲାଯାଇପାରିନାହି। ଏହାଫଳରେ ଯାତ୍ରୀ ଓ ବାଟୋଇ ପିଇବା ପାଣି ପାଇଁ ଅନେକ ହଇରାଣ ହରକତ ହେଉଛନ୍ତି। ବିଭିନ୍ନ ଛକ, ବଜାର ପଞ୍ଚାୟତ ଏବଂ ସମସ୍ତ ଅଫିସରେ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ଜରୁରି ହୋଇ ପଡିଛି।

## ଯୋଗିନ୍ଦ୍ରପୁରରେ ନାରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ଶଗଡା, ୧୮ ।୪ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତଠାରେ ନାରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ନାରୀ ସଶକ୍ତୀକରଣ ବିଷୟରେ ଆଲୋଚନା କରାଯାଇଥିଲା। ନାରୀମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ କିପରି ଅଭିବୃଦ୍ଧି ହେବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଓଡ଼ିଶା ସରକାରଙ୍କ ଦ୍ୱାରା ନାରୀ ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଦନା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ନାରୀ ସଶକ୍ତିକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଝୁନୁ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ କିରଣ ମାଝି, ଯୋଗାଣ ସହାୟକ ନୀଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ସହ ଆଲୋଚନା



କଣ୍ଟାମାଳ,୧୮ ।୪(ସମିସ): ବୌଦ୍ଧ ଜିଲ୍ଲା ବିଜେପିର ନବନିଯୁକ୍ତ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ରାମଚନ୍ଦ୍ର ତାଣ୍ଡି କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗଙ୍କୁ ସାକ୍ଷାତ କରିଛନ୍ତି। ପୂର୍ବତନ ବୌଦ୍ଧ ଜିଲ୍ଲା ଅନୁସୂଚିତ ଜନଜାତିର ପୂର୍ବତନ ସଭାପତି ରାଜୀବ ଦେହୁରୀ ଏହି ସମୟରେ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟ

## ସଂସ୍କୃତ ବିଭାଗ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୌଦ୍ଧ,୧୮ ।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ସଦାନନ୍ଦ କର୍ମୀ, ପୁଷ୍ପାଞ୍ଜଳି ପ୍ରଧାନ, ଅଶୋକ ରଣା, ରାହୁଲ ଲୁହା, ଆକାଶ ସାହୁ, ଆଦିତ୍ୟ ମହାକୁଡ଼, ଶିବାଲି ପ୍ରଧାନ, ଅନିତା ଅମାତ, ପୂର୍ଣ୍ଣିମା ଥାନାପତି ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବାଲ୍ୟ ବିବାହ ନିରାକରଣ କର୍ମଶାଳା



ଡୁଙ୍ଗୁରିପାଲି,୧୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିରାକରଣ ଉପରେ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଥିଲା। ସିଡିପିଓ ମୌସୁମୀ ମାଇଟିଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କର୍ମଶାଳାରେ ଡୁଙ୍ଗୁରିପାଲି ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ବିଡ଼ିଓ ସଞ୍ଜିବ ସାହୁ, ଏବିଡିଓ ମହେଶ୍ୱର ପଧାନ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଗୌତମ ମହାପାତ୍ରଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ଥିଲେ। ସୁପରଭାଇଜର ସୀତା ମେହେରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବାଲ୍ୟବିବାହର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ତୃଣମୂଳସ୍ତରରେ ସଚେତନତାର ଅଭାବ ରହୁଥିବା ମତ ପ୍ରକାଶ ପାଇଥିଲା। ସୁପରଭାଇଜର ତିଳୋତ୍ତମା ଧନ୍ୟବାଦ ଅର୍ପଣ କରିଥିଲେ।

● ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ-୨ର ସଫଳତା

## ସୁବର୍ଣ୍ଣପୁର ଜିଲ୍ଲା ପାଇଁ ସୁନାମ ଆଣିଲେ କୁମାର ଅଭିନବ

ତରଭା,୧୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ସରଗଜ ଗ୍ରାମର କୁମାର ଅଭିନବ ମିଶ୍ର ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢାଇଛନ୍ତି। ୫୦୦ରୁ ୫୦୦

**୫୦୦ ରୁ ୫୦୦ ମାର୍କ ରଖିଲେ**



ନମ୍ବର ରଖି ସେ ନିଜର ବିଦ୍ୟାଳୟ ସହ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ସରଗଜ ଗ୍ରାମର ଜ୍ୟୋସ୍ନାରାଣୀ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ କୁମାର ଅଭିନବ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଅଧ୍ୟୟନ କରୁଥିଲେ। ପ୍ରଶାନ୍ତ ସପରିବାର ବଲାଙ୍ଗୀର ହାତୀଶାଳପଡ଼ାରେ ରହୁଛନ୍ତି। ଜ୍ୟୋସ୍ନାରାଣୀ ବଲାଙ୍ଗୀର ଠିକାଦାରପଡ଼ା ୟୁପି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି।

## ଭୀମଟିକିରାରେ ଆମ୍ବେଦକରଙ୍କ ଜୟନ୍ତୀ

ଡୁଙ୍ଗୁରିପାଲି,୧୮ ।୪(ସମିସ): ଭୀମଟିକିରାରେ ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ୩ ଦିନ ଧରି ଡ. ବିଆର ଆମ୍ବେଦକରଙ୍କ ୧୩୫ତମ ଜନ୍ମ ବାର୍ଷିକ ଅବସରରେ ଆମ୍ବେଦକର ମହୋତ୍ସବ ଭୀମ ଟିକିରା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଛକରୁ ଶୋଭାଯାତ୍ରା ହୋଇଥିଲା। ଯତୀନ୍ଦ୍ର ବାଗଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ନିରଞ୍ଜନ ପୁଝାରି ଯୋଗ ଦଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡୁଙ୍ଗୁରିପାଲି ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଭୀମ ଟିକିରା ସମିତି ସଭ୍ୟ ବିକାଶ ବିଶ୍ୱାଳ ଯୋଗ ଦେଇଥିଲେ। ରବୀନ୍ଦ୍ର ଦୀପ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଯତୀନ୍ଦ୍ର ଦୀପ, ନବଘନ ହିଆଲ, ନିର୍ମଳ ହିଆଲ, ଅରୁଣ ବାଗ, ବାନାମ୍ବର ବାଗ, ବୀରେନ୍ଦ୍ର ଦୀପ, ଇଲୁ ବାଗ, ନିତେଇ ବାଗ, ପୂର୍ଣ୍ଣଚନ୍ଦ୍ର ହିଆଲ, ଆଶିଷ ବାଗ, ପ୍ରଶାନ୍ତ ବାଗ, ଦେବାଦୀ ହିଆଲ, ଲବ ସୁନା, ଅମିତ ଦୀପ, ପ୍ରତାପ ଦୀପ, ରାହୁଲ ବାଗ ପ୍ରମୁଖ ସହଯୋଗ କରିଥିଲେ।




# ଇକୋ-ଟୁରିଜମ୍‌ରେ ସମୃଦ୍ଧ ହେବ ଟିକରପଡ଼ା

**ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ** | **ତଳଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ**

ହରଭଙ୍ଗା,୧୮ ।୪(ସମିସ)

ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଆଜି ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଟିକରପଡା ପରିଦର୍ଶନ କରିଛନ୍ତି। ଏହି ଅଞ୍ଚଳରେ ଇକୋ-ଟୁରିଜମ୍ ବିକାଶ ନେଇ ସେ ସମୀକ୍ଷା କରିଥିଲେ। ଅତଳସରା ନିକଟରେ ପାର୍କିଂ ସ୍ଥଳ, ଫରେଷ୍ଟ ବିଟ୍ ହାଉସ୍, ଶିଶୁ ବଗିଚା, କଟେଜ୍, ଶୌଚାଳୟ ଓ ବିଶ୍ରାମ ଗୃହ ସହ ଶିତଳପାଣିରେ ଗେଷ୍ଟ ହାଉସ୍ ନିର୍ମାଣ ନେଇ ରହିଥିବା ପ୍ରସ୍ତାବ ଉପରେ ଯାଞ୍ଚ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକୁ ଶୀଘ୍ର ରୂପାୟନ ପାଇଁ ହରଭଙ୍ଗା ବିଡ଼ିଓ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ତଳଗାଁ ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ୍‌ରେ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରନିବାସ ପରିଚାଳନା ସୁଧାର ପାଇଁ ମାଟ୍ରନ ଓ ପରିଚାରିକାଙ୍କୁ



ତାଗିଦ୍ କରିଥିଲେ। ପରିବେଶ ସଫା ସୁତରା ରଖିବା ସହ ଅନ୍ତେବାସୀଙ୍କ ଯତ୍ନ ନେବା ପାଇଁ ଆଦେଶ ଦେଇଥିଲେ। ହଷ୍ଟେଲ ପାଚେରୀ ଉଚ୍ଚ କରିବା ସହ ତାରବାଡ ଦେବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ତଳଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ସେବା ବ୍ୟବସ୍ଥା ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ ଉପସ୍ଥିତି ଓ ଗୁଣାତ୍ମକ ସେବା ପ୍ରଦାନରେ ଗୁରୁତ୍ୱ ଦେବାକୁ କହିଥିଲେ। ତଳଗାଁ-ରାଣୀସାହି ବିବାଦୀୟ ସଡ଼କ ପଥ ନିରୀକ୍ଷଣ କରି ତହସିଲଦାରଙ୍କୁ ଶୀଘ୍ର ଜମି ସୂଚନା ଯୋଗାଇବାକୁ କହିଥିଲେ। କନିଷ୍ଠ ଯନ୍ତ୍ରୀ (ଆରଡ଼ି)ଙ୍କୁ ରାସ୍ତା ନିର୍ମାଣ ସମସ୍ୟା ସମ୍ପର୍କରେ ଅବଗତ କରାଇ ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହିତ ବିଡ଼ିଓ, ତହସିଲଦାର ହରଭଙ୍ଗା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସରକାରଙ୍କ କ୍ଷତିପୂରଣ ରାଶିକୁ ବିରୋଧ

# କ୍ୟାମ୍ପ କୋର୍ଟରେ ଜମିମାଲିକଙ୍କ ପ୍ରତିବାଦ

ଜୟପୁର, ୧୮ ।୪(ସମିସ)



ଜୟପୁରନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ମାଲିକଙ୍କ ଅଧିଗ୍ରହଣରେ ହୋଇଥିବା ଚାଷ ଏବଂ ଅନ୍ୟାନ୍ୟ କିସମର ଜମି ବାବଦକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶିକୁ ବିରୋଧ କରି ଜମି ମାଲିକମାନେ ଆଜି ସ୍ଥାନୀୟ ବଡକାଉଡି ଗ୍ରାମଠାରେ ଆୟୋଜିତ କ୍ୟାମ୍ପ କୋର୍ଟରେ ପ୍ରତିବାଦ କରିଛନ୍ତି । ଜମିମାଲିକମାନେ ଏନେଇ ଏକ ସ୍ମାରକପତ୍ର ତହସିଲ କ୍ୟାମ୍ପ କୋର୍ଟରେ ଉପସ୍ଥିତ ରହିଥିବା ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । କ୍ୟାମ୍ପ କୋର୍ଟରେ ଅନେକ ଜମିହରାଇବାକୁ ଥିବା ଜମି ମାଲିକମାନେ ପ୍ରତିବାଦ କରିବା ସହ ସରକାର, ରେଳ ବିଭାଗ ଓ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ । ସେମାନେ ରେଳ ଧାରଣା ପ୍ରକଳ୍ପକୁ ସ୍ୱାଗତ କରାଯାଉଛି, କିନ୍ତୁ ଜମି ହାରାଇବାକୁ ଥିବା ଜମି ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ନମିଳିଲେ ରାଜରାସ୍ତାରେ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଜମି ମାଲିକ ଅକ୍ଷୟ ମିଶ୍ର, ରାମନାଥ ପାଣିଗ୍ରାହୀ ନେତୃତ୍ୱରେ ଅନ୍ୟାନ୍ୟ ଜମିହରାମାନେ କହିଥିଲେ । ଦୁଇଟି ଫସଲ ଅମଳ ହେଉଥିବା ଚାଷ ଜମିକୁ ଏକର ପିଛା କ୍ଷତିପୂରଣ ରାଶି ମାତ୍ର ଅଢେଇଲକ୍ଷ ଟଙ୍କା ବହୁତ ମାତ୍ରାରେ କମିଯାଇଛି । ତେଣୁ ଉକ୍ତ ଜମି ଗୁଡିକ ବର୍ତ୍ତମାନ ବଜାର ଦର ଭାବେ ୫୦ ଲକ୍ଷ ଟଙ୍କା ବିକ୍ରି ହେଉଛି ବୋଲି ଜମିମାଲିକମାନେ କହିବା ସହ କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ଦାବି କରିଥିଲେ । କ୍ୟାମ୍ପ କୋର୍ଟରେ ଉପସ୍ଥିତ ରହିଥିବା ଅତିରିକ୍ତ ତହସିଲଦା ଶ୍ରୀ ପଟ୍ଟନାୟକ ଜମି ମାଲିକମାନେ କ୍ଷତିପୂରଣ ରାଶିକୁ ନେଇ ଅସନ୍ତୋଷ ପ୍ରକଟ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ସମୁଦାୟ ୧୬ଜଣଙ୍କ ଏହି ପ୍ରକଳ୍ପରେ ଯାଉଥିବା ଜମିର ସମସ୍ତ କ୍ଷତିପୂରଣ ଜମିର ପରିମାଣ, କାଗଜପତ୍ର, ପରିବାର ଦାବିଦାର ପ୍ରଭୃତି ଯାଞ୍ଚ କରାଯାଇଛି ।

# 'ମାତୃତ୍ୱ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରୁଛି କମ୍ୟୁନିଟି ରେଡିଓ'

କୋରାପୁଟ, ୧୮।୪(ସମିସ): ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏସନ ସହାୟତାରେ ଦକ୍ଷିଣ ଓଡ଼ିଶା ସ୍ୱେଚ୍ଛାସେବୀ ସଙ୍ଗଠନ (ସୋଭା) ପକ୍ଷରୁ ମାତୃତ୍ୱ ଅଧିକାର ଏବଂ ପ୍ରାରମ୍ଭିକ ଶୈଶବ ବିକାଶ ଉପରେ କମ୍ୟୁନିଟି ରେଡିଓ ଅଭିଯାନ ଅନ୍ତର୍ଗତ ଏକ ଅଭିଜ୍ଞତା ଆଦାନ ପ୍ରଦାନ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅଭିଯାନ ଅଧୀନରେ, ରେଡିଓ ହୀରାଖଣ୍ଡ, ରେଡିଓ ବାଘାଜତିନ୍ ଏବଂ ରେଡିଓ ଧିମ୍‌ସା ମାଧ୍ୟମରେ ୧୩ଟି ଓଡ଼ିଆ କାର୍ଯ୍ୟକ୍ରମ ପ୍ରସ୍ତୁତ ଏବଂ ପ୍ରସାରିତ କରାଯାଇଥିଲା । ଏହି ପଦକ୍ଷେପରେ ମନୋନୀତ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ସଂକୀର୍ତ୍ତତା ଏବଂ ତୃଣମୂଳ ସ୍ତରରେ ସଚେତନତା କାର୍ଯ୍ୟକଳାପ ମଧ୍ୟ ଅନ୍ତର୍ଭୁକ୍ତ ଥିଲା, ଯାହା ପ୍ରସୂତି ଅଧିକାର ଏବଂ ପ୍ରାରମ୍ଭିକ ଶୈଶବ ଯତ୍ନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନାର ଶେଷ ମାଇଲ ପର୍ଯ୍ୟନ୍ତ ପ୍ରସାରଣ ସୁନିଶ୍ଚିତ କରିଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ସସ୍ମିତା ମେଲେକା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ୀ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତା ରାଣୀ ପାଣି, ପ୍ରକଳ୍ପ ଅଧିକାରୀ ସୁଶ୍ରୀ ସବିତା ଉପସ୍ଥିତ ଥିଲେ । ନୂଆଦିଲ୍ଲୀର ନ୍ୟାସନାଲ ଫୋରସେସରୁ ଭୂପେନ୍ଦ୍ର ଶାଣ୍ଡିଲ୍ୟ, ଓଡ଼ିଶା ଫୋରସେସର ସଂଯୋଜକ ଡ. ବିକାଶ ମହାପାତ୍ର, ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏସନର ସଭାପତି ଡକ୍ଟର ଶିଶିର କୁମାର ଦାସ, ରେଡିଓ ବାଘାଜତିନର ନିର୍ଦ୍ଦେଶକ ମିନତୀ ବିଶ୍ୱାଣୀ ଏବଂ ସୋଭାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । କମ୍ୟୁନିଟି ରେଡିଓ ଆଚରଣଗତ ପରିବର୍ତ୍ତନ ଯୋଗାଯୋଗ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା



ହୋଇଛି, ବିଶେଷକରି ସୀମିତ ଆନୁଷ୍ଠାନିକ ସୂଚନା ଚ୍ୟାନେଲ ସହିତ ଦୂରଦୂରାନ୍ତ ଏବଂ ଆଦିବାସୀ ଅଞ୍ଚଳରେ ଏହା ପ୍ରଭାବିତ କରିଥିବା ଅତିଥି ବୃନ୍ଦ ପ୍ରକାଶ କରିଥିଲେ । କମ୍ୟୁନିଟି ରେଡିଓ ଜରିଆରେ ମାତୃତ୍ୱ ଲାଭ, ପୁଷ୍ଟିସାର, ପ୍ରତିଷ୍ଠାନ ପ୍ରସବ ଏବଂ ଶିଶୁ ଯତ୍ନ ଅଭ୍ୟାସ ବିଷୟରେ ମହିଳା ଏବଂ ପରିବାର ମଧ୍ୟରେ ଉନ୍ନତ ସଚେତନତା ସୃଷ୍ଟି କରିବା ସହଜ ହୋଇଥିବା ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସୋଭା ସଭାପତି ମଦନ କିର୍ଷାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ ବାଇକ୍ ଧକ୍କା; ଶିକ୍ଷକ ମୃତ, ୨ ଆହତ



ଟିକିରି, ୧୮।୪(ସମିସ): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନୂତନ ମେଡିକାଲ ସାମ୍ନାରେ ଏକ ବାଇକକୁ ପଛପଟୁ ଆଉ ଏକ ବାଇକ୍ ଧକ୍କା ଦେବା ଫଳରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ଜାମୁଗୁଡା ଗ୍ରାମର ଶିକ୍ଷକ ପ୍ରଶାନ୍ତ କୁମାର ଦାସ । ସେ ଥୁଟିବର ଆଶ୍ରମ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସୂଚନାନୁଯାୟୀ, ଆଜି ଅପରାହ୍ନରେ ଶିକ୍ଷକ ପ୍ରଶାନ୍ତ ପୁଅ ଓ ଝିଅକୁ ବାଇକ୍‌ରେ ବସାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଉ ଏକ ବାଇକ୍ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତାଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଲକ୍ଷ୍ମୀପୁର ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସାଥିରେ ଥିବା ପୁଅ ଓ ଝିଅ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇଥିବା ବାଇକ୍‌ର ୨ ଆରୋହୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଖବରପାଇ ଟିକିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ଶବ ସଂରକ୍ଷିତ ଗୃହରେ ରଖିଛି । ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଟିକିରି ଆଇଆଇସି ଦିନକୃଷ୍ଣ ମିଶ୍ର କହିଛନ୍ତି ।

# ଦେବାଂଶୁ ମହାନ୍ତ କୋଷାଗୁମୁଡ଼ା ବ୍ଲକ୍ ଟପ୍ପର



କୋଷାଗୁମୁଡ଼ା, ୧୮।୪(ସମିସ): ଚଳିତ ବର୍ଷର ସିବିଏସ୍‌ଇ ଦଶମ ପରୀକ୍ଷାରେ କୋଷାଗୁମୁଡ଼ା ବ୍ଲକର ଟପ୍ପର ହୋଇଛନ୍ତି ଦେବାଂଶୁ ମହାନ୍ତ । ୯୧.୫ ପ୍ରତିଶତ ମାର୍କ ରଖି କୋଷାଗୁମୁଡ଼ାର ମାଝୀଗୁଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ଦେବାଂଶୁ । ପ୍ରାୟ ୧୨ରୁ ୧୩ଘଣ୍ଟା ର ପରିଶ୍ରମ କରି ଏହି ପରୀକ୍ଷା ପାଇଁ ପରିଶ୍ରମ କରି ଉତ୍ତୀର୍ଣ୍ଣ ହୋଇଛି । ଆଗକୁ ଆଇଆଇଟି ଇଂଜିନିୟରିଂ ହେବି ବୋଲି ଦେବାଂଶୁ କହିଛନ୍ତି । ଦେବାଂଶୁଙ୍କ ବାପା ପାରାଦ୍ୱୀପରେ ଫୋସ୍ଫେରେଟ ଲିମିଟେଡ଼ରେ ଟେକ୍ନିକାଲ ବିଭାଗରେ ଚାକିରି କରୁଥିବା ବେଳେ ମା ଜଣେ ଶିକ୍ଷୟିତ୍ରୀ ଭାବରେ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ କୋକଡ଼ାଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଦେବାଂଶୁଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

## • ରାଇ ପାହାଡ଼ରେ ନନ୍ଦପୁର ତହସିଲଦାର

# ଆବାସ ଗୃହ ନିର୍ମାଣରେ ଜମି ସମସ୍ୟାର କଲେ ସମାଧାନ

ନନ୍ଦପୁର, ୧୮।୪(ସମିସ): ବିବାଦୀୟ ରାଇ ପାହାଡ଼ରେ ବିକାଶ ଚିତ୍ର ଦେଖିବାକୁ ମିଳିଛି । ଗତ ଦୁଇ ମାସ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଇପାହାଡ଼ ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିବା ସହ ରାସ୍ତା ଘାଟ, ପାନୀୟଜଳ, ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଗତ କିଛି ଦିନ ହେବ ରାସ୍ତା କାର୍ଯ୍ୟ ଚାଲୁ ରହିଥିବା ବେଳେ ରାଇ ପାହାଡ଼ବାସୀଙ୍କ ୧୨ ଟି ପରିବାରଙ୍କୁ ମିଳିଥିବା ଆବାସ ଗୃହ ନିର୍ମାଣରେ ଦେଖା ଦେଇଥିବା ଜମି ସମସ୍ୟା ଶନିବାର ସମାଧାନ ହୋଇଛି । ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ରାଇପାହାଡ଼ ଗସ୍ତ କରି ଗ୍ରାମବାସୀଙ୍କ ଆଲୋଚନା କରି ଜମି ସମସ୍ୟାର ସମାଧାନ କରିଛନ୍ତି । ତୁରନ୍ତ ତଥା ଆସନ୍ତା ସୋମବାର ଠାରୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଜଣାପଡ଼ିଛି । ସୁଚିତ ଯେ, ଗୋଲୁରୁ ଗ୍ରାମ ପଞ୍ଚାୟତ ଅଧୀନ ଆନ୍ଧ୍ର ସୀମାନ୍ତ ରାଇ ପାହାଡ଼ରେ ଆନ୍ଧ୍ର ଆବାସ, ରାସନ୍ ଓ ବିଦ୍ୟୁତ୍ ସହ ପାନୀୟ ଜଳ ଯୋଗାଣ ଉପରେ ନିର୍ଭରଶୀଳ ରହି ରାଇପହାଡବାସୀ ଆନ୍ଧ୍ର ମୁହାଁ ହୋଇପଡ଼ିଥିଲେ । ତେବେ ବାରମ୍ବାର ଖବର ପ୍ରକାଶ ପରେ ସରକାର ବର୍ତ୍ତମାନ ଦୃଷ୍ଟି ଦେବା ଆରମ୍ଭ କରିଛନ୍ତି । ଗତ କିଛି ଦିନ ହେବ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସୋମବାର ଠାରୁ ଆବାସ ଗୃହ ନିର୍ମାଣ ଆରମ୍ଭ ହେବ ବୋଲି କୁହାଯାଉଛି ।



# ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ସମ୍ମାନ ଉଦ୍‌ଘାଟିତ



କୋରାପୁଟ, ୧୮।୪(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଥମ ପ୍ରାନ୍ତୀୟ ଅଧିବେଶନ ଓ ଜାତୀୟ ସମ୍ମାନ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଭାରପ୍ରାପ୍ତ କୂଳପତି ପ୍ରଫେସର ନୃସିଂହ ଚରଣ ପଣ୍ଡା, ଭାରତୀୟ ଇତିହାସ ସଂକଳନ ଯୋଜନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ଶରଣ ବିଶ୍ୱକର୍ମା, ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ କମଲେଶ ଦାଶ, ଇତିହାସ ଗବେଷକ ଡ.ଦଧିବାମନ ମିଶ୍ର, ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପଶ୍ଚିମ ସଭାପତି ଡ. ଉମାକାନ୍ତ ପଣ୍ଡା, ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ କୋରାପୁଟ ଜିଲ୍ଲାର ସଂସ୍କୃତି ଗବେଷକ ଶ୍ରୀଜେନ୍ଦ୍ର ପାଢ଼ୀ ଓ ବନବାସୀ ଚିକିତ୍ସା ପରମ୍ପରାକୁ ଜୀବନ୍ତ ରଖିଥିବା ହରି ପାଙ୍ଗିଙ୍କୁ ସମିତି ତରଫରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବନବାସୀ ବନ୍ଧୁ ମାନେ ଆମ ଭାରତୀୟ ସଂସ୍କୃତିର ଶାଶ୍ୱତ ସମ୍ବାହକ । ପ୍ରାଚୀନ ବୈଦିକ ସଂସ୍କୃତି ଏବେ ମଧ୍ୟ ବନବାସୀ ଦୈନନ୍ଦିନ ଚଳଣିରେ ପ୍ରତିଫଳିତ, ବନବାସୀର ଜୀବନ ପ୍ରକୃତି ଓତଃପ୍ରୋତ ଜଡିତ, ଯାହା ବିଜ୍ଞାନ ସମ୍ମତ ଜ୍ଞାନ କୌଶଳ ଓ ଜଳବାୟୁ ପରିବର୍ତ୍ତିତ ପରିସ୍ଥିତିକୁ ପରିଚାଳନା ସହାୟକ ହୋଇପାରିବ । ଭାରତୀୟ ଇତିହାସ ସଂକଳନ ଯୋଜନା, ନୂଆଦିଲ୍ଲୀର ୧୦ ଟି ପ୍ରକଳ୍ପ ମଧ୍ୟରୁ ଜନଜାତି ଇତିହାସ ଏକ ପ୍ରମୁଖ ବିଷୟ ହୋଇଛି । ଏହା ମଧ୍ୟ ବିଭିନ୍ନ ପ୍ରାନ୍ତରେ ପ୍ରାନ୍ତୀୟ ସମିତି ମାଧ୍ୟମରେ ସଂଗୋଷ୍ଠୀ, ଆଲୋଚନା ଚକ୍ର, ଶୈକ୍ଷିକ ଭ୍ରମଣ ଅନୁଷ୍ଠିତ ମାଧ୍ୟମରେ ଲୁକ୍କାୟିତା ନୂଆ ନୂଆ ଜ୍ଞାନ ପରମ୍ପରା ଉଜାଗର ହେବାରେ ଲାଗିଛି ବୋଲି ମଞ୍ଚାସିନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଇତିହାସ ବିନା ଜ୍ଞାନ ସମ୍ଭବ ନୁହେଁ । ଇତିହାସ ହେଉଛି, ସମସ୍ତ ବିଷୟର ଆଷା, ଇତିହାସ ବୋଲି ସେମାନେ କହିଥିଲେ । ବିକଶିତ ଭାରତ ଗଠନ ପରିପ୍ରେକ୍ଷୀରେ ଓଡ଼ିଶାର ସମୃଦ୍ଧ ବନବାସୀ ସଂସ୍କୃତି ଓ ଗୌରବଶାଳୀ ସଂଘର୍ଷର ପରମ୍ପରା ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବନବାସୀ ସଂସ୍କୃତି ସୁରକ୍ଷା, ସମ୍ବର୍ଦ୍ଧନା ଓ ସମୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ବନବାସୀ ଜୀବନରେ ପ୍ରାକୃତିକ ଚିକିତ୍ସା ପଦ୍ଧତି ଓ ବର୍ତ୍ତମାନ ସମୟରେ ପ୍ରଭାବ, ବନବାସୀ ଜୀବନ ଜୀବିକା ସଂସ୍କୃତି ଓ ଅନ୍ୟନ ସାମୁହିକ ତଥା ପରିବେଶ ଅନୁକୂଳ ବିଜ୍ଞାନ ଆଧାରିତ ଜୀବନ ପଦ୍ଧତି ବିଷୟରେ ଯଥାକ୍ରମେ ହରି ପାଙ୍ଗି ଓ ରାଜେନ୍ଦ୍ର ପାଢ଼ୀ ଉପସ୍ଥାପନା କରିଥିଲେ ।

# କଂଗ୍ରେସ କର୍ମୀ ସମ୍ମିଳନୀ

ପାପଡ଼ାହାଣ୍ଡି, ୧୮।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଜାମଗୁଡା ଠାରେ ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା.। ବ୍ଲକ କଂଗ୍ରେସ ସଭାପତି ୱାଜିର ହୁସେନଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଲିପିକା ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଉଆସୁ ମାଝୀ, ମନବୋଧ ହରିଜନ ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଠକରେ ଜୋନସ୍ତରୀୟ, ପଞ୍ଚାୟତସ୍ତରୀୟ କର୍ମୀ ଉପସ୍ଥିତ ରହିଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନ ଉପରେ ଆଲୋଚନା ହୋଇଥିଲା । ପାପଡ଼ାହାଣ୍ଡି ବ୍ଲକରେ ତଳସ୍ତରରୁ ସଂଗଠନ ସୁଦୃଢ଼ କରିବା ସହ ଲୋକଙ୍କ ଆଶାବିଶ୍ୱାସ ଜାଗୃତ କରିବା, ଲୋକଙ୍କ ସହ ଜଡିତ ହୋଇ ଲୋକଙ୍କ ସମସ୍ୟା ଉପସ୍ଥାପନା କରିବା ସହ ତାଙ୍କୁ ସାହାଯ୍ୟ ସହଯୋଗ କରିବା, ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ସହ ନିଜ ଦୁର୍ଗକୁ ମଜବୁତ କରିବା ଉପରେ ଆଲୋଚନା ହୋଇଥିଲା । ଏଥିରେ କିଛି ଅନ୍ୟ ଦଳର କର୍ମୀ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ ।

# ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର, ୧୮।୪(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।



ପ୍ରଥମେ ସ୍ଥାନୀୟ ଏକ୍ସ ବୋର୍ଡ ବିଦ୍ୟାଳୟଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ପରିଦର୍ଶନ କରି ଛାତ୍ରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ଉପଲବ୍ଧ ହେଉଛି କି ନାହିଁ ତଦାରଖ କରିଥିଲେ । ଛାତ୍ରୀମାନଙ୍କ ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଖାଦ୍ୟର ମାନ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଛାତ୍ରୀମାନଙ୍କୁ କମ୍ପ୍ୟୁଟର ଓ ସିଲେଇ ଶିକ୍ଷା ଦିଆଯାଉଥିବା ଦେଖି ଖୁସି ପ୍ରକଟ କରିଥିଲେ । ଏହାପରେ ହିର୍ଲି ଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ । ଛାତ୍ରୀମାନଙ୍କ ସହ ଭାବ ବିନିମୟ କରି ଉତ୍ତମ ନାଗରିକ ହେବା ସହିତ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ । ହଷ୍ଟେଲର ସ୍ୱଚ୍ଛ ପରିବେଶ ଦେଖି ଖୁସି ବ୍ୟକ୍ତ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ମହାଲିକ, ଶ୍ରୀକାନ୍ତ ଜାନୀ, ସୁପ୍ରିୟା ନାୟକ ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ, ବାଳିକା ସଂଯୋଜିକା ମମତା ପରିଚ୍ଛା, ପ୍ରିନ୍ସିପାଲ ଆଦର୍ଶ ବିଦ୍ୟାଳୟ ରାଜେନ୍ଦ୍ର ମହାପାତ୍ର ପ୍ରଧାଶିକ୍ଷୟିତ୍ରୀ ଗୀତା ଦି ଦି ଉପସ୍ଥିତ ଥିଲେ । ଏହାପରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

## • ବାର୍ଷିକ ଉତ୍ସବ

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

ନବରଙ୍ଗପୁର, ୧୮।୪(ସମିସ): ନବରଙ୍ଗପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସୃଜନ' ଆୟୋଜିତ ହୋଇଯାଇଛି । ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ନୀତିର ଗୁରୁତ୍ୱ ଉପରେ ଆଲୋକପାତ କରି କରିଥିଲେ । ଏହି ଅବସରରେ ସମ୍ମାନୀୟ ଅତିଥି



କମାଣ୍ଡାଣ୍ଟ ଏନ୍‌କେକେ ପ୍ରସାଦ ଛାତ୍ରଛାତ୍ରୀମାନଙ୍କୁ ଚରିତ୍ର ଗଠନ, ନୈତିକତା ଓ ଶିଷ୍ଟାଚାରର ମହତ୍ତ୍ୱ ବିଷୟରେ ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ଓ ବିଦ୍ୟାଳୟର ଭିଏମ୍‌ସି ନୋମିନି ଅଧ୍ୟକ୍ଷ ତଥା ନବରଙ୍ଗପୁର ଉଜିଲ୍ଲାପାଳ ପ୍ରକାଶ ମିଶ୍ର କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କର ଦେଶବ୍ୟାପୀ ପ୍ରଭାବ ବିଷୟରେ କହିଥିଲେ । ସେ କହିଥିଲେ ଯେ, ଏହି ବିଦ୍ୟାଳୟ ଦେଶର ଅନେକ ଶିକ୍ଷାନୁଷ୍ଠାନ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶକୁ ସର୍ବପ୍ରଥମେ ଗୁରୁତ୍ୱ ଦେଇଥାନ୍ତି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ହିତେଶ କୁମାର ବର୍ମା ସଭାକୁ ସମ୍ବୋଧନ କରି ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ସହ ପାଠ୍ୟକ୍ରମ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ 'ସୃଜନ' ଥିମ୍ ଉପରେ ଆଧାରିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ସୁନାବେଡ଼ା, ୧୮।୪(ସମିସ): ସୁନାବେଡ଼ା -୧ ସ୍ଥିତ ସରକାରୀ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୫- ୨୦୨୬ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ଝାନସୀ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକୁ ପ୍ରଥମ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷା ନିରିକ୍ଷକ କୋରାପୁଟ, ଅଜୟ କୁମାର ମିଶ୍ର ଯୋଗ ଦେଇ ପାଠ ପଢ଼ା ସହିତ ପିତା ମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡ଼ବ୍ଲ୍ୟୁଇଓ, ସେମିଳିଗୁଡା, ହରପ୍ରସାଦ ଦାସ, ଏଡିଡବ୍ଲ୍ୟୁଓ କୋରାପୁଟ, ଅର୍ଜୁନ ନାୟକ, ରାଣୀଗଡ଼ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ପ୍ରହରାଜ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ସୁନାବେଡ଼ା ସେବାଶ୍ରମର ପ୍ରଧାନ ଶିକ୍ଷୟତ୍ରୀ ଅମ୍ବିକା ରାଉତ, କ୍ରୀଡା ଶିକ୍ଷକ ସଂଗ୍ରାମ କେଶରୀ ରାଉତ ଯୋଗ ଦେଇଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷା ରଶ୍ମୀ କିରଣ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଅରୁଣ ପାଙ୍କୁଲପିଡ଼ିଆ, ଦ୍ୱାଦଶ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦିବ୍ୟା ଭାରତି ହାଲବା, ବିଦ୍ୟାଳୟର ଶ୍ରେଷ୍ଠ କୀଡାବିତ୍ ଦିପାକ ସାଡ଼ାପାଲି, ଅଞ୍ଜୁ ଖରାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମନବୋଧ ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଶାଳିନୀ ଡୁଙ୍ଗ ଡୁଙ୍ଗ, ଗଣିତ ଅଧ୍ୟାପକ ଅଚ୍ୟୁତା ନନ୍ଦ ସ୍ୱାଇଁ, ରସାୟନ ବିଜ୍ଞାନ ଅଧ୍ୟାପକ ତୁଷାର କାନ୍ତ ଭୁଜବଳ, ପଦାର୍ଥ ବିଜ୍ଞାନ ଦେବୀ ପ୍ରସାଦ ରଣା, ବିଦ୍ୟାଳୟ ସହକର୍ମୀ ଚଞ୍ଚଳା କୁମାରୀ ଦଳପତି, ଜଲି ହିଆଲ, ଲକ୍ଷ୍ମୀ ମାଝୀ, ସାନ୍ଧୁ ମରଜା ଉପସ୍ଥିତ ରହି ସହଯୋଗ କରିଥିଲେ । ଅଧ୍ୟକ୍ଷା ରଶ୍ମୀ କିରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକ ହଜାରରୁ ଊର୍ଦ୍ଧ୍ୱ ଶବ ସତ୍କାର କରି ଚର୍ଚ୍ଚାରେ ସାହେବ



ପାପଡ଼ାହାଣ୍ଡି, ୧୮।୪(ସମିସ): କଥାରେ ଅଛି କେହି ନାହାନ୍ତି ଯାହାର, ଭଗବାନ ଅଛନ୍ତି ତାହାର । ଆଉ ଏ ଯୁଗରେ ମଣିଷ ରୂପରେ ବି ଜଣେ ଜଣେ ଭଗବାନ ସାଜି ସାହା ହୁଅନ୍ତି । ଠିକ୍ ଏମିତି ଜଣେ ବଡ ହୃଦୟବାନ ଯୁବକଙ୍କ କାହାଣୀ ଯିଏ କି ବର୍ତମାନ ଚର୍ଚ୍ଚାରେ ଅଛନ୍ତି । ଏକାକୀ ହଜାରରୁ ଅଧିକ ଶବର ଅନ୍ତିମ ସଂସ୍କାର କରି ଚର୍ଚ୍ଚାରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ନିବାସୀ ସାହେବ ନାୟକ । ପାପଡ଼ାହାଣ୍ଡି ନିବାସୀ ରାମ ଚନ୍ଦ୍ର ନାୟକଙ୍କ ପୁଅ ସାହେବ ନାୟକଙ୍କ ବୟସ ୪୦ ବର୍ଷ । କିନ୍ତୁ ପେସାରେ ସେ ଜଣେ ଧୋବା । ସେ ପାପଡ଼ାହାଣ୍ଡିଠାରେ ଏକ ଲଣ୍ଡ୍ରି ଦୋକାନ କରି ଗୁଜୁରାଣ ମେଣ୍ଟାଇବା ସହ ଶ୍ମଶାନରେ ମୃତ ବ୍ୟକ୍ତିଙ୍କ ଶବ ସତ୍କାର କରିବା ତାଙ୍କ ନିଶା । ସେ ପାପଡ଼ାହାଣ୍ଡି ଗ୍ରାମର ଦୁଇଗୋଟି ଶ୍ମଶାନରେ ଯେତେବେଳେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟେ ସେତେବେଳେ ସାହେବଙ୍କୁ ଖୋଜାଯାଇଥାଏ । ସେହିପରି କୌଣସି ଅପରିଚିତ ବା ଅଜଣା ଶବ ପରିଚୟ ଖୋଜୁଥିବା ଶବର ସତ୍କାର କରିବାକୁ ମଧ୍ୟ ଆଗେଇ ଆସିଥାନ୍ତି ସାହେବ । ଦୁର୍ଘଟଣାରେ ହେଉ କି, ହତ୍ୟା, ପରିଚୟ ପାଉନଥିବା ଶବର ସାଥୀ ବନିଯାଆନ୍ତି ସାହେବ । ହିନ୍ଦୁ ରୀତିନୀତିରେ ଅନ୍ତିମ ସତ୍କାର କରନ୍ତି, ମଣିଷ ପଣିଆର ବଡ ଉଦାହରଣ ଦେଖାନ୍ତି । ସାହେବ କହିବା ମୁତାବକ, କରୋନା ମହାମାରୀ ସମୟରେ ପ୍ରତିଦିନ ଲୋକଙ୍କ ମୃତ୍ୟୁ ହେଉଥିଲା । ସଂକ୍ରମଣ ସନ୍ଦେହରେ ନିଜର ଲୋକ ବି ଶବକୁ ଛୁଇଁବାକୁ ଆସୁନଥିଲେ । ତାହାକୁ ଦେଖି ତାଙ୍କ ଆଖିରେ ଲୁହ ଆସିଯାଉଥିଲା, ଆଉ ସେବେଠୁ ଯେକୌଣସି ଅପରିଚିତ ଅଜଣା ଶବର ସତ୍କାର ପାଇଁ ଯେତେବେଳେ ଦରକାର ପଡ଼ିବ ସେ ସବୁପ୍ରକାର ସହଯୋଗ କରିବାକୁ ନିଷ୍ପତି ନେଇଥିଲେ । ଆଜିପର୍ଯ୍ୟନ୍ତ ୧୦୦୦ରୁ ଊର୍ଦ୍ଧ୍ୱ ଶବ ସତ୍କାର କରିସାରିଲେଣି । ନିଜେ ଗୋଟିଏ ଛୋଟ ଭାଡ଼ିରେ ଲୁଗା ଆଇରନ (ଲଣ୍ଡ୍ରି) କରି ଦୁଇ ପଇସା ପାଇ ନିଜ ପରିବାର ଗୁଜୁରାଣ ମେଣ୍ଟାଉ ଥିବା ସାହେବ ଙ୍କୁ ସରକାର ତରଫରୁ ଯଦି କିଛି ପ୍ରୋତ୍ସାହନ ମିଳେ, ସେ ଉପକୃତ ହୋଇଥାନ୍ତେ ବୋଲି କହିଛନ୍ତି । ସେହି ଲୋନଡ୍ରି ଦୋକାନ ମଧ୍ୟ ଗୋଟିଏ ଛୋଟ ଭାଡିରେ ଭଡ଼ାରେ କରନ୍ତି । ନିଜର ବୋଲି ସେମିତି କିଛି ନାହିଁ ଷ୍ଟୋଲ ଟିଏ ମଧ୍ୟ ନାହିଁ । ପ୍ରଶାସନ ଯଦି ଏଭଳି ସମାଜସେବୀଙ୍କୁ ଷ୍ଟଲ ଖଣ୍ଡେ ଯୋଗାଇ ଦିଅନ୍ତେ ତାହା ହେଲେ ସେ ଉପକୃତ ହୋଇପାରିଥାନ୍ତେ । ପାଖାପାଖି ହଜାରରୁ ଅଧିକ ଅଜଣା ଶବର ସସ୍କାର କରିଥିବା ସାହେବ ନାୟକ ଏବେ ଚର୍ଚ୍ଚାରେ ଥିବାବେଳେ, ବିଭିନ୍ନ ସଂସ୍ଥା ତରଫରୁ ତାଙ୍କର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରାଯାଇଛି ।

## ୩ ପୁଲିସ ଥାନାର ତ୍ରିକୋଣୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

# ଜୟପୁର ସଦରଥାନା ପୁଲିସ ଚାମ୍ପିଅନ୍

ଜୟପୁର, ୧୮ ।୪(ସମିସ)



କୋରାପୁଟ ଜିଲ୍ଲା ଜୟପୁର ଦଶହରା ପଡ଼ିଆ ଠାରେ ୩ଟି ଥାନାକୁ ନେଇ ବନ୍ଧୁତ୍ୱପୂର୍ଣ୍ଣ ଦିନିକିଆ ତ୍ରିକୋଣୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜୟପୁର ସଦରଥାନା, ଟାଉନଥାନା ଏବଂ ବୈପାରୀଗୁଡା ଥାନାକୁ ନେଇ ଅନୁଷ୍ଠିତ ଏହି ମ୍ୟାଚରେ ସଦରଥାନା ଦଳ ଚାମ୍ପିଅନ ହୋଇ ଜିଲ୍ଲା ଏସ୍‌ପିଙ୍କ ଠାରୁ ଟ୍ରଫି ଗ୍ରହଣ କରିଛନ୍ତି । ଜିଲ୍ଲା ଏସ୍‌ପି ରୋହିତ ବର୍ମା ସଦରଥାନା ଓ ବୈପାରୀଗୁଡା ଥାନା ପକ୍ଷରୁ ଏବଂ ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଟାଉନଥାନା ପକ୍ଷରୁ ଖେଳାଳି ଭାବେ କ୍ରିକେଟ ମ୍ୟାଚ ଖେଳିଥିଲେ । ଉଦ୍‌ଘାଟନ ମ୍ୟାଚରେ ବୈପାରିଗୁଡ଼ା ଥାନା ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୦ ଓଭରରେ ୪ଟି ୱିକେଟ ହରାଇ ୬୨ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଜୟପୁର ଟାଉନ ଦଳ ୫ ୱିକେଟ ହରାଇ ୬୩ ରନ ସଂଗ୍ରହ ବିଜୟୀ ହୋଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ବୈପାରିଗୁଡ଼ା ପ୍ରଥମ ବ୍ୟାଟିଂ କରିବା ସହିତ ୫ ୱିକେଟ ହରାଇ ୬୭ ରନ ସଂଗ୍ରହ କରିଥିଲେ । ଜୟପୁର ସଦରଥାନା ଦଳ ମାତ୍ର ୭.୫ ଓଭରରେ ୫ଟି ୱିକେଟ ହରାଇ ୬୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ଅନ୍ତିମ ଫାଇନାଲ ମ୍ୟାଚରେ ଜୟପୁର ସଦର ଦଳ ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୯ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା । ଟାଉନ ଥାନା ଦଳ ୧୦ ଓଭରରେ ୭ ୱିକେଟ ହରାଇ ମାତ୍ର ୬୪ ରନ ସଂଗ୍ରହ କରିବା ସହିତ ପରାଜିତ ହୋଇଥିଲେ । ଫଳରେ ଜୟପୁର ସଦର ପୁଲିସ ଥାନା ଦଳ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ଏବଂ ଟାଉନଥାନା ଦଳ ଉପବିଜେତା ଭାବେ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଏସପି ଶ୍ରୀ ବର୍ମା କହିଛନ୍ତି, କାର୍ଯ୍ୟବ୍ୟସ୍ତତା ଯୋଗୁଁ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଗ୍ରୀଷ୍ମ ଋତୁରେ ଶାରିରୀକ ସୁସ୍ଥତା ଯାଞ୍ଚ ସହ ମାନସିକ ସ୍ତରରେ ମଧ୍ୟ ସୁସ୍ଥ ଏବଂ ଦଳଗତ ଭାବନା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ପି ଅଭିଷେକ ପାଣିଗ୍ରାହୀ, ପ୍ରୋବେସନାରୀ ଆଇପିଏସ ତଥା ଭାରପ୍ରାପ୍ତ ସଦରଥାନା ଅଧିକାରୀ ରମାଶାଦ କେ.ଭି, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଅତିରିକ୍ତ ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ବୈପାରିଗୁଡ଼ା ଥାନା ଅଧିକାରୀ ଡମ୍ବୁରୁଧର ବତ୍ରିଆ. ଥାନାର ଏସ୍‌ଆଇ, ଏଏସଆଇ ଓ କନଷ୍ଟେବଳ ପ୍ରମୁଖ ଖେଳାଳି ଭାବେ ଯୋଗଦେଇଥିଲେ ।

● ପିଚୁ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗ

## ପୁନଃ ନିର୍ମାଣ ହେଲା ରାସ୍ତା

କାଲିମେଳା, ୧୮।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ପୁସୁଗୁଡା ପଞ୍ଚାୟତ ଅନ୍ତର୍ଗତ ଏମ. ପି.ଭି-୫୫ ଛକରୁ ମାଲାଭରମ୍ ପଞ୍ଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧. ୮ କିମି ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ଆଣିଥିଲେ ଅଞ୍ଚଳବାସୀ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡି ଉଠି ଯାଉଥିଲା। ରାସ୍ତାରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଥିଲା।



'ସକାଳ' ପ୍ରଭାବ

ସୂଚନା ମୁତାବକ, ଏମ୍‌ପିଭି-୫୫, ଏମ୍‌ଭି-୧୨୮, ଏମ୍‌ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭରମକୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ ସମାପ୍ତ ହୋଇଥିବା ସତ୍ତ୍ୱେ ଏହାର ଗୁଣମାନ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ। ଏନେଇ ଗତ ୧୧ ତାରିଖରେ ସକାଳ ଖବର କାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ଏକ ଯାଞ୍ଚ ଟିମ ସେଠାକୁ ପହଞ୍ଚି ତଦାରଖ କରିବା ସହ ରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ପୁନଃ ପିଚୁ ଚିପ୍ସ ପକାଇ ରାସ୍ତା ଗୁଣବତ୍ତା ସହ ରାସ୍ତା ନିର୍ମାଣ କାମ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଏହା ଦେଖି ଅଞ୍ଚଳବାସୀ ବେଶ୍ ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ କିପରି ଏହା ଏକ ଭଲ ରାସ୍ତା ହୋଇପାରିବ ସେ ଦିଗରେ ପ୍ରଶାସନକୁ ଧ୍ୟାନ ଦେବାକୁ ଅନୁରୋଧ କରିବା ସହ ସକାଳ ଖବର କାଗଜକୁ କୃତଜ୍ଞତା ଜଣାଇଛନ୍ତି।

## ଅଜଣା ଗାଡି ଧକ୍କାରେ ସାଇକଲ ଆରୋହୀ ମୃତ

ଉମରକୋଟ, ୧୮।୪(ସମିସ): ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉମରକୋଟ ଥାନା ୟୁଭି-୧୩ ଗାଁର ଅଜିତ ମଣ୍ଡଳ (୫୫)। ଏନେଇ ମୃତକଙ୍କ ପୁଅ କେନା ମଣ୍ଡଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସଆଇ ସଞ୍ଜୟ ମଣ୍ଡଳ କହିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ, ଆଜି ଭୋର ସାଢେ ୫ଟାରେ ଅଜିତ୍ ସାଇକେଲ ଯୋଗେ ଟେଲର କାମ ପାଇଁ ବିରିଶାଡି ଗାଁକୁ ଯାଉଥିଲେ। ସେହି ସମୟରେ ଏକ ଅଜଣା ଗାଡି ବିପରୀତ ଦିଗରୁ ଆସି ଅଜିତଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣାରେ ଅଜିତ ରାସ୍ତା ଉପରେ ପଡ଼ି ଅଚେତ ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଅଜିତଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

## ୬୩ ଲିଟର ଦେଶୀ ମଦ ଜବତ; ୪ ଗିରଫ

ଜୟପୁର, ୧୮ ।୪(ସମିସ): ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା, ଜିଲ୍ଲା ଫ୍ଲାଇଙ୍ଗ ସ୍କାର୍ଡର ମିଳିତ ଆନୁକୂଲ୍ୟରେ ଜୟପୁର ସଦର ଓ ଟାଉନଥାନା ଅଞ୍ଚଳର ଦୁଇଟି ଗ୍ରାମ ଉପରେ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା



ସମୁଦାୟ ୬୩ ଲିଟର ଦେଶୀ ମଦ ଜବତ କରାଯିବା ସହିତ ଏହି ମାମଲାରେ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜୟପୁର ସଦରଥାନା ଦଣ୍ଡେସନା ଗ୍ରାମ ଉପରେ ଚଢ଼ଉ କରାଯାଇ ବେଆଇନ ଦେଶୀ ମଦ ବିକ୍ରେତା ମଦନ ମୁଦୁଲୀ (୫୪), ସୁକ୍ରୁ ମାଝି (୨୮)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ଠାରୁ ସମୁଦାୟ ୩୧ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ସେହିପରି ସଦରଥାନାର ମଜୁରୀଆଗୁଡା ଗ୍ରାମ ଉପରେ ଚଢ଼ଉ କରାଯାଇ ସୁବର୍ଣ୍ଣା ଜାନୀ (୪୫) ଏବଂ ମାଧବ ଜାନୀ (୩୯)ଙ୍କ ଗିରଫ କରିବା ସହ ସେମାନଙ୍କ ନିକଟରୁ ସମୁଦାୟ ୩୨ ଲିଟର ଜବତ କରାଯାଇଛି। ସମସ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶୋରି ହୀରନ ପ୍ରକାଶ କରିଛନ୍ତି।

## ମହୁଲ ପୋଚ, ଦେଶୀ ରନ୍ଧାମଦ ଜବତ; ୨ ଗିରଫ

ରାୟଗଡ଼, ୧୮।୪(ସମିସ): ରାୟଗଡ଼ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଏକଜ୍ଯୁଟିଭ୍ ମାଜିଷ୍ଟ୍ରେଟ ଜନ ବଡଭୂୟାଁ, ଡେପୁଟି କଲେକ୍ଟର ଗୁଣପୁର ଓ ଗୁଡାରୀ ଥାନାର ସହାୟତାରେ ଉପ ଅବକାରୀ ଅଧୀକ୍ଷକ ସଞ୍ଜିତ କୁମାର ବାର୍ଲା, ଗୁଣପୁର ଅବକାରୀ ନିରୀକ୍ଷକ ଇନ୍ସପେକ୍ଟର ବେଣୁଧର ସାମଲ, ଗୁଡାରୀ ଉପନିରୀକ୍ଷକ ବସନ୍ତ କୁମାର



ବିଶି, ଗୁଣପୁର ଉପନିରୀକ୍ଷକ ପି.ଭିସେଶ୍ୱର ରାଓ ଓ ବିଷମକଟକ ନିରୀକ୍ଷକ ଛବିରାଜ ତାଣ୍ଡିଙ୍କ ସହ ଗୁଣପୁର ଅବକାରୀ ରେଞ୍ଜର ସମସ୍ତ ଅବକାରୀ କର୍ମଚାରୀ ଦଳବଳେ ସୁନାରପାଲ୍ଲୀ, ବସନ୍ତ ନଗର, କେଲୁଗୁଡା ଓ ଅନ୍ତରଝୋଲି ଗ୍ରାମରେ ଅତର୍କିତ ଭାବରେ ଚଢ଼ଉ କରିଥିଲେ। ଏହି ଚଢାଉ ବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେହିଭଳି ମଦ ରନ୍ଧା ସ୍ଥାନମାନଙ୍କରୁ ମୋଟ ୩ ହଜାର କେଜି ମହୁଲ ପୋଚ ଓ ୧ ହଜାର ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଥିଲା। ଏହି ଚଢ଼ଉରେ ପୃଥକ ପୃଥକ ଭାବେ ୬ଗୋଟି ଅବକାରୀ ମାମଲା ରୁଜୁ କରାଯାଇଛି। ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ରହିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ କହିଛନ୍ତି।

ହୋଟେଲରେ ପୋଡା ଇଞ୍ଜିନ ତେଲ ଜାଳି ରୋଷେଇ

# ବିଷାକ୍ତ ଧୂଆଁରେ ବିପଜ୍ଜନକ ହେଉଛି ପରିବେଶ

କାଲିମେଳା, ୧୮।୪(ସମିସ)



ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା କିଙ୍ଗସ୍ ହୋଟେଲରେ ଖରାପ ଇଞ୍ଜିନ ତେଲ ଜାଳି ରୋଷେଇ କରୁଥିବା ଜଣାପଡ଼ିଛି। ଖରାପ ଇଞ୍ଜିନ ତେଲ ବ୍ୟବହାର କରି ରୋଷେଇ କରିବା ପରିବେଶ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବା ବେଳେ ଉକ୍ତ ହୋଟେଲ ମାଲିକ ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଥିବା ଦେଖିବାକୁ ମିଳିଛି। ଖରାପ ଇଞ୍ଜିନ ତେଲ ଜଳିଲେ କର୍କଟ ସୃଷ୍ଟିକାରୀ ପଦାର୍ଥ ଏବଂ କ୍ଷତିକାରକ ଧୂଆଁ ବାହାରିଥାଏ। ଏହି ଧୂଆଁ ରୋଷେଇ ଘରର ପରିବେଶକୁ ବିଷାକ୍ତ କରିବା ସହ ଖାଦ୍ୟରେ ମିଶି ପେଟ ରୋଗ, ଶ୍ୱାସଜନିତ ସମସ୍ୟା, ଏବଂ ଦୀର୍ଘମିଆଦୀ ରୋଗର କାରଣ ହୋଇଥାଏ। କିନ୍ତୁ ହୋଟେଲ ମାଲିକ ଜଣଙ୍କ ଏସବୁ ଖାତିର ନ କରି କିଛି ଲାଭବାନ ହେବା ଆଶାରେ ଲୋକଙ୍କ ଜୀବନକୁ ବିପଦକୁ ଠେଲିଦେଉଥିବା ଜଣାପଡ଼ିଛି। ଏହି ତେଲକୁ ଖାଦ୍ୟ ତିଆରିରେ ବ୍ୟବହାର କରିବା ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ ଅପରାଧ ହୋଇଥିବା ବେଳେ ଉକ୍ତ ତେଲରୁ ବାହାରୁଥିବା ଧୂଆଁ ତୀବ୍ର ବିଷାକ୍ତ ଏବଂ ଦୁର୍ଗନ୍ଧଯୁକ୍ତ ହୋଇଥିବାରୁ ଆଖ ପାଖ ପରିବେଶକୁ ପ୍ରଦୂଷିତ କରିବା ସହ ଖାଦ୍ୟର

**କ୍ୟାନ୍‌ସର, ଶ୍ୱାସଜନିତ ସମସ୍ୟା, ଚର୍ମ ରୋଗ ଆଶଙ୍କା**

ଗୁଣବତ୍ତା ଉପରେ ପ୍ରଭାବ ପକାଉଛି। ଏହାସହ ଉକ୍ତ ହୋଟେଲରେ ଅତ୍ୟନ୍ତ ଅପରିଷ୍କାର ପରିବେଶ ଏବଂ ଆବର୍ଜନା ଭିତରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ରଙ୍ଗ ମିଶାଯାଉଥିବା ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏଭଳି ହୋଟେଲ ଗୁଡ଼ିକ ଉପରେ କଡା ନଜର ରଖିବା ସହ ଉଚିତ ଜରିମାନା ଆଦାୟ କରିବା ପାଇଁ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଏନେଇ ହୋଟେଲ ମାଲିକ ଇନ୍ଦ୍ରଜିତ୍ ସରକାରଙ୍କୁ ପଚାରିବାରୁ, ବର୍ତ୍ତମାନ ଏଲପିଜି ଗ୍ୟାସ୍ ସଙ୍କଟ ଯୋଗୁଁ ଉକ୍ତ ତେଲ ବ୍ୟବହାର କରି ରୋଷେଇ କରୁଥିବା କହିଛନ୍ତି। ଏ ସମ୍ପର୍କରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦିଆଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ବିଷୟ ଉପରେ କୌଣସି ଧାରଣା ନାହିଁ ବୋଲି କହିବା ସହ ଏନେଇ ସେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି।

## ଶ୍ମଶାନ ଜମିରେ ଆବଶ୍ୟକ ବ୍ୟବସ୍ଥା ପାଇଁ ରେଲି ସମାଜର ଦାବିପତ୍ର



ଜୟପୁର, ୧୮ ।୪(ସମିସ): ଜୟପୁର ସହରର ପୁରାତନ ସମ୍ପ୍ରଦାୟ ରେଲି ସମାଜ ପକ୍ଷରୁ ସେମାନଙ୍କ ଶ୍ମଶାସନରେ ଆବଶ୍ୟକୀୟ ବ୍ୟବସ୍ଥା କରିବା ଦାବି ନେଇ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟନଗରୁ-ହାନ୍ନାଗୁଡାକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ସରକାରୀ ଜମି ରହିଛି। ଉକ୍ତ ଜମିକୁ ରେଲି ସମାଜ ପକ୍ଷରୁ ସ୍ମଶାନ ଭାବେ ବ୍ୟବହାର କରାଯାଇ ସମାଜର ମୃତକମାନଙ୍କ ଶବକୁ ସମ୍ପ୍ରଦାୟର ନିୟମ ଅନୁଯାୟୀ ପୋତା ଯାଉଛି। ତେଣୁ ଉକ୍ତ ସରକାରୀ ଜମିକୁ ସମ୍ପ୍ରଦାୟକୁ ପ୍ରଦାନ କରାଯାଇ ପାଚେରୀ ନିର୍ମାଣ, ନଳକୂପ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏନେଇ ସମ୍ପ୍ରଦାୟର ବି. ରମେଶ, ଏ. ରମେଶ, ବି. ଚାଣ୍ଡି, ଡି.ଶ୍ରୀନୁ, ବାଙ୍ଗାରୀ ଶ୍ରୀନୁ ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରେଲି ସମାଜର ନିଜସ୍ୱ ଶ୍ମଶାନ ନଥିବା ଯୋଗୁଁ ଉକ୍ତ ସରକାରୀ ଜମିକୁ ଶ୍ମଶାନ ଭାବେ ବ୍ୟବହାର କରୁଛନ୍ତି। କିନ୍ତୁ ବର୍ତ୍ତମାନ ଉକ୍ତ ସରକାରୀ ଜମି ନିକଟରେ ଜନବସତି ସୃଷ୍ଟି ହୋଇଥିବା ଯୋଗୁଁ ଏପରି ସହର ମଧ୍ୟଭାଗ ତଥା ଜନବସତି ଅଞ୍ଚଳରେ ନୂତନ ଭାବେ ଶ୍ମଶାନ ଜମି ଭାବେ ପଟ୍ଟା ପ୍ରଦାନ କରିବା ନେଇ ପ୍ରଶାସନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେଣୁ ରେଲି ସମାଜକୁ ଜନବସତି ଠାରୁ ଦୂରରେ କୌଣସି ସରକାରୀ ଜମି ପ୍ରଦାନ କରିବାକୁ ସମାଜ ପକ୍ଷରୁ ଦାବି କରାଯାଇଛି।

## ନନ୍ଦପୁର ଏସ୍‌ଡିପିଓ ସମ୍ମାନିତ

ନନ୍ଦପୁର, ୧୮।୪(ସମିସ): ନୂତନ ଆଇନ ପ୍ରୟୋଗ ପରର ରିପୋର୍ଟ କାର୍ଡ ଆଧାରରେ ରାଜ୍ୟର ସମ୍ମାନିତ ହୋଇଥିବା ୬୮ ଜଣ ପୁଲିସ ଅଧିକାରୀଙ୍କ ମଧ୍ୟରେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ରହିଛନ୍ତି। କଟକ ମୁଖ୍ୟ ପୁଲିସ୍ କାର୍ଯ୍ୟାଳୟ ଠାରେ ଆର୍‌କେ ପାଢ଼ି ମେମୋରିଆଲ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ଏସଡିପିଓ ଶ୍ରୀ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଛି। ଏହାକୁ ନେଇ ନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଖୁସିର ମାହଲ ଦେଖିବାକୁ ମିଳିଛି। ନନ୍ଦପୁର ଉପଖଣ୍ଡ ପୁଲିସ୍ ପାଇଁ ଗୌରବ ବୋଲି



କହିଛନ୍ତି ଅଞ୍ଚଳବାସୀ। ସେପଟେ ରାଜ୍ୟ ପୁଲିସ୍ ପକ୍ଷରୁ ଏସଡିପିଓ ଶ୍ରୀ ମଲ୍ଲିକ ସମ୍ମାନିତ ହେବା ପରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ନନ୍ଦପୁରବାସୀ।

## ପଞ୍ଚାୟତ ସମିତି ବୈଠକ



କାଲିମେଳା, ୧୮।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଭାଗୃହରେ ଦଶମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚାସିନ ଅତିଥି ଭାବେ କାଲିମେଳା ବିଧାୟକ ପ୍ରତିନିଧି ହରବିଲାସ ମଣ୍ଡଳ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ସିଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, କାଲିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡ଼କାମୀ, କାଲିମେଳା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଅର୍ପଣା ମଣ୍ଡଳ, କାଲିମେଳା ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମୀ ଓ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ଭତ୍ତା, ପଶୁ ପାଳନ, ମୁଖମନ୍ତ୍ରୀ ବସ ସେବା ଏବଂ ବ୍ଲକରେ ବିଭିନ୍ନ ସମସ୍ୟା, ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ୨୩ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକକୁ ବ୍ଲକର ଜିପିଡିଓ ଜଗନ୍ନାଥ ମଣ୍ଡଳ ଓ ପିଇଓ ଡିଏନ ନାୟକ ପରିଚାଳନା କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳଙ୍କ ସମୀକ୍ଷା

## ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ

ମାଲକାନଗିରି, ୧୮ ।୪(ସମିସ): ମାଲକାନଗିରି ଜିଲ୍ଲାର ପ୍ରତିଟି ନାଗରିକଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଏବଂ ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ତୃଣମୂଳସ୍ତରରେ



ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସରକାରଙ୍କ ପ୍ରମୁଖ ଜନହିତକର ଯୋଜନା ଯଥା-ଆୟୁଷ୍ମାନ ଭାରତ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସଫଳ ରୂପାୟନ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ପାଇଁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଏବଂ ଅଭିନବ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପ୍ଲାନକୁ କେବଳ କାଗଜପତ୍ରରେ ସୀମିତ ନ ରଖି ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଟୀକାକରଣ ଅଭିଯାନର ଅଗ୍ରଗତି ଏବଂ ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ସହ ତ୍ୱରିତ ସେବା ଯୋଗାଇ ଦେବାକୁ ଉପସ୍ଥିତ ଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଡୋଳାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡ. ମୌସୁମୀ ମିଶ୍ର ବୈଠକର ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ଜିଲ୍ଲାପାଳଙ୍କ ଏକଲବ୍ୟ ବିଦ୍ୟାଳୟ ପରିଦର୍ଶନ

ମାଲକାନଗିରି, ୧୮ ।୪(ସମିସ): ମାଲକାନଗିରି ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳିବ ଉଚ୍ଚକୋଟୀର ଶିକ୍ଷା ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗ, ଶିକ୍ଷାର ମାନ ବୃଦ୍ଧି ଏବଂ ଭିତ୍ତିଭୂମିର କାୟାକଳ୍ପ ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ସେଠାକାର ଶିକ୍ଷାଦାନ ପଦ୍ଧତି ଓ ବିଦ୍ୟାଳୟର ସାମଗ୍ରିକ ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ରୂପାନ୍ତରଣ ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ତଥା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ନିଜ ପରିଦର୍ଶନ ସମୟରେ



ବିଦ୍ୟାଳୟର ପ୍ରତିଟି ବିଭାଗକୁ ବୁଲି ଦେଖିବା ସହ ପିଲାମାନେ କିଭଳି ପାରମ୍ପରିକ ପଦ୍ଧତିରୁ ଊର୍ଦ୍ଧ୍ୱ ଯାଇ ଆଧୁନିକ ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ପାଠପଢ଼ାର ମାନକୁ କିଭଳି ଜାତୀୟସ୍ତରର ବିଦ୍ୟାଳୟ ସହ ସମାନ କରାଯାଇପାରିବ, ସେ ନେଇ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ଶିକ୍ଷକମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଆବାସିକ ସୁବିଧା, ପାନୀୟ ଜଳ, ପରିମଳ ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ପାଇଁ ସେ ପ୍ରକଳ୍ପ ପ୍ରଶାସକଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା କାଳରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଦ୍ୟାଳୟର ସମ୍ପ୍ରସାରଣ ଓ ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପିଲାମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳର ଏହି ଶିକ୍ଷାନୁଷ୍ଠାନକୁ ଜିଲ୍ଲାର ଏକ ମଡେଲ ସ୍କୁଲ ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରକାର ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଟାଙ୍ଗିଣିଗୁଡ଼ାରେ ଜଳ ସଙ୍କଟ

# ନଳକୂଅରୁ ବାହାରୁଛି ଗୋଳିଆ ପାଣି

ପୋଡ଼ାଗଡ଼, ୧୮ ।୪(ସମିସ)

କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ଟାଙ୍ଗିଣିଗୁଡା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମରେ ୬୫ ପରିବାର ରହୁଛନ୍ତି। ୪୦ ବର୍ଷ ତଳେ ୪ଟି ନଳକୂପ ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ନଳକୂଅରୁ ୨ ହାଣ୍ଡି ପାଣି ବାହାରୁଛି। ଯାହାକି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏପରିକି ନଳକୂଅରୁ ଗୋଳିଆ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସହ ଗୋଟିଏ ବୋତଲରେ ଗୋଳିଆ



ସମାଧାନ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ପାଣି ଆଣି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଦେଖାଇଛନ୍ତି। ଉକ୍ତ ଗ୍ରାମରେ ପାଣିର ଅଭାବ ରହିଥିବାରୁ ଗ୍ରାମବାସୀମାନେ ୨ କିମି ଦୂରରେ ଥିବା ଝରଣାରୁ ପାଣି ଆଣି ବ୍ୟବହାର କରୁଥିବା ବୁଦ୍ରା ହନ୍ତାଳ କହିଛନ୍ତି। ନଳକୂଅ ମରାମତି ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି। ଯେଉଁ ଯେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ରହୁଛି ତାହାକୁ ବ୍ଲକସ୍ତରରେ କାହିଁକି ସମାଧାନ କରାଯାଉ ନାହିଁ। ବ୍ଲକସ୍ତରରେ ସମାଧାନ କରାଯାଉ ନ ଥିବାରୁ ଖରା ଦିନରେ ଲୋକମାନେ ବିଶେଷ କରି ମହିଳାମାନେ ଛୋଟ ଛୋଟ ପିଲାମାନଙ୍କୁ ଧରି କୋରାପୁଟ ଆସି ଜିଲ୍ଲାପାଳଙ୍କୁ ଭେଟିବା ଯୁକ୍ତିଯୁକ୍ତ କି ବୋଲି ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ତେଣୁ ବ୍ଲକସ୍ତରରେ ରହିଥିବା ସମସ୍ୟା ଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ସମସ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ପାଇକ ଫୁଲ ବେଢ଼ା ସରପଞ୍ଚ ମହେଶ୍ୱର ଗାଦବା କହିଛନ୍ତି, ଅନେକବାର ବ୍ଲକର କନିଷ୍ଠ ଯନ୍ତ୍ରୀ ଙ୍କୁ କହିଲେ ମଧ୍ୟ ସେ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି।

## ଜଳବାୟୁ ପରିବର୍ତ୍ତନ ଉପରେ ବ୍ଲକ୍‌ସ୍ତରୀୟ କର୍ମଶାଳା



ରାୟଗଡ଼ା, ୧୮।୪(ସମିସ): ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ନିମନ୍ତେ ଗ୍ରାମ ପଞ୍ଚାୟତ ସ୍ତରରେ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତି ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦଭାବନା ଗୃହରେ ଆୟୋଜିତ ଏହି କର୍ମଶାଳାକୁ ବିଡିଓ ସୁଜିତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ତ୍ରିବିକ୍ରମ ରଥ, ଏବିଡିଓ କାଳୁଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଏହି ତାଲିମ ପ୍ରଦାନ କରିଥିଲେ। ଜଙ୍ଗଲ ବିଭାଗ, ମହିଳା ଓ ଶିଶୁ ବିକାଶ, ନିର୍ବାଚିତ ପ୍ରତିନିଧି, ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ। ବିକଶିତ ଜୀବନଧାରା ନାମରେ ମନୁଷ୍ୟ ଜୀବନଯାପନ ପ୍ରଣାଳୀ, ଖାଦ୍ୟପେୟ, ଚାଲି ଚଳଣ, ପରିବେଶ ଆଦିରେ ଅନେକ ଭୁଲ କରିଚାଲିଛି ଯାହାର କୁପ୍ରଭାବରେ ପରିବେଶ ଅସନ୍ତୁଳିତ ହେବାସହ ଜଳବାୟୁ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଉଛି। ଆଜି ଏକ ଦିର୍ଘସ୍ଥାୟୀ ଗ୍ରାମୀଣ ବିକାଶ କ୍ଷେତ୍ରରେ ଚିନ୍ତାର ଆବଶ୍ୟକତା ରହିଛି। ବିକାଶ ଧାରା ଏପରି ହେବା ଉଚିତ ଯାହା ସନ୍ତୁଳିତ କିନ୍ତୁ ପରିବେଶର ପରିପନ୍ଥୀ ହେବନାହିଁ, ବରଂ ଦୀର୍ଘ ସମୟଧରି ପରିବେଶକୁ ସୁରକ୍ଷିତ ରଖି, ମାନବ ସମାଜକୁ ଏକ ବିରାଟ ଧ୍ୱଂସରୁ ରକ୍ଷା କରିବା ସହ ସମାଜକୁ ବିକାଶରଧାରାରେ ଉନ୍ନତରୁ ଉନ୍ନତତର ଦିଗକୁ ଆଗେଇନେବାରେ ସହାୟକହେବ। ଏହି ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଗ୍ରାମ ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଞ୍ଚଳର ବିଭିନ୍ନ ବିଭାଗୀୟ ବାର୍ଷିକ ଯୋଜନା ଓ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମୟରେ ବିଭାଗୀୟ ଅଧିକାରୀ ଜନସାଧାରଣଙ୍କୁ ସଚେତନ କରିବାସହ ପରିବେଶ ଓ ଜଳବାୟୁ ଅନୁକୂଳ ପଦକ୍ଷେପମାନ ଅନ୍ତର୍ଭୁକ୍ତ କରିବା ଏହାର ଉଦ୍ଦେଶ୍ୟ ବୋଲି ବିଡିଓ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ମା' ବାଲୁଙ୍କେଶ୍ୱରୀଙ୍କ ପୀଠରେ ଭାଗବତ ପାରାୟଣ

ପଟ୍ଟାମୁଣ୍ଡାଇ,୧୮।୪(ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନ ବାଲିପଡ଼ା ଗ୍ରାମର ଗ୍ରାମଦେବତୀ ମା' ବରାଳ ବାଲୁଙ୍କେଶ୍ୱରୀଙ୍କ ପୀଠରେ ୯୪ତମ ଶ୍ରୀମଦ୍ ଭାଗବତ ପାରାୟଣ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବେ ପଣ୍ଡିତ ବିଭୂତି ମୋହନ ପଣ୍ଡା, କୃପାସିନ୍ଧୁ ଦାଶ, ପ୍ରଶାନ୍ତ ମହାପାତ୍ର, ଗୋଲେଖ ବେହେରା ପ୍ରମୁଖ ଭାଗବତ କଥାବସ୍ତୁକୁ ନେଇ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଏ ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ବିଧାୟକ ଧ୍ରୁବ ସାହୁ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମା' ବାଲୁଙ୍କେଶ୍ୱରୀ ମନ୍ଦିର ପରିଚାଳନା କମିଟି ସଭାପତି ଥାନପତି ରବୀନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ରଞ୍ଜନ ସାହୁ, ସଞ୍ଜୟ ତ୍ରିପାଠୀ, ତ୍ରୈଲୋକ୍ୟ ଦାସ, ମନୋରଞ୍ଜନ ସାହୁ, କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ସିବିଏସଇ ପରୀକ୍ଷାରେ ଅର୍ଚ୍ଚିତା ସଫଳ



ରାଜନଗର,୧୮।୪(ସମିସ): ରାଜନଗର ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀ ଅର୍ଚ୍ଚିତା ରାଉତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଦଶମ ପରୀକ୍ଷାରେ ୯୪ ପ୍ରତିଶତ ନମ୍ବର ରଖି ହାଇସ୍କୁଲର ସୁନାମ ଆଣିଛନ୍ତି। ଅର୍ଚ୍ଚିତା ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବାରେ ନିଜକୁ ସମର୍ପଣ କରିବାକୁ ଆଶା ରଖିଛନ୍ତି। ଏହି ସଫଳତା ପଛରେ ମାଆ ଜାନକୀ ସ୍ୱାଇଁ, ପିତା ଅନନ୍ତ ନାରାୟଣ ରାଉତ, ଜେଜେ ମହେଶ୍ୱର ରାଉତ, ଜେଜେମା ଶୁଭାସିନୀ ରାଉତଙ୍କ ପ୍ରେରଣା ଓ ସ୍କୁଲର ଗୁରୁଜୀ ଗୁରୁମାଙ୍କ ଆଶୀର୍ବାଦ ଥିବା ଛାତ୍ରୀ ଅର୍ଚ୍ଚିତା ପ୍ରକାଶ କରଛନ୍ତି।

## ସିବିଏସଇ ଦଶମ ପରୀକ୍ଷାରେ ଜାଭିୟର ହାଇସ୍କୁଲର ସଫଳତା

ପଟ୍ଟାମୁଣ୍ଡାଇ,୧୮।୪(ସମିସ): କେନ୍ଦ୍ରୀୟ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକ ବନ୍ତୋ ଜାଭିୟର ହାଇସ୍କୁଲ ଛାତ୍ରଛାତ୍ରୀ ଶତପ୍ରତିଶତ



ସଫଳତା ହାସଲ କରିଛନ୍ତି। ବିଭୂତି ଭୂଷଣ ନାଥ ୯୨ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଥିବାବେଳେ ନିଶିକାନ୍ତ ସାହୁ ୭୬ ପ୍ରତିଶତ, ସନ୍ଦୀପ ନାଥ ୭୫ ପ୍ରତିଶତ, ସିମରନ ପାଗଳ ୭୧ ପ୍ରତିଶତ ଓ ବିମଳ ବେହେରା ୭୦ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ରଛାତ୍ରୀ ସେମାନଙ୍କ ସଫଳତା ପାଇଁ ପିତାମାତା, ସ୍କୁଲ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଦାଶ ଓ ପରିଚାଳକ ବ୍ରଜକିଶୋର ପାଗଳଙ୍କୁ ଶ୍ରେୟ ଦେଇଛନ୍ତି। ବିଭୂତି ଭୂଷଣ ତାଙ୍କ ସଫଳତା ପାଇଁ ପିତା ବିଜୟ ନାଥ, ମାତା ମମତାମୟୀଙ୍କ ସମେତ ସ୍କୁଲ ଅଧ୍ୟକ୍ଷା ଓ ପରିଚାଳକଙ୍କୁ ଶ୍ରେୟ ଦେଇଛନ୍ତି। ସେଣ୍ଟ ଜାଭିୟର ହାଇସ୍କୁଲର ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମାଳିପୁରରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ପଟ୍ଟାମୁଣ୍ଡାଇ,୧୮।୪(ସମିସ): ଶାସନ ପଞ୍ଚାୟତ ମାଳିପୁର ଗ୍ରାମର ଜ୍ୟୋତି ପ୍ରକାଶ ମଲିକଙ୍କ ଘରେ ଆଜି ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସହାୟତା ପାଇଁ ଦାବି ହେଉଛି।

## ସିକୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜକନିକା,୧୮।୪(ସମିସ): ସିକୋସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ବାସନ୍ତୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରାଜକନିକା ବିଇଓ ରତିକାନ୍ତ ସେନାପତି, ମୁଖ୍ୟବକ୍ତା ସମାଜସେବୀ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗଙ୍ଗାଧର ବେହେରା, ସମିତି ସଭ୍ୟ ଅମିତ ନାୟକ, ସିଆରସିସି ପ୍ରଫୁଲ୍ଲ ଶତପଥୀ, ସମ୍ପାଦକ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କୋମଳମତି ଶିଶୁଙ୍କ ଶୃଙ୍ଖଳିତ ଶିକ୍ଷାଦାନ ଓ ବୌଦ୍ଧିକ ଅଭିବୃଦ୍ଧି ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟା ରୀତାଞ୍ଜଳି ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ପରିଚାଳନା ସମିତି ସଦସ୍ୟ ସନ୍ତୋଷ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଇନଜୀବୀ ପ୍ରଭାତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୮।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟର ଯୁବ ଆଇନଜୀବୀ ସ୍ୱର୍ଗତ ପ୍ରଭାତ ରଞ୍ଜନ ଦାସଙ୍କ ଷୋଡଶ କର୍ମଦିବସ ଅବସରରେ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡସାହିସ୍ଥ ତାଙ୍କ ବାସଭବନରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଅତିଥିମାନେ ତାଙ୍କର ଅକାଳ ବିୟୋଗକୁ ଗଭୀର ଶୋକର ସହିତ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ନିରଞ୍ଜନ ଗୋଚ୍ଛାୟତ, ଦୁର୍ଯ୍ୟୋଧନ ସାହୁ, ବିଜେପି



କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସରୋଜ ସାହୁ, ସରପଞ୍ଚ ପ୍ରତିନିଧି ଶୁଦ୍ଧଦେବ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ରବି ମହାନ୍ତି, ସମ୍ପାଦକ ନିହାର ମହାପାତ୍ର, କୋଷାଧ୍ୟକ୍ଷ ରାଜୀବ ପାତ୍ର, ମହେଶ୍ୱର ବେହେରା, ବିଚିତ୍ରାନନ୍ଦ ବେହେରା, ଚକ୍ରଧର ରାଉତ, ନେହେରୁ ସାହୁ, ବିଭୂତି ଭୂଷଣ କର, ବିନୋଦ ବେହେରା, ଜ୍ୟୋତିର୍ମୟୀ ସ୍ୱାଇଁ, ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ ଓ ଅମରେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀଧର ବେହେରା, ମାର୍ଶାଘାଇ କଲେଜ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ନଳିନୀକାନ୍ତ ପଣ୍ଡା, ରଶ୍ମିରଞ୍ଜନ ବେଉରା, ସଂଗ୍ରାମ ବେଉରା, ଜିତେନ୍ଦ୍ର ଲେଙ୍କା, ଆଦିତ୍ୟ ପଟ୍ଟନାୟକ, ପ୍ରାକ୍ତନ ସମ୍ପାଦକ ସୁବ୍ରତ ପ୍ରଧାନ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ପାଟକୁରାରେ ରାଜନୈତିକ ଚର୍ଚ୍ଚା

# ନବୀନ ଏବେ ବି ଲୋକପ୍ରିୟ, ଭୁଶୁଡୁଛି ବିଜୟଙ୍କ ସଂଗଠନ

ଭୁବନେଶ୍ୱର, ୧୮।୪(ସମିସ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଟକୁରାରେ ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି। ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶାଳ ସମାବେଶରେ ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଯୋଗଦାନ କୁ ନେଇ ଏବେ ପାଟକୁରାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଉପସ୍ଥିତିରେ ପାଟକୁରାରେ କୁହାଯାଉଥିବା ଟାଣୁଆ ନେତା ବିଜୟ ମହାପାତ୍ର ଓ ତାଙ୍କର ନବନିର୍ବାଚିତ ବିଧାୟକ ପୁତ୍ର ଅରବିନ୍ଦ ମହାପାତ୍ରଙ୍କ ସଂଗଠନକୁ କିପରି ଭାଙ୍ଗି ଦିଆଯାଇପାରିବ, ସେନେଇ ବି ସବୁ ବ୍ୟବସ୍ଥା ହୋଇଥିଲା। କାରଣ ଏହି ଅବସରରେ ବିଜୟଙ୍କ ଟାଣୁଆ ବା ଡାହାଣ ହାତ କୁହାଯାଉଥିବା ତଥା ପୂର୍ବତନ ବିଜେପି ସଭାପତି ଅମୀୟ ପରିଜା, ବିଜୟଙ୍କ ସମୟରେ ଏକଦା ଥିବା ଅନୁଗତ ତଥା ଘନିଷ୍ଠ କୁହାଯାଉଥିବା ଗରଦପୁର ବ୍ଲକ ଉପାଧ୍ୟକ୍ଷ ଥିବା ପ୍ରଫୁଲ୍ଲ ସିଂ ଓ ତେଣ୍ଡାକୁଡ଼ା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି, ପଦ୍ମପୁରର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି, ବିଜୟଙ୍କ ରାଜନୈତିକ ଜୀବନରେ ଆଦ୍ୟରୁ ଥିବା ଅତ୍ୟନ୍ତ ବିଶ୍ୱସ୍ତ ପ୍ରତାପ ପାଣି, ଭୂନାଥ ମହାନ୍ତି, ନୃସିଂହ ସାମଲ ଓ ଗୋପାଳ ସାହୁ ପ୍ରମୁଖ ବିଜୟ ଓ ଅରବିନ୍ଦଙ୍କୁ ଛାଡ଼ି ବିଜେଡିରେ ମିଶିବା ଏବେ ପାଟକୁରାରେ ସବୁଠି ଆଲୋଚନା ବିଷୟ ସହିତ ସମସ୍ତେ ଚକିତ ହୋଇଛନ୍ତି।

ଏତିକି ନୁହେଁ ରାଜା ବହୁଦିନ କାଳ ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲଙ୍କ ସାରଥୀ ହୋଇଥିବା ହେତୁ ତାଙ୍କୁ ପାଣିପାଗ ଦେଖି ଗୋଟି ଚଳାଇବା ବେଶ୍ ଜଣା ବୋଲି ସମସ୍ତେ ଜାଣନ୍ତି। ସେଥିପାଇଁ ସେ ଗତ ପଞ୍ଚାୟତ ନିର୍ବାଚନରେ ବିଜୟଙ୍କୁ ମୋହରା କରି ନିଜ ଅନୁଗତ ତଥା ପଦ୍ମପୁର ସମିତି ସଭ୍ୟ ଅଭୟ ମହାରାଜଙ୍କୁ ଗରଦପୁର ବ୍ଲକ ଅଧ୍ୟକ୍ଷ କରିବାରେ ସଫଳ ହୋଇଥିଲେ। ଏବେ ଅଭୟ ବିଜୟଙ୍କ ଶିବିରରେ ଥିଲେ ମଧ୍ୟ ମନ କଲିକତା ଦେହ ଓଡ଼ିଶା ଭଳି ରାଜାଙ୍କ ନିର୍ଦ୍ଦେଶକୁ ଚାତକ ପରି ଚାହିଁ ରହିଛନ୍ତି। ଏହାଛଡା କଂଗ୍ରେସ ଓ ବିଜେପିର କିଛି ଟାଣୁଆ କର୍ମୀ ମଧ୍ୟ ନିଜ ନିଜ ଦଳ ଛାଡ଼ି ବିଜେଡିରେ ତିରୋଧାନ ଦିବସରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଭରସା କରି ସାମିଲ ହେବା ନେଇ କଂଗ୍ରେସ ଓ ବିଜେପି ଶିବିରରେ ମଧ୍ୟ ଛନକା ପଶିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହାଛଡ଼ା ପୂର୍ବ ବିଜେଡି ସରକାରରେ ମହିଳାମାନେ କିପରି ପାଟକୁରାରେ ସ୍ୱାଭିମାନ ସହିତ ରାଜନୀତି କରିବେ, ସେନେଇ ଯଥେଷ୍ଟ ସଚେତନ ଥିବା ବିଜେଡି ତିରୋଧାନ ଦିବସରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆଣି ସଭାସ୍ଥଳରେ ଏକଜୁଟ କରାଇବାରେ ମଧ୍ୟ ସଫଳ ହୋଇଥିଲା।

ଅପରପକ୍ଷରେ ଭୁବନେଶ୍ୱରରେ ନାଗରିକ ମଞ୍ଚ ଦ୍ୱାରା ତଥା ଆବାହକ ବିଜୟ ମହାପାତ୍ରଙ୍କ ଆବାହାକତ୍ୱରେ ତିରୋଧାନ ଦିବସ ପାଳିତ ହୋଇଥିଲେ ହେଁ ବିଜୟ ବା ଅରବିନ୍ଦଙ୍କ କେତେକ ଛାମୁଆଁ କର୍ମୀ ଭୁବନେଶ୍ୱର ନ ଯିବା ନେଇ ଦେଖିବାକୁ ମିଳିଥିଲା। କାରଣ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡି ନିଜ ଚିହ୍ନରେ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ବିଜୟ ବା ଅରବିନ୍ଦଙ୍କ ସମର୍ଥକ କେଉଁ ଚିହ୍ନରେ ଲଢ଼ିବେ, ସେନେଇ ଆଶାୟୀ ଥିବା କର୍ମୀ ବା ନେତା ମୁହଁ ଲୁଚା ଦେଇ ଭୁବନେଶ୍ୱର ଯାଇନାହାନ୍ତି କି ତାଙ୍କର ଅନୁଗାମୀଙ୍କୁ ପଠାଇ ନ ଥିବା କୁହାକୁହି ହେଉଛନ୍ତି। କେବଳ ସେତିକି ନୁହେଁ; ତିରୋଧାନ ଦିବସ କିପରି ସୁରୁଖୁରୁରେ ପାଳିତ ଓ ସଫଳ ହେବ, ସେନେଇ ବିଜେଡିର ସମସ୍ତ ଗୋଷ୍ଠୀ ନିଜ ନିଜ ଭିତରେ ଥିବା ମନୋମାଳିନ୍ୟ ଭୁଲି ଏକାଠି ହୋଇଥିବାରୁ ସେମାନଙ୍କ ଆଗରେ ବିଧାୟକଙ୍କ ସମର୍ଥକ ଏବେ କ'ଣ କରିବେ, ସେନେଇ ବି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ବିଜୟ ମହାପାତ୍ରଙ୍କ ପୁତ୍ର ଅରବିନ୍ଦ ବିଜେଡି ଟିକେଟ ପାଇଥିଲେ ବି ତଳକୁସମାସ୍ଥ ରେଣୁକା ମଣ୍ଡପରେ ରାଜାଙ୍କ ଅନୁଗତ ତଥା ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ ଓ ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁ ଅରବିନ୍ଦ ବିଜେଡି ଟିକେଟ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ତେବେ ଶୀର୍ଷ ନେତୃତ୍ୱ ଅରବିନ୍ଦଙ୍କୁ ଟିକଟ ଦେଇଥିବାରୁ ମିଳିମିଶି ଅରବିନ୍ଦଙ୍କୁ ଜିତାଇବା ପାଇଁ ରାଜା ଅନୁରୋଧ କରିବା ପରେ ଅରବିନ୍ଦ ମହାପାତ୍ର ଅନ୍ୟୂନ ୧୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅରବିନ୍ଦ ନିର୍ବାଚନ ଜିତିବାପରେ ତାଙ୍କର ନିଜ ଲୋକଙ୍କୁ ଠିକାଦାରି ଦେବା, ପୂର୍ବ ବିଜେଡି ସରକାରରେ କାମ ପାଇଥିବା ବିଜେଡି କର୍ମୀଙ୍କ କାମ ବାତିଲ କରିବା ଓ ନିଜ କର୍ମୀଙ୍କୁ କାମ ଦେବା ସହ ଇଂଜିନିୟରିଂ ବିଭାଗରୁ ଚାନ୍ଦା ନେବା ନେଇ ବହୁ ଦିନରୁ ବିଜେଡିରେ ଥିବା କର୍ମୀ ଅସହାୟ ହୋଇଥିଲେ। ତେବେ ଏହି ଖବର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖରେ ପହଞ୍ଚାଇବା ଓ ତାଙ୍କୁ ନିଲମ୍ବନ କରିବା ପରେ ମୂଳ ବିଜେଡି କର୍ମୀଙ୍କ ମନୋବଳ ବଢିବା ସହ ପୁନର୍ବାର ବିଜେଡିକୁ ଫେରିବା ଓ ରାଜାଙ୍କ ନେତୃତ୍ୱକୁ ବି ଗ୍ରହଣ କରି ନେଇଛନ୍ତି। ଖାଲି ସେତିକି ନୁହେଁ; ଗରଦପୁର ବ୍ଲକର କେତେକ ପୂର୍ବତନ ଅଧ୍ୟକ୍ଷ ପୂର୍ବତନ ସରପଞ୍ଚଙ୍କ ସମେତ ଡେରାବିଶ ଓ ମାର୍ଶାଘାଇ ବ୍ଲକ୍‌ର ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦାନ ନେଇ ଶୁଣିବାକୁ ମିଳୁଛି। ଏହାପରେ ବି ଗତ କିଛି ମାସ ତଳେ ଏବେକାର ପାଟକୁରା ନିର୍ବାଚନମଣ୍ଡଳୀର କିଛି ସମିତି ସଭ୍ୟ ଓ ସରପଞ୍ଚ ଓଳାଶୁଣି ଗୁମ୍ଫାଠାରେ ଗୁପ୍ତରେ ବୈଠକ କରିଥିବା ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ତେବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବନ ହେବା ପରେ ବିଜେଡି ସୁପ୍ରିମୋ ପାଟକୁରାକୁ ନୂଆ ନେତା ଦେବେ ବୋଲି କହିଥିଲେ। ପଞ୍ଚାୟତ ନିର୍ବାଚନ ଆଉ କିଛି ମାସ ରହିଥିବାବେଳେ ପାଟକୁରାରେ ବିଜେଡି ନେତା ଶୂନ୍ୟ ହେବା ନେଇ ବି ସାଧାରଣ ଲୋକଙ୍କ ମନରେ ବି ଭ୍ରାନ୍ତି ରହିଛି। ବିଜେଡି ସୁପ୍ରିମୋ କାହାକୁ ପାଟକୁରା ଦାୟିତ୍ୱ ଦେବେ, ସେନେଇ ବିଭିନ୍ନ ନେତାଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ପାଟକୁରା ଏବେ ବି ନବୀନଙ୍କ ଉପରେ ଭରସା ରଖିଛି ଓ ନବୀନ ପାଟକୁରାରେ ଗଡ଼ ସମ୍ଭାଳିବା ପାଇଁ କାହାକୁ ଆଗକୁ ଛାଡୁଛନ୍ତି, ତା'ଉପରେ ସମସ୍ତଙ୍କର ନଜର ରହିଛି।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଡେରାବିଶ, ୧୮।୪(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଭାରତୀ ସାଥୀ ସମାଜ ପରିସରରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜୟ ଭାରତୀ ସାଥୀ ସମାଜ ଓ ଡେରାବିଶ ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ଡେରାବିଶ ବ୍ଲକର ମଙ୍ଗଳପୁର, ବେଣିପୁର, ମୁକୁନ୍ଦପୁର ପଞ୍ଚାୟତର ୫ଟି ଗାଁର ୫୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଜୟ ମହାନ୍ତି ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଙ୍କିମ ମିତ୍ର, ବାନାମ୍ବର ସାହୁ ଓ ଶ୍ରୀମତୀ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଭୂକମ୍ପ, ସୁନାମୀ ଓ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି। ଶିବିର ଆସନ୍ତା ୨୨ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜିକା ମନୋରମା ରାଉତ ପରିଚାଳନା କରୁଛନ୍ତି।

## ପଟ୍ଟାମୁଣ୍ଡାଇ ମହିଳା କଲେଜ ରାଜନୀତି ବିଜ୍ଞାନ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୧୮।୪(ସମିସ): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ "ଇଣ୍ଡିଆସ ଏନର୍ଜି ସିକ୍ୟୁରିଟି ଆଣ୍ଡ ଡିପ୍ଲୋମାଟିକ ଷ୍ଟ୍ରାଷ୍ଟେଜି ଇନ ଦ ଇରାନ କ୍ରାଏସିସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ପ୍ରାକ୍ତନ ମୁଖ୍ୟ ଅଧ୍ୟାପିକା ଭାରତୀ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ସୁଶାନ୍ତ ପରିଡ଼ା ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ମାର୍ଶାଘାଇ କଲେଜ ଅଧ୍ୟାପିକା ଡକ୍ଟର ଅନୁରାଧା ଦାସ ଯୋଗଦେଇ ଛାତ୍ରୀଙ୍କୁ ଇଣ୍ଡିଆସ ଏନର୍ଜି ସିକ୍ୟୁରିଟି ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନର ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ରମେଶ ସେଠୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସରିତାରାଣୀ ଦାସ, ଜ୍ୟୋତିର୍ମୟୀ ଦାଶ ଓ କର୍ମଚାରୀ ନିର୍ମଳକ୍ରିଷ୍ଣା ସେଠୀ, ଆଶାଲତା ଦାସ ଓ ଛାତ୍ରୀ ରୁପାଲି, ବର୍ଷା ପ୍ରିୟାଦର୍ଶନୀ, ସ୍ମୃତିରାଣୀ, ହରପ୍ରିୟା, କାଜଲ, ଅନୁସୟା, ସୋନାଲି, ସ୍ୱାଗତିକା, ନିବେଦିତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ଅପହରଣକାରୀ ଗିରଫ

ରାଜନଗର,୧୮।୪(ସମିସ): ରାଜନଗର ଥାନା ଅନ୍ତର୍ଗତ କେରଡ଼ଗଡ଼ ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ସହଦେବ ବେହେରା ସେହି ଗ୍ରାମର ନାବାଳିକାକୁ ୨୦୨୧ ଡିସେମ୍ବର ୧୧ ତାରିଖରେ ଅପହରଣ କରି ନେଇଥିଲେ। ଏ ନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ରାଜନଗର ଥାନାରେ ୫୦୩/୨୧ରେ ମାମଲା ରୁଜୁ ହୋଇଥିଲା। ଗତକାଲି ରାତିରେ ରାଜନଗର ଥାନା ଇନ୍ସପେକ୍ଟର ନରେଶ ସାହୁଙ୍କ ନେତୃତ୍ୱରେ ଏକ ସର୍ଚ୍ଚ ଟିମ ପାଟ୍ରୋଲିଂ ମାଧ୍ୟମରେ ସହଦେବକୁ ଗିରଫ କରିଥିଲେ। ଏ ନେଇ ରାଜନଗର ଥାନାରେ ପକ୍‌ସୋ ଆଇନ ଅନୁସାରେ ମାମଲା ରୁଜୁ ହୋଇଥିବା ଆଇଆଇସି ଶ୍ରୀ ସାହୁ କହିଛନ୍ତି।

## ଜିଲ୍ଲାପାଳଙ୍କ ବିବି ମଡେଲ ହାଇସ୍କୁଲ ପରିଦର୍ଶନ

ଡେରାବିଶ, ୧୮।୪(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲିସ୍ଥ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲକୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନରେ ଆସିଥିଲେ।



ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ, ଶିକ୍ଷକ ଆଲୋକ ଜେନା, ବିଶ୍ୱଜିତ ଦାଶ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ନିମନ୍ତେ ନୂତନ ଭାବେ ନିର୍ମିତ ବିଦ୍ୟୋଦୟା ଭବନକୁ ଉଦ୍‌ଘାଟନ କରିଥିଲେ। ଏହି ଭବନରେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷିତ ହେବା ସହ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ନିମନ୍ତେ ଗଣିତ, ବିଜ୍ଞାନ, ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ସମ୍ପର୍କିତ କିଟ୍ ଦେଖିଥିଲେ। ପରେ କିଟ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷାଦାନ କରାଯିବ, ସେ ସମ୍ପର୍କରେ ବୁଝିଥିଲେ ଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ବିଦ୍ୟାଳୟରେ ଶିକ୍ଷା ସମ୍ପର୍କୀୟ ସରକାରୀ ଯୋଜନା ଉଚିତ୍ ମାର୍ଗରେ ପରିଚାଳନା ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ମଳୟ ରଥ ପରିଚାଳନାରେ ସହଯୋଗ କରିଥିଲେ।

## ଗୋବିନ୍ଦପୁର-ମାନପୁର ରାସ୍ତା ଶୋଚନୀୟ

ଗୋବିନ୍ଦପୁର,୧୮।୪(ସମିସ): ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ଗୋବିନ୍ଦପୁର-ମାନପୁର୍ ଆରଡି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଯାହାକି ଧୋୟାଞ୍ଚଳର ୧୦ ପଞ୍ଚାୟତବାସୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଦାବି ହୋଇଆସୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଏହି ରାସ୍ତା କେନ୍ଦ୍ରାପଡା ତୁଳସୀ କ୍ଷେତ୍ରରୁ ଯାଜପୁର ବିରଜା କ୍ଷେତ୍ରକୁ ସଂଯୋଗୀକାରଣ ରାସ୍ତା। ବ୍ଲକ, ତହସିଲ, କୋର୍ଟ ଓ ଜିଲ୍ଲା ସଦର ମହକୁମାକୁ ଯିବାକୁ ଏକମାତ୍ର ରାସ୍ତା। ଏବେ ବିଭାଗୀୟ ଅଧିକାରୀ ରାସ୍ତା କାର୍ଯ୍ୟ କରିବାକୁ ଚାହୁଁଥିବାବେଳେ ରାଜନୈତିକ ବ୍ୟକ୍ତିଙ୍କ ଟାଳଟୁଳ ନୀତି ଯୋଗୁଁ ରାସ୍ତା କାମ ଆଗେଇ ପାରୁ ନ



ଥିବା ଅଭିଯୋଗ ହେଉଛି। ରାସ୍ତା କାମ ତ୍ୱରାନିତ ନ ହେଲେ ଧୋୟାଞ୍ଚଳର ୧୦ଟି ପଞ୍ଚାୟତର ଜନସାଧାରଣ ଓ ଜନପ୍ରତିନିଧି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗୋ-ସମ୍ମାନ ଆହ୍ୱାନ ଅଭିଯାନ



ରାଜନଗର,୧୮।୪(ସମିସ): ସମଗ୍ର ଦେଶରେ ଗୋହତ୍ୟା ସମ୍ପୂର୍ଣ୍ଣ ସମାପ୍ତ କରିବା ଓ ଗୋମାତାଙ୍କୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ନିମନ୍ତେ ୨୭ ତାରିଖ ଗୋ-ସମ୍ମାନ ଦିବସ ପାଇଁ ବୈଠକ କରାଯାଇଛି। କେରଡାଗଡ଼ ପଞ୍ଚାୟତର ବାୟାବାବା ମଠରେ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଭାପତି ସାରଦାପ୍ରସାଦ ରାଉତଙ୍କ ସଂଯୋଜନାରେ ବହୁ ସାଧୁସନ୍ଥଙ୍କ ସହ ଭୁବନେଶ୍ୱରରୁ ଗୋରକ୍ଷକ ମୁଖ୍ୟ ସଂଗଠକ ଦେବାଶିଷ ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଦାସ, ଆଲୋକ ବେହେରା, ଶୁଭକାନ୍ତ ରାଉତ, ବିକାଶ ଖଣ୍ଡେଇ, ବିଶ୍ୱଜିତ ବାରିକ, ନିନା ଦାଶ, ବେବିନା ପ୍ରଧାନ, ସୁଭଦ୍ରା ରାଉତ, କବିତା ପ୍ରଧାନ, ପ୍ରଭାତୀ ପ୍ରଧାନ, ଅମର ରାଉତ, ଶୁଭଶ୍ରୀ ରାଉତ, ସବିତା ସାହୁ, ସିଳା ରାଉତ, କର୍ଣ୍ଣ ଚରଣ ପ୍ରଧାନ, ରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ଭୂଇଁ, ଶିବାନନ୍ଦ ରାଉତ, ସୁରେଶ ସାହୁ, ଭଗବାନ ରାଉତ, ଦେବେନ୍ଦ୍ର ସୂତାର, ଶିବରାମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର

# ବିରୋଧ ପରେ ରାତିରେ ପୋଲର କଂକ୍ରିଟ ଭାଙ୍ଗିଲେ ଠିକାଦାର

ରାଜକନିକା,୧୮।୪(ସମିସ)

ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତିରେ ପୋଲର କଂକ୍ରିଟ କାମ ହେଉଛି। ତାହା ପୁଣି ଅଳ୍ପ ସିମେଣ୍ଟରେ। ଯାହାକୁ ହାତରେ ମଧ୍ୟ ଛଡ଼େଇ ହେଉଛି। ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ମୂଳ ଠିକାଦାର ନ କରି ସ୍ଥାନୀୟ ଜଣେ ପେଟି ଠିକାଦାରକୁ ନିର୍ମାଣ ଦାୟିତ୍ୱ ଦେଇଥିବାରୁ ସେ ପ୍ରଭାବ ପକାଇ କାମ ନିମ୍ନମାନର କରିବା ଜାରି ରଖିଛନ୍ତି। ସ୍ଥିତି ଏମିତି ହୋଇଛି ଯେ ଯେଉଁମାନେ କାମର ମାନ ନେଇ କିଛି ପ୍ରଶ୍ନ କରୁଛନ୍ତି, ସମ୍ପୃକ୍ତ ପେଟି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ ଜ୍ଞାତସାରରେ ଅଧିକ ନିମ୍ନମାନର କରିବା ନାମ ଗୋପନ ରଖି ଜଣେ ସରପଞ୍ଚ କହିଛନ୍ତି। ତେବେ ଏ କାମକୁ ବିରୋଧ କରାଯିବାରୁ ରାତିରେ ପୋଲର କଂକ୍ରିଟକୁ ଠିକାଦାର ଭାଙ୍ଗି ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ାଙ୍କ ଅଧୀନରେ ଥିବା ରାଜକନିକା ଉପଖଣ୍ଡ ଅଧୀନ ଖୁଲାରୀଠାରୁ ଗାରଡ଼ପୁର ଯାଏ ୫ କିମି ରାସ୍ତା ନିର୍ମାଣ ପାଇଁ ୬ କୋଟି ୯୭ ଲକ୍ଷ ୩ ହଜାର ୧୬୪ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଚୁକ୍ତି ମୁତାବକ ଏହି ୫ କିମି ରାସ୍ତାରେ ୨ କିମି ୯୫୩ ମିଟର ପିଚୁ ହେବା ସହ ୨ କିମି ୦୬୫ ମିଟର ଢଳେଇ ରାସ୍ତା କରାଯିବାକୁ ଥିବାବେଳେ ଉଭୟ ପିଚୁ ଓ ଢଳେଇରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଛି। ଏହି ୫ କିମି ରାସ୍ତାରେ ୧୧ଟି କଲଭର୍ଟ ଥିବାବେଳେ ସେଥିରୁ ବିଶ୍ୱନାଥପୁର, ଗାରଡ଼ପୁରଠାରେ ଛାତ



ପୋଲ କରାଯାଉଛି। ଏହି କାମ ପାଇଁ ଦିଲ୍ଲୀପ ସାମଲ ନାମକ ନିର୍ମାଣକାରୀ ସଂସ୍ଥା ଭାବେ କାମ କରୁଥିବା ଚୁକ୍ତି ହୋଇଥିବାବେଳେ କାମ ୨୦୨୪ ମାର୍ଚ୍ଚ ୧୫ରେ ଆରମ୍ଭ ହୋଇ ୨୦୨୪ ଡିସେମ୍ବର ୧୪ ତାରିଖରେ ଶେଷ ହେବାକୁ ଚୁକ୍ତି ହୋଇଥିଲା। ୨୦୨୬ରେ କାମ ଅଧା ମଧ୍ୟ ହୋଇନାହିଁ। ସବୁଠୁ ବଡ଼ କଥା ହେଉଛି କି ଯେଉଁ ମାନର ଯେଉଁ ଭଳି ଭାବେ ପୋଲ କାମ ହେଉଛି, ତାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। କଂକ୍ରିଟ କାମରେ ଅଳ୍ପ ପରିମାଣର ସିମେଣ୍ଟ ଦେବା ପରେ ସେସବୁ କଂକ୍ରିଟରେ କ୍ୟୁରିଙ୍ଗ ପାଇଁ ଆଦୌ ପାଣି ଦିଆଯାଉନାହିଁ। ଗାରଡ଼ପୁର ଗାଁ ନିକଟରେ ଏହି ପୋଲର ଢଳେଇ ରାତିରେ ହୋଇଥିବାବେଳେ ଏହାର ଗାର୍ଡୱାଲ ମଧ୍ୟ ବଙ୍କା ହୋଇଛି। ଢଳେଇକୁ ହାତରେ ଟାଣିଲେ ଝରି ପଡୁଥିବା ଦେଖି ଆଜି ଗାଁ ଲୋକେ ଏହାର ବିରୋଧ କରିଛନ୍ତି। ବିରୋଧ ପରେ ରାଜକନିକା ଉପଖଣ୍ଡର ଯନ୍ତ୍ରୀ ଆଜି ସକାଳେ ଯାଇ ଏହା ନିଜେ ଦେଖିବା ପରେ ନିଜ ଆଡୁ ଏହା ଖରାପ କାମ ହୋଇଥିବା କହି କାମ କରୁଥିବା ପେଟି ଠିକାଦାରଙ୍କୁ ନିମ୍ନମାନର କାମ ଭାଙ୍ଗି ଆଉ ଥରେ କରିବାକୁ କହିବା କାମର ମାନକୁ ପଦାରେ ପକାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅନୁଦାନରେ ଗମନାଗମନକୁ ସୁଦୃଢ଼ କରିବାକୁ ଉପଯୁକ୍ତ ଅର୍ଥ ଓ ବୈଷୟିକ ଡିଜାଇନ ଅନୁମୋଦନ କରି ଅର୍ଥ ମଞ୍ଜୁର ପରେ ବିଭାଗୀୟ ଯନ୍ତ୍ରୀ ଓ କାମ କରୁଥିବା ଠିକାଦାରଙ୍କ ମିଳିଭଗତରେ ରାସ୍ତା ନିମ୍ନମାନର ହେଉଥିବା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେଇ ନିମ୍ନମାନର କାମ କରୁଥିବା ସଂସ୍ଥା ଓ ଯନ୍ତ୍ରୀଙ୍କ ବିରୁଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଅଟୋ ଚଳାଉଥିବା ବେଳେ ଚାଳକ ମୃତ

ନାଉଗାଁ,୧୮।୪(ସମିସ): ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡାଲୋ ବଜାର ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନାନୁଯାୟୀ ନାଉଗାଁ ପଟୁ ଦେବୀଦୋଳ ଆଡ଼କୁ ଆସୁଥିବା ଏକ ଅଟୋ ଅଚାନକ ଆଲାଣାହାଟ ଉଚ୍ଚ ବିଦ୍ୟାଳୟର ବାଡ଼ ମଧ୍ୟକୁ ପଶିଯାଇଥିଲା। ତେବେ ସେଠାରେ ଥିବା ସ୍ଥାନୀୟ ଲୋକମାନେ ସେଠାକୁ ଯିବାରୁ ଅଟୋ ଚାଳକ ଜଣକ ଅଟୋ ଭିତରେ ବେହୋସ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଡାକିବା ସହିତ ନାଉଗାଁ ଥାନାକୁ ଖବର ଦେଇଥିଲେ। ନାଉଗାଁ ପୁଲିସ ଘଟଣାସ୍ଥଳରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ମୃତ ବ୍ୟକ୍ତିଙ୍କ ନାମ ହିମାଂଶୁ ଶେଖର ରାଉତ ବୋଲି ଜଣାପଡ଼ିଛି। ପୁଲିସ ତାଙ୍କ ଘରଲୋକଙ୍କୁ ଡାକି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ବ୍ୟବସ୍ଥା କରିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି।

## ମହାନଦୀରେ ବୁଡ଼ି ଯୁବକ ମୃତ

ରଘୁନାଥପୁର,୧୮।୪(ସମିସ): କିଶନନଗର ଥାନା ଅନ୍ତର୍ଗତ ବାଙ୍କଲ ନିକଟ ମହାନଦୀକୁ ୩ ସାଙ୍ଗ ଗାଧେଇବାକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଥାନା ଅଢ଼େଇକୁଳ ପଞ୍ଚାୟତ ବଡକୋରକର ଗ୍ରାମର ଅନ୍ତର୍ଯ୍ୟାମୀ ଖଟୁଆଙ୍କ ପୁଅ ଅନୁଭବ ଖଟୁଆ (୧୭)। ଦୀର୍ଘ ସମୟ ଧରି ରଘୁନାଥପୁର ଅଗ୍ନିଶମ ବାହିନୀ ପାଣିରେ ଖୋଜାଖୋଜି କରିବା ସମୟରେ ତାଙ୍କର ବୋଟଟି ଅଚଳ ହୋଇଯାଇଥିଲା। ଜଗତସିଂହପୁର ଓଡ୍ରାଫ୍ଟ ଟିମ ଆସି ଅକ୍ସିଜେନ ଲଗେଇ ଖୋଜିବା ସମୟରେ ଅକ୍ସିଜେନଟି ଖରାପ ହୋଇଯାଇଥିଲା। ଦୀର୍ଘ ସମୟ ଖୋଜାଖୋଜି କଲା ପରେ କଟକ ଓଡ୍ରାଫ୍ଟ ଟିମ ସନ୍ଧ୍ୟା ୭ଟାରେ ଅନୁଭବଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେ ରେଢୁଆ କଲେଜରେ ଯୁକ୍ତ ୨ ଶ୍ରେଣୀର ପାଠ ପଢୁଥିଲେ। ସୂଚନାଯୋଗ୍ୟ କି ଦିନ ୧୧ଟା ସମୟରେ ଅନୁଭବ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହିତ ବାଙ୍କଲ ମହାନଦୀ ପଥରବନ୍ଧ ନିକଟକୁ ଯାଇ ଗାଧୋଇବା ସମୟରେ ଅସାବଧାନତା ବଶତଃ ତାଙ୍କର ଗୋଡ଼ ଖସି ଯିବାରୁ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ପାଖରେ ଥିବା ଦୁଇ ସାଙ୍ଗ ଅନୁଭବଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ସେମାନେ ଲୋକଙ୍କୁ ଡାକି ପକାଇଥିଲେ। ଖବର ପାଇ କିଶନ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଓଡ୍ରାଫ୍ ଟିମର ବିଫଳତାକୁ ନେଇ ଲୋକମାନଙ୍କ ମନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ସେମାନେ କଟକ ପାରାଦୀପ ରାସ୍ତାର କୁଳସାହି ଠାରେ କିଛି ସମୟ ପାଇଁ ରାସ୍ତାରୋକ କରିଥିଲେ। ରଘୁନାଥପୁର ପୁଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କଲା ପରେ ରାସ୍ତାରୋକ ହଟିଥିଲା।

## ଚୋରା ମଦ ଜବତ; ୨ ଗିରଫ

ରଘୁନାଥପୁର/ପରାଦୀପ,୧୮।୪(ସମିସ): ଦୁଇଟି ଭିନ୍ନ ଭିନ୍ନ ମାମଲାରେ ପୁଲିସ୍ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିବା ସହ ଦେଶୀବିଦେଶୀ ମଦ ଜବତ କରିଛି। ରଘୁନାଥପୁର ଥାନା ଦେଉଳିସାହି ଗ୍ରାମରୁ ପୁଲିସ ୧୩ ଲିଟର ଦେଶୀ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ବାବୁଲି ସେଠୀ (୬୨)କୁ ଗିରଫ କରିଥିଲା। ଏ ସମ୍ପର୍କରେ ଥାନାରେ କେସ ନଂ. ୭୮/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଅତର୍କିତ ଭାବେ ବାବୁଲି ଘର ଉପରେ ଚଢ଼ଉ କରି ମଦକୁ ଜବତ କରିଥିଲା। ଏହି ସମୟରେ ଅଭିଯୁକ୍ତ ବାବୁଲି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରି ଥାନାକୁ ଆଣିଥିଲା। ସେହିପରି ପାରାଦୀପ ଆଦର୍ଶ ଥାନା ମୂଷାଡିହା ଗ୍ରାମର ବିଜୟ ମଣ୍ଡଳ (୫୫) ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଆଜି ଗିରଫ ହୋଇଛି। ତା' ନିକଟରୁ ୪.୫ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିଛି ପୁଲିସ। ପୁଲିସ ପାଟ୍ରୋଲିଂ ବେଳେ ଏହି ଚୋରା ମଦ ବେପାରୀକୁ କାବୁ କରିଥିଲା। ତେବେ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଅଭିଯୁକ୍ତକୁ ନୋଟିସ ଦିଆଯିବା ସହିତ ଦସ୍ତଖତ କରାଇ ଛଡ଼ାଯିବା ନେଇ ଥାନା ଆଇଆଇସି ବବିତା ଦେହୁରୀ ସୂଚନା ଦେଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନାଉଗାଁ,୧୮।୪(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ପଞ୍ଚାୟତର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନାଉଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ପଣ୍ଡା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟପଟେ ଏହି ଶିବିରରେ ମୋଟ ୫୫ ୟୁନିଟି ରକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀଙ୍କ ସହଯୋଗରେ ସଂଗ୍ରହ ହୋଇଥିଲା। ଏବଂ ଏହି ରକ୍ତଦାନ ଶିବିରକୁ ମହାଦେବ ସାହୁ, ଅମୂଲ୍ୟ କୁମାର ସେନାପତି, ଧରଣୀଧର ସ୍ୱାଇଁ, ଅଭୟ ବେହାର, ରମେଶ ଚନ୍ଦ୍ର ବିଶ୍ୱାଳ ଓ ଜ୍ଞାନ ରଞ୍ଜନ ଜେନା ଓ ଗ୍ରାମବାସୀ ମାନଙ୍କ ସାହାଯ୍ୟରେ ଏହି ଶିବିର ସଫଳ ମଣ୍ଡିତ ହୋଇଥିବାର ଦେଖାଯାଇଛି।

## କଳିଙ୍ଗ ମହିଳା ଶକ୍ତିର ସାଧାରଣ ସଭା

ପାରାଦୀପ,୧୮।୪(ସମିସ): ପାରାଦୀପ ଅଞ୍ଚଳର ଅଗ୍ରଣୀ ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଗଲ୍ଫ ଫିଲ୍ଡ ଠାରେ ସଂଗଠନର ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ରବୀନ୍ଦ୍ର ମଲ୍ଲିକ ଓ ଗଦାଧର ମହାନ୍ତି, କଲ୍ୟାଣି ସ୍ୱାଇଁ, ଉର୍ମିଳା ସାହୁ, ମୌସୁମୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପାଲ, ପ୍ରମିଳା ଗୋଛାୟତ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କିଭଳି କଳିଙ୍ଗ ମହିଳା ଶକ୍ତିର କାର୍ଯ୍ୟକୁ ଆଗକୁ ନେଇ ପାରାଦୀପର ୧୯ଟି ୱାର୍ଡରେ ଜନତାଙ୍କ ସାଥିରେ ରହି ସେମାନଙ୍କ ଅସୁବିଧା ସୁବିଧାରେ ଛିଡ଼ା ହେବାକୁ ପଡିବ ଓ ଯେଉଁସବୁ ୱାର୍ଡରେ ମଦ ବିକ୍ରି କରାଯାଉଛି ତାକୁ ବିରୋଧ କରାଯିବା ସହ ଜନସାଧାରଣଙ୍କୁ ସୁରକ୍ଷା ଦେବା ଓ ମହିଳାଙ୍କ ହକ୍ ପାଇଁ ଲଢ଼େଇ ପ୍ରଥମ କାମ ହେବ ବୋଲି ବକ୍ତବ୍ୟରେ ସଭାପତି ମତ ରଖିଥିଲେ।

**ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାକୁ ନେଇ ବିବାଦ**

# ଦୁଇଗୋଷ୍ଠୀଙ୍କ ମଧ୍ୟରେ ବଢୁଛି ଉତ୍ତେଜନା

କୁଜଙ୍ଗ,୧୮।୪(ସମିସ)

କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତରେ ଦୁଇଟି ଭିନ୍ନ ଅନୁଷ୍ଠାନ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆୟୋଜନକୁ ବିବାଦ ଦେଖା ଦେଇଥିବା ଜଣାପଡିଛି। ଉଭୟ ଅନୁଷ୍ଠାନ ନାଟକ ଆୟୋଜନର ସମୟ ସୀମା ଓ ପରିବେଷଣ ହେବାକୁ ଥିବା ନାଟକକୁ ନେଇ କିଛି ଅସନ୍ତୋଷ ରହିଥିବା ଜଣାପଡିଛି। ଯଦିଓ ଉଭୟ ସାଂସ୍କୃତିକ ଅନୁଷ୍ଠାନ ପ୍ରଶାସନିକ ଅନୁମତି ପାଇଁ ରହିଥିବା ପ୍ରକ୍ରିୟା ଅନୁକରଣ କରି ଅନୁମତି ହାସଲ କରିବାକୁ ଅପେକ୍ଷା କରିଛନ୍ତି। ତଥାପି ଯଦି ସେମାନଙ୍କ ମଧ୍ୟରେ କୌଣସି ଅସହମତିକୁ ନେଇ ବିବାଦ ସମାଧାନ ନ ହୁଏ ତାହାଲେ ପ୍ରଶାସନ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଅନୁମାନ କରାଯାଉଛି ଯାହା ନାଟକ ପ୍ରେମୀଙ୍କୁ ବ୍ୟଥିତ କରିଛି।

ପ୍ରକାଶ ଯେ ଗତମାସ ୮ ତାରିଖରେ କାଳିଆପାଟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରଥମେ ଅପ୍ରେଲ ୨୮ ରୁ ମେ' ୨ ତାରିଖ ପାଞ୍ଚଦିନ ଧରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ଘୋଷଣା କରାଯାଇଥିଲା। ଅଂଶ ଗ୍ରହଣକାରୀ ସାଂସ୍କୃତିକ ଦଳ ମଧ୍ୟରେ ଲଟେରୀ ଜରିଆରେ କେଉଁ ଦଳ କେଉଁଦିନ ନାଟକ ପରିବେଷଣ କରିବ ତାହା ନିର୍ଦ୍ଧାରଣ କରିଥିଲେ। ମାତ୍ର ଏହାର ଏକ ସପ୍ତାହ ପରେ ହାପି କ୍ଲବ ଗତ ମାସ ୧୫ ତାରିଖରେ ଲଟେରୀ କରିବା ସହିତ ୨୦ରୁ ୨୪ ତାରିଖ ମଧ୍ୟରେ ୫ ଦିନିଆ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆୟୋଜନ ନେଇ ଘୋଷଣା କରିଥିଲେ। ଏହି କ୍ଲବ ୭ ବର୍ଷ ଧରି ଏହିପରି ପ୍ରତିଯୋଗିତା ଆୟୋଜନ କରିଆସୁଥିବା ବେଳେ ଗତ ୨ ବର୍ଷ ଧରି ନୀରବ ରହିଥିଲା। ଯାହାକୁ ନେଇ ଉଭୟ ଅନୁଷ୍ଠାନ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଉଭୟ ଦଳ ନିଜନିଜର ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ତେବେ ପ୍ରଥମ ଓ ଦ୍ୱିତୀୟ ଅନୁଷ୍ଠାନ ମଧ୍ୟରେ ମାତ୍ର ୪ ଦିନ ବ୍ୟବଧାନ ରହୁଥିବାରୁ ଦ୍ୱିତୀୟ ଦଳ ମଞ୍ଚ, ଟେଣ୍ଟ ବାନ୍ଧିବା ନେଇ ସ୍ୱଳ୍ପ ସମୟ ମଧ୍ୟରେ ଆୟୋଜନ ନେଇ ସନ୍ଦିହୀନ ହୋଇ ପଡିଛନ୍ତି। ସେମାନେ ଯୁକ୍ତି କରୁଛନ୍ତି ଯେ ଦୁଇ ଦଳର କାର୍ଯ୍ୟକ୍ରମ ମଧ୍ୟରେ ଏକ ସପ୍ତାହ ଅନ୍ତର ରହିବା ନିହାତି ଆବଶ୍ୟକ। ସେହିପରି ସ୍ୱଳ୍ପ ବ୍ୟବଧାନ ମଧ୍ୟରେ ସମାନ ନାଟକ ପରିବେଷଣ ଦର୍ଶକୀୟ ଆଦର ଓ ଉତ୍କଣ୍ଠା ହରାଇବା ଫଳରେ ଦ୍ୱିତୀୟ ଅନୁଷ୍ଠାନ ଦର୍ଶକୀୟ ଆଦୃତି ହାସଲ କରିପାରିବ ନାହିଁ। ଯାହା ନାଟକ ମଞ୍ଚସ୍ଥ କରିବାକୁ ଆସୁଥିବା ଦଳକୁ ନିରୁତ୍ସାହିତ କରିବା ବୋଲି କାଳିଆପାଟ ସାଂସ୍କୃତିକ ମଞ୍ଚର ସଭାପତି ଇଂ.ଜ୍ୟୋତି ରଞ୍ଜନ ସାମଲ ଓ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା ଅଭିଯୋଗ କରିଛନ୍ତି। ସେହିପରି ହାପି କ୍ଲବର ସଭାପତି ବାବସ ରାଉତ ନିଜ ମତାମତ ଦେଇ କହିଛନ୍ତି ଯେ, ଉଭୟ ଅନୁଷ୍ଠାନ ଶୃଙ୍ଖଳାର ସହିତ ପ୍ରତିଯୋଗିତା ହେଉ। ଆମେ ତାଙ୍କ ପାଇ ୨୫ ତାରିଖ ଦିନ ୧୨ଟା ସୁଦ୍ଧା ପଡିଆ ଖାଲି କରିଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଉଛି ବୋଲି କହିଥିଲେ। ଏ ନେଇ ସ୍ଥାନୀୟ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରୁ ଉଭୟ ଅନୁଷ୍ଠାନ ସତ୍ୟପାଠ ଜରିଆରେ ଶାନ୍ତି ଓ ଶୃଙ୍ଖଳା ରଖିବାକୁ ଲିଖିତ ସମ୍ମତି ଦେଇଛନ୍ତି। ଯଦି ସେମାନେ ଶୃଙ୍ଖଳା ରକ୍ଷା ନ କରନ୍ତି କରନ୍ତି, ଆମେ ବାଧହୋଇ ଦୃଢ଼ ପଦକ୍ଷେପ ସ୍ୱରୂପ ଏହି ଅନୁମତି ବାତିଲ କରିବୁ ବୋଲି କହିଥିଲେ।



## ଅପଣ୍ଡରାରେ ବିଜୁବାବୁଙ୍କ ଶ୍ରଦ୍ଧାଞ୍ଜଳି



ବାଲିକୁଦା,୧୮।୪(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ବିଜେଡି ପକ୍ଷରୁ ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଶ୍ରୀବନ୍ତପୁର ସ୍ଥିତ ବଡ଼ପଡିଆ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ପବିତ୍ର ସ୍ୱାଇଁ, ମନୋଜ ଦାସ, ଦିଲ୍ଲୀପ ଜେନା, ଜଟାଧାରୀ ରାଉତ, ଉଲ୍ଲାସ ମଲ୍ଲିକ, ମାନସ ଜେନା, ନ୍ୟାବ ସରପଞ୍ଚ ଅଜୟ ମହାନ୍ତି, ଜୟପ୍ରକାଶ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡା, ନାଲା ଜେନା, ବଳରାମ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ବିହାରୀ ମହାନ୍ତି, ଜଗନ୍ନାଥ ମହାନ୍ତି, ତାପସ ମହାନ୍ତି, ବିକ୍ରମ ସେଠୀ, ଗୋବିନ୍ଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିକୁଦା,୧୮।୪(ସମିସ): ବାଲିକୁଦା ବ୍ଲକ ବାଲିସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଧଡି



ବାରିକ (୯୨)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ କୃତି ଶିକ୍ଷକ ଭାବେ ବାଲିକୁଦା ବ୍ଲକରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତିସଭ୍ୟା ଯାଜ୍ଞସେନୀ ରାଉତ, ଶ୍ରୀକାନ୍ତ ଦାସ, ଶୁଭେନ୍ଦୁ ଦାସ, ପ୍ରଶାନ୍ତ ଦାସ, ଆଲୋକ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ରଶ୍ମୀକାନ୍ତ ମୁଖାଗ୍ନି ଦେଇଥିଲେ।

## ତିର୍ତ୍ତୋଲ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ




ତିର୍ତ୍ତୋଲ,୧୮।୪(ସମିସ): ତିର୍ତ୍ତୋଲ ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସଂଘ କାର୍ଯ୍ୟାଳୟଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ତିର୍ତ୍ତୋଲର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ କଳ୍ପନା ତପସ୍ୱିନୀ ନାୟକ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଡ. ଗାର୍ଗୀ ବିଶ୍ୱାମିତ୍ର ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ନାରାୟଣ ମହାନ୍ତି ନୂତନ ନିର୍ବାଚିତ କର୍ମକର୍ତ୍ତା ସଭାପତି ସରୋଜ କୁମାର ପାଣିଗ୍ରାହୀ, ଉପସଭାପତି ପ୍ରମୋଦ ସାହୁ, ସମ୍ପାଦକ ଟୁକନ ଚରଣ ସେଠୀ, ସହ ସମ୍ପାଦକ ଗୋଲେଖ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଉମେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ବେହେରା, ଶୁଭ ନାରାୟଣ ରାୟ, ରଶ୍ମିତା ଦାସ, ରୀତା ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ସଙ୍ଘର ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ରାୟ, ବରିଷ୍ଠ ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆ, ତିର୍ତ୍ତୋଲ ଜେଏମ୍ଏଫ୍ସି ଅଦାଲତର ଏପିପି (କ୍ୟାଡର) ସସ୍ମିତା ନାୟକ, ପ୍ରଭାତ ପଲାଉର, ସତ୍ୟ ରଞ୍ଜନ ପଣ୍ଡା, ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,୧୮।୪(ସମିସ): ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ତଥା ପାରାଦୀପ ବନ୍ଦର କର୍ମଚାରୀ ଧୂନଚନ୍ଦ୍ର ତରାଇଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଜେବି-ଜେସି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଏହା ସହିତ କଲୋନୀର ସଭାପତି ଅକ୍ଷୟ କୁମାର ବେହେରା ଓ ସମ୍ପାଦକ ଜର୍ଜ ପଲ୍ ରବିନସନ୍ ଏବଂ ଅନ୍ୟ ସଭ୍ୟ ନିରଞ୍ଜନ ରଥ, ଗୋଲେଖ ଚନ୍ଦ୍ର ପ୍ରଧାନ, କେ ନରେନ୍ଦ୍ର, ସ୍ୱଦେଶ ସୁବ୍ରତ ଦାସ, ତନ୍ମୟ ଦାସ, ଡ. ରୁନୁ ସିଂହ, ଡ. ଗୀତାଞ୍ଜଳି ପ୍ରମୁଖ ଯୋଗ ଦେଇଥିଲେ। ସେ ଦୁଇଟି ଅନୁଷ୍ଠାନର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦ, ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏସସି-ଏସଟି ଆସୋସେସନର ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ। ସର୍ବଭାରତୀୟ ବୃହତ୍ ବନ୍ଦର ଫୁଟବଲ୍ ଖେଳରେ ତିନି ଥର ଚାମ୍ପିଅନ ହୋଇଥିଲେ। ଥରେ ରନର୍ସଅପ୍ ଏବଂ ତିନି ତିନି ଥର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ବୃହତ୍ ବନ୍ଦର ଆଥଲେଟିକରେ ୮ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ପାଞ୍ଚ ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୱାଲ୍ଡ ମାଷ୍ଟର୍ସ ଆଥଲେଟିକ୍ରେ ତିନିଥର ବିଦେଶ (ସୁଇଡେନ) ମାଟିରେ ଭାରତମାତାର ପ୍ରତିନିଧିତ୍ୱ କରି ପାରାଦୀପ ବନ୍ଦର ପାଇଁ ବିଜୟର ଗୌରବ ଆଣିଥିଲେ।



## ଶିକ୍ଷକ ନେତା ଅଶୋକ କୁମାର ଦାସଙ୍କ ସ୍ମୃତିସଭା



ଜଗତସିଂହପୁର,୧୮।୪(ସମିସ): ଜଗତସିଂହପୁର ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟ ପରିସରରେ ଓଷ୍ଟାର ବରିଷ୍ଠ ଶିକ୍ଷକ ନେତା ତଥା ବିରିଡ଼ି ବ୍ଲକ୍ ଓଷ୍ଟା ସଂପାଦକ ଅଶୋକ କୁମାର ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା, ଶରତ ଚନ୍ଦ୍ର ବାରିକ, ରମାକାନ୍ତ ପତି, ଜିଲ୍ଲା ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁଗ୍ମ ସମ୍ପାଦକ ଅନୀଲ କୁମାର ଜେନା, ନିହାର ରଞ୍ଜନ ନାୟକ, ରଞ୍ଜନ କୁମାର ମିଶ୍ର, ମନ୍ଦର ଧର ସ୍ୱାଇଁ, ବିନୋଦ କୁମାର ମୁଦୁଲି, ବିଷ୍ଣୁ ଚରଣ ଦାସ, ତ୍ରିଲୋଚନ ସାହୁ, ସ୍ମୃତି ରଞ୍ଜନ ପରିଜା, ପଙ୍କଜିନି ନନ୍ଦ, ସ୍ୱାଗତିକା ମହାନ୍ତି, ବିଶ୍ୱନାଥ ଷଡ଼ଙ୍ଗୀ, ଅଜିତ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ନାଉଗାଁ ବ୍ଲକ ଓଷ୍ଟା ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପଶିଖା କେନ୍ଦ୍ରୀୟ ବିଦ୍ୟାଳୟର ଟପ୍ପର



ଜଗତସିଂହପୁର,୧୮।୪(ସମିସ): ଜଗତସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଦୀପଶିଖା ମିଶ୍ର ଚଳିତ ବର୍ଷ ସିବିଏସ୍ଇ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପର ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦୀପଶିଖା ୯୭ ପ୍ରତିଶତ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଶତପଥିଙ୍କର ସେ କନିଷ୍ଠା କନ୍ୟା ଅଟନ୍ତି। ଦୀପଶିଖାଙ୍କର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟତ୍ରୀ, ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାରବର୍ଗ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ ଜୀବନ ପାଇଁ ପ୍ରେରଣକ୍ଷ ଦେଇ ଉତ୍ସାହିତ କରିଛନ୍ତି।

## ୫୮ ୟୁନିଟ୍ ରକ୍ତ ସଂଗୃହୀତ

ପାରାଦୀପ,୧୮।୪(ସମିସ): ପାରାଦୀପର ହୋଟେଲ୍ ଏମ୍ପାୟାର୍ସ ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଯେଉଁ ଶିବିରରେ କେବଳ ହୋଟେଲର କର୍ମଚାରୀ ମାନେ ହିଁ ରକ୍ତଦାନ କରିଥିଲେ। ମୋଟ ୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକ ରେଡ୍କ୍ରସ ପକ୍ଷରୁ ଏହି ଶିବିର ପରିଚାଳନା କରାଯାଇ ରକ୍ତ ସଂଗୃହୀତ ହୋଇଛି। ତେବେ ଆଜି ଓଏସଏଲର ପ୍ରତିଷ୍ଠାତା ତଥା ହୋଟେଲ ଏମ୍ପାୟାର୍ସ ଗ୍ରୁପର ମୁଖ୍ୟ ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ତେବେ ପାରାଦୀପର ହୋଟେଲ୍ ଏମ୍ପାୟାର୍ସ ଏବଂ ସେଣ୍ଟ୍ରାଲ ରେଡକ୍ରସ କଟକ ମିଳିତ ସହଯୋଗରେ ଏହି ବିଶାଳ ରକ୍ତଦାନ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ହୋଟେଲର ଜେନେରାଲ ମ୍ୟାନେଜର ସନ୍ତୋଷ ମିଶ୍ର ଏହି ଶିବିର ସମ୍ପର୍କରେ ସୂଚନା ଦେଇଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ

ପାରାଦୀପ,୧୮।୪(ସମିସ): ଫୁଲେ-ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଓ ଶିକ୍ଷକ ସଙ୍ଘ ମିଳିତ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଶିକ୍ଷକ ସଙ୍ଘ, ଆମ୍ବେଦକର ସେବାସଙ୍ଘ, ମାହାଳ, ଡିଙ୍କିଆ, ଆମ୍ବେଦକର ସାଂସ୍କୃତିକ ପରିଷଦ, ନୂଆଗାଁ, ଏରସମା ମିଳିତ ସହଯୋଗରେ ଏକ ବାଇକ୍ ଶୋଭାଯାତ୍ରା କୁଜଙ୍ଗ ଓ ପାରାଦୀପ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ପାରାଦୀପରେ ଥିବା ଆମ୍ବେଦକର ପାର୍କରେ ଶେଷ ହୋଇଥିଲା। ସେଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଶ୍ରଦ୍ଧାସୁମନ ଅର୍ପଣ ହୋଇଥିଲା। ଛାତ୍ର ଶିକ୍ଷକ ସଂଘର ପ୍ରତିଷ୍ଠାତା ସଭାପତି ଦୀପ୍ତିରଞ୍ଜନ ସେଠୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଯୁବକ ଓ ଛାତ୍ରୀ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ଜନଜାଗରଣ ରଥକୁ ସ୍ୱାଗତ



ଜଗତସିଂହପୁର/ପରାଦୀପ,୧୮।୪(ସମିସ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ପୁରୀ ଜିଲ୍ଲା ସୁଆଣ୍ଡୋ ଠାରୁ ବାହାରିଥିଲା। ଓଡ଼ିଶାର ୩୫ଟି ସାଂଗଠନିକ ଜିଲ୍ଲା ଗସ୍ତ କରି ଏହି ରଥ ଜନ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ଏହି ଜନ ଜାଗରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ବ୍ଲକ ତଥା ପୌରାଞ୍ଚଳର ସଭାପତି ଏବଂ ସ୍ଥାନୀୟ ନେତୃବୃନ୍ଦ ରଥକୁ ନିଜ ନିଜ ବ୍ଲକରେ ସ୍ୱାଗତ କରିଥିଲେ ଏବଂ ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କରିଥିବାରୁ ସମସ୍ତ ନୋତୃବୃନ୍ଦଙ୍କୁ ଜିଲ୍ଲା ସଭାପତି ଶ୍ରୀ ନାୟକ ସାଧୁବାଦ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତିର ଉପାଧ୍ୟକ୍ଷା ଜାନକୀ ମଲ୍ଲିକ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତିର ସଭାପତି ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ପାରାଦୀପରେ ଏହି ରଥକୁ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ହୋଇ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳୀୟ ନେତାମାନେ ମଧୁବନସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସି ସେଲ୍ ରାଜ୍ୟ ଉପସଭାପତି ଜାନକୀ ମଲ୍ଲିକ, ଜିଲ୍ଲା ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଜିଲ୍ଲା କଂଗ୍ରେସ ଉପସଭାପତି ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର ସେଠୀ, ପାରାଦୀପ ମହାବିଦ୍ୟାଳୟ ପୂର୍ବତନ ସଭାପତି ବିଜୟ କୁମାର ସେଠୀ ଓ ମହିଳା ନେତ୍ରୀ ମନୋରମା ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ।

# ପୁଲିସର ମୁଣ୍ଡବ୍ୟଥା ବଢ଼ାଇଛନ୍ତି ନାବାଳକ ଚୋର

**ପ୍ରୋତ୍ସାହନ ଦେଉଛନ୍ତି କବାଡ଼ିଆ**

ବସ୍ତା ବ୍ଲକ, ୧୮।୪ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଅଧିକ ନାବାଳକ ରହୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ମୁଣ୍ଡବଥାର କାରଣ ପାଲଟିଛି। ବିଶେଷ କରି ଆଠ ନଅ ବର୍ଷରୁ ଆରମ୍ଭ କରି ୧୫ ବର୍ଷ ନାବାଳକ ମାନେ ଚୋରି ରେ ସାମିଲ ହେଉଛନ୍ତି। ଅନେକ ସ୍ଥାନରେ କିଛି ନାବାଳକ ଚୋରଙ୍କୁ ଲୋକେ ଧରି ପୁଲିସରେ ଜିମା ଦେଉଥିବା ବେଳେ ସେମାନଙ୍କୁ ଥାନାରେ ରଖି ପୁଲିସ ଅସହାୟ ହୋଇ ପଡୁଛି। ଏହି ନାବାଳକଙ୍କୁ ଚୋରି କରିବାର ପ୍ରୋତ୍ସାହନ ଦେଉଛନ୍ତି କବଡିଆ ଗୋଦାମ ମାଲିକ ବୋଲି ଅଭିଯୋଗ ହେଉଛି। ଛୋଟ ଛୋଟ ଚୋରି କରି ଧରା ପଡ଼ିବା ପରେ ଛୋଟ ପିଲା ଭାବି ଲୋକେ ଛାଡ଼ି ଦେଉଥିବା ବେଳେ ସେମାନଙ୍କୁ ଏହାର ଫାଇଦା ମିଳୁଛି।

ପ୍ରକାଶ ଯେ, ଗତ କିଛି ଦିନ ପୂର୍ବରୁ ବସ୍ତା ବ୍ଲକ କାର୍ଯ୍ୟାଳୟରେ ଦିନ ଦ୍ୱିପ୍ରହରରେ ସ୍ଥାନୀୟ ଗ୍ରାମର ଦୁଇ ନାବାଳକ ଆଇ ଆଇ ସି ଏସ କାର୍ଯ୍ୟାଳୟ ନିକଟରେ ଲାଗିଥିବା ସିସିଟିଭିକୁ ଭାଙ୍ଗି ଚୋରି ଉଦ୍ୟମ କରି ଧରା ପଡ଼ିବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଥିଲା। ସେମାନଙ୍କ ଟାର୍ଗେଟରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ ସହିତ ଚାବି ପଡ଼ିଥିବା ଘର ସବୁ ରହିଛି। ସରକାରୀ ଛୁଟି ଦିନ ମାନଙ୍କରେ ସେମାନେ କାର୍ଯାଳୟ ବାହାରେ ପଡ଼ିଥିବା ସାମଗ୍ରୀ, ଏସି ତାର, ପିତ୍ତଳ ପାଇପ, କାର ବ୍ୟାଟେରୀ, କ୍ୱାର୍ଟର ରେ ପଶି ମୋବାଇଲ, ଗ୍ୟାସ ଟାଙ୍କି, ସେହିପରି ବ୍ୟବସାୟୀକ ପ୍ରତିଷ୍ଠାନରେ ବାହାରେ ଲାଗିଥିବା ଷ୍ଟିଲ ପାଇପ୍ ଏମିତି ସୁଯୋଗ ମିଳିଲେ ସୁନା ଗହଣା, ଟଙ୍କା ପଇସା ନେଇ ପଳାଉଛନ୍ତି। ସେମାନେ ଚୋରି ସାମଗ୍ରୀକୁ ତୁରନ୍ତ ନେଇ କବାଡିଆଙ୍କୁ ବିକ୍ରି କରିଦେଉଛନ୍ତି। ସେମାନେ ମୂଲ୍ୟବାନ ଚୋରି ସାମଗ୍ରୀ ଶହେ ଦୁଇଶହ ଟଙ୍କାରେ କିଣି ନେଉଛନ୍ତି। ଧୀରେ ଧୀରେ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ନାବାଳକ ଅଭିଯୁକ୍ତଙ୍କୁ ପୁଲିସରେ ହସ୍ତାନ୍ତର କଲେ ଶିଶୁ ଆଇନ ଉଲ୍ଲଙ୍ଘନ ଭୟରେ ପୁଲିସ ସେମାନଙ୍କୁ ଧମକ ଦେଇ ପୁଣି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛି। ଏହା ଦ୍ୱାରା ଛୋଟ ଚୋରିରୁ ବଡ ବଡ କ୍ରିମିନାଲ ହେବାର ରାସ୍ତା ତିଆରି ହେବାରେ ଲାଗିଥିବା କୁହା ଯାଉଛି। ବିଶେଷକରି ସରକାରୀ ଜମିରେ ଘର କରି କବାଡ଼ିଆ ଗୋଦାମ ମାଲିକମାନଙ୍କ ରାଜକୀୟ ଚଳନି, ଦାମୀ ଗାଡ଼ି, ମୋବାଇଲ ବ୍ୟବହାର ସମସ୍ତଙ୍କୁ ଚକିତ କରିଛି। ଏହି କବାଡିଆ ମାନେ ଟ୍ରକ୍ ସହିତ ଭାରି ଯାନ ବ୍ୟାଟେରୀ, ଚୋରି ବାଇକ, ପାଣି ମୋଟର, ଚୋର କାର, କୁହା ଖୁଣ୍ଟି, ମୋବାଇଲ ଟାୱାର ର ସାମଗ୍ରୀ ଭଳି ସବୁ ପ୍ରକାର ର ଚୋରି ସାମଗ୍ରୀକୁ ତତକ୍ଷଣାତ କରି ଗ୍ୟାସରେ କାଟି ଖଣ୍ଡ ଖଣ୍ଡ କରି ପଶ୍ଚିମବଙ୍ଗ କୁ ଚାଲାଣ କରି ମାଲେମାଲ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ସବୁ କବାଡିଆ ଗୋଦାମ ଉପରେ ପୁଲିସର ବାରମ୍ବାର ଚଢାଉ ସହିତ ଯଦି କିଛି ଚୋରି ସାମଗ୍ରୀ ଜବତ ହୁଏ ତାହା ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ ଆଘାତରେ ବାଳକ ମୃତ

ସିମୁଳିଆ, ୧୮।୪ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାଷ ଚନ୍ଦ୍ର ବେହେରାଙ୍କ ପୁଅ ଓମ ପ୍ରକାଶ (୧୧) ବର୍ଷ ଘରେ ବିଦ୍ୟୁତ ଫ୍ୟାନକୁ ହାତ ମାରିବା କ୍ଷଣି ବିଦ୍ୟୁତ ଆଘାତପ୍ରାପ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ପରିବାର ପକ୍ଷରୁ ଓମକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ସିଜରିଆନ ଡେଲିଭରି ନିୟନ୍ତ୍ରଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର,୧୮।୪(ସମିସ): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଜେରିଆନ ଡେଲିଭେରିର ପ୍ରବଣତା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା। ବୈଠକରେ ଆଲୋଚନା ହୋଇଥିଲା ଯେ,କିଛି ହସ୍ପିଟାଲରେ ଅସାମାନ୍ୟ ଭାବେ ଅଧିକ ହାରରେ ପ୍ରସୂତୀ ମହିଳାଙ୍କର ସିଜରିଆନ ଡେଲିଭରି କରାଯାଉଛି। ଏପରି ପ୍ରଚଳନ ଅନେକ ସମୟରେ ଅଚିକିତ୍ସାମୂଳକ କାରଣରୁ ପ୍ରେରିତ ହୋଇଥାଇପାରେ ଯାହା ମାତୃ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରିଥାଏ ବୋଲି ଆଲୋଚନା ହୋଇଥିଲା। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସିଜରିଆନ ଡେଲିଭେରି କେବଳ ଯଥାର୍ଥ ଚିକିତ୍ସାଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ। ଏହାକୁ ରୁଟିନ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ। ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିୟମିତ ପାଳନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ସ୍ତରରେ ମନିଟରିଂ ଟିମ ଗଠନ କରାଯିବ। ଏହି ଟିମ ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ ପରିଦର୍ଶନ କରିବେ। ଯେକୌଣସି ହସ୍ପିଟାଲ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ ଡେଲିଭେରି କରୁଥିବାର ଧରାପଡେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହାଛଡା ସମସ୍ତ ବେସରକାରୀ ହସପିଟାଲରେ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବା ଏବଂ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

## ଗଣିତ ବୃତ୍ତି ପରୀକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା

ବାଲେଶ୍ୱର,୧୮।୪ (ସମିସ): ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ ଓ ନୃତ୍ୟ ପ୍ରତିଷ୍ଠାନ 'ନାଚ୍'ର ମିଳିତ ସହଭାଗିତାରେ ଗଣିତ ବୃତ୍ତି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ୧୧୨ତମ ଜୟନ୍ତୀ ମଧ୍ୟ ପାଳିତ ହୋଇଛି। ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ଗାୟନ ଓ ଭଜନ ଆଧାରିତ ନୃତ୍ୟ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଏହି ସଭାରେ ସମ୍ମାନିତ କରାଯାଇଥିଲା। ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାରାୟଣ ପଣ୍ଡା ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ସମାଜରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ପ୍ରଚାର-ପ୍ରସାର ଉପରେ ଜୋର୍ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରସାଳପୁର କଲେଜର ପୂର୍ବତନ ପ୍ରଧାନାଚାର୍ଯ୍ୟା କବିତା ପଣ୍ଡା ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଜୀବନ ଓ ଆଦର୍ଶକୁ ଉଜାଗର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣାଂଶୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। 'ନାଚ୍' ଡାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶିକା ଓ ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗଣିତ ବୃତ୍ତି ପରୀକ୍ଷାରେ ସଫଳ ମେଧାବୀ ଶିକ୍ଷାର୍ଥୀମାନଙ୍କୁ ନଗଦ ପୁରସ୍କାର, ସନନ୍ଦପତ୍ର ଓ ମେମେଣ୍ଟୋ ଦିଆଯାଇଥିବା ବେଳେ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ସନନ୍ଦପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା।

## ବେଆଇନ ବାଲି ଖାଦାନ ରାସ୍ତା କାଟିଲା ପ୍ରଶାସନ



**'ସକାଳ' ପ୍ରଭାବ**

ରାଜଘାଟ, ୧୮।୪ (ସମିସ): ବସ୍ତା ବ୍ଲକ ଧିତପୁରା ହନୁମାନ ମନ୍ଦିର ନିକଟରେ ଦୀର୍ଘଦିନ ହେବ ଚାଲିଥିବା ଚୋରା ବାଲି ଖାଦାନ ଉପରେ ଶନିବାର ପୂର୍ବାହ୍ନରେ ବସ୍ତା ଜୁନିୟର ଖଣି ଅଧିକାରୀ, ବସ୍ତା ଅତିରିକ୍ତ ତହସିଲଦାର, ବସ୍ତା ପୁଲିସ ମିଳିତ ଚଢାଉ କରିଛନ୍ତି। ସମସ୍ତ ପ୍ରଶାସନିକ ଅଧିକାରୀ ସଦଳବଳେ ପହଞ୍ଚି ଜେସିବି ଲଗାଇ ଖାଦାନକୁ ଯାଇଥିବା ରାସ୍ତା, ନଦୀ ଗର୍ଭରେ ତିନୋଟି ଜାଗା କାଟି ଦେଇଛନ୍ତି। ଫଳରେ ଟ୍ରାକ୍ଟର ଯାତାୟତ ବନ୍ଦ ହେବା ସହ ବାଲି ମାଫିଆମାନେ ମାନସିକ ଚାପରେ ଥିବା ଦେଖିବାକୁ ମିଳିଛି। ଅତିରିକ୍ତ ତହସିଲଦାର ପିଜୁଶ କାନ୍ତ ପ୍ରଧାନ କହିଛନ୍ତି, ଖବର ପାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଲୁ। ବେଆଇନ ଖାଦାନ ଯୋଗୁଁ ନଦୀ ପଠା ଧସୁଛି ଓ ସରକାରଙ୍କ ରାଜସ୍ୱ ହାନି ହେଉଛି। ଆଗକୁ ନିୟମିତ ପାଟ୍ରୋଲିଂ ହେବ, ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। ପ୍ରକାଶ ଥାଉକି ଏହି ଚୋରା ଖାଦାନ ଯଦି ବନ୍ଦ ନହୁଏ, ସନ୍ତୋଷପୁର ପଞ୍ଚାୟତର ଧିତପୁରା, ଓଡ଼ିଆପଡା, ତେଘରି ଗ୍ରାମର ପାଖା ପାଖି ୩୦ ପରିବାର ଖୁବ ଶୀଘ୍ର ନଦୀରେ ବିଲୀନ ହୋଇଯିବ, ଯେକୌଣସି ମୁହୂର୍ତ୍ତରେ ନଦୀ କୂଳରେ ଥିବା ସରକାରଙ୍କ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ୬୦ ଲକ୍ଷ ଟଙ୍କାର ପାଣି ଟାଙ୍କି ମଧ ନଦୀରେ ବିଲୀନ ହୋଇଯିବ ଫଳରେ ୧୩୫ ପରିବାର ର ୮୦୦ ଜନସଂଖ୍ୟା ବିଶିଷ୍ଟ ତେଘରି ଗ୍ରାମର ଲୋକେ ଘୋର ପାଣି ସମସ୍ୟାରେ ପଡିବେ। ସେହିପରି ରାମଚନ୍ଦ୍ରପୁର ରୁ କାଦରାୟାଁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନଦୀ ଗର୍ଭ ମୁହାଁ ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି ଏହି ରାସ୍ତା ଟି ନଦୀ ଗର୍ଭକୁ ଗଲେ ସନ୍ତୋଷପୁର ଓ କାଦରାୟାଁ ପଞ୍ଚାୟତର ପାଖା ପାଖି ୧୦ ହଜାର ରୁ ଉର୍ଦ୍ଧ ଲୋକ ପ୍ରଭାବିତ ହେବେ। ସ୍ଥାନୀୟ ଲୋକେ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ 'ସକାଳ' କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ତିରୋଧାନ ଦିବସ



ଜଳେଶ୍ୱର, ୧୮।୪ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ୨୯ତମ ବିଜୁ ତିରୋଧାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ମୂରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ବିଜେଡି ଜଳେଶ୍ୱର ବ୍ଲକ ସଭାପତି ଦିଲ୍ଲିପ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ବସ୍ତା ବ୍ଲକ ସଭାପତି ଅନାଦୀଚରଣ ଦାସ ସଂଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିଭିନ୍ନ ଗୁଣାବଳୀ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲିପ କୁମାର ଦାସମହାପାତ୍ର, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୂରଜ ଚୌରାସିଆ, ଜୟନ୍ତ ମିଶ୍ର, ଧ୍ରୁବଜ୍ୟୋତି ଗିରି, ତପନ ଦାସ, ଲେଲିନ୍ ପ୍ରଧାନ, ଅବଦୁଲ ରହିମ, ଗୌତମ ପାତ୍ର ପ୍ରମୁଖ ବହୁ ବିଜୁ ପ୍ରେମୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଉତ୍ତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେଶନ



ବାଲେଶ୍ୱର,୧୮।୪(ସମିସ): ଜିଲ୍ଲା ବାର୍ ଆସୋସିଏସନ ପକ୍ଷରୁ ଆଜି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାକୁ ନେଇ ଉତ୍ତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେଶନ ସ୍ଥାନୀୟ କଚୋରୀ ପରିସରରେ ଥିବା ଲାଇବ୍ରେରୀ ହଲ ମଧ୍ୟରେ ଜିଲ୍ଲା ବାର ଆସୋସିଏସନ ସଭାପତି ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେସନରେ ବିଶେଷ କରି ବିଭିନ୍ନ କ୍ଷେତ୍ରରେ ଓକିଲମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଓ ସେମାନଙ୍କର ଦାବି ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଓଡ଼ିଶାର ସମସ୍ତ ଓକିଲ ସଂଘର କାର୍ଯ୍ୟକାରିଣୀ କମିଟିର କାର୍ଯ୍ୟକାଳ ଏକ ବର୍ଷରୁ ୩ବର୍ଷକୁ ବୃଦ୍ଧି କରାଯିବା ସହ କୌଣସି ଓକିଲଙ୍କ ମୃତ୍ୟୁ ହେଲେ କିମ୍ବା ସ୍ୱେଚ୍ଛାକୃତ ଭାବେ ଲାଇସେନ୍ସ ଆତ୍ମସମର୍ପଣ କଲେ ଆର୍ଥିକ ସହାୟତା ୫୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି କରାଯାଇଛି। ଏହାଛଡା ଓଡ଼ିଶାର ସମସ୍ତ ଓକିଲ ଏବଂ ସେମାନଙ୍କ ପରିବାରର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବାଧ୍ୟତାମୂଳକ ଭାବେ ୧୫ଲକ୍ଷ କରାଯାଉ, ୫ବର୍ଷ ପର୍ଯ୍ୟନ୍ତ ନୂତନ ପ୍ରାକ୍ଟିସନରଙ୍କ ପାଇଁ ପ୍ରତିମାସ ୧୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ଏବଂ ୪୦ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିଥିବା ଓକିଲମାନଙ୍କୁ ପ୍ରତିମାସ ୨୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ବୋଲି ଏହି ଅଧିବେସନରେ ଦାବି ଉପସ୍ଥାପନା କରାଯାଇଥିଲା। ଏହି ଦାବି ଗୁଡିକ ଉପରେ ସମସ୍ତ ଓକିଲମାନେ ସେମାନଙ୍କ ମତାମତ ଦେବା ପରେ ଏହାକୁ ରାଜ୍ୟ ବାର ଆସୋସିଏସନ ସହ କେନ୍ଦ୍ର ବାର ଆସୋସିଲସନ ଏବଂ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବାର ଆସୋସିଏସନର ସମ୍ପାଦକ ସମ୍ବିତ କୁମାର ନନ୍ଦୀ, ଉପସଭାପତି ରଣଜିତ ପଣ୍ଡା,ବାରିପଦା ବାର ଆସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ସୋର ବାର ଆସୋସିଏସନ ସଭାପତି ଚନ୍ଦ୍ରଶେଖର ମହାନ୍ତି, ସମ୍ପାଦକ ସଞ୍ଜୀବ କୁମାରୀ ଦ୍ୱିବେଦୀ, ନୀଳଗିରିରୁ ଚିତରଞ୍ଜନ ଷଡଙ୍ଗୀ, ଦିଲ୍ଲୀପ କୁମାର ରାଉତ, କିଶୋର କୁମାର ଦାଶ ପ୍ରମୁଖ ସହ ଏହି ୪ଟି ଜିଲ୍ଲା ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କାଳିପଦା, ୧୮।୪ (ସମିସ): ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ପଞ୍ଚାୟତ ସ୍ତରୀୟ ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ନାଭଡା (ଜଗାଇ) ସ୍ଥିତ କାଳିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ



ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଶିକ୍ଷକ ଜଗନ୍ନାଥ ଦେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବାଲିଆପାଳ ବ୍ଲକର ପ୍ରତିଟି ପଞ୍ଚାୟତରେ ପ୍ରତିଟି ଗ୍ରାମରେ ଦୈନନ୍ଦିନ ଯୋଗ ଅଭ୍ୟାସ କରାଇ ଏକ ରୋଗମୁକ୍ତ ଜୀବନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରାରମ୍ଭରେ ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିକାଶର ସମ୍ପାଦକ ଗୋବିନ୍ଦ ବଲ୍ଲଭ ଦଳାଇ, ପ୍ରଶିକ୍ଷିକା ମଧୁସ୍ମିତା ରାଉତ, ବିଜେପି କାଳିପଦା ମଣ୍ଡଳର ପୂର୍ବତନ ସଭାପତି ତଥା ମୁନି ସମାଜର ପ୍ରଶିକ୍ଷକ ରତ୍ନାକର କୁହ୍ଲାରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରୀରାମପୁର, ମଧୁପୁରା, ବାଲିଆପାଳ, ପ୍ରତାପପୁର, ଚଉମୁଖ, ଅଳାଡ଼ିହା, ଅସ୍ତି, ବିଷ୍ଣୁପୁର, ଡ଼ଗରା, ବଡ଼ାସ ଆଦି ପଞ୍ଚାୟତରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜୟନ୍ତ ଦାସ, ମନ୍ମଥ ପାତ୍ର, ମମତା ଦାସ, ରବିନ୍ଦ୍ର କର, ପରମାନନ୍ଦ ରାଉଳ, ମନୋରଞ୍ଜନ ବେହେରା, ନିର୍ମଳା ପ୍ରଧାନ, ନଳିନୀକାନ୍ତ ପାଢୀ, ସୁଜାତା ଦାସ, ଅଜିତ୍ କର, ହେମନ୍ତ କୁମାର ମୁଖୀ, ରାଖାଲ ମାଇତି, ଜୟକୃଷ୍ଣ ନାୟକ, ଦିପିକା ମାହେଶ୍ୱରୀ, ପ୍ରିୟଦର୍ଶିନୀ ଦାସ, ସୁଦାମ ଚରଣ ଦାସ, ପୁର୍ଣ୍ଣଚନ୍ଦ୍ର ଜେନା, ଜଗଦୀଶ ପରିଡ଼ା, ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣ କରିଥିଲେ।

**● ସାରୁଗାଁ ମହୋତ୍ସବର ଅନ୍ତିମ ସଂଧ୍ୟା**

## ମନ ମୋହିଲା ଜୀନା ଓ ସବ୍ୟସାଚୀଙ୍କ ସଂଳାପ



ଖଇରା,୧୮।୪ (ସମିସ): ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ଅନ୍ତିମ ସଂଧ୍ୟା ଗୀତନାଚର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି। ଖଇରା ଅଞ୍ଚଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବୁଡି ଯାଉଥିବା ସଂସ୍କୃତି ଐତିହକୁ ପୁନର୍ଜିବିତ କରିଥାଏ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ରତ୍ନାକାର ଦାଶ ମୁଖ୍ୟବକ୍ତା ଓ ଅନ୍ୟତନ ଆଇନଜିବୀ ଯୁଧିଷ୍ଠିର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଗ୍ରାମଦେବତୀ ମା' ଘଟବାସୁଳି ଓ ମା' ପଶ୍ଚିମାଙ୍କ ପୁଜକ ଅକ୍ଷୟ ବାରିକ, ପ୍ରଫୁଲ୍ଲ ବାରିକ ଓ ଭାଗବତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରସିଦ୍ଧ ଚଳିଚିତ୍ର ଅଭିନେତ୍ରୀ ଜିନା ଓ ଅଭିନେତା ସବ୍ୟସାଚୀଙ୍କ ସଂଳାପ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ୪ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଜାପତି ଦେହରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଛବି!

ବାଲେଶ୍ୱର,୧୮।୪(ସମିସ): ସହରର ଟୁଲଙ୍ଗସାହିରେ ଆଜି ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ସାହିର ଜଣେ ବ୍ୟକ୍ତିଙ୍କ ଘରେ ଗାଡି ଉପରେ ଏକ ପ୍ରଜାପତି ବସିଥିବାର ଦେଖିବାକୁ ମିଳିଥିଲା। ହେଲେ ସେଇ ପ୍ରଜାପତି ଦେହରେ



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଛବି ଭଳି ଦୃଶ୍ୟମାନ ହୋଇଥିଲା। ସ୍ଥାନୀୟ ଲୋକେ ପ୍ରଜାପତିଟିକୁ ଦେଖିବା ସହ ସେଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏପରିକି ସେଠାରେ ଘଂଟ ଘଂଟା ସାଙ୍ଗକୁ ଶଙ୍ଖ ବଜାଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

## ସଡ଼କ ଦୁର୍ଘଟଣାରେ ଦମ୍ପତି ଗୁରୁତର

ନୀଳଗିରି, ୧୮।୪ (ସମିସ): ଶନିବାର ସକାଳେ ଏକ ସଡକ ଦୁର୍ଘଟଣାରେ ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି। ଖନ୍ତାପଡା ଥାନା ଅନ୍ତର୍ଗତ ଆମ୍ବଡିହା ଗ୍ରାମର ଅନାଦି ରଞ୍ଜନ ସ୍ୱାଇଁ ଓ ସ୍ତ୍ରୀ ମଞ୍ଜୁଲତା ସ୍ୱାଇଁ ଧୋବସିଲାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମିତ୍ରପଟୁ ଆଡୁ ଆସୁଥିବା ସାଇଁକୁଳା ଅଞ୍ଚଳର ଶନୁ ମହାରଣା ଓ ଓମ୍ ପ୍ରକାଶ ବେହେରା ଦ୍ରୁତ ଗତିରେ ଆସି ଧକ୍କା ମାରିବାରୁ ଅନାଦିଙ୍କ ମେରୁ ଦଣ୍ଡ, ବାମ ହାତ ଭାଙ୍ଗି ଯାଇଥିବା ବେଳେ ସ୍ତ୍ରୀ ମଞ୍ଜୁଙ୍କ ମୁଣ୍ଡ, ନାକରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଅନାଦିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏପଟେ ସ୍ତ୍ରୀ ଜ୍ୟୋତି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଯୁବକ ଦୁଇ ଜଣ ମଧ ଚିକିତ୍ସିତ ହେଉଥିବାର ଜଣାପଡିଛି।

## ବିପୁଳ ମଦ ଜବତ, ୬ ଗିରଫ



ବାଲେଶ୍ୱର,୧୮।୪(ସମିସ): ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୬ଜଣ ବେପାରିକୁ ଗିରଫ କରିଛି। ଗିରଫ ହୋଇଥିବା ବେପାରୀମାନେ ହେଲେ ନୀଳଗିରି ଅଂଚଳର ଜଗବନ୍ଧୁ ବେହେରା, ଅଜୟ କୁମାର ସାଇବାବୁ, ଦୁର୍ଗାଶଙ୍କର ବେହେରା, ସଦର ରେଞ୍ଜର ହଳଦୀପଦା ଅଞ୍ଚଳର ହେମନ୍ତ ପାତ୍ର, ଶିଳ୍ପାଂଚଳ ଥାନା ନୂଆଗାଁ ଅଂଚଳର ଧନଞ୍ଜୟ ପ୍ରଧାନ ଏବଂ ହଳଦୀପଦା ଅଞ୍ଚଳର ସୁଶାନ୍ତ କୁମାର ନାୟକ। ଏ ନେଇ ପୃଥକ ଭାବେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଟିମ ନୀଳଗିରିରେ ଚଢ଼ାଉ କରିବା ସହ ସଦର ରେଞ୍ଜର ହଳଦୀପଦା ଏବଂ ରେମୁଣା ଗୋଲେଇ ଠାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସେମାନଙ୍କ ଠାରୁ ମୋଟ ୩୨୦ଲିଟର ଦେଶୀମଦ ଜବତ ହୋଇଥିବାବେଳେ ୨୨.୭୫୦ଲିଟର ବିୟର ଜବତ କରାଯାଇଛି।

# ବାବା ଭୈରବ ପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

କାଳିପଦା, ୧୮।୪ (ସମିସ)



ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ କଣ୍ଟାଡିହା (ବଡ଼ କସବା ) ଗ୍ରାମରେ ବାବା ଭୈରବ ପୀଠ ରହିଛି। ଏହି ପୀଠ ସୁପ୍ରାଚୀନ ଓ ବୌଦ୍ଧ ଯୁଗୀୟ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ସୋମବାର ଅକ୍ଷୟ ତୃତୀୟା ମେଳା ଏଠାରେ ବସୁଥିବାରୁ ଏହି ପୀଠ ଏବେ କିଛି ମାତ୍ରାରେ ଚଳଚଞ୍ଚଳ ହୋଇ ଉଠିଛି। ମାତ୍ର ଏହି ପୀଠ ବହୁ ଭାବରେ ଅବହେଳିତ। ପୀଠର ଚତୁଃ ପାଶ୍ୱର୍ରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇଥିବା ବେଳେ କେତେକ ମୁଷ୍ଟିମେୟ ଲୋକ ଏହି ପୀଠକୁ ବେଆଇନ ଭାବେ କବ୍ଜାରେ ରଖି ଟ୍ରାକ୍ଟର ଷ୍ଟାଣ୍ଡ, ଟେଣ୍ଟ ବାଉଁଶ, ନଡା ଗଦା କରି ରଖିଛନ୍ତି। ଏପରିକି ମନ୍ଦିର ପାଶ୍ୱର୍ବର୍ତ୍ତୀ ଲୋକମାନେ ଧାନ ଗଦା କରିବା ସହିତ ମନ୍ଦିର ସମ୍ମୁଖ ଚଟାଣରେ ସିଝା ଧାନ ଶୁଖାଉଛନ୍ତି।ଏହା ଲୋକଙ୍କର ଚରମ ବିଶୃଙ୍ଖଳା ଓ ଅବହେଳାକୁ ସ୍ପଷ୍ଟ ଭାବେ ପ୍ରତିପାଦନ କରୁଛି। ସେଠିକାର କିଛି ଭଦ୍ରଲୋକ ଏସବୁକୁ ତୀବ୍ର ଭାବେ ବିରୋଧ କରିଛନ୍ତି। ପ୍ରଶାସନ ଓ ଦେବୋତ୍ତର ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଭକ୍ତ ଓ ସେବକମାନେ ଦାବି କରିଛନ୍ତି। କିମ୍ବଦନ୍ତୀ ଅନୁସାରେ ବାବା ଭୈରବ ବହୁ ବର୍ଷ ପୂର୍ବେ ଝାଡ଼ଖଣ୍ଡରୁ ଏକ ଜାହାଜରେ କେତେକ ଦେବଦେବୀଙ୍କୁ ଧରି ଲୀଳା ଖେଳା କରିବା ଉଦ୍ଦେଶ୍ୟରେ ଏହିଠାରେ ସୁବର୍ଣ୍ଣ ରେଖା ନଦୀ ତଟରେ ପହଁଚି ଥିଲେ। ତେବେ ଜାହାଜରେ ଆଉ କେହି ନାବିକ ନ ଥିବାରୁ ଜାହାଜଟି ସେଇଠି ରହି ଯାଇଥିଲା ଯାହାର ମଙ୍ଗ ଏବେ ଉପରକୁ ରହିଥିବା ବେଳେ ଅନ୍ୟ ସମସ୍ତ ଅଂଶ ମାଟିରେ ପୋତି ହୋଇ ରହିଛି। ଭୈରବଙ୍କ ମନ୍ଦିର ନିର୍ମାଣ ସମ୍ପର୍କରେ ସଠିକ ତଥ୍ୟ ମିଳିପାରିନାହିଁ। ବାବା ଭୈରବ ଓ ସାଥି ଦେବା ଦେବୀ ଶହ ଶହ ବର୍ଷ ଖୋଲା ଆକାଶ ତଳେ ପୂଜା ପାଇବା ପରେ ସମ୍ଭବତଃ ଅଣଚାଷ ବାତ୍ୟା ପରେ ମନ୍ଦିର ନିର୍ମାଣ ହୋଇଛି। ପୂର୍ବେ ମନ୍ଦିରରେ କଳା ମୁଗୁନି ପଥରର ଚତୁଃ ହସ୍ତ ବିଶିଷ୍ଟ ଭୈରବ, ପାଶ୍ୱର୍ ଦେବତା ଭାବରେ ବୈଦ୍ୟନାଥ, ମହାବୀର, କାଳରୁଦ୍ରୀ , ଶୀତଳା, ଚଣ୍ଡୀ, ଦୁର୍ଗା ଆଦି ରହି ପୂଜା ପାଉଥିଲେ। କଳାପାହାଡ଼ ଏହି ମନ୍ଦିରକୁ ଭାଙ୍ଗିବା ସହିତ ଭୈରବ ମୂର୍ତ୍ତିକୁ ଭାଙ୍ଗିବାକୁ ଯାଇ ଅସଫଳ ହେବାରୁ ଭୈରବଙ୍କ ଗୋଟାଏ ପାଦକୁ ଭାଙ୍ଗି ପଳାଇ ଯାଇଥିଲେ। ତହିଁ ପରଠୁ ସେ ଏକ ପାଦ ଭୈରବ ଭାବେ ପୂଜା ପାଇ ଆସୁଛନ୍ତି। ଭୈରବ ନିଶାର୍ଦ୍ଧରେ ଘୋଡାରେ ଚଳ ପ୍ରଚଳ କରୁଥିବା କିମ୍ବଦନ୍ତୀ ମୂଳେ ତାଙ୍କୁ ରାଜା ଭୈରବ ବୋଲି ଭକ୍ତ ଓ ସେବକମାନେ ଡାକନ୍ତି। ଭୈରବ ପୀଠରେ ଅକ୍ଷୟ ତୃତୀୟା ଦିନ ବସେ ମେଳା। ପୂର୍ବରୁ ଏଠାରେ ସାତ ଦିନ ମେଳା ବସୁଥିବାବେଳେ ଏବେ କେବଳ ଗୋଟାଏ ଦିନ ବସୁଛି। ଭୈରବଙ୍କ ମହିମା ଅପାର। ଧବଳ କୁଷ୍ଠ ରୋଗରୁ ମୁକ୍ତି ପାଇବା ପାଇଁ ଲୋକମାନେ ଭୈରବଙ୍କୁ ଚୂନ ଦାନ କରିବାର ବିଧି ରହିଛି। ଭୈରବଙ୍କ ନାମରୁ କଣ୍ଟାଡିହା, ଖାଳପାଖ, ମଇଁଷି ଆଡି,ଘଣ୍ଟିଆଡ଼ି, ବଡ଼ କସବା ଆଦି ଗ୍ରାମର ନାମ ପ୍ରତିପନ୍ନ ହୋଇଛି। ଏହି ପୀଠରେ ବାସନ୍ତୀ ଦୁର୍ଗା ପୂଜା ମଧ ଅନୁଷ୍ଠିତ ହୁଏ। ପୂର୍ବରୁ ଭୈରବଙ୍କ ଅନେକ ସମ୍ପତ୍ତି ବାଡ଼ି ଥିଲା। କେତେକ ମୁଷ୍ଟିମେୟ ଲୋକ ଏବେ ବେଆଇନ ଭାବେ ଭୈରବ ଜାଗାକୁ ଜବର ଦଖଲ କରି ନେଇଛନ୍ତି। ସେ ସବୁ ମୁକ୍ତ ହେଲେ ପୀଠର ଉନ୍ନତି ହୋଇ ପାରନ୍ତା। ଭୈରବ ପୀଠକୁ ଏକ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ପାଇଁ ବାରମ୍ବାର ଦାବି ହୋଇ ଆସିଥିଲେ ମଧ ସରକାର ଉଦାସୀନ। ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଗେଙ୍ଗୁଟିଆ ଛକରୁ ଦୁଇ କିଲୋମିଟର ଉତ୍ତରକୁ ଗଲେ ଏହି ପୀଠ ପଡେ।ପୀଠକୁ ଭଲ ରାସ୍ତା ଟିଏ ନାହିଁ। ପୂରାତନ ମନ୍ଦିରର ଉନ୍ନତି କରଣ ହୋଇ ନାହିଁ। ପଞ୍ଚାୟତ ପକ୍ଷରୁ ନିର୍ମିତ କମ୍ୟୁନିଷ୍ଟ ଗୃହଟି ଲୋକଙ୍କ କାମରେ ଆସୁ ନାହିଁ। ମନ୍ଦିର ସମ୍ମୁଖ ଭାଗ ପଡିଆ ପରିତ୍ୟକ୍ତ, ପାଚେରୀ ନାହିଁ କି ପାନୀୟ ଜଳର ସୁବିଧା ନାହିଁ। ଉଜ୍ୱଳ ଆଲୋକ ବ୍ୟବସ୍ଥା କାମ କରୁ ନାହିଁ।

### ଧାମନଗର-ଦେହୁଡ଼ି ଆନନ୍ଦପୁର ରୁଟ୍‌ରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କେବେ

# ଲକ୍ଷ ଲକ୍ଷ ଟଙ୍କାର ବସ୍‌ଷ୍ଟପ୍ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ



- ବସ୍ ଡିସ୍‌ପ୍ଲେ'ରେ ଲେଖା ଅଛି ଦେହୁଡ଼ି, ଆନନ୍ଦପୁର; କିନ୍ତୁ ଚାଲୁନି
- ବସ୍ ଅଟକାଇ ଆନନ୍ଦପୁର ବାସିନ୍ଦାଙ୍କ ପ୍ରତିବାଦ

ଦୋବଲ,୧୮।୪(ସମିସ): ରାଜ୍ୟ ସରକାର ଗ୍ରାମାଞ୍ଚଳର ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଆରମ୍ଭ କରିଥିଲେ। ଧାମନଗର ବ୍ଲକ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହି ସେବା ପ୍ରହସନ ପାଲଟିଛି। ବିଶେଷ କରି ଧାମନଗରରୁ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତକୁ ସଂଯୋଗ କରୁଥିବା ରୁଟ୍‌ରେ ବସ୍ ଚଳାଚଳ କରୁ ନ ଥିବାରୁ ହଜାର ହଜାର ଜନସାଧାରଣ ସେବାରୁ ବଞ୍ଚିତ ହେବା ସହ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ଘଟୁଛି। ପ୍ରାରମ୍ଭରେ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତକୁ ବସ୍ ଆସିବାକୁ ତାଲିକା ହୋଇଥିଲା। ରୁଟ୍ ନିର୍ଦ୍ଧାରଣ ମଧ୍ୟ ସରିଥିଲା। ଧାମନଗର ବ୍ଲକ୍ ମୁଖ୍ୟାଳୟରୁ ଗୋଟିଏ ବସ୍ ଦେହୁଡ଼ି ଆନନ୍ଦପୁର ଯାଇଥା'ନ୍ତା। ସେଠାରୁ ସୋହଡ଼ା ପଞ୍ଚାୟତର ଷେଣ୍ଢପୁର ହୋଇ ଖଡ଼ିପଦା ଛକ ଦେଇ ଧାମନଗରରେ ପହଞ୍ଚିଥାନ୍ତା। ଏଥିଲାଗି ଖଡ଼ିପଦା ପଞ୍ଚାୟତ ଅଫିସ ସାମ୍‌ନା ଓ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ହାତିଡିଅ ଛକଠାରେ ଏକ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ବସ୍‌ଷ୍ଟପ୍ ଲାଗି ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହି ରୁଟ୍‌ରେ ବସ୍ ଗଡ଼ିଲା ନାହିଁ। ଫଳରେ ହାତିଡିଅରେ ନିର୍ମିତ ବସଷ୍ଟପ୍‌ଟି କୌଣସି କାମରେ ନ ଲାଗି ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସନ୍ଧ୍ୟା ହେଲେ ଆନନ୍ଦପୁର ଓ ଖଡ଼ିପଦା ବସ୍‌ଷ୍ଟପ୍‌ଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି।

ଧାମନଗରରୁ ଯାଜପୁରକୁ ସଂଯୋଗ କରୁଥିବା ଦେହୁଡ଼ି ଆନନ୍ଦପୁର ହାତିଡିଅ ଛକ ପ୍ରବେଶ ଦ୍ୱାର। ଏଠାରେ ସପ୍ତାହକୁ ଦୁଇ ଦିନ ହାଟ ବସିବା ସହ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବସ୍ ସେବା ଅଭାବରୁ ଦେହୁଡ଼ି ଆନନ୍ଦପୁର ସମେତ ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗ୍ରାମର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଛଡ଼ା ପଡ଼ୋଶୀ ଖଡ଼ିପଦା ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଯଥା- ମୁଥାନଗର, ଦକ୍ଷିଣ କୁରୁଆ ଓ ଦକ୍ଷିଣ କାଞ୍ଜିଆପାଳ ଗାଁର ଲୋକେ ମଧ୍ୟ 'ମୁଖ୍ୟମନ୍ତ୍ରୀ' ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଖଡ଼ିପଦା ପଞ୍ଚାୟତ ଅଫିସ୍ ସାମ୍ନାରେ ନିର୍ମିତ ହୋଇଥିବା ବସ୍‌ଷ୍ଟପ୍‌ଟି ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଅସାମାଜିକମାନେ ଏହାର ହୋର୍ଡିଂ ଭାଙ୍ଗି ଦେଇଥିବାବେଳେ ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଖଡ଼ିପଦା ହାଇସ୍କୁଲ ଓ ପଞ୍ଚାୟତ ଅଫିସକୁ ଆସୁଥିବା ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ପରିବହନ ସୁବିଧା ନ ପାଇ ବହୁ ହଇରାଣ ହେଉଛନ୍ତି। ଧାମନଗରର ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ତୁରନ୍ତ ବସ୍ ଚଳାଚଳ କରାଇବା ସହ ନଷ୍ଟ ହେଉଥିବା ସରକାରୀ ଭିତ୍ତିଭୂମିର ସୁରକ୍ଷା ପାଇଁ ସାଧାରଣରେ ଦାବି ହେଉଛି। ତୁରନ୍ତ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଓଏସ୍‌ଆର୍‌ଟିସିର ଧାମନଗର ବ୍ଲକ୍ ସୁପରଭାଇଜର ସୁମନ ଦେ କୁହନ୍ତି ସରକାର ବସ୍ ଯୋଗାଇଦେଲେ ରୁଟ୍‌ରେ ଚାଲିବ।

ସୂଚନା ଯୋଗ୍ୟ ଯେ, ଧାମନଗରରୁ ସୋହଡ଼ା ଭାୟା ଷେଣ୍ଢପୁର ପଞ୍ଚାୟତକୁ ଚାଲିଥିବା ବସ୍‌ଟିର ଡିସ୍‌ପ୍ଲେ'ରେ ଆନନ୍ଦପୁର ଲେଖାଥିବାବେଳେ ବସ୍‌ଟି କେଉଁ ଉଦ୍ଦେଶ୍ୟରେ ଆନନ୍ଦପୁର ଯାଉନାହିଁ, ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ ଓଏସ୍‌ଆରଟିସିର ଭଦ୍ରକ ଜିଲ୍ଲା ମ୍ୟାନେଜର ରକ୍ଷାକର ବାରିକଙ୍କୁ ପଚାରିବାରୁ କୁହନ୍ତି, ଦେହୁଡ଼ି ଆନନ୍ଦପୁର ବସ୍ ଚାଲିବ। ରୁଟ୍‌ଚାର୍ଟ ପାଇଁ ଆମର ଆଇପିଏସ୍ ଟିମ୍‌ଙ୍କୁ କୁହାଯାଇଛି। ସେମାନେ ଅପ୍‌ଡେଟ୍ କରିଦେଲେ ଗୋଟିଏ ସପ୍ତାହ ଭିତରେ ଗାଡ଼ି ଚାଲିବ। ପ୍ରକାଶ ଥାଉକି ଏହି ବସ୍ ଆନନ୍ଦପୁର ରୁଟ୍‌ରେ ଯାଉ ନ ଥିବାରୁ ଶୁକ୍ରବାର ଆନନ୍ଦପୁର ଅଞ୍ଚଳର ଶତାଧିକ ଲୋକ ଉକ୍ତ ବସ୍‌କୁ ଅଟକାଇ ଜବରଦସ୍ତ ଆନନ୍ଦପୁର ଯିବାକୁ କହିଥିଲେ, ବସ୍ ଡ୍ରାଇଭର ରାଜି ନ ହେବାରୁ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲେ ବୋଲି ଥାନାର ଏସ୍‌ଆଇ ନାରାୟଣ ନାୟକ କହିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବାରିକପୁର,୧୮।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ପଟାପୋଲସ୍ଥିତ ମହେଶ୍ୱର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ ଜିତେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟବକ୍ତା ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଢ, ସମ୍ମାନିତ ଅତିଥି ଅଧ୍ୟାପକ ତରଣୀସେନ ଜେନା, ସମାଜସେବୀ ଗିରିଶ ଚନ୍ଦ୍ର ସାମଲ, ରାମଚନ୍ଦ୍ର ସେନାପତି, ବରେଣ୍ୟ ଅତିଥି ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଶିକ୍ଷାବିତ୍ ବିଶ୍ୱମ୍ବର ରାଉତ, ମିନତି ଦାସ, ପରିଚାଳନା କମିଟି ସଭାପତି ଦିବାକର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟା ଶୁଭଦର୍ଶିନୀ ଶାସିନି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଗୁରୁଜୀ ରାହୁଲ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ଗୁରୁମା ଆରତୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ଶୁଭମ୍ ପକ୍ଷରୁ ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ

## 'ଆମ୍ବେଦକରଙ୍କ ବିଚାରଧାରା ସମାଜରେ ପ୍ରତିଫଳନ ହେଉ'




ତିହିଡ଼ି,୧୮।୪(ସମିସ): ବାବା ସାହେବ ଭୀମରାଓ ଆମ୍ବେଦକର ବହୁ ଘାତ ପ୍ରତିଘାତ ଦେଇ ଗତି କରି ଜୀବନର ଲକ୍ଷ୍ୟ ପଥରେ ପହଞ୍ଚିପାରି ଥିଲେ। ତେଣୁ ସେ ସମାଜରେ ଦଳିତ ଗରିବ ଏବଂ ଅବହେଳିତଙ୍କ କଥା ଓ ବ୍ୟଥାକୁ ନିଜେ ହୃଦୟଙ୍ଗମ କରିଥିବାରୁ ସେମାନଙ୍କୁ କିପରି ନ୍ୟାୟ ଦିଆଯିବ ଏବଂ ସେମାନଙ୍କ ଉତ୍ଥାନ କିପରି ହେବ ସେଥିପାଇଁ ସେ ସମ୍ବିଧାନରେ ବିଭିନ୍ନ ଅନୁଚ୍ଛେଦରେ ସମାନଙ୍କ ସୁରକ୍ଷା କଥା ଉଲ୍ଲେଖ କରିଛନ୍ତି। ବିଶେଷ କରି ଦଳିତ, ଗରିବ ଏବଂ ଅବହେଳିତଙ୍କୁ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷା କିପରି ମିଳିବ ସେଥିପାଇଁ ସେ ଜୀବନରେ ଶେଷ ପର୍ଯ୍ୟନ୍ତ ଅହରହ ଉଦ୍ୟମ ଜାରି ରଖିଥିଲେ। ତେଣୁ ତାଙ୍କର ସେହି ବିଚାରଧାରା ସମାଜରେ ପ୍ରତିଫଳନ ହେଲେ ଅନେକ ଗରିବ ଦରିଦ୍ର ଅସହାୟ ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରନ୍ତେ ବୋଲି ତିହିଡ଼ି ବ୍ଲକ୍ ବୋଡକଠାରେ ଭାରତ ସରକାରଙ୍କ ମାଇଁ ଭାରତ ସଂଗଠନ ସହଯୋଗରେ ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଡ. ବି.ଆର୍. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କହିଛନ୍ତି। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ତଥା ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ବନମାଳୀ ଜେନା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଭୀମଚରଣ ପରିଡ଼ା, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନା, ସମିତି ସଭ୍ୟ ଜୟ ପ୍ରକାଶ ମଲ୍ଲିକ, ସରପଞ୍ଚ ପ୍ରତିନିଧି ବିଷ୍ଣୁ ମୋହନ ଜେନା, ଅଭୟ ମଲ୍ଲିକ, କ୍ଷୀରସିନ୍ଧୁ ବାରିକ, କଳ୍ପତରୁ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆମ୍ବେଦକରଙ୍କ ଉପରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଗୋଲକବିହାରୀ ପରିଡ଼ା ଓ ଆନନ୍ଦ ଚନ୍ଦ୍ର ପରିଡ଼ା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବରିଷ୍ଠ ନାଗରିକ ପରିଷଦର ଓଡ଼ିଆ ନବବର୍ଷ ଓ ବନ୍ଧୁ ମିଳନ

ଧାମନଗର,୧୮।୪(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମହାବିଷୁବ ସଂକ୍ରାନ୍ତି, ମହାବୀର ହନୁମାନ ଜୟନ୍ତୀ, ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅନିଲ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ଓ ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ଉଲ୍ଲେଖ କରିଥିଲେ। ଉପସଭାପତି ସୁରଥଚନ୍ଦ୍ର ସେଠୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ଭାସ୍କର ଚନ୍ଦ୍ର ସାମଲ, ନିରାକାର ଧଳ, ଦଶରଥ ଦାସ, ଅଭିମନ୍ୟୁ ମଲ୍ଲିକ, ବିଦ୍ୟାଧର ରାଉତ, ଧନଞ୍ଜୟ ଦାସ, ଭୋଳାନାଥ ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି ପ୍ରମୁଖ ଯୋଗଦେଇ ବିଜ୍ଞାନ ସହ ଆଧ୍ୟାତ୍ମ୍ୟ ଚିନ୍ତା ଓ ଚେତନା ଜଗତରେ ପରିବ୍ୟାପ୍ତ ହେଲେ ଆଜିର ଦିବସର ମୂଲ୍ୟବୋଧ ସଫଳ ହେବ ବୋଲି ବକ୍ତବ୍ୟ ରଖିଥିଲେ। ପରିଷଦର ସାଂଗଠନିକ କ୍ଷେତ୍ରରେ ସଭ୍ୟ ସଂଖ୍ୟା ପ୍ରାୟ ୧୪୦୦ରୁ ଊର୍ଦ୍ଧ୍ୱ ଏବଂ ଏହା ଏକ ଭାଇଚାରାର ପ୍ରମୁଖ ସହର ହୋଇଥିବାରୁ ଅନ୍ୟ ଏକ ଉପସଭାପତି ପଦ ସୃଷ୍ଟି କରାଗଲା।

ସମସ୍ତଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ସେକ୍ ଅବ୍‌ଦୁଲ ହାକିମ(ଗୋରା ସାର୍)ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ଉପସଭାପତି ଭାବେ ମନୋନୀତ କରାଯାଇଛି। ଘୋଷଣା ପରେ ସେକ୍ ହାକିମ ପରିଷଦର ସଭାପତି, ସମ୍ପାଦକ ସହ ସମସ୍ତ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଜଣାଇଥିଲେ। ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସୁରାଳିରେ ମା' ଖୁଲେଇଶୁଣିଙ୍କ ବାର୍ଷିକ ମହୋତ୍ସବ

ଅସୁରାଳି,୧୮।୪(ସମିସ): ଓଡ଼ିଶାର ପୁରାଣ ପ୍ରସିଦ୍ଧ ପାଲା ସଂସ୍କୃତି ହେଉଛି ଜ୍ଞାନ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ। ଏହି ପରମ୍ପରାକୁ ବଞ୍ଚାଇ ରଖିବା ସହ ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ଅସୁରାଳିସ୍ଥିତ ମା' ଶୁକ୍ଳେଶ୍ୱରୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାରଠାରୁ ଏହି ପବିତ୍ର ଉତ୍ସବର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଗୁଆଧିବାସ, ଜଳଯାତ୍ରା ଏବଂ ଶତଚଣ୍ଡୀ ପାଠ ସହ ହୋମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଧାରା ଆସନ୍ତା ଏପ୍ରିଲ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପ୍ରତିଦିନ ଅପରାହ୍ଣ ୧ଟାରେ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ସୁବ୍ୟବସ୍ଥା କରାଯାଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ଭାଇଚାରାର ପରିବେଶ ସୃଷ୍ଟି କରିଛି। ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିଛି ଓଡ଼ିଶାର ପାରମ୍ପରିକ 'ବାଡ଼ିପାଲା'। ପାଲା କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଗାୟକଙ୍କ ପାଣ୍ଡିତ୍ୟ, ସାହିତ୍ୟ ଚର୍ଚ୍ଚା ଏବଂ ସଂସ୍କୃତ ଶ୍ଳୋକ ମାଧ୍ୟମରେ ସାଧାରଣ ଜନତାଙ୍କୁ ଧର୍ମ ମାର୍ଗରେ ଚଳାଇବାର ଏକ ଶକ୍ତ ମାଧ୍ୟମ। ଚଳିତ ବର୍ଷ ଏହି ପୀଠରେ ୨ ପ୍ରସିଦ୍ଧ ପାଲା ଗାୟକଙ୍କ ମଧ୍ୟରେ କଳାତ୍ମକ ଗାୟକ ସୌରଭ ପ୍ରଶାନ୍ତ ବେହେରା (ଢେଙ୍କାନାଳ), ଗାୟକ ବାରିଧି ଭାସ୍କର ଚନ୍ଦ୍ର ସାହୁ (ଆଠଗଡ଼) ଏହି ଗାୟକମାନେ ନିଜର ସୁଲଳିତ କଣ୍ଠ ଓ ବ୍ୟାଖ୍ୟାନ ଶୈଳୀରେ ମା'ଙ୍କ ମହିମା ଏବଂ ଓଡ଼ିଆ ସାହିତ୍ୟର ସୌନ୍ଦର୍ଯ୍ୟକୁ ପରିବେଷଣ କରି ଶ୍ରୋତାମାନଙ୍କୁ ବିମୋହିତ କରୁଛନ୍ତି। କାର୍ଯ୍ୟକ୍ରମ ଅରବିନ୍ଦ ନାୟକ, ନାରାୟଣ ଚନ୍ଦ୍ର ସାହୁ, ଶାରଦା ପ୍ରସନ୍ନ ସାହୁ, ଡ. ସଦାନନ୍ଦ ଦାସ, ହୁନକ ମଲ୍ଲିକ, ସହଦେବ ସାହୁ, ଅଙ୍କୁର କବି, ଅଶୋକ ଦାସ, ଅରୁଣ ସାହୁ, ଶଙ୍କର୍ଷଣ ମଲ୍ଲିକ, ବୁଦ୍ଧିରାମ ଦାସ, ପ୍ରଫୁଲ୍ଲ ବେହେରା ଓ ଆନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ରତ୍ନ ଜାଗୁଲାଇ ପୀଠରେ ଶହେ ବର୍ଷର ପାଟୁଆ ଯାତ୍ରା

ବନ୍ତ/ଆଗରପଡ଼ା,୧୮।୪(ସମିସ): ଚାରିଗାଁ ପଞ୍ଚାୟତ ଚକ୍ରାପାଡ଼ୀ ଗ୍ରାମର ରତ୍ନ ଜାଗୁଲାଇ ପୀଠରେ ପାଟୁଆ ଯାତ୍ରା ଶହେ ବର୍ଷରେ ପଦାର୍ପଣ କରିଛି। କଣ୍ଟା ଫୋଡ଼ା, ଉଡ଼ା ଓ ଅଗ୍ନିପରୀକ୍ଷା ଆଦି ଭକ୍ତିପୂତ ଆକର୍ଷଣୀୟ କାର୍ଯ୍ୟ ପାଟୁଆଙ୍କ ଦ୍ୱାରା ହୋଇଥିଲା। ଅସହ୍ୟ ତାତି ସହ ଗୁଳୁଗୁଳିକୁ ଭ୍ରୂକ୍ଷେପ ନ କରି ଶତାଧିକ ଶ୍ରଦ୍ଧାଳୁ ଏହାକୁ ଉପଭୋଗ କରିଥିଲେ। ସମିତିସଭ୍ୟ ଧରଣୀଧର କର, ଜୟଦେବ ସାହୁ, ସୁଦର୍ଶନ ଜେନା, ସନ୍ତୋଷ ପଣ୍ଡା, ଗଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ବଣ୍ଟନ କରିଥିଲେ। ଧିରେନ ଭୋଳ, ମୂରଲୀଧର କର, ଅଭିମନ୍ୟୁ ନନ୍ଦୀ, ଅକ୍ଷୟ କର, ରାଧାକାନ୍ତ ପୃଷ୍ଟି ପ୍ରମୁଖ ପାଟୁଆ ଯାତ୍ରାକୁ ପରିଚାଳନା କରିଥିଲେ।

## ବନ୍ଧୁ ମିଳନ ଓ ଗୁରୁପୂଜନ ଉତ୍ସବ



ଧୂଷୁରୀ,୧୮।୪(ସମିସ): ଧାମନଗର ବ୍ଲକ୍ ସାହସପୁର ଉଚ୍ଚ ବିଦ୍ୟାପୀଠର ୨୦୦୬ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁପୂଜନ ଅନୁଷ୍ଠିତ ହୋଇଯାଇଛି। ରତିକାନ୍ତ ସେଠୀଙ୍କ ସଭା ସଞ୍ଚାଳନାରେ ପୂର୍ବତନ ପ୍ରଧାନଶିକ୍ଷକ ଚନ୍ଦ୍ରକାନ୍ତ ମହାଳିକ, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପୋଥାଳ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ପୁରାତନ ଛାତ୍ରଛାତ୍ରୀ ପ୍ରଶାନ୍ତ, ସୁଶାନ୍ତ ସାହୁ, ଅଧୀର ଦାସ, ଶଶଧର ଜେନା, ରଜତ ବେଜ, ପ୍ରକାଶ ଚନ୍ଦ୍ର ବାରିକ, ଶେଷଦେବ ଜେନା, ଆରତୀଲତା ସାଏନ୍ତ, ଝୁନ୍ନୁମୟୀ ସୂତାର, ଉର୍ବଶୀ ମହାଳିକ, ଗୋଦାବରୀ ମିଶ୍ର, ପ୍ରଜ୍ଞା ପରମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଆରତୀ ଲତା ସାଏନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ପୁରାତନ ଛାତ୍ର ରତିକାନ୍ତ ସେଠୀ।

## ବର୍ଷକରେ ୮୬ କେଜି ଗଞ୍ଜେଇ ଜବତ କରିଛି ଜିଲ୍ଲା ଅବକାରୀ ବିଭାଗ

ଦୋଳସାହି,୧୮।୪(ସମିସ): ଭଦ୍ରକ ଜିଲ୍ଲାରେ ସରକାରଙ୍କ ପକ୍ଷରୁ ୫ଟି ଭାଙ୍ଗ ଦୋକାନ ଅନୁମତି ପ୍ରଦାନ କରାଯାଇଥିବା ବେଳେ ଏହି ସମସ୍ତ ସରକାରୀ ଭାଙ୍ଗ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହୋଇଆସୁଛି। ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ଏହି ଅଭିଯୋଗ ସମ୍ପର୍କରେ ଅବଗତ ନ ଥିବା ସୂଚନା ଦେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ଧାମରା, ଆରଡ଼ି, ଚାନ୍ଦବାଲି, ତିହିଡ଼ି ଓ ଭଦ୍ରକ ମୋଟ ୫ଟି ସ୍ଥାନରେ ଏହି ସରକାରୀ ଭାଙ୍ଗ ଦୋକାନ ରହିଥିବାବେଳେ ଗତ ବର୍ଷରେ ୧୨ ଜଣ ଗଞ୍ଜେଇ ବେପାରୀଙ୍କଠାରୁ ୮୬ କେଜି ଗଞ୍ଜେଇ ଜବତ କରିଥିବା ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲା ଅବକାରୀ ଅଧିକାରୀ ନରୋତ୍ତମ ମିଶ୍ର। ସେହିପରି ଭଦ୍ରକ ଜିଲ୍ଲାର କୋଣ ଅନୁକୋଣରେ ଶହଶହ ଗଞ୍ଜେଇ ବେପାରୀ ଖୁଲମ୍‌ଖୁଲା ବେପାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ସିବିଏସ୍‌ଇ ୧୦ମ ପରୀକ୍ଷାରେ ଭେଙ୍କଟେଶ୍ୱର ସ୍କୁଲ ଛାତ୍ରଙ୍କ ବାଜିମାତ୍

ଭଦ୍ରକ,୧୮।୪(ସମିସ): ବୁଧବାର ସିବିଏସ୍‌ଇ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ଭଦ୍ରକ ଜିଲ୍ଲା ଚାନ୍ଦବାଲିସ୍ଥିତ ଭେଙ୍କଟେଶ୍ୱର ସ୍କୁଲର ଛାତ୍ରଛାତ୍ରୀମାନେ ବାଜିମାତ୍ କରିଥିବାର ସୂଚନା ମିଳିଛି। ଏଥିରେ ସ୍ୱୟମ୍ ପ୍ରତ୍ୟୁଷ ୯୭.୪% ମାର୍କ ହାସଲ କରି ସ୍କୁଲର ସର୍ବୋଚ୍ଚ ସ୍ଥାନ ହାସଲ କରିଥିବାବେଳେ ରିତେଶ ବାରିକ ୯୭.୨%, ଓମ୍ ଆଦିତ୍ୟ ଦାଶ ଓ ପ୍ରିୟାଂଶୁ ସେଠୀ ଉଭୟ ୯୭%, ଆରବ ବେହୁରିଆ ୯୬.୪%, ଅର୍ପିତା ପ୍ରଧାନ ୯୪.୬%, ଅନ୍ୱେଷା ସାହୁ ୯୩.୬%, ଶ୍ରୁତି ମଲ୍ଲିକ ୯୩.୪%, ସତ୍ୟମ୍ ସ୍ୱରୂପ ବିଶ୍ୱାଳ ୯୩.୨% ଓ ଭାଗ୍ୟଲକ୍ଷ୍ମୀ ଦାସ ୯୨.୪% ମାର୍କ ରଖିଛନ୍ତି। ଏହି ସ୍କୁଲର ପରୀକ୍ଷା ଦେଇଥିବା ୩୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭ ଜଣ ୮୦%ରୁ ଅଧିକ ମାର୍କ ରଖିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ୨ ବାଲି ବୋଝେଇ ଟ୍ରକ୍ ଜବତ

ତିହିଡ଼ି,୧୮।୪(ସମିସ): ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଦୁଇଟି ବାଲି ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି। ନିର୍ଦ୍ଧାରିତ ପରିମାଣରୁ ଅଧିକ ବାଲି ନେଉଥିବା କାରଣରୁ ତିହିଡ଼ି ତହସିଲ୍‌ଦାର ଦୁଇଟି ହାଇୱାକୁ ଜବତ କରି ତିହିଡ଼ି ଥାନା ଜିମା ଦେଇଥିଲେ। ତେବେ ରେଡ୍‌କ୍ରସ ବାବଦକୁ ଉଭୟ ଗାଡ଼ିରୁ ୩୦ ହଜାର ଟଙ୍କା ଆଦାୟ କରିବା ପରେ ଗାଡ଼ି ଦୁଇଟିକୁ ଛାଡ଼ି ଦିଆଯାଇଥିବା ଜଣାଯାଇଛି।

## ପୂର୍ବତନ ଶିକ୍ଷୟିତ୍ରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଧାମନଗର,୧୮।୪(ସମିସ): ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ଓ ନିଆରା ବ୍ୟକ୍ତିତ୍ୱର ଅଧିକାରିଣୀ ଗୋଲକଲତା ଖିଲାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଧାମନଗର ଏନ୍‌ଏସି ଅଧୀନ ଦକ୍ଷିଣବାଡ଼ ଗାଁ ସ୍ଥିତ ତାଙ୍କ ବାସଭବନରେ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଞ୍ଚାଳନାରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର,



ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ନବ ଜୀବନ ଫାଉଣ୍ଡେସନ ମୁଖ୍ୟ ମାନସ ରଞ୍ଜନ ସାହୁ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନୀଲ ବାରିକ, ଆଇନଜୀବୀ ଅଶୋକ ଦାସ, ରଞ୍ଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ବିଜୟ ରାମ, ଅରୁଣ ପ୍ରକାଶ ନାୟକ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର, ମାନସ ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂହ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମରେ ଯୋଗଦେଇ ଫଟୋରେ ପୁଷ୍ପମାଲ୍ୟ ସହ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଖିଲାର ପରିବାରର ସମସ୍ତ ସଦସ୍ୟ ସାନପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ବନ୍ଧୁବାନ୍ଧବ ସମସ୍ତେ ଉପସ୍ଥିତ ଥିବାବେଳେ ସ୍ୱର୍ଗତାଙ୍କ ବଡ଼ ପୁଅ ସାମ୍ବାଦିକ କୁମାରେଶ ବଳଭଦ୍ର ଖିଲାର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### କାର୍ଯ୍ୟକ୍ଷମ ହେଉନି ପଞ୍ଚାୟତ ଭବନ

# ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ଲକ୍ଷ୍ୟ ଅଧୁରା

**ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି କାର୍ଯ୍ୟାଳୟ**



ବନ୍ତ/ଆଗରପଡ଼ା,୧୮।୪(ସମିସ): କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପଞ୍ଚାୟତର ଉନ୍ନତି ପାଇଁ ଚେଷ୍ଟିତ ହେଉଛନ୍ତି ସତ କିନ୍ତୁ ଯୋଜନାର ସଫଳ ରୂପାୟଣ ନିର୍ଦ୍ଦିଷ୍ଟ ଏକ ସମୟସୀମା ମଧ୍ୟରେ ହେଉ ନ ଥିବାରୁ ଏହା ସରକାରଙ୍କ ଯୋଜନା ପ୍ରତି ଉପହାସ ସଦୃଶ ହେଉଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପୁରୁଷଣ୍ଢ ପଞ୍ଚାୟତର ପଞ୍ଚାୟତ ଭବନ ନିର୍ମାଣ କ୍ଷେତ୍ରରେ।

୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟତ ସଂସ୍ଥା ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଢ ପଞ୍ଚାୟତର ପଞ୍ଚାୟତ ଭବନ ନିର୍ମାଣ ନିମନ୍ତେ ମନରେଗା ଓ ସିଏଫ୍‌ସି ଅନୁଦାନ ପ୍ରତ୍ୟେକରୁ ୧୦ ଲକ୍ଷ ଏହିପରି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଉକ୍ତ ଭବନର ଫାଟକ ଓ ପାଚେରି ନିର୍ମାଣ ବାବଦରେ ୨ଲକ୍ଷ ୫୦ହଜାର ଟଙ୍କା, ପୁଣି ୨୦୨୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଭବନର ପାଖର୍ ଉନ୍ନତୀକରଣ ବାବଦରେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ସ୍ୱାଗତମ୍ ତୋରଣ ନିର୍ମାଣ ବାବଦରେ ୧ଲକ୍ଷ ୫୦ହଜାର ଟଙ୍କା ଓ ପଞ୍ଚାୟତ ଭବନର ସମ୍ପୂର୍ଣ୍ଣୀକରଣ ନିମନ୍ତେ ୨ଲକ୍ଷ ୧୧ହଜାର ୧୮୬ ଟଙ୍କା ଏବଂ କାର୍ଯ୍ୟାଳୟକୁ ପାଣି ଯୋଗାଣ ଓ ମରାମତି ବାବଦରେ ୮୦ ହଜାର ଟଙ୍କା ବ୍ୟୟ ହୋଇ ନିର୍ମାଣ କାର୍ଯ୍ୟ ଚାଲିଥିଲା। ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର ହୋଇ ବର୍ତ୍ତମାନ ପଞ୍ଚାୟତ ଭବନର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। କିନ୍ତୁ ନିର୍ମାଣ କାର୍ଯ୍ୟ ସରିବା ପରେ ମଧ୍ୟ ପଞ୍ଚାୟତ ଭବନ କାର୍ଯ୍ୟକ୍ଷମ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଅସ୍ୱାସ୍ଥ୍ୟକର ପରିବେଶରେ ପୁରୁଣା କାର୍ଯ୍ୟାଳୟରେ ପଞ୍ଚାୟତର କାର୍ଯ୍ୟନିର୍ବାହ ହେଉଛି। ଅସରାଏ ବର୍ଷା ହେଲେ ଉକ୍ତ କାର୍ଯ୍ୟାଳୟର ଛାତରୁ ଓ କାନ୍ଥରୁ ପାଣି ଗଳିବା ସହ ଭିନ୍ନ ଏକ ପରିବେଶ ସୃଷ୍ଟି କରୁଛି। ପରିସରରେ ଥିବା ଆସବାବପତ୍ର ମଧ୍ୟ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଆଗକୁ କିଛି ବିପଦ ସୃଷ୍ଟି ହେବା ଆଗରୁ ଓ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଯଥାଶୀଘ୍ର କାର୍ଯ୍ୟାଳୟକୁ ନବନିର୍ମିତ ଗୃହକୁ ସ୍ଥାନାନ୍ତରଣ କରିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।



## ବିଏମ୍‌ସିର ୪୦ତମ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି

# ଇସ୍କନ ଆଗରେ ହେବ ୩୦ କୋଟିର ଡ୍ରେନ୍

ଭୁବନେଶ୍ୱର, ୧୮ ।୪(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୪୦ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଜୋନାଲ କମିସନର ଅଶନୀ ଏ.ଏଲ୍. ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍ ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

- ପ୍ରମୁଖ ଡ୍ରେନ କାର୍ଯ୍ୟ ପାଇଁ ସରକାର ଦେଲେ ୫୦ କୋଟି
- ଚାପ ପରେ ହେବ ବିନ୍ଦୁସାଗରରୁ ପଙ୍କୋଦ୍ଧାର
- ଟିକସ ଆଦାୟରେ ବିଏମ୍‌ସିର ସର୍ବକାଳୀନ ରେକର୍ଡ
- ଏଣିକି ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ କମ୍ୟୁନିଟି ସେଣ୍ଟର



୨୦୨୬-୨୦୨୭ ଆର୍ଥିକ ବର୍ଷ ନିମନ୍ତେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି । ବିଏମ୍‌ସି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଡ୍ରେନଗୁଡିକର କାମ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ଖାସ୍ କରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଗୃହକୁ ଅବଗତ କରାଇଛନ୍ତି । ଡ୍ରେନଗୁଡ଼ିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦୁଇଟି ଘରୋଇ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସେମାନେ ବର୍ଜ୍ୟରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବେ । ଏହି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ଟାକ୍ସ ଆଦାୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି, ୧୧୭ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଶ୍ରୀ ରାଣା ଗୃହକୁ ଅବଗତ କରାଇଥିଲେ । ପରେ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଯିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟ ଚାଲିଥିଲା । ଶେଷରେ କର୍ପୋରେଟର, ବିଏମ୍ ସିର ବିଭିନ୍ନ ଉପବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ।

ଏହି ଅବସରରେ ମେୟର ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପୁଷ୍କରିଣୀ ବିନ୍ଦୁ ସାଗରର ପଙ୍କୋଦ୍ଧାର କାର୍ଯ୍ୟ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତ କର୍ପୋରେଟର ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ତେବେ ଅକ୍ଷୟତୃତୀୟଠାରୁ ମହାପ୍ରଭୁଙ୍କର ଚାପ ରହିଥିବାରୁ ତା' ପରେ ପୁରା ପୁଷ୍କରିଣୀରୁ ଜଳ ନିଷ୍କାସନ କରାଯିବା ସହ ସେଥିରୁ ପଙ୍କୋଦ୍ଧାର କରାଯିବ ବୋଲି ନିଷ୍ପତ୍ତି ହୋଇଛି । କେବଳ ସେତିକି ନୁହେଁ, ସହରରେ ଥିବା ବିଭିନ୍ନ ଜଳାଶୟର ମଧ୍ୟ ପୁନଃଉଦ୍ଧାର କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବିଭିନ୍ନ ଓ୍ୱାର୍ଡରେ ଥିବା କମ୍ୟୁନିଟି ସେଣ୍ଟରଗୁଡିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ । ତେବେ ଯେଉଁଦିନ ବୁକିଂ ନଥିବ, ସେହିଦିନ ସମ୍ପୃକ୍ତ ଓ୍ୱାର୍ଡର ବରିଷ୍ଠ ନାଗରିକମାନେ ତାହାକୁ ବ୍ୟବହାର କରିପାରିବେ ବୋଲି ମାନନୀୟା ମେୟର ଏକ ପ୍ରସ୍ତାବ ଆଗତ କରିଥିଲେ ।

ଏଣିକି ଟିଟିଏସରୁ ଆରଡିଏଫ୍ ଉଠାଇବ ଡାଲମିଆ ସିମେଣ୍ଟ କାରଖାନା । ଟେଣ୍ଡରରେ ଡାଲମିଆ ସବୁଠାରୁ କମ୍ ଦର ଧାର୍ଯ୍ୟ କରିଥିବାରୁ ତାହାକୁ ଚୟନ କରାଯାଇଛି । ଏହା ଫଳରେ ଟିଟିଏସରେ ଆଉ ବର୍ଜ୍ୟ ଜମା ହୋଇ ରହିବ ନାହିଁ । ଏହି ପ୍ରସ୍ତାବ ମଧ୍ୟ ଗୃହରେ ଆଲୋଚନା ହୋଇଥିଲା । ଏହି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ ।

## ହେଲ୍‌ମେଟ ଦୋକାନୀଙ୍କୁ ଖଣ୍ଡା ଚୋଟ



ଭୁବନେଶ୍ୱର, ୧୮।୪ (ସମିସ): କିଛିଦିନ ହେବ ଲାଗି ରହିଥିବା ବ୍ୟବସାୟିକ ଶତ୍ରୁତା ଉଗ୍ରରୂପ ନେଇଛି । ହେଲମେଟ ଦୋକାନୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଛନ୍ତି । ସହିଦନଗର ଥାନା ଅଧୀନସ୍ଥ ସ୍ୱର୍ଶ ହସ୍ପିଟାଲ ନିକଟରେ ଏଇଭଳି ଘଟଣା ଘଟିଛି । ଅଭିଯୋଗ ପରେ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିର ବବୁଲ ନାଏକ (୨୦) ଓ ସୁନିଲ କୁମାର ନାଏକ ଓରଫ୍ ସୋନୁ (୨୦) ।

ପୁଲିସ ସୂଚନାନୁସାରେ, ତାରାକାନ୍ତ ବାରିକ ନାମକ ଜଣେ ବ୍ୟକ୍ତି ସ୍ୱର୍ଶ ହସ୍ପିଟାଲ ନିକଟସ୍ଥ ସର୍ଭିସ୍ ରାସ୍ତାରେ ଏକ ହେଲ୍‌ମେଟ ଦୋକାନ କରିଛନ୍ତି । ସେଠାରେ ଦୋକାନ କରିଥିବା ଓମ୍ ଓ ତାରାକାନ୍ତଙ୍କ ମଧ୍ୟରେ ବ୍ୟବସାୟିକ ଶତ୍ରୁତା ଲାଗି ରହିଥିଲା । ଦୋକାନ ଯୋଗୁଁ ଟ୍ରାଫିକ୍ ଜାମ୍ ହେଉଥିବା ନେଇ ଆପତ୍ତି ହେବାରୁ ବିବାଦ ସୃଷ୍ଟି ହୋଇଥିଲା । ତାରାକାନ୍ତଙ୍କୁ କ୍ଷତି ପହଞ୍ଚାଇବାକୁ ଓମ୍ ସୁପାରି ଦେଇଥିଲା । ଗତ ଗୁରୁବାର ମଧ୍ୟାହ୍ନରେ ତାରାକାନ୍ତ ଦୋକାନରେ ଥିବା ବେଳେ ବବୁଲ, ସୋନୁ ଓ ସହଯୋଗୀମାନେ ଆସି ତାଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ । ତାରାକାନ୍ତ କିଛି ବୁଝିବା ଆଗରୁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ । ନିଜକୁ ବଞ୍ଚାଇବାକୁ ତାରାକାନ୍ତ ହାତ ଦେଖାଇ ଦେବାରୁ ଖଣ୍ଡା ଚୋଟଟି ତାଙ୍କ ଡାହାଣ ହାତରେ ବାଜି ଗଭୀର ଆଘାତ ସୃଷ୍ଟି ହୋଇଥିଲା । ସେ ଜୀବନ ବଞ୍ଚାଇବାକୁ ନିକଟସ୍ଥ ଏକ ଦୋକାନରେ ଆଶ୍ରୟ ନେଇ ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

ତାରାକାନ୍ତଙ୍କ ପତ୍ନୀ ସୀମାରାଣୀ ବାରିକ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଶନିବାର ସାଲିଆ ସାହିରେ ଚଢ଼ଉ କରି ବବୁଲ ଓ ସୋନୁକୁ ଉଠାଇ ଆଣିଥିଲା । ପଚରାଉଚରା ପରେ ସୋନୁ ହେପାଜତରେ ଥିବା ଏକ ଗାଡ଼ିରୁ ଅପରାଧରେ ବ୍ୟବହୃତ ଖଣ୍ଡା ଜବତ କରିଥିଲା । ତେବେ ଦୋକାନୀ ତଥା ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓମ୍ ପାଖରେ ପୁଲିସ ଏଯାଏଁ ପହଞ୍ଚି ପାରିନାହିଁ ।

## ମିଠା ଦୋକାନୀଙ୍କୁ ହାଣିବା ଘଟଣା

## ସାମନ୍ତରାପୁରରୁ ଖସିଗଲା; ମଇଁଷାଖାଲରେ ଧରାପଡ଼ିଲା

ଭୁବନେଶ୍ୱର, ୧୮।୪ (ସମିସ): ମିଠା ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି, ମଇଁଷାଖାଲ ବସ୍ତିର ଓମ୍ ପ୍ରକାଶ ମହାନ୍ତି (୨୨) । ସାମନ୍ତରାପୁରରୁ ଖସିଯିବା ପରେ ମଇଁଷାଖାଲରୁ ପୁଲିସ ତାକୁ ଗିରଫ କରିଛି ।



ପୁଲିସ ସୂଚନା, ଶିଶୁପାଳଗଡ଼ ଦୋଳମଣ୍ଡପ ସାହିର ଦିଲ୍ଲୀପ କୁମାର ବେହେରା ସାମନ୍ତରାପୁର ଛକରେ ମିଠା ଦୋକାନ କରିଛନ୍ତି । ଗତମାସ ୫ ତାରିଖ ସନ୍ଧ୍ୟାରେ ଗେଣ୍ଡୁଆ ସେହି ଦୋକାନକୁ ଆସି ମିଠା ଖାଇବା ସହ ପ୍ଲାଷ୍ଟିକ ଚାମଚ୍ ମାଗିଥିଲା । ହେଲେ ତାହା ନଥିବାରୁ, ଦିଲ୍ଲୀପ ତାଙ୍କୁ ମନା କରି ଦେଇଥିଲେ । ଗେଣ୍ଡୁଆ ଏହାକୁ ନେଇ ଯୁକ୍ତିତର୍କ କରିବା ସହ ଦିଲ୍ଲୀପଙ୍କୁ ଗାଳିଗୁଲଜ କରିଥିଲା । ୟୁପିଆଇ ମାଧ୍ୟମରେ ମିଠା ବାବଦକୁ ୩୦ ଟଙ୍କା ଦେଇ ପଳାଇଥିଲା । ଯିବା ବେଳେ ଭୟଙ୍କର ପରିଣାମର ଧମକ ଦେଇ ଯାଇଥିଲା । ଏହାର ଠିକ୍ ୫୦ ମିନିଟ୍ ପରେ ଅର୍ଥାତ୍ ୯ଟା ୨୦ ବେଳକୁ ଗେଣ୍ଡୁଆ, ଓମ୍ ଓ ଜଣେ ନାବାଳକ ୩ଟି ଖଣ୍ଡା ଧରି ମିଠା ଦୋକାନରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ହଠାତ୍ ଅଭିଯୁକ୍ତମାନେ ଶୋକେସ୍, ଫ୍ରିଜର, ଫର୍ଣ୍ଣିଚର, ବେସିନ୍, ଚେୟାର, କ୍ୟାସ୍ ବାକ୍ସକୁ ହାଣି ଚାଲିଥିଲେ । ଏହାସହିତ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ । ଦୋକାନ ମାଲିକ ଦିଲ୍ଲୀପ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣି ମାରିଦେବାକୁ ଉଦ୍ୟମ କରିଥିଲେ । ଦିଲ୍ଲୀପ ବଞ୍ଚିବାକୁ ଉଦ୍ୟମ କରିବାରୁ ୩ଟି ଯାକ ଚୋଟ ତାଙ୍କ ହାତରେ ବାଜିଥିଲା । ଫଳରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଅନ୍ୟ ଦୋକାନୀମାନେ ଦିଲ୍ଲୀପଙ୍କୁ ଉଦ୍ଧାର କରି ପ୍ରଥମେ ବିଏମସି ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

ଦିଲ୍ଲୀପଙ୍କ ପୁଅ ରାଜ କୁମାର ବେହେରା ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଫୋନ୍-ପେ ନେଣଦେଣ ଓ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଗେଣ୍ଡୁଆ, ଓମ୍ ଓ ନାବାଳକକୁ ଚିହ୍ନଟ କରିଥିଲା । ଗତମାସ ୨୫ ତାରିଖ ଦିନ ଗେଣ୍ଡୁଆ ଓ ନାବାଳକକୁ ଗିରଫ କରିଥିଲା । ସେମାନଙ୍କ ଠାରୁ ତଥ୍ୟ ପାଇଁ ସାମନ୍ତରାପୁର ଶ୍ମଶାନରୁ ୩ଟି ଖଣ୍ଡା ଜବତ କରିଥିଲା । ତେବେ ଘଟଣା ପରଠାରୁ ଫେରାର ଥିବା ଓମ୍ ସାମନ୍ତରାପୁରସ୍ଥିତ ସମ୍ପର୍କୀୟ ଘରକୁ ଆସିଥିବା ଖବରପାଇ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଚଢ଼ଉ କରିଥିଲା । ହେଲେ ଓମ୍ ପୁଲିସକୁ ଚକମା ଦେଇ ଖସି ଯାଇଥିଲା । ପୁଲିସ ଟିମ୍ ତା'ର ପିଛା କରି ମଇଁଷିଖାଲ ବସ୍ତିରୁ ଓମକୁ ଗିରଫ କରିଥିଲା ।

## ସମଲିଙ୍ଗୀ ଆପରେ ଫସିଲେ ଯୁବକ

## ଦିନ ଦ୍ୱିପହରରେ ଅପହରଣ କରି ଲୁଟ୍

ଭୁବନେଶ୍ୱର, ୧୮।୪ (ସମିସ): ସମଲିଙ୍ଗୀ ଆପ୍‌ରେ ସମ୍ପର୍କ ରଖିବାକୁ ଆସି ଫସିଲେ ଯୁବକ । ଦେଖା କରିବାକୁ ଡାକି ଅପହରଣ କରିନେଲେ ଦୁଇ ଅସାମାଜିକ । ଖାଲି ଅପହରଣ ନୁହେଁ, ନିର୍ଘୁମ ମାଡ଼ମାରି ଫୋନ୍-ପେ'ରେ ଟଙ୍କା ଲୁଟିନେଲେ । ପୁରୁଣା ଏଜି କଲୋନୀ ଅଞ୍ଚଳରେ ଏଭଳି ଘଟଣା ଘଟିଛି । ଅଭିଯୋଗ ପାଇବା ପରେ ଦୁଇ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି, ଝାରପଡ଼ା ଲଲି କଲୋନୀର ସ୍ୱାଗତ ନାରାୟଣ ମିଶ୍ର (୨୨) ଓ କୋଚିଲା ମାର୍କେଟର ଉମାକାନ୍ତ ନାୟକ ଓରଫ୍ ପପୁ (୨୯) ।

ପୁଲିସ ସୂଚନାନୁସାରେ, ଖାରବେଳ ନଗରରେ ରହୁଥିବା ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳର ବିକାଶ ଭୋଇ ସମଲିଙ୍ଗୀ ଆପ୍ (ଗ୍ରିଣ୍ଡର୍) ମାଧ୍ୟମରେ ସ୍ୱାଗତ ସହ ପରିଚିତ ହୋଇଥିଲେ । କିଛିଦିନ କଥାବାର୍ତ୍ତା ହେବାପରେ ବିକାଶ ଦେଖା କରିବାକୁ କହିଥିଲେ । ସ୍ୱାଗତ କହିବା ମୁତାବକ, ଗତ ସୋମବାର ଅପରାହ୍ଣ ୩ଟା ୩୦ ସମୟରେ ବିକାଶ ୟୁନିଟ୍ ୪ ମାର୍କେଟ ଆଡ଼କୁ ଯାଉଥିଲେ । ରାସ୍ତାରେ ଯାଉଥିବା ବେଳେ ସ୍ୱାଗତ ଓ ପପୁ ମିଶି ତାଙ୍କୁ ଅଟକାଇ ତାଙ୍କୁ ଗାଡ଼ିରେ ଅପହରଣ କରି ନେଇଥିଲେ । ରାସ୍ତାରୁ ପୁରୁଣା ଏଜି କଲୋନୀ ସ୍ଥିତ ଏକ ଭଙ୍ଗା ଘରକୁ ଟେକି ନେଇଥିଲେ । ସେଠାରେ ଶାରୀରିକ ନିର୍ଯାତନା ଦେବା ସହ ଆକ୍ରମଣ କରିଥିଲେ । ଏଥିସହିତ ମୁଣ୍ଡରେ ବନ୍ଧୁକ ଲଗାଇ ୨୦ ହଜାର ଟଙ୍କା ମାଗିଥିଲେ । ହେଲେ ବିକାଶ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଅଭିଯୁକ୍ତମାନେ ଫୋନ୍-ପେ' ମାଧ୍ୟମରେ ୯ ହଜାର ଟଙ୍କା ନେଇ ଯାଇଥିଲେ । ବିକାଶ ଟଙ୍କା ଦେବାପରେ ଘଟଣାସ୍ଥଳରୁ ଖସି ଆସିଥିଲେ ।



- ୨ ଗିରଫ; ମୋବାଇଲ ଓ ଟଙ୍କା ଜବତ

ଏନେଇ ସେ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ସ୍ୱାଗତ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଯାଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ଶନିବାର ସକାଳେ ସ୍ୱାଗତ କାଳୀ ମନ୍ଦିର ନିକଟରେ ବୁଲାବୁଲି କରୁଥିବା ଖବରପାଇ ପୁଲିସ ତାକୁ ଗିରଫ କରିଥିଲା । ତା' ଠାରୁ ମୋବାଇଲ ଫୋନ, ସିମ୍ କାର୍ଡ ଓ ୭୦୦ ଟଙ୍କା ଜବତ କରିଥିଲା । ସ୍ୱାଗତ ଠାରୁ ମିଳିଥିବା ସୂଚନା ଆଧାରରେ ରସୁଲଗଡ଼ କୋଚିଲା ମାର୍କେଟରେ ଚଢ଼ଉ କରି ପପୁକୁ ଗିରଫ କରିଥିଲା । ଯାଞ୍ଚ କରିବା ପରେ ସ୍ୱାଗତ ଆକାଉଣ୍ଟକୁ ବିକାଶ ଆକାଉଣ୍ଟରୁ ୯ ହଜାର ଟଙ୍କା ଯାଇଥିବା ପ୍ରମାଣ ମିଳିଥିଲା । ଦୁଇ ଅଭିଯୁକ୍ତ ମିଶି ସେହି ଟଙ୍କାକୁ ଖର୍ଚ୍ଚ କରି ଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ ।

## ନିଶାଡ଼ିଙ୍କ ଖଣ୍ଡା ଚୋଟରେ ବ୍ୟବସାୟୀ ଲହୁଲୁହାଣ



ବାଲିଅନ୍ତା, ୧୮।୪(ସମିସ): ବାଲକାଟି ଫାଣ୍ଡି ଅଧୀନ ପୁରଣ ବଜାରରେ ଶନିବାର ଦିନ ୧ଟା ସମୟରେ ଭୀଷଣ ଗଣ୍ଡଗୋଳ ହୋଇଛି । ଜଣେ ନିଶାଡ଼ି ଯୁବକଙ୍କ ଖଣ୍ଡା ଚୋଟରେ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି।କ୍ଷ ଆହତ ବ୍ୟକ୍ତି ହେଲେ ଅଭିମନ୍ୟୁ ଡ଼ାଲୁଆ (୫୫) । ଅଭିମନ୍ୟୁଙ୍କ ମୁଣ୍ଡ, ମୁହଁ, ହାତ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି । ପରିବାର ଲୋକ ଅଭିମନ୍ୟୁଙ୍କୁ ଚିକିତ୍ସା ଲାଗି ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ଏବେ ଅଭିମନ୍ୟୁ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ସୂଚନା ଅନୁସାରେ ଅଭିମନ୍ୟୁଙ୍କର ଏକ ଫଳ ଦୋକାନ ରହିଛି । ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର କାଳିଆ ବେହେରାଙ୍କ ସହ ଅଭିମନ୍ୟୁଙ୍କର ଛକରେ ଏକ ଗଣ୍ଡଗୋଳ ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା । ଅଭିମନ୍ୟୁ କାଳିଆଙ୍କୁ ଆକ୍ଷେପ କରି କିଛି ମନ୍ତବ୍ୟ ଦେଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଆଜି ଦିନ ୧ଟା ସମୟରେ କାଳିଆ ଅଭିମନ୍ୟୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା । ଅଭିମନ୍ୟୁଙ୍କ ପୁଅ ରଜତ ଏନେଇ ବାଲକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରିଛି ।

## ପାର୍କରେ ଅସଦାଚରଣ; ଆଉଜଣେ ଗିରଫ

ଭୁବନେଶ୍ୱର, ୧୮।୪ (ସମିସ): ଆଇଜି ପାର୍କରେ ଯୁବତୀଙ୍କୁ ଅସଦାଚରଣ କରିଥିବା ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ନିମାପଡ଼ା ଥାନା କନ୍ତିଆର ରାଜା ଓରଫ୍ ଜନ୍‌ମେଜୟ ମଲ୍ଲିକ (୨୮) ।

ପୁଲିସ ସୂଚନାନୁସାରେ, ଗତବର୍ଷ ଡିସେମ୍ବର ୨୦ ତାରିଖ ସନ୍ଧ୍ୟାରେ ବସନ୍ତ କୁମାର ସାମନ୍ତରାୟ ଓ ତାଙ୍କ ବାନ୍ଧବୀ ଆଇଜି ପାର୍କ ଭିତରେ ବସିଥିଲେ । ସେହି ସମୟରେ ରାଜା ଓ ତା'ର ୩ ସହଯୋଗୀ ମଦ୍ୟପ ଅବସ୍ଥାରେ ପାର୍କରେ ପ୍ରବେଶ କରି ଅଶ୍ଳୀଳ ଭାଷା ବ୍ୟବହାର କରିଥିଲେ । ବସନ୍ତ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ହତ୍ୟା କରିବେ ବୋଲି ଧମକ ଦେଇଥିଲେ । ଏଥିସହିତ ତାଙ୍କ ବାନ୍ଧବୀଙ୍କୁ ଟାଣି ଆଣି ଟଙ୍କା ଦାବି କରିଥିଲେ । ବସନ୍ତ ଭିଡିଓ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଭାଙ୍ଗି ଦେଇଥିଲେ । ଏନେଇ ବସନ୍ତ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା । ତଦନ୍ତ ସମୟରେ, ବସନ୍ତଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଭିଡିଓ ଯାଞ୍ଚ କରିଥିଲା । ଘଟଣା ପରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିଲା । ସେବେଠାରୁ ଫେରାର ଥିବା ରାଜା କଟକର ଓଏମପି ସ୍କୋୟାରରେ ଥିବା ଖବରପାଇ ପୁଲିସ ଗିରଫ କରିଥିଲା ।

## ୨ ମାସରେ ସରିଲା ବିଚାର

## ଲୁହା ଚୋରକୁ ଦଶ ମାସ ଜେଲ୍

ଭୁବନେଶ୍ୱର, ୧୮।୪ (ସମିସ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ବିଚାର ୨ ମାସରେ ସରିଛି । ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଚୋରି ମାମଲାର ବିଚାରକରି ଆସାମୀ ବୁଦୁ ଦାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ପୁଲିସ ସୂଚନାନୁସାରେ, ଗତ ଫେବୃଆରୀ ୧୮ ତାରିଖ ମଞ୍ଚେଶ୍ୱର ଠାରେ ଥିବା ସନ୍ଧ୍ୟାରେ ବୁଦୁ ଅନ୍ଧାରର ସୁଯୋଗ ନେଇ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ଏଆରଏସ୍‌ଏସ୍ କମ୍ପାନୀରେ ପଶିଥିଲା । ଷ୍ଟୋର ରୁମରୁ ଦୁଇଟି ଡ୍ରିଲ ମେସିନ, ୧୫ ଖଣ୍ଡ ଲୁହା ଛଡ଼, ୫୦ ଗୋଟି ଆଙ୍ଗେଲ ଚୋରି କରି ସେଠାରୁ ଖସିଯିବା ଲାଗି ଉଦ୍ୟମ କରିଥିଲା । ଠିକ ସେହି ସମୟରେ କମ୍ପାନୀ କର୍ମଚାରୀ ବିଚିତ୍ର ସ୍ୱାଇଁ ଓ ଅନ୍ୟ ଦୁଇ କର୍ମଚାରୀ କୌଶଳ କ୍ରମେ ବୁଦୁକୁ କାବୁ କରି ମଞ୍ଚେଶ୍ୱର ପୁଲିସକୁ ଜିମା ଦେଇଥିଲେ । ବିଚିତ୍ରଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ କେସ୍ ନଂ - ୧୨୨/୨୬ରେ ବିଏନଏସ୍ ଧାରା-୩୦୩(୨) ଲଗାଇ ମାମଲା ରୁଜୁ କରିଥିଲା । ସବ୍-ଇନ୍ସପେକ୍ଟର ଯଶୋଦା ବେହେରା ଘଟଣାର ତଦନ୍ତ କରି ବୁଦୁକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ । ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ବିଏନଏସ୍ ଧାରା-୩୦୩(୨) ଅନୁସାରେ ବୁଦୁ ଦାସକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ମାସର କାରାଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ କୁମାର କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଏହି ମାମଲାକୁ ପରିଚାଳନା କରୁଥିଲେ ।

## ସ୍ତ୍ରୀର ତଣ୍ଟିଚିପି ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ



ଭୁବନେଶ୍ୱର, ୧୮।୪ (ସମିସ): ପତ୍ନୀଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ତ୍ରିନାଥ ନଗର ବସ୍ତିରେ ରହୁଥିବା ଓଡଗାଁର ଜିତୁ ବେହେରା (୩୧) । ପୁଲିସ ସୂଚନାନୁଯାୟୀ, ଜିତୁ ବିବାହ ପରଠାରୁ ପତ୍ନୀଙ୍କ ଚରିତ୍ର ଉପରେ ସନ୍ଦେହ କରି ପ୍ରାୟତଃ ତାଙ୍କ ସହିତ ଝଗଡ଼ା କରୁଥିଲେ । ଗତ ଗୁରୁବାର ଦିନ ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଜିତୁ ରାଗିଯାଇ ପତ୍ନୀଙ୍କ ଘରକୁ ବଳପୂର୍ବକ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ପତ୍ନୀ ବିରୋଧ କରିବାରୁ, ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପତ୍ନୀଙ୍କୁ ମାଡ଼ ମାରିବା ତାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେବା ସହ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ପଳାଇ ଯାଇଥିଲେ । ଏନେଇ ପତ୍ନୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଓଡ଼ଗାଁରେ ଚଢ଼ଉ କରି ଜିତୁକୁ ଗିରଫ କରିଛି ।

# ଦଖଲମୁକ୍ତ ହେଲା ୬୧.୪ ଏକର ଜମି

ଭୁବନେଶ୍ୱର, ୧୮ ।୪(ସମିସ): ଶ୍ୟାମପୁର ମୌଜାରେ ଥିବା ୬୧.୪ ଏକର ସରକାରୀ ଜମିରୁ ହଟିଲା ଜବରଦଖଲ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଶ୍ୟାମପୁର ମୌଜାରେ ଚାଲିଥିବା ଉଚ୍ଛେଦ ଅଭିଯାନରେ ପ୍ରାୟ ୬୧.୪ ଏକର ସରକାରୀ ଜମି ଦଖଲମୁକ୍ତ କରାଯାଇଛି । ଶନିବାର ଦ୍ୱିତୀୟ ଦିନରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା । ଗୋଟିଏ ଦିନରେ ୧୨ଟି ଜେସିବି ମେସିନ୍ ଦ୍ୱାରା ୭୩୯ଟି ଘର ଭାଙ୍ଗି ଦିଆଯାଇଥିଲା । ଦୁଇ ଦିନରେ ମୋଟ ୯୨୬ଟି ଘର ଭଙ୍ଗା ହୋଇଛି । ଏହା ବ୍ୟତିତ ପ୍ରାୟ ୩୦୦ଟି ନିର୍ମାଣାଧୀନ ଘର ମଧ୍ୟ ଭଙ୍ଗା ଯାଇଛି । ବିଗତ ୧୦ ମଧ୍ୟରେ ଏହା ସବୁଠାରୁ ବଡ଼ ଜବରଦଖଲ ଉଚ୍ଛେଦ ବୋଲି ବିଡିଏ ପକ୍ଷରୁ ଦାବି କରାଯାଇଛି । ୧୦ ବର୍ଷ ତଳେ ଚନ୍ଦ୍ରଶେଖରପୁର କନ୍ୟାଶ୍ରମ ନିକଟରେ ଏଭଳି ଏକ ଉଚ୍ଛେଦ ଦେଖିବାକୁ ମିଳିଥିଲା । ବିଡ଼ିଏ ୪୫ ଏକର ଜମିକୁ ଜବରଦଖଲ ମୁକ୍ତ କରିଥିଲା ।

### ୧୦ବର୍ଷ ମଧ୍ୟରେ ସବୁଠାରୁ ବଡ଼ ଉଚ୍ଛେଦ

ମୋଟ ୬୮ ଏକର ମଧ୍ୟରୁ ବାକି ଥିବା ସାତ ଏକର ଜମି ଚଳିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେତୁ ଦଖଲମୁକ୍ତ କରାଯାଇପାରି ନାହିଁ । ଏହି ଉଚ୍ଛେଦ ଅବୈଧ ଭାବେ ଜମି ଦଖଲ କରୁଥିବା ଲୋକଙ୍କ ବିରୋଧରେ ଏକ ବଡ଼ ପଦକ୍ଷେପ ଏବଂ ଉଦ୍ଧାର ହୋଇଥିବା ଜମିକୁ ଭୁବନେଶ୍ୱରର ମାଷ୍ଟର ପ୍ଲାନ୍ ଅନୁଯାୟୀ ଭବିଷ୍ୟତରେ ରାସ୍ତା, ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ବିଡିଏ ଅଧିକାରୀମାନେ କହିଛନ୍ତି । ଅଭିଯାନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୫୦ ଜଣ ପୁଲିସ କର୍ମଚାରୀ ସେଠାରେ ମୁତୟନ ରହିଥିଲେ । ସମଗ୍ର କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ଉଚ୍ଛେଦ କରିବା ପୂର୍ବରୁ ବିଡିଏ ଅଧିକାରୀମାନେ ସେଠାରେ ରହୁଥିବା ଲୋକଙ୍କୁ ଏକାଧିକ ନୋଟିସ୍ ଦେଇଥିଲେ । ଲାଉଡସ୍ପିକର୍ ମାଧ୍ୟମରେ ବାରମ୍ବାର ଘୋଷଣା କରି ସ୍ୱେଚ୍ଛାରେ ଜମି ଖାଲି କରିବାକୁ ଅନୁରୋଧ କରିଥିଲେ । କେବଳ ଆଇନଗତ ପ୍ରକ୍ରିୟା ପାଳନ ପରେ ହିଁ ଏହି ଉଚ୍ଛେଦ କରାଯାଇଛି ।



ଏଠାରେ ଉଲ୍ଲେଖନୀୟ ଯେ, ଡିସେମ୍ବର ୨୦୨୩ରେ ବିଡିଏ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଏକ ଏଫଆଇଆର୍ କରିଥିଲା । ସେଥିରେ ସଂଗଠିତ ଭୂମି ମାଫିଆମାନେ ଜମି ଅବୈଧ ଭାବେ ଦଖଲ କରି ବିକ୍ରି କରୁଥିବା ଅଭିଯୋଗ କରାଯାଇଥିଲା । ଏହା ପରେ ବିଡିଏ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏଥିରେ ମନୋଜ କୁମାର ସ୍ୱାଇଁ, ଅତିରିକ୍ତ କମିସନର, ବିଡିଏ ରଞ୍ଜନ କୁମାର ଜେନା ଜଏଣ୍ଟ କମିସନର, ଇନଫୋର୍ସମେଣ୍ଟ, ଶ୍ରୀନିବାସ ବେହେରା, ଲ୍ୟାଣ୍ଡ ଅଫିସର, ସୁଧୀର ନାୟକ, ଆଲୋଟମେଣ୍ଟ ଅଫିସର, ବିଶ୍ୱଜିତ ଦଳେଇ, ଓଏସଡି, ଓଡ଼ିଏ ଆକ୍ଟ, ପ୍ରକାଶ ଚନ୍ଦ୍ର ପାଲ, ଡିସିପି ଆଇନ ଶୃଙ୍ଖଳା, ଅମିୟ କୁମାର ଦାସ, ଡେପୁଟି ଡାଇରେକ୍ଟର (ସର୍ଭେ ଆଣ୍ଡ ଇନଫୋର୍ସମେଣ୍ଟ), ସଧାରଣ, ପ୍ରଶାସନ ବିଭାଗ ଏବଂ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ ।



# ଭୁବନେଶ୍ୱର ସିଟି

## ଶୁଣ ସରକାର

# ରାସ୍ତା ମଝିରେ ବାଟ ଓଗାଳୁଛି ବିଜୁଳି ଖୁଣ୍ଟ

ଭୁବନେଶ୍ୱର, ୧୮।୪(ସମିସ): ରାଜଧାନୀକୁ ସରସ ସୁନ୍ଦର କରିବାକୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ଲୋକମାନେ ଯେଭଳି ସୁରକ୍ଷିତ ଓ ନିରାପଦରେ ରହିବେ ସେଥିପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ହେଲେ ଏବେବି ବିଭିନ୍ନ ସ୍ଥାନରେ ବିପଦସଂକୁଳ ଭାବେ ଜୀବନ ବିତାଉଛନ୍ତି ରାଜଧାନୀବାସୀ। ଯାହାକି ପ୍ରାଶସନ ଆଢୁଆଳରେ ରହିଯାଇଛି। ଫଳରେ ସାଧାରଣ ଲୋକେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ସେଭଳି ଏକ ସ୍ଥିତି ଦେଖିବାକୁ ମିଳିଛି

- **ବାରମ୍ବାର ଅଭିଯୋଗ ପରେ ହେଉନାହିଁ ସ୍ଥାନାନ୍ତର**
- **ସମସ୍ୟା ଭୋଗୁଛନ୍ତି ଗାଡ଼ି ଚାଳକ**



କଳିଙ୍ଗନଗର ପାତ୍ରପଡ଼ାସ୍ଥିତ ଭଗବାନପୁରରେ। ରାସ୍ତା ମଝିରେ ବିଜୁଳି ଖୁଣ୍ଟ ରହିଥିବାରୁ ଏହା ଗାଳି ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ବିପଦସଂକୁଳ ବିଜୁଳି ଖୁଣ୍ଟକୁ ସ୍ଥାନାନ୍ତର କରାଯିବାକୁ ବାରମ୍ବାର ଅଭିଯୋଗ ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୫ ସ୍ଥିତ ପାତ୍ରପଡ଼ା ସ୍ଥିତ ଭଗବାନପୁର ରାସ୍ତା ମଝିରେ ରହିଥିବା ଏହି ବିଦ୍ୟୁତ ଖୁଣ୍ଟକୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହେଉଛନ୍ତି। କାରଣ ଗୋଟିଏ କି ଦୁଇଟି ନୁହେଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଛି ଏଭଳି ବିଦ୍ୟୁତ ଖୁଣ୍ଟ। ଯାହାକି କେବଳ ବାଇକ୍, କାର କିମ୍ବା ଅଟୋ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁନି ଏହାସହ ଭାରିଯାନ ଗୁଡ଼ିକ ଯିବାଆସିବା ବି ଅସମ୍ଭବ ହୋଇପଡୁଛି। ଏହି ଖୁଣ୍ଟଟି ଏଭଳି ସ୍ଥାନରେ ରହିଛି ଯେ, ଯଦି ଦ୍ରୁତ ଗତିରେ ବାଇକ, ସାଇକଲ କିମ୍ବା ଅନ୍ୟ କୌଣସି ଗାଡ଼ି ଆସୁଥିବା ଟିକେ ଅନ୍ୟମନସ୍କ ହେବା ମାତ୍ରେ ଦୁର୍ଘଟଣାର ସମ୍ମୁଖୀନ ହେବା ସୁନିଶ୍ଚିତ। ପୂର୍ବରୁ ଏଭଳି ଘଟଣା ମଧ୍ୟ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଅଞ୍ଚଳଟି ଏକ କଲୋନୀ ସଦୃଶ ହୋଇଥିବା ବେଳେ ଏହି ଲେନ୍‌ର ଉଭୟ ପାର୍ଶ୍ୱରେ ପ୍ରାୟ ୩୦ରୁ ଅଧିକ ଘର ରହିଛି। ତେଣୁ ଏଠାକୁ ଆବଶ୍ୟକ ସମୟରେ ଟ୍ରକ୍ କିମ୍ବା ଟ୍ରାକ୍ଟର ଆସିବା ସମ୍ଭବ ହେଉନାହିଁ। ତେଣୁ ଏହି ଖୁଣ୍ଟକୁ ସ୍ଥାନାନ୍ତର କରାଯିବାକୁ ଅଞ୍ଚଳବାସୀ ଦାବୀ କରିଆସୁଥିଲେ ବି ତାହା କରାଯାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି ଯେ, ଏହି ରାସ୍ତାଟି ପୂର୍ବରୁ ଅଣଓସାର ରହିଥିଲା। ଏବଂ ବିଜୁଳି ଖୁଣ୍ଟଟି ମଧ୍ୟ ଅନେକ ପୁରୁଣା। ତେଣୁ ରାସ୍ତା ନିର୍ମାଣ ସମୟରେ ଏହାକୁ ସ୍ଥାନାନ୍ତର କରାଯିବାକୁ ବିଦ୍ୟୁତ ବିଭାଗ ସହ ଆଲୋଚନା ହୋଇଥିବା ବେଳେ ବିଏମ୍‌ସି ଏଥିପାଇଁ ଅର୍ଥ ଜମା କରିବା ପରେ ଯାଇ ଏହା ସ୍ଥାନାନ୍ତର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଅଞ୍ଚଳରେ ପ୍ରାୟ ଅଧିକାଂଶ ସ୍ଥାନରେ ରାସ୍ତା ମଝିରେ ରହିଥିବା ଏଭଳି ଖୁଣ୍ଟକୁ ଚିହ୍ନଟ କରାଯାଇ ସେଗୁଡ଼ିକର ସ୍ଥାନାନ୍ତର କରାଯିବାକୁ ଯୋଜନା ରହିଥିବା ଶ୍ରୀ ପାଟଶାଣୀ କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, କଳିଙ୍ଗ ବିହାର ଅଣ୍ଡରପାସ୍‌ଠାରୁ ଆରମ୍ଭ କରି ଆଳୁଗୋଦାମ ମଧ୍ୟରେ ମଧ୍ୟ ପ୍ରାୟ ୩ରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ରହିଛି। ଏହି ରାସ୍ତାରେ ନିୟମିତ ବାଇକ୍, ଅଟୋ ଓ କାର୍ ଇତ୍ୟାଦି ଯାନ ଯିବା ଆସିବା କରୁଥିବା ବେଳେ ଭାରୀଯାନ ଯାତାୟାତ କରିବା ସମ୍ଭବ ନୁହେଁ। ଗାଡ଼ି ଚାଳକମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି।

# ସବୁ ସମ୍ପର୍କର ମୂଳ ହେଉଛି ଗାଁ



ଭୁବନେଶ୍ୱର, ୧୮।୪ (ସମିସ): ଗାଁ ମୋର ସବୁଜିମାରେ ପରିପୂର୍ଣ୍ଣ। ସେଇ ମାଟିରେ ଗଢ଼ି ହେଇଛି ଜୀବନର ଅନେକ ଗୁଡିଏ ସ୍ମୃତି। ନଦୀ, ନାଳ ଗଛଲତା ମେଳରେ ସେଠାରେ କଟିଛି ପିଲାଦିନ। ସବୁ ସମ୍ପର୍କର ମୂଳ ହେଉଛି ସେଇ ଗାଁ ମାଟି। ଯେଉଁଠି ମଣିଷ ଶିଖିଛି ସ୍ନେହ ବାଣ୍ଟିବା, ଭଲରେ ମନ୍ଦରେ ଏକାଠି ହୋଇ ରହିବା। ସେଠାରେ ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ଆପଣାର ଲାଗନ୍ତି।

କର୍ମମୟ ଜୀବନ ସିନା ତାଙ୍କୁ ଭୁବନେଶ୍ୱର ଯାଏଁ ଟାଣି ଆଣିଥିଲା। ହେଲେ ମନରେ ଗାଁ ପାଇଁ ଥିବା ସେ ସ୍ୱତନ୍ତ୍ର ସ୍ଥାନକୁ ସହର କେବେ ବଦଳେଇ ପାରି ନ ଥିଲା। ଏପରି ଜଣେ ବ୍ୟକ୍ତି ହେଲେ ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଗରୁଡବନ୍ଧୀ ଗ୍ରାମର ପ୍ରିୟରଞ୍ଜନ ବରାଳ। ୨୦୦୫ ମସିହାରୁ ସେ ଭୁବନେଶ୍ୱରରେ ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ପାତ୍ରପଡ଼ା ଏବଂ ପେଶାରେ ସେ ଜଣେ ବ୍ୟବସାୟୀ। ସେ କୁହନ୍ତି, ଗାଁ ମୋର ସବୁବେଳେ ସୁନ୍ଦର।

**ଆମେ ଗାଁରୁ ଆସିଛୁ**

ନଈ ଏବଂ ବାଡ଼ି ବଗିଚା, ସୋରିଷ କ୍ଷେତ ସେଥିରେ ଆହୁରି ସୁନ୍ଦରତା ଭରିଦିଏ। ପିଲାବେଳେ ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ ସେ ବାଡି ତୋଟା ବୁଲିବା। ଯାହା ସମୟ ସହ ଏବେ ସ୍ୱପ୍ନ ପରି ଲାଗୁଛି। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଜାଗର, ଗଣେଶ ପୂଜା, ଲକ୍ଷ୍ମୀ ପୂଜାରେ ଗାଁ ପୂରା ଉତ୍ସବ ମୁଖର ହୋଇଉଠେ। ସବୁଜ କିଆରି, ଗାଁ ନଈ ନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ହେଲେ ସହରରେ ପାଳନ ହେବା ନ ହେବା ଏକା ପରି ଲାଗେ। କାରଣ ଗାଁରେ ସମସ୍ତଙ୍କ ଘରେ ପିଠାପଣାର ମହକ ଘର ଦାଣ୍ଡ ଯାଏଁ ମହକୁ ଥାଏ। ଘରେ ଘରେ ଭୋଜି ଭାତ ନିମନ୍ତ୍ରଣ ରହେ। କିନ୍ତୁ ସହରରେ ପଡେଶୀ ସହ ମଧ୍ୟ ଭଲରେ ଟିକିଏ କଥା ହେବା ଦୂରରେ ଥାଉ ଚିହ୍ନି ନାହାନ୍ତି ଯେମିତି। ଗାଁର ଚାଳଘର, ଗଛଛାଇ, ଭାଇଚାରା ଏଠି ସବୁ ଖୋଜା ପଡେ। ସେଥିପାଇଁ ବାପା, ମା କେବେ ହେଲେ ଗାଁ ଛାଡି ସହରକୁ ଆସିବାକୁ ରାଜି ହେଉନାହାନ୍ତି। ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ। ବର୍ତ୍ତମାନ ସହରର ଲୋକ ପ୍ରଦୂଷିତ ବାୟୁ ଯୋଗୁଁ ଛୁଟି ବିତାଇବାକୁ ବିଭିନ୍ନ ହିଲ ଷ୍ଟେସନ ଆଡେ ଯାଉଛନ୍ତି। ଅନ୍ୟପଟେ ଗାଁ କେତେ ସ୍ୱଚ୍ଛ ଏବଂ ତା ବାୟୁ ମନକୁ ଶାନ୍ତି ଦେଇଥାଏ। ଗ୍ରାମ ଦେବତୀ ମା ତରକେଇଙ୍କ ନିକଟେ କେତେ ପୂଜା ପର୍ବ ପାଳନ ହୁଏ। ହେଲେ ସହରୀ ଜୀବନ ସବୁବେଳେ ବ୍ୟସ୍ତବହୁଳ। ତେଣୁ ସମୟ ମିଳିଲେ ସେ ଗାଁକୁ ଯାନ୍ତି, ଯେଉଁଠି ତାଙ୍କୁ ସବୁକିଛି ଫେରି ପାଇଲା ଭଳି ଲାଗେ, ହେଲେ ଆଉ ଫେରିବାକୁ ଇଚ୍ଛା ହୁଏନି ବୋଲି କୁହନ୍ତି।

# ଏସ୍‌ବିଆଇ ୟୁନୋ ଏଭିଏସନ୍ କପ୍



ଭୁବନେଶ୍ୱର,୧୮।୪(ସମିସ): ଭୁବନେଶ୍ୱର ବିମାନବନ୍ଦର ପଡିଆଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଲ୍‌ଏଚ୍‌ଓ ଭୁବନେଶ୍ୱର ପକ୍ଷରୁ ଚଳିତମାସ ୧୦ରୁ ୧୮ ଯାଏ ଏସ୍‌ବିଆଇ ୟୁନୋ ଏଭିଏସନ୍ କପ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ୍ ଏଏଆଇ ଏବଂ ସିଆଇଏସ୍‌ଏଫ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଏଏଆଇ ୧୧.୫ ଓଭରରେ ୧୦୧ ରନ୍ କରିଥିଲା। ସିଆଇଏସ୍‌ଏଫ୍ ଏହାର ପିଛା କରି ୭.୩ ଓଭରରେ ୩ ୱିକେଟ୍ ହରାଇ ୧୦୩ ରନ୍ କରିଥିଲା। ସିଆଇଏସ୍‌ଏଫ୍‌ର ନବୀନ ରାୱତ ମ୍ୟାଚ୍‌ର ଶ୍ରେଷ୍ଠ ଏବଂ ମ୍ୟାନ୍ ଅଫ୍ ଦ ସିରିଜ୍ ହୋଇଥିଲେ। ଏଏଆଇର ରୋଶନ ଶ୍ରେଷ୍ଠ ବୋଲର ହୋଇଥିଲେ। ପ୍ରଶାନ୍ତ କୁମାର ଡିଜିଏମ୍ ଏସ୍‌ବିଆଇ ଭୁବନେଶ୍ୱର ସିଆଇଏସ୍‌ଏଫ୍‌କୁ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ ସିଏସଓ ରାକେଶ ଚୌଧୁରୀ, ଏଜିଏମ୍ କୋଲା ବାଲାଜୀ, ସିଏମ୍ ଉମାକାନ୍ତ ଦୀକ୍ଷିତ, ସିଏମ୍ ଜାଜ୍ଞସେନୀ ବରାଳ, ଡେପୁଟି ପରିଚାଳକ ସନ୍ତୋଷ କୁମାର ପୃଷ୍ଟି, ଇନ୍‌ସ୍ପେକ୍ଟର ପ୍ରମୋଦ କୁମାର ସାହୁ, ଏସ୍‌ଆଇ ପାର୍ଥ ପାଲ୍ ଏବଂ ଡିଜିଏମ୍ ପ୍ରଶାନ୍ତ କୁମାର ଏସ୍‌ବିଆଇ ୟୁନୋ ଉପରେ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ।

# ଅପୂର୍ବା ପକ୍ଷରୁ ବିଷୁବ ମିଳନ ଓ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, ୧୮।୪(ସମିସ): ସାହିତ୍ୟ ପତ୍ରିକା ଏବଂ ପୁସ୍ତକ ପ୍ରକାଶନ 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ଏହାର ୨୮ତମ ବିଷୁବ ମିଳନ ଓ କବିତା ଆସର, ପୁସ୍ତକ ଲୋକାର୍ପଣ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ପାଳିତ ହୋଇଛି। କବି ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ଆସରକୁ କବି ଡ. ଆଶୁତୋଷ ପରିଡ଼ା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବରିଷ୍ଠ ପ୍ରଶାସକ ତଥା କବି ରଞ୍ଜନ କୁମାର ଦାସ ଏବଂ ଅନ୍ୟ ଅତିଥିଭାବେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଅପୂର୍ବାର ଅଧ୍ୟକ୍ଷ ଗାଳ୍ପିକ କ୍ଷୀରୋଦ ଚନ୍ଦ୍ର ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାର ଅପୂର୍ବାର ବିଷୁବ ସଂଖ୍ୟା ଲୋକାର୍ପିତ ହେବା ସହ ଅପୂର୍ବା ପ୍ରକାଶନୀ ପ୍ରକାଶ କରିଥିବା ଡ. ମାୟାବିନୀ ଜେନାଙ୍କ କବିତା ସଂକଳନ 'ସମର୍ପଣ', ଡ. ବିଜୟ କେତନ ପଟ୍ଟନାୟକଙ୍କ କବିତା ସଂକଳନ 'କବିତା ଊନପଞ୍ଚାଶ' ଓ କବି ସୁଶାନ୍ତ କୁମାର ନାୟକଙ୍କ କବିତା ସଂକଳନ 'ପ୍ରତ୍ୟୟର ପ୍ରତିଶ୍ରୁତି' କବିତା ସଂକଳନ ଲୋକାର୍ପିତ କରାଯାଇଥିଲା। ଅପୂର୍ବା ତରଫରୁ କବି ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# କଥାଶିଳ୍ପୀ ସାରଦା ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୧୮।୪(ସମିସ): ସ୍ମୃତି ସାରଦା ଆନୁକୂଲ୍ୟରେ ସ୍ଥାନୀୟ ରୋଟାରି ଭବନରେ ଅନୁଷ୍ଠିତ କଥାକାର ସ୍ୱର୍ଗତ ସାରଦା ପ୍ରସାଦ ମିଶ୍ରଙ୍କ ସ୍ମରଣ ସଭାରେ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଆୟକର ବିଭାଗର ପ୍ରାକ୍ତନ ପ୍ରଶାସକ ତଥା ସ୍ତମ୍ଭକାର ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରି ସାରଦାଙ୍କ ସହିତ ତାଙ୍କ ଅନ୍ତରଙ୍ଗ ସମ୍ପର୍କର ସ୍ମୃତିଚାରଣ କରିଥିଲେ। ପ୍ରସିଦ୍ଧ କଥାଶିଳ୍ପୀ ଜୟନ୍ତୀ ରଥ, କଥାକାର ପରେଶ ପଟ୍ଟନାୟକ ଓ ସମ୍ପାଦକ ତଥା ଅନୁବାଦକ ଅସିତ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାରଦାଙ୍କ ଗଳ୍ପକାରିତା, ବନ୍ଧୁବତ୍ସଳତା, ତାଙ୍କ ଗଳ୍ପର ବିଶେଷତ୍ୱ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଓ ବୃତ୍ତିଗତ ସଫଳତା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଅତିଥିମାନେ ପ୍ରଥମେ ସାରଦାଙ୍କ ଉଦ୍ଦେଶ୍ୟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିବାବେଳେ ବିଶ୍ୱବନ୍ଦିତା ତିଆଡି ଓ ରୂପାଲୀ ପ୍ରିୟଦର୍ଶିନୀ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ରବି ସ୍ୱାଇଁ, ଅଭିରାମ ବିଶ୍ୱାଳ, ରକ୍ଷକ ନାୟକ, ହରିପଦ ଶତପଥି, ଶୈଳେନ୍ଦ୍ର ଜେନା, ଆଭାସ ବରାଳ, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନରୁ ଆରମ୍ଭ ହେଲା 'ଦିବ୍ୟ ବିବାହ'

ଭୁବନେଶ୍ୱର, ୧୮।୪(ସମିସ): ରୁଚିକା ସାମଜମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କ ଝିଅ ଶୁଭଶ୍ରୀ-ପ୍ରଦୀପଙ୍କ ତିନିଦିନିଆ ବିବାହ ଉତ୍ସବ 'ଦିବ୍ୟ ବିବାହ'ର



ଦ୍ୱିତୀୟ ଦିନରେ ବସ୍ତ୍ରସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖଣ୍ଡଗିରିସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ 'ଜୀବନଜ୍ୟୋତି ଆଶ୍ରମ'ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶ୍ରମର ଅନ୍ତେବାସୀ ଓ ବରିଷ୍ଠ ନାଗରିକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ବିବାହ ଉତ୍ସବର ପ୍ରଥମ ଦିନରେ ରକ୍ତଦାନରୁ ଆରମ୍ଭ ହୋଇଥିଲା। ସାମନ୍ତରାପୁର, ଶ୍ରୀରାମନଗର ସ୍ଥିତ ରୁଚିକା ସମାଜ ମଙ୍ଗଳ ସଂଗଠନ କାର୍ଯ୍ୟାଳୟରେ କମିସନରେଟ୍ ପୁଲିସ, ବିଏମ୍‌ସି ବ୍ଲଡ ବ୍ୟାଙ୍କ, ମିଶନ ରକ୍ତଦାନ ଏବଂ ରୁଚିକା ସମାଜ ମଙ୍ଗଳ ସଂଗଠନର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ବର ପ୍ରଦୀପ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ଏହାପରେ ୪୫ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏହାସହ ୧୯ଜଣ ଥାଲାସେମିଆ ଯୋଦ୍ଧାଙ୍କୁ ବସ୍ତ୍ର ଓ ପୋଷଣ ସେବା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ସାଧକ ରମାକାନ୍ତ ସାହୁ, ପୂର୍ବତନ ମନ୍ତ୍ରୀ ସମିର ରଞ୍ଜନ ଦାଶ, ବିଶିଷ୍ଟ ଗାନ୍ଧିବାଦୀ ପ୍ରହଲାଦ କୁମାର ସିଂହ, ବରିଷ୍ଠ ପୁଲିସ ଅଧିକାରୀ ମାନସ ରଞ୍ଜନ ଗଡ଼ନାୟକ, ଖଦିବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ, ମିଶନ ରକ୍ତଦାନର ପରିଚାଳନା ନିର୍ଦ୍ଦେଶକ ହରପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ୫ଜଣ ସୁନାମଧନ୍ୟ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କିମ୍‌ସରେ ସିଓଆର୍‌ଆଇ ରୋବୋଟିକ୍ସ ବ୍ୟବସ୍ଥା

ଭୁବନେଶ୍ୱର, ୧୮।୪(ସମିସ): କିମ୍‌ସ ଭୁବନେଶ୍ୱରରେ ସୂକ୍ଷ୍ମ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ସିଓଆର୍‌ଆଇ ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ଏହି ରୋବୋଟିକ୍ ବ୍ୟବସ୍ଥାରେ ପାରମ୍ପରିକ ଗଣ୍ଠି ପ୍ରତିରୋପଣ କ୍ଷେତ୍ରରେ ସାଧାରଣତ ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା, ଦୀର୍ଘକାଳୀନ ପୁନର୍ବାସ ଏବଂ ରୋଗୀ ଅସନ୍ତୋଷ ଭଳି ଅନେକ କିଛି ସମସ୍ୟା ବର୍ତ୍ତମାନ ଅଭିଜ୍ଞ ସର୍ଜନଙ୍କ ବିଶେଷଜ୍ଞତା ସହିତ ଉନ୍ନତ ରୋବୋଟିକ୍



ସହାୟତାରେ ସମାଧାନ କରାଯାଇପାରିବ ବୋଲି କିମ୍‌ସ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡ. ଦେବାଶିଷ ମିଶ୍ର କହିଛନ୍ତି। କିମସରେ ଏଭଳି ଅତ୍ୟାଧୁନିକ ଅସ୍ତ୍ରୋପଚାର ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ଏହା ଆଣ୍ଠୁ ଗଣ୍ଠି ରୋଗରେ ପୀଡିତ ରୋଗୀଙ୍କୁ ତୁରନ୍ତ ଆରୋଗ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି କିଟ, କିସ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିମସ ଅସ୍ଥିଶଲ୍ୟ ବିଭାଗର ସାମନ୍ତ ବିଶେଷଜ୍ଞ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାସକ ଭିତରେ ୪ଥର ରକ୍ତଦାନ

ଭୁବନେଶ୍ୱର, ୧୮।୪(ସମିସ): ସାଧାରଣତଃ ୩ ମାସ ବ୍ୟବଧାନ ମଧ୍ୟରେ ରକ୍ତଦାନ କରାଯିବା ସ୍ୱାଭାବିକ। କିନ୍ତୁ ରକ୍ତ ଅଭାବରୁ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବା ବେଳେ ରକ୍ତର ଆବଶ୍ୟକତାକୁ ଉପଲବ୍ଧ କରି ମାସକ ମଧ୍ୟରେ ୪ଥର ରକ୍ତଦାନ କରି ମହାନତାର ପରିଚୟ ଦେଇଛନ୍ତି ରାଜଧାନୀର ଛାତ୍ର ମୀନକେତନ ସାହୁ। ତାଙ୍କର ବିରଳ



ବ୍ଲଡ ଗ୍ରୁପ୍ (ଏବି ପଜିଟିଭ୍) ହୋଇଥିବାରୁ ଅନେକ ସମୟରେ ଏହି ଗ୍ରୁପ୍‌ର ରକ୍ତ ରକ୍ତଭଣ୍ଡାରରେ ଉପଲବ୍ଧ ନଥାଏ। ତେଣୁ ରୋଗୀର ଜୀବନ ସଙ୍କଟାପନ୍ନ ଆଡ଼କୁ ନଯିବାକୁ ନିଜର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମ ବାଦ୍ ଦେଇ ହସ୍ପିଟାଲରେ ପହଞ୍ଚି ଯାଆନ୍ତି ମୀନକେତନ। ନିକଟରେ ମଣିପାଲ ହସ୍ପିଟାଲରେ ଜଣେ ରୋଗୀଙ୍କ ଉକ୍ତ ଗ୍ରୁପର ରକ୍ତ ଜରୁରୀ ଥିବା ବେଳେ କେଉଁଠାରେ ରକ୍ତ ମିଳିନଥିଲା। ଫଳରେ ରୋଗୀ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିବା ବେଳେ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରୀ ସାହୁଙ୍କ ସହଯୋଗରେ ଦେବଦୂତ ସାଜି ପହଞ୍ଚିଥିଲେ ମୀନକେତନ। ଯଦିଓ ସେ ମାସକ ମଧ୍ୟରେ ୩ ଥର ରକ୍ତଦାନ କରିଥିଲେ ତଥାପି ସେ ପୁନର୍ବାର ରକ୍ତ ଦେବାକୁ ଆଗେଇ ଆସିଥିଲେ। ସେହିପରି ଆଜି ଏମ୍‌ସ ହସ୍‌ପିଟାଲରେ ଜଣେ ଗୁରୁତର ରୋଗୀଙ୍କୁ ପ୍ଲେଟଲେଟ୍ ପ୍ରଦାନ କରିବା ପରେ ରୋଗୀ ଜଣକ ବିପଦମୁକ୍ତ ହୋଇପାରିଛନ୍ତି। ମୀନକେତନ ନୂଆପଲ୍ଲୀରେ ପରିବାରଙ୍କ ସହ ରହୁଥିବା ବେଳେ ରାଜଧାନୀ କଲେଜରେ +୩ ଶେଷ ବର୍ଷ ଛାତ୍ର ଅଟନ୍ତି। ତାଙ୍କର ୧୮ ତମ ଜନ୍ମଦିନରେ ସେ ପ୍ରଥମ କରି ରକ୍ତଦାନ କରିଥିଲେ। ସେବେଠାରୁ ସହରର ଯେକୌଣସି ହସ୍ପିଟାଲରେ ରକ୍ତର ଆବଶ୍ୟକତା ସୂଚନା ମିଳେ ତୁରନ୍ତ ସେଠାରେ ପହଞ୍ଚନ୍ତି। ଏପର୍ଯ୍ୟନ୍ତ ସେ ୨୦ ଥର ରକ୍ତଦାନ କରିଥିବା ବେଳେ ୧୨ ଥର ପ୍ଲେଟଲେଟ୍ ଦାନ କରିଛନ୍ତି।

# ସହର ପାଇଁ ବସ୍ତି: କେତେ ଲୋଡ଼ା କେତେ ଅଲୋଡ଼ା?

ଭୁବନେଶ୍ୱର, ୧୮।୪(ସମିସ): ରାଜଧାନୀ କଳେବର ବୃଦ୍ଧି ସାଙ୍ଗକୁ ବସ୍ତି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସହରବାସୀଙ୍କୁ ସେବା ଯୋଗାଇ ଆସୁଥିବା ବସ୍ତିବାସିନ୍ଦାଙ୍କ ସଂଖ୍ୟା ବୃଦ୍ଧି ସହିତ ବସ୍ତିରେ ଅପରାଧ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହା ରାଜଧାନୀ ପାଇଁ ବିପଦର କାରଣ ପାଲଟିଛି।



ବସ୍ତିରେ ସବୁବେଳେ ଶ୍ରମିକ ଶ୍ରେଣୀର ଲୋକେ ରହିଥାନ୍ତି। ବଡ଼ବଡ଼ିଆ କେବେ ବସ୍ତିରେ ରହିବେ ନାହିଁ। ହେଲେ କିଛି ଲୋକ ବସ୍ତିକୁ ବେପାର କରିବା ହିସାବରେ ନେଇ ଗଲେଣି। ବସ୍ତି ଉଚ୍ଛେଦ କରି ଘର କରିବା ସହିତ ଅଧିକ ଟଙ୍କାରେ ଭଡ଼ା ଦେବା ଆଦି କାର୍ଯ୍ୟ କରୁଛନ୍ତି। ହେଲେ ସହର ଗରିବ ଆଉ ଧନୀ ଲୋକଙ୍କୁ ନେଇ ଗଠିତ ହୁଏ। କେବଳ ଧନୀ ରହିଲେ ଏହି ଶ୍ରମିକ ଶ୍ରେଣୀର ଲୋକେ ଯିବେ କୁଆଡ଼େ। ହେଲେ ବସ୍ତି ଉନ୍ନୟନ ଆଇନ୍ ହିସାବରେ ବସ୍ତି ବାସିଙ୍କୁ ବସ୍ତି ଭଙ୍ଗାଯିବା ପୂର୍ବରୁ ସୂଚନା ଦେବା କଥା ହେଲେ ଏହା କିଛି ବି କରାଯାଉ ନାହିଁ। ଫଳରେ ବସ୍ତି ଲୋକମାନେ ଅକାରଣରେ ବିସ୍ଥାପିତ ହେଉଛନ୍ତି।

**-ପ୍ରତାପ ସାହୁ, ସଭାପତି, ଓଡ଼ିଶା ବସ୍ତି ସଂଘର୍ଷ ସମିତି**



-ସରକାର କେବଳ ବସ୍ତିଭାଙ୍ଗିବାରେ ବ୍ୟସ୍ତ ରହିଛନ୍ତି। ଯଦି ବି ଭାଙ୍ଗୁଛନ୍ତି ସେହି ଲୋକମାନଙ୍କୁ ଥଇଥାନ କରି ଭାଙ୍ଗିବା ଦରକାର। କିନ୍ତୁ ବିନା କାରଣରେ ପ୍ରଶାସନ ବସ୍ତିକୁ ଆସି ଭାଙ୍ଗି ଦେଉଛି। ବସ୍ତିମାନଙ୍କରେ ସବୁବେଳେ ଠେଲା ବେପାରୀ, ପରଘରେ କାମ କରୁଥିବା ଲୋକ, ମୂଲିଆମାନଙ୍କ ଘର ଭାଙ୍ଗିବା ସହ ଠେଲା ଗାଡ଼ି ଫୋପାଡ଼ିବା ଏହା କଣ ଆଇନ୍ ଯେଯାଉଛି କି? ପୂର୍ବରୁ କିଛି ନ ଜଣାଇ ଏମିତି ବସ୍ତିକୁ ଭାଙ୍ଗିବା ଏହା କେତେ ଦୂର ଠିକ୍ ଏହାକୁ ନିଜେ ପ୍ରଶାସନ ଚିନ୍ତା କରିବା ଦରକାର। ଏ ମୁଣ୍ଡ ଫଟା ଖରାରେ ବସ୍ତିବାସିନ୍ଦା ଛାଇ ଖୋଜିଲା ବେଳକୁ ଏଠି ସରକାର ସେମାନଙ୍କ ମୁଣ୍ଡ ଉପରୁ ଛାଇ ଉଠାଇ ଦେଉଛି।

**-ସୁର ଜେନା, ସଭାପତି, ବସ୍ତି ଉନ୍ନୟନ ମହାସଂଘ**

-ସହର ଉନ୍ନତି ପାଇଁ ଯଦି ବସ୍ତି ଭଙ୍ଗା ଯାଉଛି ତେବେ ଠିକ୍ ଅଛି ହେଲେ ପୂର୍ବରୁ ନ ଜଣାଇ ଏମିତି ଅଚାନକ ବସ୍ତି ଭାଙ୍ଗିବା ଏହା ଅମାନବିକ କାର୍ଯ୍ୟ। ଏଥିସହିତ ବସ୍ତି ଭାଙ୍ଗିବା ପୂର୍ବରୁ ସେହି ବସ୍ତିର ମୁରବୀମାନଙ୍କର ମତାମତ ନିହାତି ଆବଶ୍ୟକ। ସହର ଉନ୍ନତି କରିଛି ଏଇ ବସ୍ତି ଲୋକଙ୍କ ପାଇଁ ହେଲେ ଏହି ଲୋକମାନଙ୍କର ଉନ୍ନତି କଥା ବି ଚିନ୍ତା କରିବା ଦରକାର। ବସ୍ତିର ଲୋକମାନେ ସବୁ କାର୍ଯ୍ୟରେ ଠିଆ ହଉଛନ୍ତି। ହେଲେ ସେମାନଙ୍କ ପାଖରେ କେହି କେବେ ଠିଆ ହଉନାହାନ୍ତି। ଯେଉଁ ଲୋକମାନେ ପ୍ରକୃତରେ ବସ୍ତିରେ ରହୁଛନ୍ତି ସେହି ମାନଙ୍କର ମତାମତ ନିଆଯାଇ ଉଚ୍ଛେଦ ପଦକ୍ଷେପ ନିଆଯାଇ ପାରନ୍ତା।



**-ଚୌଧୁରୀ ବିକାଶ ଦାସ, ବାଜପେୟୀ ନଗର, ସାଲିଆ ସାହି**

-ବସ୍ତି ଉଚ୍ଛେଦ ଠିକ୍ ଅଛି ହେଲେ ଆଗ ସେହି ସ୍ଥାନରେ ଦୀର୍ଘ ବର୍ଷ ହେଲା ରହୁଥିବା ଲୋକମାନଙ୍କୁ ଥଇଥାନ କରି ତା ପରେ ଉଚ୍ଛେଦ କଲେ ଠିକ୍। ଏଥିସହିତ ସେମାନଙ୍କର ମୌଳିକ ସୁବିଧା କିଛି ମାତ୍ରାରେ ପାଇ ପାରୁଛନ୍ତି। ହେଲେ ଉଚ୍ଛେଦ ପରେ ମୌଳିକ ସୁବିଧାରୁ ବଞ୍ଚିତ ହେବେ। ବସ୍ତି ଲୋକଙ୍କୁ ମୌଳିକ ସୁବିଧା ଦେବା ସହ ରକ୍ଷଣାବେକ୍ଷଣା ସମାଦାନ କଲେ ବସ୍ତି ଉଚ୍ଛେଦ କରିଲେ ଭଲ ହୁଅନ୍ତା



**- ଦିବାକର ମାହାଳି, ସଂଯୋଜକ, ସ୍ନେହ ସଂସ୍ଥା**

-ଗୋଟେ ଲୋକେ ବସ୍ତିକୁ ଭରସା କରି ଦୀର୍ଘ ଦିନ ରହିଗଲାଣି ଏମିତି ଉଠାଇ ଦେବା ଠିକ୍ ନୁହେଁ। ସରକାର ବସ୍ତି ଭାଙ୍ଗନ୍ତୁ। କିନ୍ତୁ ସେମାନଙ୍କୁ ଆଗ ବାସଗୃହ, ସୁବିଧା ସୁଯୋଗ ଦେଇ ଭଙ୍ଗାଭଙ୍ଗି କରିବା ଦରକାର।



**-ହଟିଆ ସିଂ, ଜଗନ୍ନାଥ ବସ୍ତି**

ବସ୍ତି ଉଚ୍ଛେଦ ହେଉ କିନ୍ତୁ ସେମାନଙ୍କୁ ଥଇଥାନର ମଧ୍ୟ ବ୍ୟବସ୍ଥା କରାଯାଉ। ଯେଉଁମାନେ ସରକାରୀ ଜମିକୁ ଶାଗମାଛ ଦରରେ ବିକ୍ରି କରି ନିଜର ପକେଟ ଗରମ କରିଛନ୍ତି ସେମାନଙ୍କ ଠାରୁ ଉକ୍ତ ଟଙ୍କା ଆଦାୟ କରିବା ସହ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସହର ଆଖାପାଖ ଅଞ୍ଚଳର ଯେଉଁ ଅନାବାଦୀ ଗୋଚରକୁ ଯେଉଁମାନେ ଅବାଧ କବ୍ଜା କରିଛନ୍ତି ସେ ଜମି ଗୁଡାକ ଉପରେ ମଧ୍ୟ ସରକାର ଧ୍ୟାନ ଦିଅନ୍ତୁ ଓ ଭୂମିହୀନ କୁ ସ୍ଥାୟୀ ଜମି ପଟ୍ଟା ଦେବାର ବ୍ୟବସ୍ଥା କରନ୍ତୁ।



**-ବାପୁ ଓଝା, ସଭାପତି, ଓଡ଼ିଶା ସମାଜସେବୀ ମହାସଂଘ**

# କଟକ ସିଟି



## ଧାନ ଗବେଷକଙ୍କ ୬୧ତମ ବାର୍ଷିକ ଜାତୀୟ ସମ୍ମିଳନୀ



କଟକ,୧୮ ।୪(ସମିସ): ବିଦ୍ୟାଧରପୁରସ୍ଥିତ ରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାରଠାରୁ ୪ ଦିନ ବ୍ୟାପି ୬୧ତମ ବାର୍ଷିକ ଧାନ ଗବେଷକଙ୍କ ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ବୈଜ୍ଞାନିକ ଏହି ସମ୍ମିଳନୀରେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି କିପରି ଆଧୁନିକ ବିଦ୍ୟା ଜ୍ଞାନ କୌଶଳ ପ୍ରୟୋଗ କରି କିପରି ଅଧିକରୁ ଅଧିକ ଫସଲ ଉତ୍ପନ୍ନ କରିହେବ ସେ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଛି। ଏଥିସହିତ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡକ୍ଟର ମାଙ୍ଗି ଲାଲ୍ ଜାଟ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗଦେଇ ଗବେଷକ ସମ୍ମିଳନୀକୁ ଉଦବୋଧନ ଦେଇ କହିଲେ ଯେ ବିଦ୍ୟାଧରପୁରସ୍ଥିତ ଭାରତୀୟ ଧାନ ଗବେଷଣା ପ୍ରତିଷ୍ଠାନ ସମଗ୍ର ଏସିଆ ମହାଦେଶରେ ଏକ ଶ୍ରେଷ୍ଠ ଧାନ ଗବେଷଣା କେନ୍ଦ୍ର ଭାବରେ ପରିଚିତ। ବୈଜ୍ଞାନିକମାନେ ଗବେଷଣା କରି କିପରି କମ୍ ଜମିରେ ବିଭିନ୍ନ କିସମର ଫସଲ ଉତ୍ପନ୍ନ ହେବ ସେ ସଂପର୍କରେ ଗବେଷଣା କରିବା ସହିତ କିଭଳି ଉନ୍ନତ ମାନର ଧାନ ଉତ୍ପାଦନ ହୋଇପାରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ କିପରି ବିଭିନ୍ନ ଋତୁରେ ଫସଲ ଉତ୍ପନ୍ନ ହେବ ସେ ବିଷୟରେ ଡକ୍ଟର ଜାଟ ଗୁରୁତ୍ୱ ଦେଇଥିଲେ। ଫସଲ ବିଜ୍ଞାନ ବିଭାଗର ଉପ ମହାନିର୍ଦ୍ଦେଶକ ଡକ୍ଟର ଡି. କେ ଯାଦବ ଆଭାସୀ ମାଧ୍ୟମରେ ଯୋଗଦେଇଥିଲା ବେଳେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ମହାନିର୍ଦ୍ଦେଶକ ଡକ୍ଟର ଏସ୍‌କେ ପ୍ରଧାନ, ଆଇଆଇଆର୍‌ଆର୍‌ର ନିର୍ଦ୍ଦେଶକ ଡକ୍ଟର ଆର୍ ଏମ ସୁନ୍ଦରମ୍, ଫସଲ ଉନ୍ନୟନ ବିଭାଗର ମୁଖ୍ୟ ବୈଜ୍ଞାନିକ ଡକ୍ଟର ମୀରା କର ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜିଏକେ କୁମାର୍ ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ସୋମବାର ଅକ୍ଷୟ ତୃତୀୟା; ଜିଲ୍ଲାରେ ଆବଶ୍ୟକ ୧୦ ହଜାର କ୍ୱିଣ୍ଟାଲ ବିହନ

# ଚାଷୀଙ୍କ ପାଖରେ ପହଞ୍ଚିଲାନି ବିହନ

କଟକ,୧୮ ।୪(ସମିସ):

ପରମ୍ପରା ଅନୁସାରେ, ଖରିଫ ଋତୁରେ ଧାନ ଚାଷ ପବିତ୍ର ଅକ୍ଷୟ ତୃତୀୟାଠାରୁ ଅନୁକୂଳ ଆରମ୍ଭ ହୋଇଥାଏ। ଏହି ଦିନ ଚାଷୀ ବିଲରେ ବିହନ ବୁଣି ଚାଷ ଅନୁକୂଳ କରିଥାଏ। ଆସନ୍ତା ସୋମବାର ଅକ୍ଷୟତୃତୀୟା ପାଳନ ହେଉଥିବା ବେଳେ ଜିଲ୍ଲାର ଚାଷୀଙ୍କ ନିକଟରେ ଏଯାଏଁ ନୂତନ ବିହନ ପହଞ୍ଚାଇ ପାରିନାହିଁ ବିହନ ନିଗମ। ବିହନ ନପାଇ ଚାଷୀ ସାଇତି ରଖିଥିବା ପାରମ୍ପରିକ ପୁରୁଣା ବିହନରେ ଅକ୍ଷିମୁଠି ଅନୁକୂଳ କରିବ।

ଖରିଫ ଧାନ ଚାଷ ପାଇଁ ବିହନ ଯୋଗାଣ ବିଳମ୍ବ ହେଉଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ, ଜିଲ୍ଲାର ୧୪ଟି ବ୍ଲକରେ ଚାଷୀଙ୍କୁ ପ୍ରାୟ ୧୮୦ଟି ପାକ୍ସ ସମେତ ୨୫ ଜଣ ଘରୋଇ ଡିଲରଙ୍କ ସହାୟତାରେ ଏହି ବିହନ ଯୋଗାଣ କରାଯିବ। ଜିଲ୍ଲାରେ ଏଥର ଚାଷୀଙ୍କୁ ମୋଟ ୬ରୁ ୭ ହଜାର କ୍ୱିଣ୍ଟାଲ ଧାନ ବିହନ ଯୋଗାଣ କରାଯିବାର ଲକ୍ଷ୍ୟ ରହିଛି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଜିଲ୍ଲାରେ ୮-୧୦ ହଜାର କ୍ୱିଣ୍ଟାଲ ବିହନର ଚାହିଦା ରହୁଛି। ସରକାରୀ ବିହନ ବିକ୍ରି ପୂର୍ବରୁ କେତେକ ସ୍ଥାନରେ ବେଆଇନ ଭାବେ ଅଣପଞ୍ଜିକୃତ ସଂସ୍ଥା ପକ୍ଷରୁ ବିଭିନ୍ନ ବିହନକୁ ଚଢ଼ା ଦରରେ ବିକ୍ରି କରାଯାଉଛି। ଫଳରେ ସରକାରୀ ବିହନ ଆସିବା ବିଳମ୍ବ ହେତୁ ଏହି ବିହନ ବିକ୍ରି କମିଯାଉଥିବା ଜଣାପଡ଼ିଛି। ବିହନ ନିଗମରେ ସାରଳା, ପୂଜା, ସ୍ୱର୍ଣ୍ଣ ସବ ୱାନ, ଆଡଜେଲ, କଳାଚମ୍ପା ଆଦି କିସମର ଧାନ ବିହନ ମହଜୁଦ ରହଛି। ବିକ୍ରୟ କେନ୍ଦ୍ର ତଥା ସମବାୟ ସମିତି ଓ ଡିଲରଙ୍କ ମର୍ଚ୍ଚାଣ୍ଟ ଆଡି ପ୍ରସ୍ତୁତ



ଆରମ୍ଭ ହୋଇ ଖୁବଶୀଘ୍ର ପ୍ରକ୍ରିୟା ଚାଲୁ ରହିଛି। ଆ।।ସନ୍ତା ମେ ୧୦ ତାରିଖ ସୁଦ୍ଧା ବିହନ ବିକ୍ରି ଆରମ୍ଭ ହେବ ବୋଲି କହିଛନ୍ତି ବିଭାଗୀୟ ଅଧିକାରୀ। ଜିଲ୍ଲାରେ କଳାଚମ୍ପା ଓ ପୂଜା କିସମର ଧାନ ବିହନର ସର୍ବାଧିକ ଚାହିଦା ରହିଆସିଛି। ଏହାବାଦ୍ ଶାରଳା, ଇନ୍ଦ୍ର, ଏମଟିୟୁ-୧୦୭୫, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବୱାନ ଆଦି କିସମର ଧାନ ବିହନ ଚାଷୀଙ୍କୁ ଯୋଗାଣ କରାଯାଇ ଆସୁଛି। ଗୋଟିଏପଟରେ ଗତବର୍ଷ ଚାଷୀଙ୍କୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ତଳେ ବିକଶିତ ହୋଇଥିବା ପୁରୁଣା ଧାନ ବିହନ ପାଇଁ ସର୍ବନିମ୍ନ କ୍ୱିଣ୍ଟାଲ ପ୍ରତି ୧୨୫୦ ଟଙ୍କା ରିଆତି ଦିଆଯାଇଥିଲା। ସେହିପରି ୧୦ବର୍ଷ ଭିତରେ ବିକଶିତ ନୂତନ କିସମ ଧାନ ବିହନ ବାବଦରେ ୧୫୦୦ ଟଙ୍କା ରିଆତି ଦିଆଯାଇଆସୁଛି। ଜିଲ୍ଲାରେ ୧ ଲକ୍ଷ ୩୬ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଏଥିମଧ୍ୟରୁ ପ୍ରାୟ ୬୦ ହଜାର ହେକ୍ଟର ଜମିରେ ଧାନ ଚାଷ ବୁଣା ପଦ୍ଧତିରେ କରାଯାଇଥାଏ। ଧାନ ବିହନ ବୁଣିବା ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ ହୋଇଥିବା ବେଳେ ଧାନ ବିହନ ଯୋଗାଣ ହୋଇ ନପାରିବା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି।

## ଅକ୍ଷୟ ତୃତୀୟାରେ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରିବ ବିଜେଡି

ଆଠଗଡ଼,୧୮ ।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆସନ୍ତା ୨୦ ତାରିଖରେ ଆଠଗଡ଼ ଏବଂ ତିଗିରିଆର ଅଗ୍ରଣୀ ଚାଷୀମାନଙ୍କୁ ବିଜେଡି ପକ୍ଷରୁ ସମ୍ମାନିତ କରାଯିବ। ନିର୍ବାଚନମଣ୍ଡଳୀର ଚାଷୀ ଭାବରେ ଧାନ, ପନିପରିବା, ଫୁଲ, ଫଳ, ମାଛ, ଆଦି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ଚାଷୀ ମାନଙ୍କୁ ଆଠଗଡ଼ ବିଜୁ କୃଷକ ଜନତା ଦଳ ପକ୍ଷରୁ ଚୟନ କରାଯିବ। ଆଠଗଡ଼ର ଇଚ୍ଛାପୁର ପଞ୍ଚାୟତର ଗୁଡୁପଡାଠାରେ ଯୁବ ନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଏବଂ ତିଗିରିଆର ବାଲିପୁଟ ପଞ୍ଚାୟତ ବାଣେଶ୍ୱରପଡା ଠାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୃଥକ ପୃଥକ ଭାବରେ ଅକ୍ଷିମୁଠି ଅନୁକୂଳ କରିବେ ବୋଲି ଆଠଗଡ଼ ବିଜୁ କୃଷକ ଜନତା ଦଳ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଆଠଗଡ଼ ଏବଂ ତିଗିରିଆ



ବ୍ଲକର ସମସ୍ତ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଠଗଡ଼ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତ,ବିଜୁ କୃଷକ ଜନତା ଦଳ ସଭାପତି ସୁବାସଚନ୍ଦ୍ର ପାଳ, ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧୀର, ଏବଂ ବିଜୁ କୃଷକ ଜନତା ଦଳ ସଭାପତି ସେକ୍ ଅବଦୁଲ୍ ତୋଏବ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଘର୍ଷ ଓ ସଫଳତାର ପ୍ରତିଭୂ ଥିଲେ ରତ୍ନାକର ଚଇନି

### ଡକ୍ଟର ରତ୍ନାକର ଚଇନିଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ

କଟକ,୧୮ ।୪(ସମିସ): ବିଶିଷ୍ଟ ସାହିତ୍ୟିକ, ସଂଗଠକ ଓ ଶିକ୍ଷାବିତ୍ ଡକ୍ଟର ରତ୍ନାକର ଚଇନିଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ ରତ୍ନାକର ଚଇନି ସ୍ମୃତି ସଂସଦ



ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି କଥାକାର ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରୀରାମ ଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ଡକ୍ଟର ସୁଲୋଚନା ଦାସ ଯୋଗଦେଇ କହିଲେ ଯେ ରତ୍ନାକର ଚଇନିଙ୍କ ପ୍ରଚଣ୍ଡ ପ୍ରତିଭା ଥିଲା ଅନନ୍ୟ ସାଧାରଣ। ସେ ନିଜର ନାମକୁ ଯଥାର୍ଥରେ ସାର୍ଥକ କରିପାରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ କହିଲେ ଯେ ରତ୍ନାକର ଚଇନିଙ୍କ ଜୀବନ ଥିଲା ସଂଘର୍ଷ ଓ ସାଫଲ୍ୟର ବିସ୍ମୟକର କାହାଣୀ। ରେଭେନ୍ସା କଲେଜରେ ଥିବା ବେଳେର ସ୍ମୃତି ଓ ତାଙ୍କ ସାହିତ୍ୟ ସାଧନାର ବିଭିନ୍ନ ଦିଗ ଉପରେ ସେ ଆଲୋକପାତ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଉପ ସଭାପତି ସାହିତ୍ୟିକ ଡକ୍ଟର ସୁନାମଣି ରାଉତ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନଷ୍ଠାନର ସଂପାଦକ କଥାକାର ଡକ୍ଟର ପ୍ରକାଶ କୁମାର ପରିଡା ସଂପାଦକୀୟ ବିବରଣୀ ପାଠକରିଥିଲେ। ଉତ୍ସବରେ ଯୁବ ନାଟ୍ୟକାର ବନସ୍ମିତା ପତିଙ୍କୁ ମର୍ଯ୍ୟାଦାଜନକ 'ରତ୍ନାକର ଚଇନି ସ୍ମୃତି ସାହିତ୍ୟ ପୁରସ୍କାର -୨୦୨୬' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ପାଞ୍ଚ ହଜାର ଟଙ୍କାର ଅର୍ଥ ରାଶି ସହ ଉପାୟନ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅଧ୍ୟାପିକା ଡକ୍ଟର ସ୍ୱାତି ସୁଚରିତାଙ୍କ ଗବେଷଣା ନିବନ୍ଧ କଥାଶିଳ୍ପୀ ରତ୍ନାକର ଚଇନି ଏକ ଅଧ୍ୟୟନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ନାଟ୍ୟକାର ବୈଜୟନ୍ତୀ ମିଶ୍ର ମାନପତ୍ର ପାଠ କରିଥିଲେ। ଉତ୍ସବରେ ଡକ୍ଟର ସ୍ୱତୀ ସୁଚରିତା ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ବିଜୟିନୀ ପ୍ରକାଶନୀ ସଂସ୍ଥାର ପ୍ରକାଶକ ଦିଲ୍ଲୀପ କୁମାର ବେଉରା। ଉତ୍ସବରେ ଡକ୍ଟର ଚଇନିଙ୍କ ପୁତ୍ର ସତ୍ୟକାମ ଚଇନି, ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଓଡ଼ିଶାକୁ ଆଧୁନିକ ଓ ପ୍ରଗତିଶୀଳ କରିବାରେ ବିଜୁ ବାବୁଙ୍କ ଭୂମିକା ଅତୁଳନୀୟ: କଟକ ଜିଲ୍ଲା ବିଜେଡି

କଟକ,୧୮ ।୪(ସମିସ): ପ୍ରବାଦ ପୁରୁଷ, ଆଧୁନିକ ଓଡ଼ିଶାର ନିର୍ମାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଦୋଳମୁଣ୍ଡାଇସ୍ଥିତ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପାଳିତ



ହୋଇଯାଇଛି। କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ସେ କହିଲେ ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ କଳିଙ୍ଗ ସମ୍ରାଟ। ତାଙ୍କ ନେତୃତ୍ୱ ଓ ଅଦମ୍ୟ ସାହାସିକତା ଯୋଗୁଁ ଭାରତ ମାନଚିତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ଗରିବ ଓ ପଛୁଆ ରାଜ୍ୟ ଭାବେ ପରିଚିତ ଓଡିଶାକୁ ଏକ ଆଧୁନିକ ଓ ପ୍ରଗତିଶୀଳ ଓଡିଶା ଗଠନ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ। ଓଡିଶାର ଆର୍ଥିକ ବିକାଶ ସହିତ ଆତ୍ମନିର୍ଭରଶିଳ କରିବା ପାଇଁ ଓଡିଶାର ପ୍ରଥମ ବନ୍ଦର ପାରାଦୀପ ବନ୍ଦରର ସେ ଥିଲେ ମୁଖ୍ୟ ବିନ୍ଧାଣି। ରାଉରକେଲା ଇସ୍ପାତ କାରଖାନା ହେଉଛି ତାଙ୍କର ଅବଦାନ। ଶିକ୍ଷା ଓ ମହିଳାଙ୍କ ବିକାଶ ପାଇଁ ପଞ୍ଚାୟତରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବାରେ ଦେଶରେ ସେ ଥିଲେ ପ୍ରଥମ ମୁଖ୍ୟମନ୍ତ୍ରୀ। ସ୍ମୃତି ସଭାରେ କଟକ ମହାନଗର ମେୟର ସୁବାସ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଦୀପ୍ତ ଖୁଣ୍ଟିଆ, କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ଅନିତା ବେହେରା, ଜୟଦେବ ଜେନା, ବିଷ୍ଣୁ ସାହୁ, ଦୁର୍ଗାଚରଣ ସାହୁ, ବିଭୂତି ସ୍ୱାଇଁ, ଚିରଞ୍ଜୟ ସାହୁ, ଜନସନ ମହାପାତ୍ର, ସେକ ରିୟାଜୁଲ୍ଲା, ଯୁଧିଷ୍ଠିର ବିଶ୍ୱାଳ, ତନ୍ମୟା ରାୟ, ଆକାଶୀ ସୁନିତା ଶେଖର, ଝିଲ୍ଲୀ ବିହାରୀ, ନିରୁପମା ପ୍ରଧାନ, ବାସନ୍ତୀ ଦଳବେହେରା, ଦେବେନ୍ଦ୍ର କାହାଳି, ଦେବେନ୍ଦ୍ର ପାଣିଗ୍ରାହୀ, ସ୍ୱଦେଶ ଦାସ, ସରୋଜ ରଞ୍ଜନ କର, ପ୍ରତାପ ମୂଳିଆ, ଅବଦୁଲ କରିମ, ମିତାଲି ଭଞ୍ଜ, ସଂଗୀତା ଦାସ ପ୍ରମୁଖ ଯୋଗଦେଇ ଦିବଂଗତ ନେତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ■ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତା

## କୌସ୍ତୁଭ ମନ୍ମୟ ମିଶ୍ର ବିଦ୍ୟାଳୟ ଟପ୍ପର



କଟକ,୧୮ ।୪(ସମିସ): ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କଟକ ସିଡ଼ିଏସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସ୍କୁଲର ମେଧାବୀ ଛାତ୍ର କୌସ୍ତୁଭ ମନ୍ମୟ ମିଶ୍ର ୯୫.୪% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ସ୍କୁଲର ଅନ୍ୟ ଦୁଇ ଛାତ୍ର ଆଶୁତୋଷ ପ୍ରଧାନ ଓ ଅଭିନନ୍ଦନ ତ୍ରିପାଠୀ ମଧ୍ୟ ୯୦ ଶତକଡ଼ାରୁ ଅଧିକ ନମ୍ବର ରଖିଛନ୍ତି। ସ୍କୁଲରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ସଫଳତା ପାଇଁ ଅଧ୍ୟକ୍ଷା ଚୌଧୁରୀ ପ୍ରଜ୍ଞା ମିଶ୍ର ଅଭିନନ୍ଦନ ଜଣାଇଛନ୍ତି। ବିଶେଷ କରି ବିଦ୍ୟାଳୟରେ ଶିକ୍ଷାଦାନର ପଦ୍ଧତି, ଶିକ୍ଷକଶିକ୍ଷୟିତ୍ରୀଙ୍କର ମାର୍ଗଦର୍ଶନ ସେମାନଙ୍କୁ ଏହି ସଫଳତା ହାସଲ ପାଇଁ ସୁଯୋଗ ଦେଇଥିଲା ବୋଲି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ପ୍ରକାଶ କରିଛନ୍ତି।

## ରାହୁଲ ଗାନ୍ଧୀ ଓ ଖଡ଼ଗେଙ୍କ କୁଶପୁତ୍ତଳିକା ଦାହକଲା ବିଜେପି ମହିଳା ମୋର୍ଚ୍ଚା

କଟକ,୧୮ ।୪(ସମିସ): ମହିଳା ବିଲ୍‌କୁ ଲୋକସଭାରେ କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳଙ୍କ ବିରୋଧ କରାଯାଇଥିବାରୁ ଏହାକୁ ନେଇ ତୀବ୍ର ପ୍ରତିବାଦ କରିଛି ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା। ଏହି ପରିପ୍ରେକ୍ଷୀରେ ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ବିଜେପି ନେତ୍ରୀ ତଥା କଟକ ଜିଲ୍ଲା ସଭାନେତ୍ରୀ ମଧୁସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ବିଜେପି ମହିଳା ମୋର୍ଚ୍ଚା କଟକ ଜିଲ୍ଲା ତରଫରୁ ବାଦାମବାଡ଼ିରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଭାରତୀୟ ଜାତୀୟ କଂଗ୍ରେସର ଜାତୀୟ ସଭାପତି ମଲିକର୍ଜୁନ ଖଡଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସଭାରେ ବରିଷ୍ଠ ବିଜେପି ନେତା ଓ ରାଜ୍ୟ କାର୍ଯ୍ୟକାରିଣୀ



ସଦସ୍ୟ ବିନୋଦ ଦାସ, ଦୀପ୍ତି ସ୍ୱାଇଁ, କଳ୍ପନା ବେହେରା, ସଂଯୁକ୍ତା ମିଶ୍ର, ମାମିନା ମହାନ୍ତି, କଲ୍ୟାଣୀ ମହଲା, ପ୍ରତିମା ସ୍ୱାଇଁ, ତନୁଶ୍ରୀ ମହାନ୍ତି, ହରିପ୍ରିୟା ଧଳ, ଅଳକା ମହାନ୍ତି, ସୁମିତା ଦେବତା, ମମତା ଚୌଧୁରୀ, ରିତା ମହାପାତ୍ର, ନିର୍ମଳା ଆଚାର୍ଯ୍ୟ, ମିଳନ ରାଉତରାୟ, ମନସ୍ୱିନୀ ଦୀକ୍ଷିତ, କଳ୍ପନା ଦାସ, ତୃପ୍ତି ମିଶ୍ର, ବନିତା ଦଳାଇ, ପ୍ରିୟତମା ଜେନା, ଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରଜକ ସମିତି ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ

କଟକ,୧୮ ।୪(ସମିସ) : ପୁରୀଘାଟ ଥାନା ଅନ୍ତର୍ଗତ ସନସାଇନ୍ ପଡ଼ିଆ ନିକଟ କଟକ ନଗର ରଜକ ସମିତି ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ସମିତିର ସାଧାରଣ ସଂପାଦକ ମଥୁରା ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍‌ଦୌଷ, ସମ୍ମାନିତ ଅତିଥି ଭାବରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମାଜସେବୀ ସୁକାନ୍ତ ସେଠୀ, ବିଜେପି ପ୍ରଭାରୀ ସୁରଥ ବିଶ୍ୱାଳ, ଦିବ୍ୟାଂଶୁ ମହାପାତ୍ର, ସୁଶାନ୍ତ ପାତ୍ର ଯୋଗ ଦେଇଥିଲେ। ସଭାପତି ବିକ୍ରମ ସେଠୀ, ଅଶ୍ୱିନୀ ସେଠୀ, ଜାଗା ସେଠୀ, ରମେଶ ସେଠୀ, ଦୁଃଖୀରାମ ସେଠୀ, ଲକ୍ଷ୍ମୀଧର ସେଠୀ, ଶରତ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ବାର୍ଷିକ ଉତ୍ସବ

କଟକ,୧୮ ।୪(ସମିସ): କଟକ ମହାନଗର ୫୬ ନମ୍ବର ୱାର୍ଡ ଅନ୍ତର୍ଗତ ଉତ୍ତମାପୁରଠାରେ ଥିବା ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ୬୩ତମ ବାର୍ଷିକ ଉତ୍ସବ ଓ ଅଲିମ୍ପିକ ମୂଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ପୋରେଟର ଲିପ୍ସା ନାୟକ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମାନସ ରଞ୍ଜନ ପଟ୍ଟନାୟକ, ଏସଏମସି ସଭାପତି ଅଜିତ କୁମାର



ସ୍ୱାଇଁ, ପ୍ରୋଜେକ୍ଟ ମ୍ୟାନେଜର ଅଭିନବ ବିନ୍ଦ୍ରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟଗୀତରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପାର୍ଥସାରଥୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାପୀଠର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣଲତା ଦାସ ଧନ୍ୟବାଦ ଦେଇଥିଲେ।

## ଫୁଡ୍‌କୋର୍ଟ ନିର୍ମାଣରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି

କଟକ,୧୮ ।୪(ସମିସ): ବାରବାଟୀ ଫୁଡ୍ କୋର୍ଟ ନିର୍ମାଣ ସ୍ୱଚ୍ଛତାର ସହ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଗୃହ ଲଟେରି କରାଯାଇ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଇଥିଲା। ଏଠାରେ ୨ ଜଣ ଅବସରପ୍ରାପ୍ତ ଜଜ୍ ଉପସ୍ଥିତ ରହିଥିଲେ। ପ୍ରଥମ ପର୍ଯ୍ୟାୟରେ ଯେଉଁ ବ୍ୟବସାୟୀମାନେ ଦୋକାନ ଘର ପାଇ ପାରି ନାହାନ୍ତି ସେମାନଙ୍କୁ ଭବିଷ୍ୟତରେ ଘର ଫାଙ୍କା ହେଲେ ଅଗ୍ରାଧିକାର ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଏବେ ଜାରି ରହିଛି। ଆସନ୍ତା ୨୪ ପର୍ଯ୍ୟନ୍ତ ଏହି ଆବେଦନ ଗ୍ରହଣ କରାଯିବ। ଏଥିଲାଗି ସମସ୍ତ ବ୍ୟବସାୟୀ ଆବେଦନ କରିପାରିବେ। ଏପରିକି ଦୋକାନଘର ଆଲର୍ଟମେଣ୍ଟ ପରେ ଯଦି ବ୍ୟବସାୟୀମାନେ ସମସ୍ୟା ସୃଷ୍ଟି କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି କମିସନର କିରଣଦୀପ କୌର ସହୋତ୍ରା କହିଛନ୍ତି।




ଅନ୍ୟପକ୍ଷେ, ୨୦୨୩ରେ ବାଲିଯାତ୍ରା ଉପର ପଡ଼ିଆରେ ଏକ ସ୍ଥାୟୀ ଫୁଡକୋର୍ଟ ନିର୍ମାଣ ଲାଗି ସିଏମ୍‌ସି ପକ୍ଷରୁ ପ୍ରାୟ ୮.୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୫ରେ ଏହାର ନିର୍ମାଣ କାର୍ଯ୍ୟ ସରିଥିଲା। ମାତ୍ର ଦୋକାନଗୃହ ବଣ୍ଟନ ଓ ବିଭିନ୍ନ ସମସ୍ୟା ଲାଗି ଏହି ଫୁଡ୍‌କୋର୍ଟ ଖୋଲିପାରି ନଥିଲା। ଏହି ଫୁଡ୍‌କୋର୍ଟରେ ମୋଟ୍ ୮୮ଟି ଦୋକାନ ଘର ରହିଛି। ତନ୍ମଧ୍ୟରେ ୪୫ଟି ସି କାଟାଗୋରି, ୩୬ଟି ବି କାଟାଗୋରି ଓ ୨ଟି "ଏ' କାଟାଗୋରି ଦୋକାନ ଘର ଉପଲବ୍ଧ ରହିଛି। ଲଟେରି କରାଯାଇ ୪୫ଟି ଦୋକାନ ଘର ବଣ୍ଟନ କରାଯାଇଥିବା ବେଳେ ୩୬ଟି ଦୋକାନ ଘର ବଣ୍ଟନ ନିମନ୍ତେ ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିନିମନ୍ତେ ଅନ୍‌ଲାଇନ୍ ଆବେଦନ ତାରିଖ ରହିଛି। ଏହାପରେ ଉକ୍ତ ବ୍ୟବସାୟୀମାନଙ୍କୁ ଘର ବଣ୍ଟନ କରାଯିବ। ମେ' ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରାଯାଇ ଜୁନ୍ ପ୍ରଥମ ସପ୍ତାହରେ ଏହାକୁ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବାରବାଟୀ ଫୁଡ୍ କୋର୍ଟର ଦୋକାନ ଘର ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ବିଧାୟିକା ସୋଫିଆ ଫିର୍ଦୋସ ଯେଉଁ ଅଭିଯୋଗ ଉଠାଇଛନ୍ତି, ତାହାକୁ ସିଏମ୍‌ସି ମେୟର ଖଣ୍ଡନ କରିଥିଲେ। ମେୟର, କମିସନରଙ୍କ ସମେତ କର୍ପୋରେଟର ପ୍ରଜ୍ଞା ବେଉରା ଏ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରତିକ୍ରିୟା ରଖିଥିଲେ।

### ବାରବାଟୀ ଫୁଡ୍ କୋର୍ଟ ଆବଣ୍ଟନରେ ଅନିୟମିତତା ଅଭିଯୋଗ

## ସିଏମସି କମିସନରଙ୍କୁ ଉଠାଦୋକାନୀଙ୍କ ଦାବିପତ୍ର

କଟକ,୧୮ ।୪(ସମିସ):

କଟକ ବାରବାଟୀ ଷ୍ଟାଡିୟମ ନିକଟରେ ନିର୍ମିତ ହୋଇଥିବା ନୂତନ ଫୁଡ୍‌କୋର୍ଟରେ ଦୋକାନ ଘର ଆବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୦-୧୫ ବର୍ଷ ଧରି ସେହି ଅଞ୍ଚଳରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀମାନଙ୍କୁ ଥଇଥାନ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ, ଏବେ ସେମାନଙ୍କ ନାମ ଆବଣ୍ଟନ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି।



ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ ମସିହାରେ ଫୁଡ୍‌କୋର୍ଟ ନିର୍ମାଣ ପାଇଁ ସେମାନଙ୍କୁ ସେହି ସ୍ଥାନରୁ ଉଠାଇ ଦିଆଯାଇଥିଲା। ସେହି ସମୟରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସମସ୍ତ ବ୍ୟବସାୟୀଙ୍କର ସର୍ଭେ କରାଯାଇ ଆଧାର କାର୍ଡ, ଫୁଡ୍ ଲାଇସେନ୍ସ ଏବଂ ପରିଚୟପତ୍ର ସଂଗ୍ରହ କରାଯାଇଥିଲା। ଶୀଘ୍ର ସ୍ଥାୟୀ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ମାତ୍ର ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ କୌଣସି ଦୋକାନ ଘର ମିଳିନାହିଁ, ଯାହାଫଳରେ ସେମାନଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ନିକଟରେ ସିଏମସି ପକ୍ଷରୁ ପ୍ରକାଶ ପାଇଥିବା ଦୋକାନ ଆବଣ୍ଟନ ତାଲିକାରେ ପୁରୁଣା ବ୍ୟବସାୟୀଙ୍କ ନାମ ନଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ରାଧାରମଣ ନନ୍ଦୀ, ସୂର୍ଯ୍ୟ ନାରାୟଣ ପାଣ୍ଡେ ଏବଂ ସୌମ୍ୟରଞ୍ଜନ ବେହେରାଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ ସିଏମସି କମିସନରଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି।

### ୪୦ ପ୍ରତିଶତ ମଜୁରି ବୃଦ୍ଧି ଦାବି

# ଶ୍ରମିକ ମହାସଂଘର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରହ୍ମପୁର,୧୮ ।୪(ସମିସ)

ଠପ୍ ହୋଇଯାଇଛି ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁରର ବଡବଜାର ଓ ଆଖପାଖ ଅଞ୍ଚଳର ବଜାରରେ ମାଲ୍ ପରିବହନ ଓ କାରବାର। ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାରମ୍ବାର ଦାବି ଓ ଯୋଗସୂତ୍ର ସ୍ଥାପନ ସତ୍ତ୍ୱେ ସମାଧାନ କରିବାକୁ ଆଗେଇ ଆସିଲାନି ଗଞ୍ଜାମ ଚାମ୍ବର ଅଫ କମର୍ସ। ବରଂ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ କରିଛି ଶ୍ରମିକ ମହାସଂଘ। ପୂର୍ବ ନିର୍ଦ୍ଧାରିତ ମଜୁରିକୁ ଶତକଡା ୪୦ ପ୍ରତିଶତ ବୃଦ୍ଧି ଦାବିରେ ଶ୍ରମିକ ମହାସଂଘ ଆଜିଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶ୍ରମିକ ମହାସଂଘରେ ପଟ୍ଟାରିକ୍ସା ଶ୍ରମିକ, ଅଟୋ ରିକ୍ସା ଶ୍ରମିକ ଓ ଖଲାସି ଆଦି ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ସଂଘର ୩ହଜାର ଶ୍ରମିକ ସାମିଲ ହୋଇଛନ୍ତି।

ରାତିରେ ହଠାତ ମାଲିକ ବା ବ୍ୟବସାୟୀଙ୍କ ନିଜ ମନମୁତାବକ ଦରବୃଦ୍ଧି ହେଉଥିବା ବେଳେ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ବୃଦ୍ଧି କରାଯାଉନାହିଁ। ୨୦୨୨ରୁ ଗଞ୍ଜାମ ଚାମ୍ବର ଅଫ କମର୍ସ ଦ୍ୱାରା ଧାର୍ଯ୍ୟ ବା ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ଶ୍ରମିକଙ୍କୁ ମଜୁରି ମିଳୁଛି।



ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ସତ୍ତ୍ୱେ ସେମାନଙ୍କ ମଜୁରି ବୃଦ୍ଧି ପାଉନଥିବାରୁ ଶ୍ରମିକଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ କୁହୁଳୁଥିଲା। ମହାସଂଘ ପକ୍ଷରୁ ୪୦ପ୍ରତିଶତ ମଜୁରି ବୃଦ୍ଧି କରିବାକୁ ବାରମ୍ବାର ଚିଠି ଆକାରରେ ଲିଖିତ ଦାବି କରାଯାଇଛି।

ପ୍ରଥମେ ୨୦୨୫ ନଭେମ୍ବର ୨୩ ପୁଣି ୨୦୨୬ ଜାନୁଆରୀ ୨୫ରେ ରିମାଇଣ୍ଡର ଦିଆଯାଇଥିଲା। ଏଥିରେ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ପରବର୍ତ୍ତି ସମୟରେ ପୁଣି ଜାନୁଆରୀ ୨୯ ଓ ଫେବୃଆରୀ ୬ରେ ରିମାଇଣ୍ଡର ଦିଆଯାଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ତେବେ ୧୩ ତାରିଖରେ ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ ମହାସଂଘକୁ ଏକ ଚିଠି ଜାରି କରାଯାଇ ଏପ୍ରିଲ ପ୍ରଥମ ରବିବାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ କୁହାଯାଇ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିବେଦନ କରାଯାଇଥିଲା। ଫଳରେ ଶ୍ରମିକ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ମାତ୍ର କୌଣସି ନିଷ୍ପତ୍ତି ଗଞ୍ଜାମ ଚାମ୍ବର ଅଫ କମର୍ସ ନନେବାରୁ ବାଧ୍ୟ ହୋଇ ଆଜିଠାରୁ

- ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ବଡ଼ବଜାରରେ ପରିବହନ ଓ କାରବାର ଠପ୍
- ଚାମ୍ବର ଅଫ୍ କମର୍ସ ଓ ଅନୁବନ୍ଧିତ ସଂଘ ମଧ୍ୟରେ ସମନ୍ୱୟର ଅଭାବକୁ ଦାୟୀ କଲା ମହାସଂଘ
- ଆଲୋଚନା ମାଧ୍ୟମରେ ହେବ ସମାଧାନ: ଜିସିସି

ଶ୍ରମିକ ମହାସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି।

ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁରର ବଡ଼ବଜାର ସମେତ ଦେଶୀବେହେରା ସାହି, ରଜା ସାହି, ମାର୍ଥାପେଟା ସାହି, ପରିବା ମାର୍କେଟ, ବାତୁଆରୀ ସାହି, ଶଙ୍କରପୁର ସାହି, ପୁରୁଣା ବ୍ରହ୍ମପୁର ଓ ଫାଷ୍ଟଗେଟ୍ ଆଦି ସମଗ୍ର ଅଞ୍ଚଳରେ ପରିବହନ ସହିତ କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହାଦ୍ୱାରା କେବଳ ମାଲିକଙ୍କୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି ଏହା ନୁହେଁ ବରଂ ଶ୍ରମିକଙ୍କ ଦୈନିକ ରୋଜଗାର ମଧ୍ୟ ପ୍ରଭାବିତ ହୋଇଛି। ଆନ୍ଦୋଳନ ଯୋଗୁଁ ବଜାରରେ ଦୈନିକ ଆସୁଥିବା ପ୍ରାୟ ୨୦ହଜାର ଟନର ଖାଦ୍ୟସାମଗ୍ରୀ ଉଭୟ କଞ୍ଚା ଓ ଶୁଖିଲା ସହିତ ଅନ୍ୟାନ୍ୟ ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦କୋଟି ଟଙ୍କା ହେବ ସେସବୁ ପ୍ରଭାବିତ ହୋଇଛି। ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାରେ ଚାମ୍ବର ଅଫ କମର୍ସ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ବେଳେ ବଜାରରେ ଖାଦ୍ୟ ସାମଗ୍ରୀର କିଭଳି ସିଣ୍ଡିକେଟ ଜରିଆରେ କଳାବଜାରୀ ଓ ମୂଲ୍ୟବୃଦ୍ଧି ହେଉଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରମିକମାନେ। ଖାଦ୍ୟ ବ୍ୟବସାୟୀ ସଂଘ ଜରିଆରେ ଅଟା, ସୁଜି, ତେଲ ଓ ଡାଲି ଭଳି ଖାଦ୍ୟ ପଦାର୍ଥର ମୂଲ୍ୟକୁ ନିଜେ ନିୟନ୍ତ୍ରଣ କରିବା ସହ ସନ୍ଧ୍ୟା ୭ଟା ପରେ ବଜାର ବନ୍ଦ କରି କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଖାଦ୍ୟ ବ୍ୟବସାୟୀ ସଂଘ ଉପରେ ଗଞ୍ଜାମ ଚାମ୍ବର ଅଫ କମର୍ସର ନିୟନ୍ତ୍ରଣ ଅଛି କି ନାହିଁ ବୋଲି ପାଲଟା ପ୍ରଶ୍ନ ହୋଇଛି। ତୁରନ୍ତ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ହସ୍ତକ୍ଷେପ କରିବା ଜରୁରି ବୋଲି କିଛି ଶ୍ରମିକ କହିଛନ୍ତି। ବିନା ଦାବି ପୂରଣରେ ଆନ୍ଦୋଳନରୁ ଓହରିବା ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରମିକ ମହାସଂଘ ସଭାପତି ତଥା ଆଇନଜୀବୀ ପ୍ରଦୀପ କୁମାର ପଣ୍ଡା।

ସେପଟେ ଶ୍ରମିକ ସଂଘର ଦାବି ସମ୍ପର୍କରେ ଅବଗତ ଥିବା କହିଛନ୍ତି ଗଞ୍ଜାମ ଚାମ୍ବର ଅଫ କମର୍ସର ସମ୍ପାଦକ ସନ୍ତୋଷ କୁମାର। ଏନେଇ ସେ ଗଞ୍ଜାମ ଚାମ୍ବର ଅଫ କମର୍ସ ସହିତ ଅନୁବନ୍ଧିତ ବିଭିନ୍ନ ସଂଘର ମତାମତ ସହିତ ଅନ୍ୟ ସହରର ବଜାରରେ ଶ୍ରମିକଙ୍କ ମଜୁରି ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା କହିଛନ୍ତି। ଏଥିରେ ସାମାନ୍ୟ ବିଳମ୍ବ ହୋଇଥିବା ବେଳେ ଶ୍ରମିକଙ୍କ ଆନ୍ଦୋଳନ ନିଶ୍ଚିତ ପକ୍ଷେ ବଜାରକୁ ପ୍ରଭାବିତ କରିଥିବା ସେ କହିଛନ୍ତି। ତୁରନ୍ତ ଶ୍ରମିକ ମହାସଂଘର କର୍ମକର୍ତ୍ତା, ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ଗଞ୍ଜାମ ଚାମ୍ବର ଅଫ କମର୍ସର କାର୍ଯ୍ୟନିର୍ବାହୀ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନର ବାଟ ବାହାର କରାଯିବ ବୋଲି କହିଛନ୍ତି ସମ୍ପାଦକ ସନ୍ତୋଷ କୁମାର।

## ମେ’ ୯ରେ ଦ୍ୱିତୀୟ ଜାତୀୟ ଲୋକଅଦାଲତ

ବ୍ରହ୍ମପୁର,୧୮ ।୪(ସମିସ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲାର ବ୍ରହ୍ମପୁର ସମେତ ସମସ୍ତ ତାଲୁକ ଆଇନ ସେବା କମିଟି ସ୍ତରରେ ଆସନ୍ତା ମେ’ ୯ ତାରିଖ ଶନିବାର ଦିନ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧିକରଣ(ଦିଲ୍ଲୀ) ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି। ଏହି ଜାତୀୟ ଲୋକ ଅଦାଲତରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ୍ ମାମଲାମାନଙ୍କୁ ସମ୍ମତିଭିତ୍ତିକ ଭାବରେ ସମାଧାନ କରାଯିବ। ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଯେ କୌଣସି ଚାଲୁଥିବା କିମ୍ବା ପ୍ରି-ଲିଟିଗେସନ୍ ମାମଲାକୁ ଜାତୀୟ ଲୋକ ଆଦାଲତରେ ରଖି ସମାଧାନ କରିବା ପାଇଁ ସମ୍ବନ୍ଧିତ ଅଦାଲତ କିମ୍ବା ଡିଏଲଏସଏ/ଟିଏଲଏସସି କାର୍ଯ୍ୟାଳୟ ସହିତ ସମ୍ପର୍କ କରନ୍ତୁ। ଏହି ସୁଯୋଗକୁ ସବୁଠାରେ ଉପଯୋଗ କରି ସ୍ୱ-ଇଚ୍ଛାମୂଳକ ଓ ସହଜ ପ୍ରକ୍ରିୟାରେ ବିବାଦର ନିରାକରଣ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

- ୨ ପରିବାର ଗଣ୍ଡଗୋଳରୁ ହତ୍ୟା ମାମଲା

## ଜେଲ୍‌ରେ ଥିବା ଦମ୍ପତିଙ୍କ ଘର ଜଳିଗଲା

ବ୍ରହ୍ମପୁର,୧୮ ।୪(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରେଡିକା ସାହିରେ କେ. ଭଗବାନ ରେଡ୍ଡୀଙ୍କୁ ହତ୍ୟା ମାମଲାରେ ଗିରଫ ହୋଇ ଗତକାଲି ଜେଲ ଯାଇଥିବା କେ. ଲିଙ୍ଗା ରେଡ୍ଡୀଙ୍କ ଘରେ ନିଆଁ ଲାଗିଯାଇଛି। ଗତକାଲି ରାତି ୨ଟା ବେଳେ ଲିଙ୍ଗାଙ୍କ ଘରେ ନିଆଁ ଲାଗିବା ଯୋଗୁ ସମସ୍ତ ଆସବାବପତ୍ର, ଗୋଟିଏ ସ୍କୁଟି, ସାଇକଲ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ଲିଙ୍ଗା ଓ ତାଙ୍କ ପତ୍ନୀ ଜେଲରେ ଥିବା ବେଳେ ତାଙ୍କ ମା’ ଓ ୩ ଝିଅ ସରକାରୀ ଆଶ୍ରୟସ୍ଥଳରେ ରହିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ଘରେ ନିଆଁ ଲାଗିବା ଘଟଣା ନାନା ପ୍ରଶ୍ନ ଛିଡ଼ା କରିଛି। ଅନ୍ୟପକ୍ଷରେ ଘର ଭିତରେ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

ପ୍ରକାଶଥାଉକି, ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ପତ୍ନୀ କେ. ଲକ୍ଷ୍ମୀ ରେଡ୍ଡୀ ମିଳିତଭାବେ ବୃଦ୍ଧା ମା’ ପାରୁ ରେଡ୍ଡୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ଲିଙ୍ଗାଙ୍କ ପଡୋଶୀ କେ. ଭଗବାନ ରେଡି ବିରୋଧ କରୁଥିଲେ। ଘଟଣାକୁ ନେଇ ଉଭୟ ପରିବାର ମଧ୍ୟ କଳହ ଲାଗି ରହିଥିଲା। ତେବେ ପ୍ରତିଶୋଧ ପରାୟଣ ହୋଇ ଲିଙ୍ଗା ନିଜ ସହଯୋଗୀଙ୍କୁ ଧରି ଗୁରୁବାର କେ. ଭଗବାନଙ୍କୁ ଛୁରୀରେ ଆକ୍ରମଣ କରିବା ଯୋଗୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ବଡ଼ବଜାର ଥାନାରେ ଏକ ହତ୍ୟା ମାମଲା ରୁଜୁ ହେବା ସହ ଗତକାଲି ପୁଲିସ ଲିଙ୍ଗା ଓ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ଉଭୟ ଜେଲରେ ରହିଛନ୍ତି। ଏଭଳି ସ୍ଥିତିରେ ଘରେ ଥିବା ଲିଙ୍ଗାଙ୍କ ବୃଦ୍ଧା ମାଆ ଏବଂ ତାଙ୍କ ୩ ଝିଅ ଅସହାୟ ହୋଇପଡିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରି ସରକାରୀ ଆଶ୍ରୟସ୍ଥଳ ଯଥା ‘ସଖୀ’ ସେଣ୍ଟରରେ ରଖାଯାଇଥିଲା। ଘରେ କେହି ନଥିବାରୁ ତାଲା ପଡିଥିଲା। କେ. ଭଗବାନଙ୍କ ମୃତ୍ୟୁ ପରେ ସାହିରେ ଉତ୍ତେଜନା ଲାଗି ରହିଥିଲା। ସେହିକ୍ରମରେ ପୁଲିସ ମଧ୍ୟ ମୁତୟନ କରାଯାଇଥିଲା। ହେଲେ ରାତି ଅଧରେ ଲିଙ୍ଗାଙ୍କ ବନ୍ଦ ଘର ଭିତରେ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଘରେ ଥିବା ଟିଭି, ଖଟ, ଆଲମିରା ଆଦି ଆସବାବପତ୍ର ପୋଡ଼ିଯାଇଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘର ଭିତରେ ପଶି ନିଆଁକୁ ଆୟତ କରିଥିଲେ। କ୍ଷୟକ୍ଷତି ଆକଳନ କରାଯାଉଛି ବୋଲି ବ୍ରହ୍ମପୁର ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ ସୂଚନା ଦେଇଛନ୍ତି।

## ‘ମୋ ଯୁବ ଭାରତ’ କେନ୍ଦ୍ର ସଂଯୋଜକଙ୍କୁ ସମ୍ବର୍ଦ୍ଧନା




ବ୍ରହ୍ମପୁର,୧୮ ।୪(ସମିସ): ‘ମୋ ଯୁବ ଭାରତ’ କେନ୍ଦ୍ର କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ ଅକ୍ଷୟ ଭାସ୍କର ନିପାଣେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଓଜେୟୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଗଣମାଧ୍ୟମ ପ୍ରତିନିଧି ରାକେଶ କୁମାର ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଜିଲ୍ଲା ସଂଯୋଜକଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ମୋ ଭାରତ କେନ୍ଦ୍ର ଅନୁଷ୍ଠାନର ଆକାଉଣ୍ଟାଣ୍ଟ ତାପସ ଦାଶ ମଞ୍ଚାସିନ ରହିଥିଲେ। ସେହିଭଳି ଜିଲ୍ଲାର ପ୍ରାକ୍ତନ ଜାତୀୟ ଯୁବ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଜିଲ୍ଲା ସଂଯୋଜକ ଶ୍ରୀ ନିପାଣେ ଗଞ୍ଜାମ ଜିଲ୍ଲାରେ ୬ବର୍ଷ ମଧ୍ୟରେ ଯୁବ ବିକାଶ ପାଇଁ କରିଥିବା ପ୍ରଶଂସନୀୟ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ କେ. କ୍ରିଷ୍ଣା ରେଡି, ନିରୁପମା ଦଳାଇ, ମୃତ୍ୟୁଞ୍ଜୟ ପାତ୍ର, କୃଷ୍ଣଚନ୍ଦ୍ର ଗୌଡ଼, ପୂର୍ଣ୍ଣଚନ୍ଦ୍ର ବେହେରା, ରଶ୍ମିତା ଗୌଡ଼, ଉଷାରାଣୀ ଦାଶ, କେ. ରମେଶ ଦୋରା, କିରଣ ସାହୁ, ଦିଲ୍ଲୀପ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ‘ଡିଜିଟାଲ ଯୁଗରେ ପ୍ରିଣ୍ଟ ମିଡିଆର ଭବିଷ୍ୟତ’ ଆଲୋଚନାଚକ୍ର




ବ୍ରହ୍ମପୁର,୧୮ ।୪(ସମିସ)

‘ଡିଜିଟାଲ ଯୁଗରେ ପ୍ରିଣ୍ଟ ମିଡିଆ ପାଇଁ ଚାଲେଞ୍ଜ ଓ ଭବିଷ୍ୟତ” ବିଷୟରେ ଏକ ଆଲୋଚନାଚକ୍ର ସ୍ଥାନୀୟ ସରକାରୀ ଆଇଟିଆଇ ଅଡିଟୋରିୟମ୍ ହଲ୍‌ରେ ଭି. ରାଜେନ୍ଦ୍ର ରାଜୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଓଡ଼ିଶା ଟୁଡେର ସମ୍ପାଦକ ଅଭିନାଶ ମିଶ୍ର ସ୍ୱାଗତ ଭାଷଣ ଦେଇ ସାମ୍ବାଦିକତାର ପରିବର୍ତ୍ତିତ ପରିପ୍ରେକ୍ଷ୍ୟ ଓ ଡିଜିଟାଲ ପରିବର୍ତ୍ତନ ସହ ପ୍ରିଣ୍ଟ ମିଡିଆର ବିଶ୍ୱସନୀୟତା ରକ୍ଷାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗ ମୁଖ୍ୟ ବନ୍ଦିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ‘ସକାଳ’ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ବରିଷ୍ଠ ସାମ୍ବାଦିକ ଜ୍ୟୋତି ରଞ୍ଜନ ଦାସ ଓ ପରିବେଶବିତ ସୁଧୀର ରାଉତ ଯୋଗ ଦେଇଥିଲେ। ଅତିଥିମାନେ ଡିଜିଟାଲ ଯୁଗରେ ପ୍ରିଣ୍ଟ ମିଡିଆ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଓ ପାଠକ ସଂଖ୍ୟାର ହ୍ରାସ, ଅନଲାଇନ୍ ମାଧ୍ୟମ ସହ ନବୀନତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସାମ୍ବାଦିକ ସମୀର ଆଚାର୍ଯ୍ୟ ଓ ରୁପେଶ ପଣ୍ଡା ମଧ୍ୟ ଆଲୋଚନାରେ ଭାଗ ନେଇ ମିଡ଼ିଆ ଜଗତର ପରିବର୍ତ୍ତିତ ଧାରା ଉପରେ ନିଜ ମତ ପ୍ରକାଶ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓଡ଼ିଶା ଟୁଡେର ଗଞ୍ଜାମ ଜିଲ୍ଲା ପ୍ରତିନିଧି ସନ୍ୟାସୀ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଏମ୍‌ର ଦକ୍ଷିଣାଞ୍ଚଳ ଶିକ୍ଷା ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର,୧୮ ।୪(ସମିସ): ସିପିଏମ୍ ପକ୍ଷରୁ ଦକ୍ଷିଣାଞ୍ଚଳ ଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଆଗାମୀ ଦିନର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଆଦିବାସୀଙ୍କ ଜଙ୍ଗଲ ଓ ଜମିର ଅଧିକାର, ଖଣିଜ ସମ୍ପଦର ସୁରକ୍ଷା, ଚାଷୀର ଧାନ ବିକ୍ରି ଓ ଶ୍ରମ କୋଡ଼ ବାତିଲ ଓ ମନରେଗା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବାକୁ ଯୋଜନା କରାଯାଇଛି। ସେହିଭଳି ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରିବା ଓ ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା ଭଳି ରାଜ୍ୟର ସ୍ୱାର୍ଥ ଜଡିତ ବିଷୟ ଗୁଡିକ ଉପରେ ରାଜ୍ୟର ବାମ ଗଣତାନ୍ତ୍ରିକ ଦଳମାନଙ୍କ ସହ ମିଶି ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବାକୁ ଯୋଜନା କରାଯାଇଛି। ଶିବିରରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଳି କିଶୋର ପଟ୍ଟନାୟକ, ସନ୍ତୋଷ ଦାସ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିକ୍ଷା ଶିବିରରେ ଗଞ୍ଜାମ ଜିଲ୍ଲା ସମେତ ଗଜପତି, ରାୟଗଡ଼, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ନେତୃମଣ୍ଡଳୀ ଯୋଗ ଦେଇଛନ୍ତି।



## ସାନ୍ ଆଣ୍ଡ ନିଲ୍ ଫାଉଣ୍ଡେସନ ପକ୍ଷରୁ ପଣା ବଣ୍ଟନ



ବ୍ରହ୍ମପୁର,୧୮ ।୪(ସମିସ): ଗତ ଗୋଟିଏ ସପ୍ତାହ ଧରି ସାନ ଆଣ୍ଡ ନିଲ୍ ଫାଉଣ୍ଡେସନ ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ସହରର ବିଭିନ୍ନ ସ୍ଥାନରେ ପଥଚାରୀଙ୍କ ପଣା ବଣ୍ଟନ କରାଯାଉଛି। ପ୍ରତିଦିନ ୮୦୦ରୁ ଅଧିକ ଲୋକଙ୍କୁ ଏହା ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଧର୍ମା ରାଓ, ସଚିବ ଟିଟି ବାବୁ, କିରଣ ପାତ୍ର, ଦିନେଶ କୁମାର ପ୍ରମୁଖ ସହଯୋଗ କରୁଛନ୍ତି।

## ଗୋବରଣ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୧୮ ।୪(ସମିସ): ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ (ଆର୍‌ଆଇପିଏସ୍) ଆଜି ଏହାର ବ୍ରହ୍ମପୁର କ୍ୟାମ୍ପସରେ ଗୋବରଣ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ ସହିତ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ମେୟର ସଂଘମିତ୍ରା ଦଳେଇ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ଜେ. ସ୍ମୃତି ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷା ଜେ. ଜୟଲକ୍ଷ୍ମୀ ଏବଂ ପରିଚାଳନା ପରିଷଦ ସଦସ୍ୟ ଡାକ୍ତର ସୁନୀଲ କୁମାର କୋଟା ଏବଂ ଡକ୍ଟର ନିବେଦିତା ଜେନା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଗୋବରଣ ପ୍ରତିଷ୍ଠାତା ବାଲାଜୀ ଏବଂ ଅର୍ପିତ ଗୋ-ଗ୍ରୀନ୍ ପଦକ୍ଷେପ ସହିତ ନବସୃଜନ, ଗବେଷଣା ଏବଂ ଦକ୍ଷତା ବୃଦ୍ଧି କରିବାରେ ଉତ୍କର୍ଷ କେନ୍ଦ୍ରର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଡକ୍ଟର ଚୌଧୁରୀ ନିରଞ୍ଜନ ପାତ୍ରଙ୍କ ଦ୍ୱାରା ପ୍ରସ୍ତାବିତ ଧନ୍ୟବାଦ ପ୍ରସ୍ତାବ ସହିତ ଅଧିବେଶନ ଶେଷ ହୋଇଥିଲା।



### ଜନଗଣନା ଅଧିକାରୀଙ୍କୁ ମୋବାଇଲ ସାହାରା

# ଡାଟା ଲିକ୍ ଭୟ; ସ୍ୱତନ୍ତ୍ର ଟାବ୍ ପ୍ରଦାନ ଦାବି

ବ୍ରହ୍ମପୁର,୧୮ ।୪(ସମିସ)

ଜନଗଣନାକୁ ନେଇ ସରକାର ଓ ପ୍ରଶାସନ ବେଶ୍ ତତ୍ପର। ଏହି ପ୍ରକ୍ରିୟାକୁ ସୁରୁଖୁରୁରେ ସମାପନ କରିବା ଲାଗି ଉଦ୍ୟମରତ ମଧ୍ୟ। ଏହିକ୍ରମରେ ଏପ୍ରିଲ ୧ତାରିଖରୁ ସ୍ୱଗଣନା ଆରମ୍ଭ ହୋଇଥିଲା। ଗୁରୁବାରଠାରୁ ଆସନ୍ତା ମେ ମାସ ୧୫ତାରିଖ ପର୍ଯ୍ୟନ୍ତ ଗଣନାକାରୀ ଅଧିକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଯାହାକୁ ଗୃହଗଣନା ବୋଲି ମଧ୍ୟ କୁହାଯାଉଛି। ପ୍ରଥମ ୩ଦିନ ଘର ନମ୍ବରିଂ କରାଯିବ। ଏନେଇ ଜିଲ୍ଲାରେ ୫୬୫୭ଜଣ ଗଣନାକାରୀ ଅଧିକାରୀ, ୯୯୨ଜଣ ସୁପରଭାଇଜର ଚୟନ ହୋଇଛନ୍ତି। ଏହାସହ ୬୫୦ ଜଣ ଗଣନାକାରୀ ଓ ୧୩୬ ଜଣ ସୁପରଭାଇଜରକୁ ରିଜର୍ଭ ଭାବେ ରଖାଯାଇଛି। ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମ ମଧ୍ୟ ପ୍ରଦାନ କରାଯାଇଛି। ଜନଗଣନାକାରୀ ମାନେ ନିଜ ନିଜ ମୋବାଇଲରେ ଏକ ସ୍ୱତନ୍ତ୍ର ଆପ୍ ଡାଉନଲୋଡ କରିଛନ୍ତି। ଏହି ଆପ୍ ଜରିଆରେ ସମସ୍ତ ତଥ୍ୟ ଅପଲୋଡ୍ କରିବେ। ଏହି ଗଣନା ଲାଗି ପ୍ରତ୍ୟେକ ଗ୍ରାମରେ ଜଣେ ପ୍ରାଥମିକ ଶିକ୍ଷକଙ୍କ ସମେତ ଜଣେ ହାଇସ୍କୁଲ ଶିକ୍ଷକଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏମାନେ ଉଚ୍ଚ ପଦସ୍ଥ ସୁପର ଭାଇଜରଙ୍କୁ ରିପୋର୍ଟ କରିବେ। ତେବେ ଗଣନାକାରୀ ଅଧିକାରୀଙ୍କ ମୋବାଇଲରେ ଏହି ଗଣନା କରାଯାଉଛି। ଏହା କେତେ ସୁରକ୍ଷିତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଗୋପନୀୟତା, ଅପବ୍ୟବହାର, ଯାନ୍ତ୍ରିକ ତ୍ରୁଟି ହେବା ଆଶଙ୍କା କରାଯାଉଛି। ଏଣୁ ସମ୍ପୂର୍ଣ୍ଣ ଗଣନା ସରିବା ଯାଏଁ ଅଧିକାରୀଙ୍କୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଟ୍ୟାବ୍ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସମସ୍ତ ମୋବାଇଲରେ ଗୋଟିଏ ସଫ୍ଟୱେର ଗଣନାକାରୀ ଅଧିକାରୀଙ୍କ ମୋବାଇଲରେ ଖୋଲିବ। ସବୁ ମୋବାଇଲ୍‌ର ସିକ୍ୟୁରିଟି ସମାନ ନଥାଏ। ଏଣୁ ଭାଇରସ ଆଟାକ୍ କରିବା ଓ ହ୍ୟାକ୍‌ର ମାନେ ଡ଼ାଟା ଲିକ୍ କରିବାର ସମ୍ଭାବନା ରହିଛି। ଏଣୁ ୨୦୧୧ମସିହା ଜନଗଣନା ଭଳି ସ୍ୱତନ୍ତ୍ର ଭାବେ ଟ୍ୟାବ୍ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରାକ୍ତନ ଶିକ୍ଷକ ନେତା ତଥା ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି କହିଛନ୍ତି। ୨୦୧୧ରେ ଶେଷଥର ପାଇଁ ହୋଇଥିଲା ଜନଗଣନା। ସେହି ସମୟରେ ସ୍ୱତନ୍ତ୍ର ଟ୍ୟାବ୍ ଦିଆଯାଇଥିଲା। ଏବେ ମଧ୍ୟ ସେହିଭଳି ପ୍ରଦାନ କରିବାକୁ ଶ୍ରୀ ମହାନ୍ତି କେତେ ଦାବି ହୋଇଛି। ଅପରପକ୍ଷେ ସମ୍ପ୍ରତି ଚାଲିଥିବା ଗଣନା କାର୍ଯ୍ୟକ୍ରମରେ ଜନଗଣନା ଅଧିକାରୀମାନଙ୍କୁ ମୋବାଇଲ ଫୋନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବା ପାଇଁ ନିୟୋଜନ କରାଯାଉଥିବା ବେଳେ, ଏହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବ୍ୟକ୍ତ ହେଉଛି। ଏହି ପ୍ରଣାଳୀରେ ତଥ୍ୟ ସଂଗ୍ରହ ଦ୍ରୁତ ଓ ସହଜ ହେବା ନେଇ କୁହାଯାଉଥିବା ବେଳେ ଗୋପନୀୟତା ଓ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଅଧିକାରୀମାନେ ନିଜସ୍ୱ ମୋବାଇଲ ଫୋନ୍ ବ୍ୟବହାର କରି ଘରେଘରେ ଯାଇ ତଥ୍ୟ ସଂଗ୍ରହ କରିବେ। ଏଥିରେ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ମୋବାଇଲରେ ସଂରକ୍ଷିତ ହେବାରୁ ଗୋପନୀୟତା ଭଙ୍ଗ ହେବାର ଆଶଙ୍କା ବଢ଼ିଛି। ଯଦି ଫୋନ୍ ହାରାଇଯାଏ କିମ୍ବା ହ୍ୟାକ୍ ହୋଇଯାଏ, ତେବେ ତଥ୍ୟ ଅପବ୍ୟବହାର ହେବାର ସମ୍ଭାବନା ମଧ୍ୟ ରହିଥିବା ବେଳେ ଯାନ୍ତ୍ରିକ ତ୍ରୁଟି ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଆସିପାରେ ବୋଲି ଶିକ୍ଷାବିତ୍ ମତବ୍ୟକ୍ତ କରିଛନ୍ତି। ଗ୍ରାମାଞ୍ଚଳରେ ନେଟୱାର୍କ ସମସ୍ୟା, ଆପ୍‌ରେ ତ୍ରୁଟି କିମ୍ବା ଡାଟା ଅପଲୋଡ୍‌ରେ ବିଳମ୍ବ ହେଲେ ଜନଗଣନା କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଥିବା ମଧ୍ୟ କୁହାଯାଉଛି। ଏହି ପରିସ୍ଥିତିରେ ଜନଗଣନା କାର୍ଯ୍ୟରେ ନିଯୁକ୍ତ ଅଧିକାରୀମାନେ ସରକାରଙ୍କୁ ସ୍ୱତନ୍ତ୍ର ଟ୍ୟାବ୍ ପ୍ରଦାନ କରିବାକୁ ଦାବି କରିଛନ୍ତି। ସରକାରୀ ଟ୍ୟାବ୍ ଦିଆଯାଇଲେ ତଥ୍ୟ ସୁରକ୍ଷିତ ରହିବା ସହିତ କାର୍ଯ୍ୟ ସୁଚାରୁ ଭାବେ ଚାଲିପାରିବ ବୋଲି ସେମାନେ ମନେ କରୁଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ।



## ବ୍ୟବସାୟ ଆଗ; ପରମ୍ପରା ପଛ

# ୪ ଦିନରେ ଜଳକୁ ଗଲେ ନାରାୟଣ ଗୋସେଇଁ



ଯାଜପୁର/କୁଆଖିଆ, ୧୮।୪ (ସମିସ)

ରସୁଲପୁର ବ୍ଲକ ସିଙ୍ଗାପୁରର ପ୍ରଭୁ ନାରାୟଣ ଗୋସେଇଁଙ୍କ ଯାତ୍ରା କାହିଁ ଯୁଗ ଯୁଗର। ଶହ ଶହ ବର୍ଷ ଧରି ଏଠାରେ ପ୍ରଭୁ ନାରାୟଣ ଗୋସେଇଁଙ୍କ ପୂଜା ହୋଇଆସୁଛି। ବର୍ଷର ମାତ୍ର ୩ ଦିନ ମଧୁ ପୁଷ୍କରିଣୀରୁ ବାହାରି ନାରାୟଣ ଗୋସେଇଁ ମନ୍ଦିରକୁ ଯାଇଥାନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରମ୍ପରାକୁ ଭଙ୍ଗ କରାଯାଇ ୪ ଦିନ କରାଯିବାକୁ ନେଇ ବିବାଦ ଦେଖାଦେଇଛି। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ସ୍ଥଳଦେଶ ମନ୍ଦିରରେ ଦର୍ଶନ ଦେଲା ପରେ ଶନିବାର ସକାଳ ୭.୩୫ରେ ନିକଟସ୍ଥ ମଧୁତୀର୍ଥ ପୁଷ୍କରିଣୀ ଜଳକୁ ଗମନ କରିଥିଲେ। ମହାପ୍ରଭୂଙ୍କ ସ୍ଥଳ ଦେଶ ପୂଜା ଅର୍ଚ୍ଚନା ସମୟରେ ୧୩ ବେଶରେ ଭୂଷିତ ହୋଇଥିଲେ। ଜଳ ଗମନ ସକାଳେ ଦିନ ପ୍ରତ୍ୟୁଷରୁ ବିଧି ମୁତାବକ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ମଧୁପୁର ଗଡଜାତ ରାଜ ପରିବାରର ଦାୟାଦ ଅପଣ୍ଡା ଧୀର ସିଂ ଭରଦ୍ୱାନ ପୁଷ୍ପାଞ୍ଜଳି ଦେଲାପରେ ପ୍ରଭୁଙ୍କୁ ସିଂହାସନରୁ ଅବତରଣ କରାଯାଇଥିଲା। ପୂଜାପଣ୍ଡା ଦିପ୍ତୀନାରାୟଣ ଶତପଥୀ, ଅଣାକାର ଦାସ, ନାରାୟଣ ସତପଥୀ, ରାଜପରୋହିତ ନୀଳାମ୍ବର ପତି, ଶ୍ରୀନିବାସ ପଣ୍ଡା, ଯୋଗେନ୍ଦ୍ର ପାଢ଼ୀ, ବିକାଶ ପଣ୍ଡା, ହୃଦରଞ୍ଜନ ଶତପଥୀ, ଗୋଖାନ ପଣ୍ଡା, ପାଗଳ ପଣ୍ଡା, ସତ୍ୟାନନ୍ଦ ପଣ୍ଡା, ହେମନ୍ତ ମିଶ୍ର ପ୍ରମୁଖ ନାରାୟଣ

**ଭାଙ୍ଗିଲା ଶହ ଶହ ବର୍ଷର ପରମ୍ପରା**

ଗୋସାଇଁଙ୍କୁ ପହଣ୍ଡି ଯାତ୍ରା ଜରିଆରେ ମଧୁତୀର୍ଥ ପୁଷ୍କରିଣୀର ପୂର୍ବ ପାବଚ୍ଛରେ ପହଞ୍ଚାଇଥିଲେ। ପାବଚ୍ଛରେ ଶେଷ ପୂଜାର୍ଚ୍ଚନା କରିବା ପରେ ପ୍ରଭୁଙ୍କୁ ମେଲାଣି ଦେଇଥିଲେ। ଏହି ସମୟରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଏକ ସୁସଜ୍ଜିତ ବିମାନରେ ଆସି ପୁଷ୍କରିଣୀ ନିକଟରେ ବିଦ୍ୟମାନ ହୋଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଜଳଗମନ ଦୃଶ୍ୟ ଦର୍ଶନ କରିଥିଲେ। ତେବେ ଏହି ବର୍ଷ ଠାରୁ ମହାପ୍ରଭୁ ମନ୍ଦିରରେ ୩ଦିନ ବଦଳରେ କାହିଁକି ୪ ଦିନ ରହିଲେ ବୋଲି ଅନେକ ଶ୍ରଦ୍ଧାଳୁ ପ୍ରଶ୍ନ କରିଥିଲେ। ଏହି ପୂଜା ଆଳରେ ଏଠାରେ ଚାଲୁଥି?ବା ମେଳା ଓ ଯାତ୍ରାର ଭଲ ବ୍ୟବସାୟ କରିବା ପାଇଁ ଏଭଳି ପରମ୍ପରାକୁ ଚଳିତ ବର୍ଷ ଭଙ୍ଗା ଯାଇଥିବା ଚର୍ଚ୍ଚା ହେଉଛି। ଯାହା ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଏହି ପୂଜା ଆୟୋଜକ ମାନଙ୍କ ମଧ୍ୟରେ ଅନେକ ପୁଞ୍ଜିପତି ଓ ବ୍ୟବସାୟୀ ହୋଇଥିବାରୁ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଶହ ଶହ ବର୍ଷର ପରମ୍ପରାକୁ ଭାଙ୍ଗି ଦିଆଯାଇଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସିଂହାପୁର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମପ୍ରସାଦ ରଥଙ୍କୁ ପଚାରିବାରେ ପ୍ରତି ଶହେ ବର୍ଷରେ ପରମ୍ପରା ବଦଳା ଯାଇପାରିବ ବୋଲି ମନ୍ଦିରର ସତ୍ତ୍ୱଲିପିରେ କୁଆଡ଼େ ନିୟମ ରହିଥିବା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

## ନବବର୍ଷ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଡୁବୁରି,୧୮।୪(ସମିସ): ଓଡ଼ିଆ ନବବର୍ଷ ଅବସରରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ପଞ୍ଚାୟତ ସିଆରିଆଠାରେ ଆରମ୍ଭ ହୋଇଥିବା ନାଚଗୀତ ପ୍ରତିଯୋଗିତା ଗତକାଲି ସନ୍ଧ୍ୟାରେ ଉଦ୍ଯାପିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରମଣୀ ରଞ୍ଜନ ବଳସାମନ୍ତ ମୁଖ୍ୟଅତିଥି ଏବଂ ଇଂ. ଉତ୍କଳ କେଶରୀ ଜେନା, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମା' ତାରିଣୀ ଉନ୍ନୟନ ପରିଷଦର ଉପଦେଷ୍ଟା ସୁରେନ୍ଦ୍ର ମଲିକ, ସଂଗଠକ ମାନଗୋବିନ୍ଦ ନାୟକ, ଅଲେଖ ମଲିକ, ରାଜ କିଶୋର ବେହେରାଙ୍କ ଉପସ୍ଥିତିରେ ଚଳିତ ମାଟ୍ରିକ ପରିକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୪ଜଣ ଛାତ୍ରଛାତ୍ରୀଙ୍କ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗୋପିନାଥ ମାଝୀ, ସଞ୍ଜୀବ ମହାତ ଏବଂ ସ୍ୱୟଂପ୍ରକାଶ ମହାତ। ନାଚ ଗୀତ ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମା' ତାରିଣୀ ଉନ୍ନୟନ ପରିଷଦର ପପୁ ବେହେରା, ଦିଲିପ ସିଂ, ସୁଦାମ ମଲିକ, ଆନନ୍ଦ ମଲିକ ଓ ଅଜୟ ମଲିକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ହତ୍ୟା ଘଟଣାରେ ଅନ୍ୟ ୨ ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୮।୪(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗରେ ପୁଲିସ ଗତ ୧୩ ତାରିଖରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଜି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦେଓଦା ଗ୍ରାମର ଗୋଲକ ମଲିକଙ୍କ ପୁଅ ନିର୍ମଳ ମଲିକ(୨୦) ଓ ଏହି ଥାନା ହଳଦୀପଡା ଗ୍ରାମର ଝୁଲଣ ମଲିକଙ୍କ ପୁଅ ପବିତ୍ର ମଲିକ (୨୪) ବୋଲି ଜଣାପଡିଛି। ପୂର୍ବରୁ ପୁଲିସ ଏହି ଘଟଣାରେ ଦେଓଦା ଗ୍ରାମର ଗୋଲକ ମଲିକ (୪୮)କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୂଚନା ମୁତାବକ ଦେଓଦା ଗ୍ରାମର ଦଳିତ ସାହିରେ ଏକ ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୩ତାରିଖରେ ସାହିରେ ଗଣ୍ଡଗୋଳ ଘଟିଥିଲା। ଏହି ଗଣ୍ଡଗୋଳରେ ପ୍ରଶାନ୍ତ ମଲିକ (୨୩) ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ପୀଡ଼ିତ ଯୁବକର ପରିବାର ପକ୍ଷରୁ ମାର୍ଚ୍ଚ ୨୦ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ୧୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ଗତ ଏପ୍ରିଲ ୧୧ କଟକରେ ଚିକିତ୍ସିତ ହେଉଥିବା ପ୍ରଶାନ୍ତର ମୃତ୍ୟୁ ହୋଇଥିଲା। ଖବର ଜଣାପଡିବା ପରେ ପୁଲିସ ଅଭିଯୁକ୍ତ ଗୋଲକ ମଲିକ (୪୮)କୁ ଗିରଫ କରି କୋର୍ଟଚାଲାଣ କରି ତଦନ୍ତ ଚଳାଇଥିଲା। ଆଜି ଏହି ହତ୍ୟା ଘଟଣାରେ ପୁଲିସ ତଦନ୍ତ କରି ନିର୍ମଳ ଓ ପବିତ୍ରକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଧର୍ମଶାଳା ଷ୍ଟାଡିୟମରେ ହେବ ଅଭିଯୋଗ ଶୁଣାଣି

ଧର୍ମଶାଳା,୧୮।୪(ସମିସ): ଆସନ୍ତା ଏପ୍ରିଲ ୨୦ ତାରିଖ ସୋମବାର ଧର୍ମଶାଳା ଷ୍ଟାଡିୟମ ପରିସରରେ ଜିଲ୍ଲାପାଳ ଏବଂ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ତେବେ ପୂର୍ବରୁ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ୍ ଅଫିସରେ ହେବାର ଥିଲା। କିନ୍ତୁ ବ୍ଲକ ଅଫିସରେ ମରାମତି କାମ ଚାଲୁ ରହିଥିବା ଯୋଗୁଁ ବର୍ତ୍ତମାନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଧର୍ମଶାଳା ଷ୍ଟାଡିୟମକୁ ସ୍ଥାନାନ୍ତରଣ କରାଯାଇଛି। ବ୍ଲକ୍ ଅଫିସ ପରିବର୍ତ୍ତେ ଧର୍ମଶାଳା ଷ୍ଟାଡିୟମର ତଳ ମହଲାରେ ଥିବା ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଏସପି, ସମସ୍ତ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ଲୋକଙ୍କ ସମସ୍ୟା ଶୁଣିବେ। ଅଭିଯୋଗ ଶୁଣାଣି କାଯ୍ୟର୍କ୍ରମର ସ୍ଥାନ ପରିବର୍ତ୍ତନ ସମ୍ପର୍କିତ ନୋଟିସକୁ ସୂଚନା ଫଳକରେ ଲଗାଇବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଏବଂ ଅଫିସ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱଶାନ୍ତି ଚଣ୍ଡି ମହାଯଜ୍ଞ ଓ କଳସ ଯାତ୍ରା

ସିଂହପୁର,୧୮।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଗ୍ରାମରେ ହରଚଣ୍ଡି ମନ୍ଦିରର ପ୍ରବେଶ ଉତ୍ସବ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା, ବିଶ୍ୱଶାନ୍ତି ଚଣ୍ଡି ମହାଯଜ୍ଞ ଆରମ୍ଭ, ରବିବାର ଗୀତା ଯଜ୍ଞ, ସୋମବାର ମା'ଙ୍କ ମନ୍ଦିର ଆଗମନ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେହ ଗୋପୂଜା, ସୂର୍ଯ୍ୟପୂଜା, ନାମ ସଂକୀର୍ତ୍ତନ ଓ ଶନିବାର ସନ୍ଧ୍ୟାରୁ ପ୍ରବଚନ ଓ ଭକ୍ତି ସଙ୍ଗୀତ ପରିବେଷ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ହରିବୋଲ ଓ ହୁଳହୁଳୀରେ ଗ୍ରାମ ପ୍ରକମ୍ପିତ ହେଉଛି। ପଣ୍ଡିତ ପତିତପାବନ ମିଶ୍ର, ପଣ୍ଡିତ ରବିନାରାୟଣ ପଣ୍ଡା, ବ୍ରହ୍ମପୁର ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡା, ବାଲେଶ୍ୱର ପଣ୍ଡିତ ଦେବରଞ୍ଜନ ମିଶ୍ର, ପଣ୍ଡିତ ଦେବେନ୍ଦ୍ର ପତି, ରବିନାରାୟଣ ପତି, ବାସୁଦେବ ପଣ୍ଡା, ରଞ୍ଜିତ ପଣ୍ଡା, ବଳରାମ ପଣ୍ଡା, ପଣ୍ଡିତ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ସମସ୍ତ ପୂଜା କାର୍ଯ୍ୟକ୍ରମକୁ ସଂଚାଳନ କରୁଛନ୍ତି। ଆଜି ପୁରୀର ପ୍ରବଚକ କୃପାସିନ୍ଧୁ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ।

# ଏସ୍‌ଜି କଲେଜ ସ୍ମାର୍ଟ କ୍ଲାସ୍‌ରୁମ ନିର୍ମାଣ କାର୍ଯ୍ୟରେ ଅନିୟମିତତା



ମଙ୍ଗଳପୁର,୧୮।୪(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ସାଧୁଗୌରେଶ୍ୱର (ଏସ୍‌ଜି କଲେଜ) ମହାବିଦ୍ୟାଳୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮୩ ଲକ୍ଷ ୯୭ ହଜାରେ ୭୧୯ ଟଙ୍କା ବ୍ୟୟ ଅଟକଳରେ ଏକ ଆଡିଶନାଲ ସ୍ମାର୍ଟ କ୍ଲାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଘର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଆର୍ ନାରାୟଣ କନଷ୍ଟ୍ରକସନ ନାମକ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ଏହି କାର୍ଯ୍ୟ ୫-୩-୨୬ରୁ ଆରମ୍ଭ ହୋଇ ୪-୧୨-୨୬ ରିଖ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ବର୍ତ୍ତମାନ ଉକ୍ତ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଘର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବା ପାଇଁ ମିଳିଛି। ଯେଉଁ ବାଲି ଘରର ଫିଲିଂ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ସେପରି ବାଲିରେ ଘରର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଏହି ବାଲିରେ ମୁଣ୍ଡା ମୁଣ୍ଡା ମାଟି ମିଶା ରହିଥିବା ଦେଖିବା ପାଇଁ ମିଳିଛି।

ସେହିପରି ଘର ପାଇଁ ପାଇଲିଂ ପିଲାର ଖୋଳା ଯାଇ ଢଳେଇ ପକାଯାଇ ଥିବା ବେଳେ ଢଳେଇ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇ ଥିବା ବେଳେ ଏଷ୍ଟିମେଟ ଅନୁଯାଇ ସିମେଣ୍ଟ ଦିଆଯାଇ ନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟ ତଦାରଖ କରିବା ପାଇଁ ବିଭାଗୀୟ ଜେଇ ଆସୁଥିବା ସମୟରେ ତାଙ୍କ ସମ୍ମୁଖରେ ନିୟମ ଅନୁଯାଇ ଠିକାଦାର ଜଣକ ଅତି ଚତୁରତାର ସହ କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ସ୍ଥଳରୁ ଜେଇ ପଳାଇ ଯିବା ପରେ ଠିକାଦାର ସବୁ ଆଇନକୁ ଉଲଂଘନ କରି ଅତି ନିମ୍ନମାନର ଭାବେ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କ ଅଭିଯୋଗ ଅନୁଯାଇ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଏକ ତଦାରଖ କମିଟି ଗଠନ କରି ଉକ୍ତ କାର୍ଯ୍ୟର ତଦାରଖ କରନ୍ତୁ ବୋଲି ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟରେ କିପରି ସ୍ୱଚ୍ଛତା ରକ୍ଷା ହୋଇପାରିବ ସେଥିନେଇ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରାକ୍ତନ ଛାତ୍ର ସଂସଦ ସଭାପତି ରାକେଶ କୁମାର ସାହୁ କହିଛନ୍ତି। ତେବେ ଏହି ଗୃହ ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି।

## ବ୍ୟବସାୟୀ ବିଜୟ ପାତ୍ରଙ୍କ ପରଲୋକ



ସିଂହପୁର,୧୮।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବରିଷ୍ଠ ବ୍ୟବସାୟୀ ବିଜୟ କୁମାର ପାତ୍ରଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସିଂହପୁର ବଜାରର ବ୍ୟବସାୟୀ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଛନ୍ତି। ସ୍ୱର୍ଗତ ପାତ୍ରଙ୍କ ପରଲୋକରେ ବ୍ୟବସାୟୀ ସଂଘର ସଭାପତି ରାମଚନ୍ଦ୍ର ମିଶ୍ର, ସଂପାଦକ ନିରଞ୍ଜନ ବେଉରିଆ, ବରିଷ୍ଠ ବ୍ୟବସାୟୀ ସୁରେନ୍ଦ୍ର କୁମାର ଧଳ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ବ୍ୟବସାୟୀ ପ୍ରତାପ ରାଉତ, ଗୋବିନ୍ଦ ପାଣ୍ଡବ, ପୁର୍ଣ୍ଣଚନ୍ଦ୍ର ରାଉତ, ଗିରିଧାରୀ ସାହୁ, ନିଳକ କୁମାର ସାହୁ, ସିଂହପୁର ସମବାୟ ସମିତି ସଂପାଦକ ଉତ୍କଳ ସାମଲ, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ସୁଶାନ୍ତ କୁମାର ନାୟକ, ଯୁବ ବ୍ୟବସାୟୀ ସୁଧାଂଶୁ ଶେଖର ଧଳ, ମଳୟ ଆଟୋଇଙ୍କ ସମେତ ସିଂହପୁର ବଜାରର ସମସ୍ତ ବ୍ୟବସାୟୀମାନେ ଶୋକ ବ୍ୟକ୍ତ କରିଛନ୍ତି।

## ସରକାରୀ ଓକିଲ ରାଜୀବ ମହାନ୍ତି ସମ୍ମାନିତ



ଯାଜପୁର,୧୮।୪(ସମିସ): ଭାରତୀୟନ୍ୟାୟସଂହିତା ୨୦୨୩ ଲାଗୁ ପରେ ଯାଜପୁର ପକ୍ସୋ କୋର୍ଟରେ ହୋଇଥିବା ୪ ଗୋଟି ଗୁରୁତର ମାମଲାରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ି ସଫଳତା ହାସଲ କରିଥିବା ତତ୍କାଳୀନ ସରକାରୀ ଓକିଲ ରାଜୀବ ମହାନ୍ତିଙ୍କୁ ଶୁକ୍ରବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସମ୍ବର୍ଦ୍ଧିତ କରିଛନ୍ତି। ସଂପୃକ୍ତ ଥାନା ଗୁଡିକର ତଦନ୍ତକାରୀମାନଙ୍କୁ ମଧ୍ୟ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଯୋଗ୍ୟ ଯେ ବରୀ ଅନ୍ତର୍ଗତ କଳାମାଟିଆ ଗ୍ରାମର ଜନୈକା ୯ ବର୍ଷୀୟା ନାବାଳିକାଙ୍କୁ ଡାକି ନେଇ କାଳିଆ ପରିଡ଼ା ନାମକ ବ୍ୟକ୍ତି ଦୁଷ୍କର୍ମ କରିଥିଲେ। ଏହି ଘଟଣାରେ କାଳିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେହିପରି କୁଆଖିଆ ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ ଦଣ୍ଡ ଦିଆଯାଇଛି। ପୁନଶ୍ଚ ମଙ୍ଗଳପୁର ଥାନାରେ ଅନୁରୂପ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ମିଳିଥିବା ବେଳେ ବିଞ୍ଝାରପୁର ଥାନାର ବୁଦ୍ଧପୁର ଗ୍ରାମରେ ନିଜ ନାବାଳିକା କନ୍ୟାକୁ ଦୁଷ୍କର୍ମ କରିଥିବା ବ୍ୟକ୍ତିଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଘଟଣାରେ ମଧ୍ୟ ଶ୍ରୀ ମହାନ୍ତି ସରକାରଙ୍କ ପକ୍ଷରୁ ପକ୍ସୋ କୋର୍ଟରେ ମାମଲା ଲଢୁଥିଲେ। ଏହି ସଫଳତା ପାଇଁ ଯାଜପୁରର ଏସ୍‌ପି ୟଶପ୍ରତାପ ଶ୍ରୀମଲଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରୀ ଥାନାର ତତ୍କାଳୀନ ଅଧିକାରୀ ଶ୍ରୀମତୀ ମହାନ୍ତି, ମଙ୍ଗଳପୁର ତତ୍କାଳୀନ ଅଧିକାରୀ ଚିନ୍ମୟ ସାହୁ, କୁଆଖିଆର ତତ୍କାଳୀନ ଥାନାଧିକାରୀ ହେମଲତା ଦାସ ଏବଂ ବିଞ୍ଝାରପୁର ତତ୍କାଳୀନ ଥାନାଧିକାରୀ କଳ୍ପନା ପ୍ରଧାନଙ୍କୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ରଙ୍କ ସମେତ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତତ୍କାଳୀନ ସରକାରୀ ଓକିଲ ତଥା ବର୍ତ୍ତମାନର ରାଜ୍ୟ ବାର୍ କାଉନସିଲ ଉପାଧ୍ୟକ୍ଷ ଶ୍ରୀ ମହାନ୍ତି ଏବଂ ଉପରୋକ୍ତ ପୁଲିସ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବେତଣ୍ଡା ହତ୍ୟାକାଣ୍ଡ ଘଟଣାରେ ୮ କୋର୍ଟ ଚାଲାଣ

ଧର୍ମଶାଳା,୧୮।୪(ସମିସ): ଧର୍ମଶାଳା ଥାନା ଅଧୀନସ୍ଥ ବେତଣ୍ଡା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ନିର୍ମମ ହତ୍ୟାକାଣ୍ଡରେ ପୁଲିସ ମୋଟ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୬ ତାରିଖ ରାତି ପ୍ରାୟ ୯.୩୦ ସମୟରେ ସୁକାନ୍ତ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଜମିବାଡି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୋବନ ମଲ୍ଲିକ (୭୦), ସରସ୍ୱତୀ ମଲ୍ଲିକ (୬୦), ମାଳତୀ ମଲ୍ଲିକ (୫୫), କୁନ୍ତଳା ମଲ୍ଲିକ (୪୦), ଜ୍ୟୋତ୍ସ୍ନା ମଲ୍ଲିକ (୩୨), ଜ୍ୟୋତି ମଲ୍ଲିକ (୨୭), ରଶ୍ମିତା ମଲ୍ଲିକ (୨୬), ରୁବି ମଲ୍ଲିକ (୨୫)। ପୁଲିସ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଯଥା ଫାର୍ସା, କାତି ଏବଂ ବାଉଁଶ ଲାଠି ଜବତ କରିଛି। ମୃତକଙ୍କ ପତ୍ନୀ କାବେରୀ ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ମୃତକଙ୍କ ଭାଇ ମଦନ ମୋହନ ମଲ୍ଲିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଶିଶୁମଙ୍ଗଳ କମିଟି ପୁନଃଗଠିତ

ଯାଜପୁର,୧୮।୪(ସମିସ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶନାମା ବଳରେ ନୂତନ ଶିଶୁମଙ୍ଗଳ କମିଟି, ଯାଜପୁର ପୁନଃଗଠିତ ହୋଇ କାର୍ଯ୍ୟରମ୍ଭ କରିଛି। ନୂତନ ଶିଶୁ ମଙ୍ଗଳ କମିଟିରେ ଅଧ୍ୟକ୍ଷ ଭାବେ ଦିବ୍ୟଭୂଷଣ ମହାନ୍ତି ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବେଳେ ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, ରୀତା ବେହେରା, ଲକ୍ଷ୍ମୀନାରାୟଣ ସାହୁ ଓ ଗୀତାଞ୍ଜଳି ଧଳ ସଦସ୍ୟ ରୂପେ ଯୋଗଦେଇଛନ୍ତି। ପୁରୁଣା ଶିଶୁ ମଙ୍ଗଳ କମିଟି ନିକଟରୁ ଦାୟିତ୍ୱ ଗ୍ରହଣ ପରେ, ଅଧ୍ୟକ୍ଷ ଓ ସଦସ୍ୟମାନେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ଯାଜପୁର ଜିଲ୍ଲାରେ ଅସୁବିଧାଜନକ ସ୍ଥିତି ଥିବା ପିଲାମାନଙ୍କ ପାଇଁ ଏକ ସୁରକ୍ଷାର ବଳୟ ସୃଷ୍ଟି ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିବ ବୋଲି ଆଶା ପୋଷଣ କରିଛନ୍ତି। ଏକ୍ଷେତ୍ରରେ ଶିଶୁ ମଙ୍ଗଳ କମିଟି ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍, ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ଲୋଡ଼ିବ। ଜିଲ୍ଲାରେ କିଶୋର ନ୍ୟାୟ ଅଧିନୀନିୟମର କାର୍ଯ୍ୟକାରିତା ଉପରେ ନୂତନ କମିଟି ଗୁରୁତ୍ୱ ଦେବ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ତପନ ପାତ୍ର, ଅର୍ଚ୍ଚନା ସାମନ୍ତ ଓ କାଳିପ୍ରସାଦ ସାହୁ ଉପସ୍ଥିତ ରହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ନୂତନ କମିଟିର କାର୍ଯ୍ୟାଭାର ଗ୍ରହଣ ପାଇଁ ଆବଶ୍ୟକ ପ୍ରଶାସନିକ ଧାରାକୁ ବ୍ୟବସ୍ଥିତ କରିଥିଲେ।

# ବିଭିନ୍ନ ଥାନାରେ ଖୋଲିଲା ଜଳଛତ୍ର









ବରୀ,୧୮।୪(ସମିସ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଦେଇ ଯାଜପୁର ଜିଲ୍ଲା ପୁଲିସ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନରେ ଜଳଛତ୍ର ଖୋଲିଛି। ଏହି ପରିପ୍ରେକ୍ଷୀରେ ବରୀ ରାମଚନ୍ଦ୍ରପୁର ଥାନା ପକ୍ଷରୁ ବରୀ ମୁଖ୍ୟ ବଜାର ବରୀ ମାଉଣ୍ଟ ଠାରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ବରୀ ଥାନା ଅଧିକାରିଣୀ ହେମଲତା ଦାସ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜନ ସାଧାରଣ ବାଟୋଇ ମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବରୀ ଥାନା ଅଧୀନରେ ଛକ, ଜନଗହଳି ପୂର୍ଣ୍ଣ ସ୍ଥାନରେ ଜଳ ଛତ୍ର ବର୍ଣ୍ଣନ କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି। ଏହୀ କାର୍ଯ୍ୟକ୍ରମରେ ବରୀ ଥାନାର ଏଏସଆଇ ଲକ୍ଷ୍ମୀଧର ସ୍ୱାଇଁ, ଲମ୍ବୋଦର ଜେନାଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବରୀ ଥାନା ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଜନ ସାଧାରଣରେ ପ୍ରଶଂଶା କରାଯାଇଛି।

**ବିଞ୍ଝାରପୁର** : ବିଞ୍ଝାରପୁର ଥାନା ପକ୍ଷରୁ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଅନୁଷ୍ଠାନିକ ଭାବେ ଜଳଛତ୍ର ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଥାନା ଅଧିକାରୀ ବିଳମଙ୍ଗଳ ସେଠୀ, ପାର୍ବତୀ ମଲ୍ଲିକ ଓ ଏଏସଆଇ ରାଜକିଶୋର ଲାହା ଉପସ୍ଥିତ ଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଜଳଛତ୍ର ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହା ମାଧ୍ୟମରେ ରାସ୍ତାଚାରୀ ଓ ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।

**ମଙ୍ଗଳପୁର/କୟାଁଗୋଲା**: ମଙ୍ଗଳପୁର ପୁଲିସ ପକ୍ଷରୁ ଖୋଲିଥିବା ଜଳଛତ୍ରକୁ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ଏସଆଇ ଅନିତା ପ୍ରଧାନ,ଏସଆଇ ସଂକେତ କୁମାର ପଲ୍ଲାଇ,ଏଏସଆଇ ଜଟାଧାରୀ ଦାସ,ଏଏସଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଘନଶ୍ୟାମ ନାୟକ, ଦିପ୍ତୀରଞ୍ଜନ ସାହୁ, ପ୍ଳାବନ ମହାପାତ୍ର, ବସନ୍ତ ମଲ୍ଲିକ, ଚିତ୍ତରଞ୍ଜନ ଜେନା, ଅକ୍ଷୟ ରାଉତ ପ୍ରମୁଖ ଥାନା କର୍ମଚାରୀଙ୍କ ସହଯୋଗରେ ଜଳଛତ୍ର କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଥାନା ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର କେନ୍ଦ୍ରଟି ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମଙ୍ଗଳପୁର ଥାନା ଅଧିକାରୀ କହିଥିଲେ।

**ଧର୍ମଶାଳା**: ଧର୍ମଶାଳା ପୁଲିସ ପକ୍ଷରୁ ଜାରକା ବିଟ୍ ହାଉସ ନିକଟରେ ଆଜି ଏକ ଜଳଛତ୍ର କାର୍ଯ୍ୟକ୍ରମକୁ ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖାଯାଇ ବାଟୋଇମାନଙ୍କ ତୃଷ୍ଣା ମେଣ୍ଟାଇବା ଉଦ୍ଦେଶ୍ୟ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏଭଳି ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହ ଚାଲିବା ପର୍ଯ୍ୟନ୍ତ ଏଭଳି ଜଳଛତ୍ର ବ୍ୟବସ୍ଥା ଚାଲୁରହିବ ବୋଲି ଏସ୍‌ଡିପିଓ ଶ୍ରୀ ପାତ୍ର ସୂଚନା ଦେଇ କହିଛନ୍ତି। ଆଜି ଧର୍ମଶାଳା ପୁଲିସ ପକ୍ଷରୁ ଥାନା ଅଧିକାରୀ ଚିନ୍ମୟୀ ସାହୁ, ଜାରକା ବିଟ୍ ହାଉସ ଅଧିକାରୀ ବିଜୟ ବେହେରା ସମେତ ଅନ୍ୟ ପୁଲିସ ଅଧିକାରୀ ଓ କନଷ୍ଟେବଳମାନେ ଉପସ୍ଥିତ ରହିଥିଲେ।

## ଲଘୁ ଖଣିଜ ସମ୍ପଦ ଲୁଟ୍ ପାଇଁ ଅଶାନ୍ତ ହେଉଛି କୋରେଇ

# ମାଜିଷ୍ଟ୍ରେଟଙ୍କୁ ମାଫିଆଙ୍କ ମରଣାନ୍ତକ ଆକ୍ରମଣ

ବ୍ୟାସନଗର,୧୮।୪(ସମିସ):



ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ଥାନା ସାଦକପୁର ପଞ୍ଚାୟତରେ ଥିବା ଏକ ପୋଖରୀରୁ ବେଆଇନ ଭାବେ ମାଟି ଖନନ ଖବର ପାଇ ଚଢ଼ଉ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। କୋରେଇ ପୁଲିସ ତହସିଲଦାରଙ୍କୁ କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ପଠାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ , ସାଦକପୁର ପଞ୍ଚାୟତ ହଜାରୀ ପୋଖରୀରୁ ଶନିବାର ବେଆଇନ ଭାବେ ମାଟି ଖୋଳା ଯାଉଥିବା ଖବର ପାଇ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତୁଳତୀ ଆର୍‌ଆଇ ଇତିଶ୍ରୀ ସେନାପତି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅଧିକାରୀଙ୍କୁ ହଠାତ୍ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଏକ ଟ୍ରାକ୍ଟରକୁ ତହସିଲଦାର ଶ୍ରୀ ପଣ୍ଡା ଅଟକାଇ ଚାବି ଛଡ଼ାଇବାକୁ ଚେଷ୍ଟା କରିଥିଲେ। ହେଲେ ଉକ୍ତ ଟ୍ରାକ୍ଟର ଚାଳକ ଗାଡ଼ିକୁ ଚଳନ୍ତା ଅବସ୍ଥାରେ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଆଡ଼କୁ ଛାଡି ଦୌଡ଼ି ପଳାଇଥିଲା। ଫଳରେ ଗାଡ଼ିଟି ତହସିଲଦାରଙ୍କ ଗୋଡ଼ ଓ ଅଣ୍ଟାକୁ ଗଭୀର ଭାବେ ଧକ୍କା ଦେଇଥିଲା। କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତହସିଲଦାରଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କୋରେଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ସେପଟେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ଘଟଣା ଘଟଇଥିବା ଗାଡ଼ି ଓ ଚାଳକକୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଖବରପାଇ ଘଟଣାସ୍ଥଳରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ପୁଲିସ ପ୍ରଶାସନ, ଦାନଗଦୀ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ ଜୀବନରୁ

### ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହେଲେ ତହସିଲଦାର

ମାରିଦେବାକୁ ଗୋଷ୍ଠୀଗତ ଭାବେ ଉଦ୍ୟମ ହୋଇଥିବା କହିବ ସହିତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଆଗାମୀ ଦିନରେ ଲଘୁ ଖଣିଜ ସମ୍ପଦ ଲୁଟେରାଙ୍କୁ ଦୃଢ଼ ଭାବରେ ଦମନ କରିବାକୁ ଯାଜପୁର ଜିଲ୍ଲା ପ୍ରଶାସନ କାର୍ଯ୍ୟ କରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି। ଏନେଇ ଥାନାରେ ଏତଲା ହୋଇଥିବା କହିବା ସହିତ ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀଙ୍କୁ ଧରାଯିବ।

### ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା

## ୩ ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି,୧୮।୪(ସମିସ): ପାଣିକୋଇଲି ପୁଲିସ ଆଜି ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ତୋଡଙ୍ଗା ଗ୍ରାମର ଦୁଇ ଭାଇ ମାନସ କୁମାର ଜେନା (୩୮), ଜ୍ୟୋତି ରଞ୍ଜନ ଜେନା (୩୨) ଓ ଭଣ୍ଡାରୀ ପୋଖରୀ ଥାନା ଖପୁରିଆପଦା ଗ୍ରାମର ପ୍ରଦୀପ କୁମାର ବାରିକ (୩୬)। ପ୍ରକାଶଯେ ଗୁରୁବାର ବିଳମ୍ବିତ ରାତ୍ରୀରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ ସଦଳବଳେ ବୈତରଣୀ ବ୍ରିଜ ନିକଟରେ ବାଲିଗାଡ଼ି ଯାଞ୍ଚ କରୁଥିବା ବେଳେ ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଏକ ବାଲି ବୋଝେଇ ହାଇୱା



(ଓଡି୨୨ଏସି ୯୭୫୭) ଜବତ କରିଥିଲେ। ମାଲିକ ଜିପିଏସ୍ ବନ୍ଦ କରି ଦେବାରୁ ଖଣି ବିଭାଗ ଗାଡ଼ି ନଆଣି ପାରି ଚାଳକକୁ ଆଣି ପାଣିକୋଇଲି ଥାନା ଜିମା ଦେଇଥିଲେ। ପରେ ସେ ଥାନାରୁ ଯାଜପୁର କାର୍ଯ୍ୟାଳୟକୁ ଫେରୁଥିବା ବେଳେ ମୂଳାପାଳ ଛକରେ ଦୃବୃର୍ତ୍ତମାନେ ଗାଡ଼ିଟିକୁ ଅଟକାଇବା ପରେ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରଇଥିଲେ। ଏନେଇ ଖଣି ଅଧିକାରୀ ୧୧୨କୁ ଫୋନ୍ କରିଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଦୁଇ ଜଣ ଦୃର୍ବୃତ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏନେଇ ଏକ ମାମଲା ୧୨୫/୨୬ ରୁଜ୍ଜୁ କରାଯାଇ ଚାଳକ ସମେତ ୩ ଜଣଙ୍କୁ ଆଜି ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ଦଣ୍ଡପାଉଛନ୍ତି କୁକୁର

କୟାଁଗୋଲା,୧୮।୪(ସମିସ): ଦଶରଥପୁର ଅଞ୍ଚଳରେ ଗତ କିଛି ମାସ ହେଲା ବର୍ଜ୍ୟ ପ୍ଲାଷ୍ଟିକ ବସ୍ତୁରେ ଗୃହପାଳିତ ପଶୁ ମଧ୍ୟ କ୍ଷତିଗ୍ରସ୍ତ ହେବାର ଦେଖାଯାଉଛି। ନିକଟରେ ଏକ ବୁଲା କୁକୁର ପ୍ଲାଷ୍ଟିକ ଜାରରେ ମୁହଁ ପୂରେଇ ଦେବାରୁ ପ୍ଲାଷ୍ଟିକ ଜାର୍‌ଟି ତା' ମୁଣ୍ଡରେ ଲଟକି ଯାଇଥିଲା। ଯା' ଫଳରେ ତା'ର ଆଖିକୁ ଦେଖା ଯାଉଥିଲେ ମଧ୍ୟ ସେ ଖାଦ୍ୟ ପାଣି ପିଇ ପାରୁନଥିଲା। କିଛି ଯୁବକ ତା' ମୁଣ୍ଡରୁ ଜାରଟି ଖସେଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କୁକୁରଟି ୨ ଦିନ ହେବ ଏଣେ ତେଣେ ବୁଲୁଥିଲେ ମଧ୍ୟ ସେ ଖାଇପାରୁ ନଥିଲା। ଦୁର୍ବଳ ହେଇଥିବା



ଦେଖାଯାଉଛି। ମଣିଷର ସାମାନ୍ୟ ଭୁଲ ପାଇଁ କୁକୁରଟି ବିନା କାରଣରେ ଶାସ୍ତି ପାଉଥିବାରୁ ପଶୁପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୁଲା ଗାଈଗୋରୁ ପ୍ଲାଷ୍ଟିକ ଜରିରେ କିଛି ଖାଦ୍ୟ ଲାଗିଥିଲେ। ଜରି ସହିତ ଖାଇ ରୋଗାଗ୍ରସ୍ତ ହେଉଥିବା ଦେଖାଯାଉଛି। ସରକାର ପ୍ଲାଷ୍ଟିକ ନିଷିଦ୍ଧ କରିଥିଲେ ମଧ୍ୟ ଏବେ ବି ବଜାରରେ ବହୁ ଜିନିଷ ପ୍ଲାଷ୍ଟିକ ପ୍ୟାକେଟରେ ମିଳୁଥିବା ଦେଖାଯାଇଛି। ଉପର ଠାଉରିଆ ଭାବରେ ଲୋକଙ୍କୁ ସଚେତନତା କରା ନଯାଇ ସଚେତନତା ବାର୍ତ୍ତାକୁ ଘରେ ଘରେ ନ ପହଞ୍ଚାଇଲେ ଭବିଷ୍ୟତରେ ଏପରି ଅନେକ କୁକୁର ଓ ଗାଈଗୋରୁ ଅଯଥାରେ ଦଣ୍ଡପାଇବେ ବୋଲି ସ୍ପଷ୍ଟ ଦେଖାଯାଉଛି।

## ଗରିଆପୁର ୟୁଜିଏମ୍‌ଇ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଯାଜପୁର,୧୮।୪(ସମିସ): ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବ୍ଲକର ବରିଷ୍ଠ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇଥିଲେଫ ସେହିପରି ସମ୍ମାନିତ ବକ୍ତାଭାବେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବିଜୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ, ପଞ୍ଚଶଖା ଶିକ୍ଷା ସେତୁର ଅଧକ୍ଷ ଅରସ୍‌ଦୁଜ୍ ଜମାନ, ବିଡି କ୍ଲଷ୍ଟରର ସିଆର୍‌ସିସି. ସରଫୁଜ ଜମାନ, ମ୍ୟୁନିସପାଲ ହାଇସ୍କୁଲ କଷ୍ଟରର ସିଆର୍‌ସିସି ତିମିର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକ ଓ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରୀନା ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ରାଉଳଙ୍କ ସହଯୋଗରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସଫିଉର ରେହେମାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ପାଣିକୋଇଲି,୧୮।୪(ସମିସ): ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଯାଜପୁର ଜିଲ୍ଲା ଶାଖା ଆବାହକ ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପାଣିକୋଇଲି ସ୍ଥିତ ମା' ତାରିଣୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ' ୭ ତାରିଖ ଅପରାହ୍ଣରେ ନହକା, ଦଣ୍ଡକିରୀ ସତ୍ୟସାଇ ଗୁରୁକୁଳ ଶିକ୍ଷାଶ୍ରମ ପରିସରରେ ଓ ଜୁଲାଇ ୭ ତାରିଖରେ ଯାଜପୁର ଜିଲ୍ଲା ସଦରମହକୁମା ଠାରେ ଯଥାକ୍ରମେ ଉତ୍କଳ ସାହିତ୍ୟ ସମାଜ ଓ ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହା ସହିତ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଉତ୍କଳ ସାହିତ୍ୟ ସମାଜ ଜିଲ୍ଲା ସଂଯୋଜିକା ସଂଯୁକ୍ତା ମହାପାତ୍ର ଉଭୟ କାର୍ଯ୍ୟକ୍ରମର ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ରାଜା ବାରୁଣୀ ବସୁକଳ୍ପ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ମଧୁସୂଦନ ମହାପାତ୍ର, ବାଇଧର ମାଝୀ, ନାରାୟଣ ଶତପଥୀ, ଜଗତ ମୋହନ, ଅନସୂୟା ମହାପାତ୍ର ଓ ଦୀପ୍ତିମାଳା ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କନ୍ୟାବିବାହ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ

ପାଣିକୋଇଲି,୧୮।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ଆସନ୍ତା ୨୧ ତାରିଖ ହେବାକୁ ଯାଉଛି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ଆଜି ଏହାକୁ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ଉକ୍ତ ଦିନ ପଞ୍ଜିକୃତ କରିଥିବା ଦାରିଦ୍ର ସୀମାରେଖା ତଳେ ଥିବା ୬୪ ଯୋଡ଼ା ବରକନ୍ୟାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଯଦି ଆଉ କେହି ପଞ୍ଜିକୃତ କରନ୍ତି; ତା' ହେଲେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସରକାର ତରଫରୁ କନ୍ୟାମାନଙ୍କୁ ସରକାରୀ ପ୍ରୋତ୍ସାହନ ବ୍ୟାଙ୍କ ଜମାଖାତା ମାଧ୍ୟରେ ସିଧାସଳଖ ପଠାଇଦିଆଯିବ। ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ମନ୍ଦିର ପରିସରରେ ୧୫ଟି ବେଦି ନିର୍ମାଣ କରାଯାଇଛି। ପ୍ରତି ବେଦିରେ ୪ ଯୋଡ଼ା ବରକନ୍ୟାଙ୍କ ବିବାହ ସମ୍ପନ୍ନ କରାଯିବ। ଏଥି ନିମନ୍ତେ ୬୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ନିୟୋଜିତ କରାଯାଇଛି। ବରକନ୍ୟାଙ୍କ ସହ ଆସିଥିବା ପରିବାର ଓ ବନ୍ଧୁ ପରିଜନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ସବ କଲେକ୍ଟର ତାପସ କୁମାର ସାହୁ, ସମାଜମଙ୍ଗଳ ବୋର୍ଡ ଅଧିକାରୀ ପାର୍ବତୀ ସାହୁ, ପ୍ରୋଗ୍ରାମ ଅଫିସର ଲିଲି ଗାଗରାଇ, ସିଡିପିଓ କୋରେଇ ଶାନ୍ତିଲତା ବେସ୍ରା, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ସଖି ମ୍ୟାନେଜର ନିବେଦିତା ଶରଣ, ସଦାଶିବ ରାଉଳ, ସାଂସଦ ପ୍ରତିନିଧି ପ୍ରଦୀପ ଧଳ, ଲିଙ୍ଗେଶ୍ୱର କମିଟିର ସଭାପତି ବସୁଦେବ ପରିଡା, ସମ୍ପାଦକ ବିଷ୍ଣୁଚରଣ ଧଳ, ଉପସଭାପତି ନାଣ୍ଟୁ ମଲିକ, ସହକାରୀ ସମ୍ପାଦକ ଅନିରୁଦ୍ଧ ସେଠୀ ଓ କୋଷାଧ୍ୟକ୍ଷ ରମେଶ ସାହୁଙ୍କ ସମେତ ବିରିଷ୍ଠ ସଦସ୍ୟ ପ୍ରତାପ ଧଳ, ଗଦାଧର ଧଳ, ବୃନ୍ଦାବନ ସାହୁ, ନିକୁଞ୍ଜ ବିହାରୀ ସାହୁ, ଶରତ ଚନ୍ଦ୍ର ଧଳ, ପ୍ରମୋଦ ସାହୁ, ଦୈତରୀ ଧଳ, ଦିଲ୍ଲିପ ଧଳ, ପ୍ରଦୀପ ଧଳ, ବନମାଳୀ ଦାସ, ଆନନ୍ଦ ପାଳ, ଗୋଲଖ ଚନ୍ଦ୍ର ମାଝୀ, ଭଗବାନ ସାହୁ, ନିରଞ୍ଜନ ପାଣିଗ୍ରାହୀ, କୈଳାସ ସାହୁ, ଶଙ୍କର୍ଷଣ ପରିଡା, ସନ୍ତୋଷ ଧଳ, ମାନସ ରଞ୍ଜନ ଧଳ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ବିଷ୍ଣୁ ଚରଣ ଧଳ, ତାପସ ରଞ୍ଜନ ଧଳ, ନିତ୍ୟାନନ୍ଦ ପରିଡା, ମଦନ ମୋହନ ମାଝୀ, ଭବ ରଞ୍ଜନ ଧଳ, ଅକ୍ଷୟ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ।

## ବୃନ୍ଦାବନଚନ୍ଦ୍ର ଜିଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ମଙ୍ଗଳପୁର,୧୮।୪(ସମିସ): ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ଖୋସାଲପୁର ଗ୍ରାମରେ ଶୁକ୍ରବାରଠାରୁ ଗ୍ରାମରେ ଅବସ୍ଥିତ ବୃନ୍ଦାବନଚନ୍ଦ୍ରଜିଉଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଓ ନବୀକରଣ ଯଜ୍ଞଉତ୍ସବ ଆରମ୍ଭ ହୋଇଛି। ଏହା ସୋମବାର ଅକ୍ଷୟ ତୃତୀୟା ଦିନ ଶେଷ ହେବ ବୋଲି ଜଣାଯାଇଛି। ଆଜି ଡୋବାବିଲ ସ୍ଥିତ ବୈତରଣୀ ନଦୀରେ କଳସ ବୁଡ଼ାଯିବା ପରେ ଗ୍ରାମର ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ବାଜା ବାଣ ଓ ରୋଷଣୀ ମାଧ୍ୟମରେ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ଯାଜପୁରସ୍ଥ ବିରଜା ମନ୍ଦିରର ପୁରୋଧା ସରୋଜ କୁମାର ପତି, ବିରଜା ଶଙ୍କର ପତି, ଦୀପକ କୁମାର ପାଣିଗ୍ରାହୀ, ବାଳକୃଷ୍ଣ ରଥ, ଯୁଗଳ କିଶୋର ମିଶ୍ର, ଲକ୍ଷ୍ମୀଧର ଷଡ଼ଙ୍ଗୀ, ସାଇ ପ୍ରସାଦ ରଥ ପ୍ରମୁଖ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଗାଁ ପୁରୋହିତ ଜୀବନ ତ୍ରିପାଠୀ ଓ ପ୍ରଭାତ ତ୍ରିପାଠୀ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଗ୍ରାମର ପ୍ରିୟବ୍ରତ ଦାଶ ଓ ତାଙ୍କ ଧର୍ମପତ୍ନୀ ମୋନାଲିସା ଦାଶ ସଂକଳ୍ପ କରିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ କାର୍ଯ୍ୟ ସମ୍ପାଦନ ହେଉଛି।

## କଣ୍ଟିପୁର କୂଳସାହି ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ

ପ୍ରୀତିପୁର,୧୮।୪(ସମିସ): କଣ୍ଟିପୁର କୂଳସାହି ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ



ଫେଡେରେସନର ଉପସଭାପତି ତଥା ଶିକ୍ଷକ ନେତା ରତନଲଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସହଶିକ୍ଷା ଅଧିକାରୀ ବଳରାମ ପତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ରଣପୁର ପଞ୍ଚାୟତର ସରପଞ୍ଚ ବନମାଳୀ ସାମଲ, ସମ୍ମାନିତ ଅତିଥି ଭାବରେ ରଙ୍ଗାଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନା, ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲତା ବେହେରା, ରଣପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଗ୍ରାମ କେଶରୀ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟ କୁମାର ନାୟକ, ଶିକ୍ଷାବିତ୍ ଅଲେଖ ଚରଣ ସାମଲ, ଜଗନ୍ନାଥପୁର ବେହେରାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ସାମଲ, ମଲ୍ଲୀପୁର ଜେନାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହମ୍ମଦ ଫହୀମ, କୈଳାସ ଚନ୍ଦ୍ର ବେହେରା, ଜ୍ୟୋତିପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ ଅତିଥି ପରିଚୟ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇ ଯାଇଥିବା କ୍ରୀଡ଼ା ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଗୁଡିକୁ ବିଦ୍ୟାଳର ଶିକ୍ଷକ ଶିକ୍ଷୟିତ୍ରୀ ଭୀମସେନ ହୋ, ସଂଯୁକ୍ତା ଦାଶ, ରେଣୁବାଳା ବେହୁରିଆ, ମମତା ଜେନା ଓ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଆହତ ନବଘନର ମୃତ୍ୟୁ

ପାଣିକୋଇଲି,୧୮।୪(ସମିସ): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳ ଆନନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ନବଘନ ସାହୁ(୪୫)ଙ୍କ ଦୁର୍ଘଟଣା ଯୋଗୁ ଚିକତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯିବା ପରେ ଶହ ଶହ ଲୋକ ରୁଣ୍ଡ ହୋଇ ଶେଷ ଦର୍ଶନ କରିବା ପରେ ଲିଙ୍ଗେଶ୍ୱର ମହାଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପ୍ରକାଶ ଯେ ବାଲିପଶି ଗ୍ରାମର ନବଘନ ସାହୁ (ବାବାନ) ଗତ ମଙ୍ଗଳବାର କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ନିକଟରେ ବୁଲେଟ ନେଇ ଆସୁଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ନେଇ ଚିକିତ୍ସା କରାଯାଉଥିଲା। ଗତକାଲି ତାଙ୍କର ଚିକତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମରଶରୀରକୁ ଷଠିପୁର ଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଗ୍ରାମକୁ ନିଆଯାଇଥିଲା। ସେଠାରୁ ଲିଙ୍ଗେଶ୍ୱର ଘାଟକୁ ନେଇ ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ କାଳନ୍ଦୀ ସାହୁ ମୁଖାଗ୍ନି ଦେଇଥିଲା। ସାନପୁଅ ତପନ ସମେତ ପତ୍ନୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଟ୍ରାକ୍ଟରକୁ ପିଟିଲା ଡମ୍ଫର



କବାଟବନ୍ଧ,୧୮।୪(ସମିସ): ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ନିକଟରେ ଏକ ଦୁର୍ଘଟଣାରେ ଦୁଇଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଦୁର୍ଘଟଣାରେ ଉଭୟ ଗାଡ଼ିର ଚାଳକ ସୁରକ୍ଷିତ ରହିଥିବା ଜଣାପଡିଛି। ଖବର ଅନୁସାରେ ଶନିବାର ଅପରାହ୍ଣରେ ରାଜପଥରେ ଏକ ପାଣି ଟ୍ୟାଙ୍କର ଟ୍ରାକ୍ଟର ଯାଉଥିବା ସମୟରେ ବିପରୀତ ଦିଗରୁ ଚଣ୍ଡିଖୋଲରୁ ଦୁବୁରୀ ପଟକୁ ଯାଉଥିବା ଏକ ଡମ୍ଫର ତାକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତି ଗ୍ରସ୍ତ ହୋଇ ରାଜପଥ ଉପରେ ରହିଥିଲେ। ଜାତୀୟ ରାଜପଥ ପକ୍ଷରୁ ରାସ୍ତା ଉପରୁ ଗାଡିକୁ ସ୍ଥାନାନ୍ତରିତ କଟାଯାଇଥିଲା। ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ଜିଲ୍ଲାର ବିଭିନ୍ନ ଥାନାରେ ଜଳଛତ୍ର



ଯାଜପୁର,୧୮।୪(ସମିସ):

ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ ଜଳଛତ୍ର ଖୋଲାଯାଇଛି। ଯାଜପୁର ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନାରେ ଏହି ଜଳଛତ୍ର ଖୋଲାଯାଇଛି। ପାଣିକୋଇଲି ଥାନା ରେ ଯାଜପୁର ଏସପି ଯସ୍ ପ୍ରତାପ ଶ୍ରୀମଲ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଜିଲ୍ଲାପାଳ ତାପସ କୁମାର ଦେହୁରୀ, ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ଶଙ୍କର୍ଷଣ ଦଳାଇ, ରିର୍ଜଭ ଇନ୍ସପେକ୍ଟର ଦିନେଶ ସାହୁ, ଡିଏସପି ଜୟନ୍ତ ସେଠୀଙ୍କ ସମତେ ହେଡକ୍ୱାଟର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଥାନାଧିକାରୀ ରଞ୍ଜିତ ମହାନ୍ତି , ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ, ସୁଶ୍ରୀ ମିନତୀ ବେହେରାଙ୍କ ସମେତ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା, ଶଶିକାନ୍ତ ମଲ୍ଲିକ, ଜହର ଅଲ୍ଲୀ ଓ ପାଣିକୋଇଲିର କାର୍ଯ୍ୟରତ ସମ୍ବାଦିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ସେହିପରି ଜିଲ୍ଲାର ବରୀ, ବିଞ୍ଝାରପୁର, ମଙ୍ଗଳପୁର, ଯାଜପୁରେ ସଦର ଥାନା ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲାଯାଇଥିବା ଜଣାପଡିଛି।

## ଟମକା ପୁଲିସ୍ ପକ୍ଷରୁ ଖୋଲିଲା ଜଳଛତ୍ର

ଦାନଗଦି/ଟମକା,୧୮।୪(ସମିସ): ସାରା ରାଜ୍ୟରେ ପ୍ରଚଣ୍ଡ ଖରା ତାତିକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଧିକ ପଥଚାରୀମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ଲକ୍ଷ୍ୟରେ ଯାଜପୁର ପୁଲିସ୍ ତରଫରୁ ଜଳଛତ୍ର ଶନିବାର ଠାରୁ ପ୍ରତ୍ୟେକ ଥାନା ଅଞ୍ଚଳରେ ଖୋଲାଯାଇଛି।



ଏହି ପରିପ୍ରେକ୍ଷୀରେ ଟମକା ପୁଲିସ୍ ଆନୁକୂଲ୍ୟରେ କଳିଙ୍ଗନଗରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟମକା ଛକ ଠାରେ ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି ଲୋକମାନଙ୍କୁ ଦହି ସରବତ୍ ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନାର ଆଇଆଇସି ବିନତୀ ଦାସ, ସବ୍ ଇନସ୍‌ପେକ୍ଟର ଦୀପ୍ତିଶେଖର ଦାସ, ଅମିତା ପଣ୍ଡା, କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର, ଦେଉଳକଣ ସରପଞ୍ଚ ବିଜୟକୁମାର ଯେନା ସ୍ଥାନୀୟ ମହାଗିରି ପ୍ରେସ୍ କ୍ଲବର କର୍ମକର୍ତ୍ତା, ଉପସ୍ଥିତ ରହି ପଥଚାରୀମାନଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏପରି ଜନହିତକର କାର୍ଯ୍ୟ କରିଥିବାରୁ ସ୍ଥାନୀୟ ପ୍ରଶାସନକୁ ଲୋକେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟମକା ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

୧୮/୪/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୯,୦୮୬/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ନାରୀ ଶକ୍ତି ବନ୍ଦନ ଦୌଡ଼

# ସିବିଏସ୍ଇ ଦଶମ ଟପ୍ପର ଟିନା ରଥ ସମ୍ବର୍ଦ୍ଧିତ





ପୁରୀ,୧୮।୪(ସମିସ)

ପ୍ରତ୍ୟେକ ନାରୀ ମଧ୍ୟରେ ଅଫୁରନ୍ତ ପ୍ରତିଭା ରହିଛି। ସେ ଶକ୍ତିମୟୀ, କଲ୍ୟାଣମୟୀ। ସଶକ୍ତ ନାରୀ ସଶକ୍ତ ଭାରତ ବୋଲି କହିଛନ୍ତି ପୁରୀ ମ୍ୟୁନିସିପାଲ୍ କର୍ପୋରେସନ କମିଶନର ଅରୁଗୁଳା ସ୍ନେହା। ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲକ୍ଷ୍ୟରେ ଶନିବାର ଏକ ଦୌଡ଼ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଦୌଡ଼ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ଏହି ଦୌଡ଼ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କମିଶନର ସୁଶ୍ରୀ ସ୍ନେହା ପୁରୁଷମାନଙ୍କ ସମକକ୍ଷ ହୋଇ ନାରୀ ବି ସବୁ କରିପାରେ। ଏପରିକି ପୁରୁଷଙ୍କଠାରୁ ଅଧିକ ମଧ୍ୟ କରିପାରେ। ନିଜର ଗୋଟେ ଲକ୍ଷ୍ୟ ସ୍ଥିର କରି ମନ ପ୍ରାଣ ଦେଇ ତାହାକୁ ସଫଳ କରିବାର ପ୍ରୟାସ ପାଇଁ ସେ ପରାମର୍ଶ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ନାରୀମାନଙ୍କ ପ୍ରତିଭାର ବିକାଶ ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆଜିର ସମୟରେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଶକ୍ତି ଓ ସାମର୍ଥ୍ୟର ପରିପ୍ରକାଶ ଘଟିଛି। ଏହାକୁ ଅଧିକ ଋଦ୍ଧିମନ୍ତ ସହ ସେମାନଙ୍କ ଅଧିକାର, କର୍ତ୍ତବ୍ୟ, ଶକ୍ତି ଓ ସମ୍ଭାବନା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଚଳିତ ସିବିଏସ୍ଇ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପୁରୀ ଜିଲ୍ଲାର ଟିନା ରଥଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଖୋ ଖୋ ଖେଳର ମୁଖ୍ୟ ଜାତୀୟ କୋଚ୍ ସଞ୍ଜୀବ କୁମାର ଶର୍ମା, ସର୍ବଭାରତୀୟ ଖୋ ଖୋ ସଂଘ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ସଂଘର କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଖୋ ଖୋ କୋଚ୍ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଓ ଟିନା ରଥଙ୍କ ପିତାମାତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଚେତନତା ଲକ୍ଷ୍ୟରେ ସ୍ୱାକ୍ଷର ଅଭିଯାନରେ ପ୍ରତ୍ୟେକେ ସ୍ୱାକ୍ଷର କରିଥିଲେ।

## ବ୍ୟାରିକେଡ୍‌ରେ ଫସିଲା କୁନିଝିଅ

ପୁରୀ,୧୮।୪(ସମିସ): ଶନିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅଭିଭାବକଙ୍କ ସହ ଆସିଥିବା କୁନି ଝିଅଟିଏ ବ୍ୟାରିକେଡ୍‌ରେ ଫସିଯାଇଥିଲା। ତୁରନ୍ତ ଉପସ୍ଥିତ ପୁଲିସ କର୍ମଚାରୀ କୁନି ଝିଅକୁ ସୁରକ୍ଷିତ ଭାବେ ବ୍ୟାରିକେଡ୍ ଭିତରୁ ଉଦ୍ଧାର କରିଥିଲେ। ଶନିବାର ସକାଳ ପ୍ରାୟ ୯ଟା ସମୟରେ କୁନି ଝିଅଟି ଦୁଇଟି କ୍ରସ୍ ବ୍ୟାରିକେଡ୍ ଭିତରକୁ ଚାଲିଯାଇଥିଲା। ବାହାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆସିପାରି ନ ଥିଲା। ଝିଅର ମାଆ ଉଦ୍ଧାର କରିବା ପାଇଁ ଡ୍ୟୁଟିରେ ଥିବା ପୁଲିସଙ୍କୁ କହିଥିଲେ। ଶେଷରେ ଝିଅଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେବେ ଅଭିଭାବକଙ୍କ ଅସାବଧାନତା ପାଇଁ ଏଭଳି ଘଟଣା ଘଟିଲା ବୋଲି ଭକ୍ତମାନେ କହିଥିଲେ।

## ପାନ ଦୋକାନରେ ଗଞ୍ଜେଇ ବିକ୍ରି

ପୁରୀ,୧୮।୪(ସମିସ): ପୁରୀ ସହରରେ ଅବୈଧ ଗଞ୍ଜେଇ କାରବାରକୁ ରୋକିବା ଲାଗି ପୁଲିସ ପକ୍ଷରୁ ଶନିବାର ବିଶେଷ ଅଭିଯାନ ଚାଲିଥିଲା। ସହରର ବିଭିନ୍ନ ଅଞ୍ଚଳରେ ଥିବା ପୋନ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଥିଲା। ଏହି ଅଭିଯାନ ସମୟରେ ୬୦ଟି ପାନ ଦୋକାନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ 'ଗୋଗୋ' ନାମରେ ପରିଚିତ ଯାହା ଗଞ୍ଜେଇ ସେବନରେ ବ୍ୟବହୃତ ହୁଏ ତାହା ଜବତ କରାଯାଇଥିଲା। ଏହିପରି ଅବୈଧ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହିପରି ଅବୈଧ କାର୍ଯ୍ୟକଳାପ ସମ୍ବନ୍ଧରେ ପୁଲିସକୁ ସୂଚନା ଦେଇ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏପରି ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୩ ମାମଲାରେ ଦୋଷୀ ଦଣ୍ଡିତ

ପୁରୀ,୧୮।୪(ସମିସ): ଶନିବାର ତିନୋଟି ମାମଲାର ରାୟ ପ୍ରକାଶ ପାଇଥିବାବେଳେ ଦୋଷୀ ଦଣ୍ଡିତ ହୋଇଛନ୍ତି। ଗଡ଼ିଶାଗୋଦା ଥାନା ଅଞ୍ଚଳରେ ୨୦୧୬ରେ ଘଟିଥିବା ଏକ ପୋକ୍‌ସୋ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୀର୍ଘ ୧୦ ବର୍ଷ ପରେ ଗିରଫ କରାଯାଇ କୋର୍ଟରେ ଉପସ୍ଥାପିତ କରାଯାଇଥିଲା। ଦଣ୍ଡ ବିଧାନ ପରେ ଅଭିଯୁକ୍ତ ଅଜୟ ଓରଫ ରଞ୍ଜନ କୁମାର ଭୋଇକୁ କୋର୍ଟଚାଲାଣ କରାଯାଇଛି। ଗଡ଼ିଶାଗୋଦା ଥାନା କେସ୍ ନମ୍ବର ୭୮/୧୬ ଅନୁଯାୟୀ ଅଭିଯୁକ୍ତ ଜଣେ ୧୩ ବର୍ଷର ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଅତିରିକ୍ତ ସ୍ୱତନ୍ତ୍ର ଜଜ୍ ରମାନାଥ ପଣ୍ଡା ମାମଲାର ଶୁଣାଣି କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ମାସ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ସେହିପରି ବ୍ରହ୍ମଗିରି ଥାନା ଏକ ହାରାସ୍‌ମେଣ୍ଟ କେସ୍ ନମ୍ବର ୩୭/୨୪ ଅନୁଯାୟୀ ପ୍ରଦୀପ ମାଝୀକୁ ୩ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ତାକୁ ମଧ୍ୟ ଆଉ ଏକ ମାମଲାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା କରାଯାଇଛି। ସେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ମଧୁସୂଦନ ଦାଶ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ଚୋରି ମାମଲାରେ ଗଗନ ବିହାରୀ ଛୁଆଲସିଂକୁ ଦୋଷୀ ସାବ୍ୟସ୍ତ କରାଯାଇଛି। କାକଟପୁର ଥାନା କେସ୍ ନମ୍ବର ୨୭୪/୨୫ ଅନୁଯାୟୀ ୨ ବର୍ଷ ୩ ମାସ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କାର ଜରିମାନା କରାଯାଇଛି।

## ଶ୍ରୀଜଗନ୍ନାଥ ସେନା ଆବାହକଙ୍କ ନାଁରେ ଏତଲା

ପୁରୀ,୧୮।୪(ସମିସ): ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ବିରୋଧରେ ଶନିବାର ଟାଉନ ଥାନାରେ ଏତଲା ଦେଇଛନ୍ତି ପୁରୀର ପୂର୍ବତନ ଉପନଗରପାଳ ସବ୍ୟସାଚୀ ମହାପାତ୍ର। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ପ୍ରିୟଦର୍ଶନ ଗତ ୧୦ ତାରିଖଠାରୁ ଆଜି ପର୍ଯ୍ୟନ୍ତ ସାମାଜିକ ଗଣମାଧ୍ୟମରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ କପୋଳ କଳ୍ପିତ, ନିନ୍ଦନୀୟ, ମିଥ୍ୟା, ମନଗଢ଼ା ତଥା ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ବୟାନ ଦେଉଛନ୍ତି। ପ୍ରଣବ ପ୍ରକାଶ ପରିକ୍ରମା ପ୍ରକଳ୍ପରେ ବ୍ୟବହୃତ ଖଣ୍ଡୋଲାଇଟ୍ ପଥର ନେଇ ନିଜ ଘର କାମରେ ଲଗାଇଥିବା ଶ୍ରୀ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ଯାହା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ପ୍ରଣୋଦିତ, ପ୍ରମାଣ ବିହୀନ ଏବଂ ସମ୍ମାନହାନୀ ଅଭିଯୋଗ। ଏହାଦ୍ୱାରା ସେ ପୂର୍ବତନ ବିଧାୟକ ଶ୍ରୀ ଦାସଙ୍କ ମର୍ଯ୍ୟାଦା କ୍ଷୁଣ୍ଣ କରିଛନ୍ତି। ତେଣୁ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି।

## ଦାୟିତ୍ୱ ନେଲେ ସଦାଶିବ ପରିସରର ନୂଆ ନିର୍ଦ୍ଦେଶକ



ପୁରୀ,୧୮।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ନୂତନ ନିର୍ଦ୍ଦେଶକ ଭାବେ ବିଶିଷ୍ଟ ବ୍ୟାକରଣଶାସ୍ତ୍ରବିତ ପ୍ରଫେସର ବୋଧ କୁମାର ଝା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରଫେସର ଝା ଜଣେ ସୁନାମଧନ୍ୟ ଶାସ୍ତ୍ରଜ୍ଞଭାବେ ଭାବେ ସୁପରିଚିତ। ଏହି ପଦବୀରେ ଅଧିଷ୍ଠିତ ହେବା ପୂର୍ବରୁ ସେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଜୟପୁର ପରିସରର ବ୍ୟାକରଣ ବିଭାଗରେ ପ୍ରଫେସର ରୂପେ ଦୀର୍ଘଦିନ ଧରି ସଫଳତାର ସହ କାର୍ଯ୍ୟ କରିଆସୁଥିଲେ। ଶିକ୍ଷାଦାନ ଏବଂ ଗବେଷଣା କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ପାଇଁ ସେ ସର୍ବଭାରତୀୟ ସ୍ତରରେ ବେଶ୍ ଆଦୃତ। ତାଙ୍କର ଏହି ଯୋଗଦାନ ପରେ ପରିସରର ଶୈକ୍ଷିକ ତଥା ପ୍ରଶାସନିକ କାର୍ଯ୍ୟଧାରାରେ ଏକ ନୂତନ ଶକ୍ତି ସଞ୍ଚାର ହେବ ବୋଲି ଆଶା କରାଯାଉଛି। ପରିସରର ବରିଷ୍ଠ ପ୍ରଫେସର, ଅଧ୍ୟାପକ, ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ ପ୍ରଫେସର ଝା କହିଛନ୍ତି ଯେ, "ଶ୍ରୀସଦାଶିବ ପରିସର ଭଳି ଏକ ଐତିହାସିକ ଶିକ୍ଷାନୁଷ୍ଠାନର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ମୁଁ ଆନନ୍ଦିତ। ସମସ୍ତଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଏବଂ ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ନିଷ୍ଠାର ସହ ପ୍ରୟାସ କରିବି'।

## ଦାଣ୍ଡସାହିରେ ଚିତ୍ର ସାହିତ୍ୟ କର୍ମଶାଳା



ପୁରୀ,୧୮।୪(ସମିସ): ଶିଳ୍ପଗ୍ରାମ ଦାଣ୍ଡସାହିରେ ଅନନ୍ତ ଗୁରୁକୁଳ ପକ୍ଷରୁ ୨୧ତମ ଓଡିଆ ନବବର୍ଷ, ମହାବିଷୁବ ଉତ୍ସବ ଏବଂ ଚିତ୍ର ସାହିତ୍ୟ କର୍ମଶାଳା ଅନୁଷ୍ଠାନର ସଭାପତି ପ୍ରଭାତ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗ୍ରାମର ଶିଳ୍ପୀମାନେ ଏକାଠି ହୋଇ ବିଭିନ୍ନ ପ୍ରକାର ଚିତ୍ର ପ୍ରସ୍ତୁତ କରିଥିଲେ। ଅପରାହ୍ନରେ ଚିତ୍ର ସାହିତ୍ୟ କର୍ମଶାଳାକୁ ପୁରୀ ଜିଲ୍ଲା ହସ୍ତଶିଳ୍ପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି ଉଦ୍‌ଘାଟନ କରିଥିଲେ। ଆଲୋଚକ ଭାବେ ଡ. ହେମନ୍ତ କୁମାର ଛୋଟରାୟ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ବିଶ୍ୱ ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମୀଧର ସୁବୁଦ୍ଧି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହିମ୍ମତ ଖବରକାଗଜ ସମ୍ପାଦକ କମଳାକାନ୍ତ ଦାଶ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ, ଲିଙ୍ଗରାଜ ମହାରଣା ପ୍ରମୁଖ ଯୋଗଦେଇ ଚିତ୍ର ସାହିତ୍ୟର ଅବଦାନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଏହି ଐତିହ୍ୟ ଗ୍ରାମର ଉନ୍ନତି କଳ୍ପେ ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେବା ସହିତ ସାହିତ୍ୟ ସ୍ରଷ୍ଟା ଏବଂ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

ପ୍ରତିବର୍ଷ ପରି ଚଳିତବର୍ଷ ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସନ୍ତୋଷ କୁମାର ସେଠୀ, ଲକ୍ଷ୍ମୀଧର ସୁବୁଦ୍ଧି, ଡ. ପ୍ରସନ୍ନ ନାୟକ, ଶରତ କୁମାର ସାହୁ, ଶ୍ରୀମତୀ ମହାରଣା, କମଳାକାନ୍ତ ଦାଶ, ବିଶ୍ୱ ପ୍ରକାଶ ପଟ୍ଟନାୟକ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଡ. ହେମନ୍ତ ଛୋଟରାୟ, ପ୍ରବୋଧ କୁମାର ଦାସ, ମାନସ କୁମାର ମହାରଣା, ଶିବ ପ୍ରସାଦ ମହାନ୍ତି ଏବଂ ଭାସ୍କର ଜେନାଙ୍କୁ ଚିତ୍ର ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଜୟ ପଣ୍ଡା, ସନ୍ତୋଷ କୁମାର ଦାସ, ପୂର୍ଣ୍ଣ ମହାରଣା ଏବଂ ଗ୍ରାମବାସୀ ପରିଚାଳନା କରିଥିଲେ। ପରେ ପରେ ପୂର୍ଣ୍ଣ ମହାରଣାଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅନନ୍ତ ଗୁରୁକୁଳ ସମ୍ପାଦକ ବିଭୁ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀବିହାର ସ୍ନାତକୋତ୍ତର ବିଭାଗର ବାର୍ଷିକ ଉତ୍ସବ

# ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷା ଏକ ଓ ଅଭିନ୍ନ

ପୁରୀ,୧୮।୪(ସମିସ)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗଗୁଡ଼ିକର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନ କରି କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ଧାମରେ ବିଦ୍ୟମାନ ଓ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ ଏହି ବିଶ୍ୱବିଦ୍ୟାଳୟର ଯଶ ଓ ଖ୍ୟାତିକୁ ଛାତ୍ରଛାତ୍ରୀମାନେ ବଜାୟ ରଖନ୍ତୁ। ଛାତ୍ରର ଛାତ୍ରତ୍ୱ, ଅଧ୍ୟୟନର ସୋପାନ ଓ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ପ୍ରାଣବନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ ଯେ, ସ୍ଥାନ, କାଳ, ପାତ୍ରର ଊର୍ଦ୍ଧ୍ୱରେ ସଂସ୍କୃତ ଭାଷା। ଗାନ୍ଧାରଠାରୁ ବ୍ରହ୍ମଦେଶ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷା ଏକ ଓ ଅଭିନ୍ନ। ମୁଖ୍ୟବକ୍ତା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମାତୃଭାଷା ଓଡ଼ିଆ ତଥା ସମସ୍ତ ଭାରତୀୟ ଭାଷାର ସୁରକ୍ଷାରେ ସଂସ୍କୃତ ଭାଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟମୂର୍ତ୍ତି ଭାରତୀୟ ଜ୍ଞାନ ପରମ୍ପରାର ପରିଚିତି ସଂସ୍କୃତ ଭାଷା ଓ ସାହିତ୍ୟ ବୋଲି କହିଥିଲେ। ସଂସ୍କୃତ ଭାଷାରେ ନିବଦ୍ଧ ଶାସ୍ତ୍ର ସମ୍ପତ୍ତିର ସୁରକ୍ଷା, ପ୍ରସାର, ଅଭିବନ୍ଧନରେ ସଂସ୍କୃତ ଶିକ୍ଷକ ଓ ଛାତ୍ରସମାଜର ଭୂମିକା ସମ୍ପର୍କରେ ଦୃଷ୍ଟିପାତ କରିଥିଲେ।

**ଗାନ୍ଧାରଠାରୁ ବ୍ରହ୍ମଦେଶ ପର୍ଯ୍ୟନ୍ତ ସଂସ୍କୃତ ଭାଷା ପରିବ୍ୟାପ୍ତ**

ଏହି ଅବସରରେ ବିଶ୍ୱବିଦ୍ୟାଳୟର ପତ୍ରିକା 'ସୁଭଦ୍ରା-୨୦୨୬'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ଦ୍ୱାରା ରଚିତ ଅଦ୍ୱୈତ ପୀୟୂଷ ଧାରା ଓ ଡ. ପ୍ରଦୀପ୍ତ କୁମାର ନନ୍ଦଙ୍କ ଦ୍ୱାରା ରଚିତ ଯଜ୍ଞବେଦୀ ପୂଜନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏତଦ୍‌ବ୍ୟତୀତ ପୂର୍ବରୁ ବିଭାଗୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ସ୍ନାତକୋତ୍ତର ବ୍ୟାକରଣ ବିଭାଗର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସ୍ନାତକୋତ୍ତର ସାହିତ୍ୟ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଦେବାଶିଷ ତ୍ରିପାଠୀ ଓ ସ୍ନାତକୋତ୍ତର ବ୍ୟାକରଣ ବିଭାଗର ସହାୟକା ଆଚାର୍ଯ୍ୟା ଡ. ପ୍ରଜ୍ଞା ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ସ୍ନାତକୋତ୍ତର ବେଦ ବିଭାଗର ଆଚାର୍ଯ୍ୟ ଡ. ରାମଚନ୍ଦ୍ର ହୋତା ବେଦପାଠ କରିଥିଲେ ଓ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୮ଟି ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀ ପ୍ରାୟ ୨୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟିଙ୍କ ଓଡ଼ିଶୀ ନୃତ୍ୟ, ଛାତ୍ରୀ ଶୁଭଶ୍ରୀ ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସାଂସ୍କୃତିକ ରାମ୍ପ ଶୋ' ଶାକଦ୍ୱୀପା ମହାନଦୀ ପରିବେଷିତ ହେବା ସହ ଅନେକ ନୃତ୍ୟ, ଗୀତ ଓ ନାଟକ ମଞ୍ଚସ୍ଥ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମ ଡ. ଦେବାଶିଷ ତ୍ରିପାଠୀ, ଡ. ସସ୍ମିତା ବନ୍ଦର ନାୟକ ଓ ଡ. ଅଜୟ କୁମାର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସ୍ନାତକୋତ୍ତର ସାହିତ୍ୟ ବିଭାଗର ଛାତ୍ରୀ ସ୍ମିତାରାଣୀ ବସ୍ତିଆ ଓ ଛାତ୍ର ଆଶୁତୋଷ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି: ପଦଯାତ୍ରା ଜାରି; ସରକାର ନିଦାବିଷ୍ଟୁ



ପୁରୀ,୧୮।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ସରକାର ନିଦାବିଷ୍ଟୁ ସାଜିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ଶନିବାର ୧୮ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ୍ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ବରିଷ୍ଠ ଅଧିବକ୍ତା ବିଜୟ ମିଶ୍ର, ହରିଶଙ୍କର ମିଶ୍ର, ସରସ୍ୱତୀ ପାତ୍ର, ଚକ୍ରଧର ମହାପାତ୍ର, ଶୁକାନ୍ତ ପଣ୍ଡା, ନିହାରିକା ତ୍ରିପାଠୀ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ସନ୍ତୋଷ ସେନାପତି, କିଶୋର ଦାସ, ପ୍ରକାଶ ଚନ୍ଦ୍ର ନାୟକ, ରାଧେଶ୍ୟାମ ରଥ, ମନୋଜ ସାମଲ, ରାଜା ମହାନ୍ତି, ରାମକୃଷ୍ଣ ମହାନ୍ତି, ଅରୁଣା ପଟ୍ଟନାୟକ, ପବିତ୍ର ନାୟକ, ମୀନାକ୍ଷୀ ଦାସ, ଅମୂଲ୍ୟ ଦାସ, ଜଗନ୍ନାଥ ମହାନ୍ତି, ଦୀପା ବେହେରା, ମନୋରମା ପାତ୍ର, ରୁବି ମଲ୍ଲିକ, ଇଚ୍ଛା ଦାସ, ଶୁଭଶ୍ରୀ ମହାରଣା, ପୀହୁ ମିଶ୍ର, ରାମଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ସାହୁ ପ୍ରମୁଖ ଭାଗନେଇଥିଲେ।

## ପୁରୀ ଜିଲ୍ଲା ସିଏମ୍ ଟ୍ରଫି ଉଦ୍‌ଘାଟିତ

ପୁରୀ,୧୮।୪(ସମିସ): ପୁରୀ ଜିଲ୍ଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶନିବାର ଦ୍ୱିଦିବସୀୟ ସିଏମ୍ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମୁଖ୍ୟବକ୍ତା ପୁରୀ ମହାନଗର ନିଗମର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ତଥା ତୃଣମୂଳ ସ୍ତରରେ କୋମଳମତି କ୍ରୀଡ଼ାବିତ୍‌ମାନଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ଏହି ପ୍ରୟାସ ପାଇଁ ଆଗାମୀ ଦିନରେ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିବ ବୋଲି ସେମାନେ କହିଥିଲେ। କ୍ରୀଡ଼ାବିତ୍‌ମାନଙ୍କ ମାର୍ଚ୍ଚ ଫାଷ୍ଟରେ ଓଡ଼ିଶୀ ନୃତ୍ୟାଙ୍ଗନା, ଯାଦୁଗର, ଗରିଲା କଣ୍ଢେଇ ପ୍ରଭୃତି ଯୋଗଦେଇ କ୍ରୀଡ଼ା ମାହୋଲକୁ ଆକର୍ଷଣୀୟ କରିଥିଲେ। ଉଦ୍‌ଘାଟନୀରେ ଶାନ୍ତିର ପ୍ରତୀକ କପୋତକୁ ଉଡ଼ାଯାଇଥିଲା। ଇ.ବି.ଦାସଙ୍କ ଦ୍ୱାରା ମ୍ୟାଜିକ୍ ଶୋ' ବିମୁଗ୍ଧ କରିଥିଲା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ। ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାରେ ଖୋ ଖୋରେ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ଖୋ ଖୋରେ ଡେଲାଙ୍ଗ ବ୍ଲକ୍ କେପିପି ଚାମ୍ପିଅନ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅମାଳଙ୍ଗ ଉ.ପ୍ରା. ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେହିପରି ଚନ୍ଦେଶ୍ୱରି ଉ.ପ୍ରା. ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗାମୀ ଦିନରେ ରାଜ୍ୟସ୍ତରୀୟ ଜୋନ୍ ପାଇଁ ଚୂଡ଼ାନ୍ତ ବାଳିକା ଦଳ ଚୟନ କରାଯାଇ ସମ୍ପାଦକଙ୍କୁ ହସ୍ତାନ୍ତର କରାଯିବ। ପ୍ରତ୍ୟୁଷରୁ ଫୁଟ୍‌ବଲ ଖେଳାଳିମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉତ୍ସାହିତ କରିଥିଲେ।



# ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ରଘୁରାଜପୁର ପରିଦର୍ଶନ

ପୁରୀ/କୋଣାର୍କ,୧୮।୪(ସମିସ)

ଶନିବାର ୧୦ଟି ରାଷ୍ଟ୍ରର ୨୨ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଲୋକକଳା ଗ୍ରାମ ରଘୁରାଜପୁର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱରରୁ ଆସିଥିଲେ। ପ୍ରଥମେ ରଘୁରାଜପୁରରେ ପହଞ୍ଚିବା ପରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ସେମାନେ କଳାଗ୍ରାମ ରଘୁରାଜପୁରର ଘରକୁ ଘର ବୁଲି ପଟ୍ଟଚିତ୍ର ଦେଖିଥିଲେ। ଅପରାହ୍ନରେ ସେମାନେ କୋଣାର୍କରେ ପହଞ୍ଚିଥିଲେ। ଗାଇଡ୍ ଅନିମେଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନ୍‌ଫ୍ଲୁଏନ୍‌ସରମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ। ମନ୍ଦିରର ଐତିହ୍ୟ, ଇତିହାସ ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିଥିଲେ। ପରେ ଆ ଇ ଓ ସି ଏ ଲ୍ ର ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ କୋଣାର୍କ ସମ୍ପର୍କିତ ଡକ୍ୟୁମେଣ୍ଟାରୀ ଫିଲ୍ମ ଦେଖିଥିଲେ। ଏହି ଟିମ୍‌ରେ ମ୍ୟାଁମାରରୁ ନୁ ମିଆତ ଥେଇଙ୍ଗି ଓ, ନାଇଙ୍ଗି ସୁଇ ଓ, ଭୁଟାନରୁ ଦୋର୍ଜି ଗେଲ୍‌ଷ୍ଟହେନ, ତେନଜିନ ୟାଙ୍ଗଚେନ, କାମ୍ବୋଡିଆରୁ ହେଙ୍ଗ ଖେମା, ସୋକ ସନିତା, ଲାଓସୋରୁ ସିରିସୋଫା ଫିମାକାୟୋସୋନ, ସୁକିଫୋନ ଭୋଙ୍ଗସାକ, ମାଲେସିଆରୁ ମାରହମବିନ ମଣ୍ଡୟୁସୁଫ, ତାଙ୍ଗ ହଙ୍ଗ ତି, ମାଙ୍ଗୋଲିଆରୁ ବାଡମାରଗ ଚୁଲୁନବାତର, ନ୍ୟାମଦରୀ ବାଇଗଲମା, ନେପାଳରୁ ପ୍ରକାଶ ଅଧିକାରୀ, ଶ୍ରୀଜନ ଓଲୀ, ସିଙ୍ଗାପୁରରୁ ଲୀ ଫଙ୍ଗ କୁମ, ଲୀ ଜିଆଇ ତ୍ରିସିଆ, ଚାନ ତୁଇ କୁଏନ ପ୍ରିସିଲା, ଥାଇଲାଣ୍ଡରୁ ମିସ୍ ନିଶା ନାଶୋନଜାଇ, ନାପୋଲ ଲାପୋର୍ଣ୍ଣ ସିରିକୁଲ, ଭିଏତନାମରୁ ଲୀ ଥୁକ୍ ହିଏନ, ଡାଓ ଥି ମିନହ ତ୍ରାଙ୍ଗ, ହା ଲେ ଡିଏମ୍ ସାମିଲ ହୋଇ ପରିଦର୍ଶନ କରିଥିଲେ। ବୈଦେଶିକ ମନ୍ତ୍ରାଳୟର ମିଡିଆ ଲିଆସନ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣରେ ସହାୟତା କରିଥିଲେ। ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ସୁଶ୍ରୀ ଶାଶ୍ୱତିକା ମହାପାତ୍ର, ଏମ୍. ଅଭିଷେକ, ଆଦିତ୍ୟ ନାରାୟଣ ସାମଲ ଓ ଅନିଶା କର ତାଙ୍କୁ ସହଯୋଗ କରିଥିଲେ। ପରେ ଇନ୍‌ଫ୍ଲୁଏନ୍‌ସରମାନେ ଭୁବନେଶ୍ୱର ଫେରି ଯାଇଥିଲେ।



କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଲେ

### ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟ ଖାଦ୍ୟ ନିରାପତ୍ତା ସମୀକ୍ଷା କଲେ ଜିଲ୍ଲାପାଳ

# ଖିଲାପକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ବାରିପଦା, ୧୮ ।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବାକୁ ସୁନିଶ୍ଚିତ କରାଯିବ। ନିର୍ଦ୍ଧାରିତ ଖାଦ୍ୟ ସୂଚୀ ଅନୁଯାୟୀ ସ୍ୱଚ୍ଛ ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେବ। ଏଥିସହ ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟଜଳ ପ୍ରଦାନ କରିବାକୁ ନିଶ୍ଚିତ କରାଯିବ। ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ଉତ୍ତମ ପୋଷଣ ବ୍ୟବସ୍ଥାକୁ ସମୀକ୍ଷା କରିବା ଅବସରରେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସ୍ୱାନ୍ ହଲ୍‌ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଯୋଗଦେଇ ଜିଲ୍ଲାର ସମସ୍ତ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟର ଖାଦ୍ୟ ବଣ୍ଟନ ପ୍ରକ୍ରିୟା, ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ସେବାଶ୍ରମ, ଆଶ୍ରମ, ଆଇଟିଡିଏ ଓ ଅନ୍ୟ ସମସ୍ତ ଛାତ୍ରୀନିବାସ ବା ଛାତ୍ରନିବାସରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ନିରୀକ୍ଷଣ କରିବାକୁ ନିୟମିତ ପରିଦର୍ଶନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସଏ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏ ନେଇ ମଧ୍ୟ ନିର୍ଦ୍ଦେଶ ଦେଇଥିବାବେଳେ ଏହାର ଅନୁପାଳନ ସମ୍ପର୍କରେ ରିପୋର୍ଟ ନେଇଛନ୍ତି। କୌଣସି ବିଦ୍ୟାଳୟରେ ଏହାକୁ ଅନୁପାଳନ କରାଯାଉ ନ ଥିଲେ ଖିଲାପକାରୀ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାରେ ସାମାନ୍ୟତମ ଅବହେଳା ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ ଓ ଇଶ୍ୱର ଚନ୍ଦ୍ର ନାଏକ, ପ୍ରକଳ୍ପ ଅଧିକାରୀ ବାରିପଦା ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁୟାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ଆଭାସୀ ବୈଠକରେ ସାମିଲ ହୋଇଥିଲେ।

### ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

## ବାଲ୍ୟ ବିବାହ ରୋକିବାକୁ ନେଲେ ଶପଥ

ବିଶୋଇ, ୧୮ ।୪(ସମିସ): ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଶ୍ରୀମତୀ ବିଟୁ ଟୁଡୁଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶୋଇ ତହସିଲଦାର ସତ୍ୟବାନ




ନାୟକ ଯୋଗଦେଇ ଶିଶୁ, ବାଲ୍ୟ ଓ କିଶୋର ଅବସ୍ଥାରେ କେବଳ ଶିକ୍ଷା ଗ୍ରହଣ କ୍ଷେତ୍ରରେ ମନ ନିବେଶ କରିବା ନେଇ ପରାମର୍ଶ ଦେଇଥିଲେ। ଏଥିସହିତ ଶିଶୁ ସୁରକ୍ଷା ହେଲ୍ପଲାଇନ ଓ ସାଇବର ହେଲ୍ପଲାଇନ ସମ୍ବନ୍ଧରେ ତହସିଲଦାର ସୂଚନା ଦେବା ସହିତ ଗ୍ରାମରେ ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା ପାଇଁ ଉପସ୍ଥିତ ସମସ୍ତ କିଶୋରୀ ବାଳକ, ବାଳିକା, ଅଙ୍ଗନବାଡି ଓ ଆଶା କର୍ମୀଙ୍କୁ ଶପଥ ପାଠ କରାଇଥିଲେ। ବିଡିଓ ସୁମନ ରାଜ ମହାନ୍ତି ଯୋଗଦେଇ ବାଲ୍ୟ ବିବାହ ଦ୍ୱାରା ଶିଶୁ ଓ ମାତୃ ମୃତହାର ସଂଖ୍ୟା ଦିନକୁ ଦିନ ବଢ଼ୁଥିବାବେଳେ ବାଲ୍ୟ ବିବାହ ପ୍ରଥା ରୋକିବା ପାଇଁ ସରକାରୀ ସ୍ତରରେ ପ୍ରତ୍ୟେକ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ରଖାଯାଇ ପରାମର୍ଶ ଦେବା ପାଇଁ କହିଥିଲେ। ବିଶୋଇ ଥାନା ଏଏସ୍‌ଆଇ ରଶ୍ମିତା ଦାସ କୌଣସି ଶିଶୁ କିମ୍ବା କିଶୋରୀ ବାଳକ/ବାଳିକା ନିର୍ଯାତନାର ଶିକାର ହେଲେ ତୁରନ୍ତ ଶିଶୁ ସୁରକ୍ଷା ହେଲ୍ପଲାଇନରେ ଯୋଗାଯୋଗ କରିବା ସହ ଆଇନର ଆଶ୍ରୟ ନେବାକୁ ଅନୁରୋଧ କରିଥିଲେ। ଅନ୍ୟ ଅତିଥି ଭାବେ ପିଏ ମମତା- ପିଏମ୍‌ଏମ୍‌ଭିୱାଇ ବରୁଣ ପରିଡ଼ା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ମହିଳା ପରିଦର୍ଶିକା ମାନସୀ ମହାନ୍ତି ଓ ପ୍ରଭାସିନୀ ଦଳେଇ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୁଲୁମ ଚରଣ ହୋ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷକ ମଧ୍ୟରେ ବିଶୋଇ ବ୍ଲକରେ ୧୦ଟି ବାଲ୍ୟ ବିବାହକୁ ବନ୍ଦ କରାଯାଇଛି। ବାଲ୍ୟ ବିବାହ ରୋକ ଦିଗରେ ସ୍ଥାନୀୟ ଗ୍ରାମରେ କାର୍ଯ୍ୟରତ ଅଙ୍ଗନବାଡି ଓ ଆଶା ଦିଦିଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ସିଡିପିଓ କହିଥିଲେ।

## ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଉଦଳା, ୧୮ ।୪(ସମିସ): କପ୍ତିପଦା ଉପଖଣ୍ଡର ଉଦଳା ସହରରେ ଥିବା ହନୁମାନ ମନ୍ଦିରର ୨୬ତମ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେଉଛି। ଏ ଅବସରରେ ଯଜ୍ଞ ଆୟୋଜିତ ହେଉଛି। ଏହା ୧୯ ତାରିଖରେ ଉଦ୍‌ଯାପିତ ହେବ। ୧୬ ତାରିଖରେ ଘଟ ଅଣାଯାଇ ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ୧୭ ତାରିଖରେ ସୂର୍ଯ୍ୟପୂଜା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯ ତାରିଖ ରବିବାର ପ୍ରାତଃ ୬.୧୫ ମିନିଟରେ ହନୁମାନଙ୍କ ୧୦୮ ମହାସ୍ନାନ ହେବା ସହ ଦିବା ୧୧ ଘଟିକା ସମୟରେ ଭକ୍ତଙ୍କୁ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ଅପରାହ୍ନ ୪.୩୦ମିନିଟ ସମୟରେ ପୂର୍ଣ୍ଣାହୁତି ହେବ। ମୁଖ୍ୟ ପୂଜକ ସିଦ୍ଧେଶ୍ୱର ମିଶ୍ର, ପ୍ରଶାନ୍ତ ମିଶ୍ର, ଅନୀଲ ପଣ୍ଡା, ଅଭୟ ପଣ୍ଡା, ଶିବଶଙ୍କର ମିଶ୍ର, ଅନିରୁଦ୍ଧ ଆଚାର୍ଯ୍ୟ, ଖଗେଶ୍ୱର ପଣ୍ଡା, ଦେବାଶିଷ ପଣ୍ଡା, ବିରଳା ମିଶ୍ର ପୂଜା କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚକ ପ୍ରଫୁଲ୍ଲ ଜି ମହାରାଜାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ଉଦଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ବିଦାୟ ସମ୍ବର୍ଦ୍ଧନା



ଗୋପବନ୍ଧୁନଗର/ଉଦଳା, ୧୮ ।୪ (ସମିସ): ଉଦଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପକ ଭୀମ ସୋରେନ ସଭାପତିତ୍ୱ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଶୁଭକାମନା କରିଥିଲେ। ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ବାପାମାଆଙ୍କ ସ୍ୱପ୍ନ ସାକାର କରିବାକୁ ପ୍ରେରଣା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଭାରତୀ ନାଏକ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଈଶ୍ୱର ମୁର୍ମୁ ଉତ୍ତମ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ କରିବାକୁ ଛାତ୍ରୀଛାତ୍ରୀ କହିଥିଲେ। +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ଦୀନଜ୍ୟୋତି ସାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ବିଦାୟକାଳୀନ ସଙ୍ଗୀତ ପରିବେଷଣ କରିଥିଲେ।

## ଇତିହାସ ଓ ଓଡ଼ିଆ ବିଭାଗର ବିଦାୟ ସମ୍ବର୍ଦ୍ଧନା



କୁଆମରା, ୧୮ ।୪(ସମିସ): ଖୁଣ୍ଟା ଡିଗ୍ରୀ କଲେଜ ଇତିହାସ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ମୁଖ୍ୟ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ କଲେଜ ପ୍ରଶାସନିକ ଅଧିକାରୀ ପ୍ରମୋଦ ମିଶ୍ର, ଓଡ଼ିଆ ବିଭାଗ ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥୀ, ରାଜନୀତି ବିଭାଗ ଅଧ୍ୟାପିକା ଗୋପା ସିଂହ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ପ୍ରଦୀପ ବେହେରା ଓ ଅଧ୍ୟାପିକା ପ୍ରତିଭା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବିଭାଗୀୟ ମୁଖ୍ୟ ଡଃ ହୀରନ୍ମୟୀ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ, ବଡ଼ସାହି କଲେଜର ପ୍ରାକ୍ତନ ଅଧ୍ୟାପକ ସଞ୍ଜୟ ଜେନା, ଅଧ୍ୟାପିକା ମଧୁସ୍ମିତା ପାଇନ, ହେମନ୍ତ ଲୋହାର, ଆଇକ୍ୟୁଏସି ସଂଯୋଜକ ତପନ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ସାଲଗେ ମୁର୍ମୁ ଧନ୍ୟବାଦ ଦେଇଥିଲେ।

## ବାଇକ୍ ଯାଞ୍ଚ, ଅମାନିଆଙ୍କୁ ଜରିମାନା

କୁଆମରା, ୧୮ ।୪(ସମିସ): ଖୁଣ୍ଟା ପୁଲିସ ବାଇକ୍ ଯାଞ୍ଚକୁ କଡ଼ାକଡ଼ି କରିଛି। ଉଦଳା-ବାରିପଦା ୧୯ ନଂ ରାଜ୍ୟ ରାଜପଥରେ ବାଇକ ଯାଞ୍ଚ ବେଳେ ହେଲମେଟ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ୧୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଥାନା ଅଧିକାରୀ ଆଦିତ୍ୟ ଜେନାଙ୍କ ନିର୍ଦ୍ଦେଶକ୍ରମେ ବାସିପିଠାସ୍ଥ ପୁରୁଣାପାଣିଛକରେ ପୁଲିସ ଯାଞ୍ଚ କରିଥିଲା। ଏଏସ୍‌ଆଇ ସ୍ୱର୍ଣ୍ଣମିତା ପ୍ରଧାନ, ସବ୍ୟସାଚୀ ସାମଲଙ୍କ ସମେତ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

### ସିବିଏସ୍‌ଇ ଦଶମ ପରୀକ୍ଷା

## ଚମକିଲେ ଶୀର୍ଷା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ



ସାରସକଣା, ୧୮।୪(ସମିସ): ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୪.୭୩ ପ୍ରତିଶତ ରହିଛି। ୫ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ବିଭିନ୍ନ ଉଚ୍ଚ ଅଧିକାରୀ ଓ ଶିକ୍ଷାବିତ୍ ଶୁଭେଚ୍ଛା ଜଣାଇଛନ୍ତି। ଅମ୍ରିତ କୁମାର ଗୋଛାୟତ ୯୫.୨ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସଞ୍ଜୟ ଦଣ୍ଡପାଟ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୯୩.୪ ପ୍ରତିଶତ ନମ୍ବର ରଖିଛନ୍ତି। ସତ୍ୟପ୍ରଜ୍ଞ ସାହୁ, ସୁହାନି ପ୍ରହରାଜ ୯୨.୮, ମଧୁତା ମହାତୋ ୯୦.୨ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅମ୍ରିତ୍ ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରି ମେଡ଼ିକାଲ୍ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଛାତ୍ରଛାତ୍ରୀ ସେମାନଙ୍କ ସଫଳତା ପାଇଁ ପିତାମାତା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁମନ୍ ଜାଳା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମ ପାଇଁ ସର୍ବଦା ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜିଲ୍ଲା ଓ ରାଜ୍ୟରେ ଗୌରବ ଅର୍ଜନ କରିଆସୁଛି ବୋଲି ମତ ପ୍ରକାଶ କରିଛନ୍ତି।

## ମହୁଲିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତା



**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ମହୁଲିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବେ ଶିକ୍ଷାକ୍ଷେତ୍ରରେ ଏକ ନୂତନ ଇତିହାସ ରଚିଛି। ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅସାଧାରଣ ସଫଳତା ଅର୍ଜନ କରି ବିଦ୍ୟାଳୟ ସହ ରସଗୋବନ୍ଦପୁର ବ୍ଲକର ଗୌରବ ବଢ଼ାଇଛନ୍ତି। ଛାତ୍ର ସ୍ୱୟଂମ ସଂକେତ ଦାସ ୯୯ ପ୍ରତିଶତ ସହ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସୁନୀଲ ବେହେରା ଓ ସୁବ୍ରତ ଦଳାଇ ଯୁଗ୍ମ ଭାବେ ୯୭.୬ ପ୍ରତିଶତ ମାର୍କ ରଖିଥିବାବେଳେ କାହ୍ନୁ ଚରଣ ଜେନା ୯୫.୪ ପ୍ରତିଶତ ଅଙ୍କ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଅଙ୍କ ପାଇ ସ୍ୱର୍ଣ୍ଣିମ ସଫଳତା ଲାଭ କରିଛନ୍ତି। ଯାହା ବିଦ୍ୟାଳୟର ଶିକ୍ଷା ମାନଦଣ୍ଡ ଓ ପାଠଦାନ ପ୍ରଣାଳୀର ଉଚ୍ଚତାକୁ ପ୍ରକାଶ କରୁଛି। ଅଧ୍ୟକ୍ଷ ବାସୁଦେବ ଦାସ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିରନ୍ତର ପରିଶ୍ରମ, ନିର୍ଦ୍ଦେଶନା ଓ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

## ଝାଡଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯୩.୪% ସଫଳତା



**ରାଇରଙ୍ଗପୁର:** ବହଳଦା ବ୍ଲକସ୍ଥ ଝାଡ଼ଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଦଶମ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ୯୩.୪ ପ୍ରତିଶତ ପାସ ହାର ରହିଥିବା ଜଣାପଡ଼ିଛି। ୭୫ ଜଣ ପରୀକ୍ଷା ଦେଇଥିବାବେଳେ ୭୦ ଜଣ ପାସ କରିଛନ୍ତି। ୫ ଜଣ କମ୍ପାଟମେଟାଲ ପାଇଛନ୍ତି। ନିକଟସ୍ଥ ବଞ୍ଜୁଆ ଗ୍ରାମର ସଞ୍ଜୟ ବିହାରି ଓ ବବିତା ବିହାରିଙ୍କ ପୁତ୍ର ଅଙ୍କିତ ବିହାରି ୯୭.୬ ପ୍ରତିଶତ (୪୮୮) ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କ ପଛକୁ ଝାଡଗାଁ ନିବାସୀ ସମୀର କର ଓ ପ୍ରତୀମା କରଙ୍କ ପୁତ୍ର ପ୍ରୀତମ କର ୯୬.୬ ପ୍ରତିଶତ (୪୮୩), ବଡଡାଳିମାର ସୁମନ୍ତ ପଣ୍ଡା ଓ ସୁନନ୍ଦା ପଣ୍ଡାଙ୍କ ଝିଅ ଆଲିଶା ପଣ୍ଡା ୯୪.୮% (୪୭୪), ବହଳଦାର ପୂଜା ଦେବୀ ଓ ସଞ୍ଜୟ ସାହୁଙ୍କ ଝିଅ ଶାଗୁନ ସାହୁ ୯୧.୬% (୪୫୮) ମାର୍କ ରଖିଛନ୍ତି।

## ଠାକୁରମୁଣ୍ଡା ଓଏଭିରେ ସଫଳତା ହାର ୯୨ %

**ମହୁଲଡିହା:** ଠାକୁରମୁଣ୍ଡା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚଳିତ ବର୍ଷ ସିବିଏସଇ ପରୀକ୍ଷାରେ ୯୨.୯ ପ୍ରତିଶତ ସଫଳତା ଲାଭ କରିଛି। ୭୦ ଜଣ ପରୀକ୍ଷା ଦେଇଥିବାବେଳେ ୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୫ ଜଣ କମ୍ପାଟମେଣ୍ଟାଲ ଯାଇଥିବା ସୂଚନା ମିଳିଛି। ଏଥର ଝିଅଙ୍କ ତୁଳନାରେ ପୁଅ ଟିକିଏ ଅଧିକ ସଫଳ ହୋଇଛନ୍ତି। ଛାତ୍ର ୯୪.୭ ପ୍ରତିଶତ ଓ ଛାତ୍ରୀ ୮୭.୯ ପ୍ରତିଶତ ନମ୍ବର ରଖିଛନ୍ତି। ଆୟୁଷ ଅଂଶୁମାନ ସ୍ୱାଇଁ ୮୯ ପ୍ରତିଶତ ନମ୍ବର ରଖିଥିବାବେଳେ ପ୍ରତିଜ୍ଞା ରାମ ଓ ତାପସ ସେଠୀ ୮୭ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କୁ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ୬୫ କୃତକାର୍ଯ୍ୟ ହୋଇଥିବା ପିଲାଙ୍କ ମଧ୍ୟରୁ ୪୪ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଅଧ୍ୟକ୍ଷ ହିମାଂଶୁ ସନ୍ଧିବିଗ୍ରହ ସୂଚନା ଦେଇଛନ୍ତି।

## ଦେବୀଦତ୍ତ ମହାପାତ୍ର ମୋରଡା ଆଦର୍ଶ ବିଦ୍ୟାଳୟ ଟପ୍ପର



**ମୋରଡା:** ମୋରଡାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସିବିଏସଇ ଦଶମ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ୭୮ ଜଣ ପରୀକ୍ଷା ଦେଇଥିବାବେଳେ ୭୨ ଜଣ ପାସ କରିଛନ୍ତି। ବିଦ୍ୟାଳୟର ପାସ ହାର ୯୨.୩୦ ପ୍ରତିଶତ ରହିଛି। ୬୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଦେବୀଦତ୍ତ ମହାପାତ୍ର ସର୍ବାଧିକ ୯୨.୬୦ ପ୍ରତିଶତ ନମ୍ବର ରଖିଥିବାବେଳେ ଛାତ୍ରୀ ସାଇଦା ସାହିସ୍ତା ୱାସିମ ଓ ବିଷ୍ଣୁପ୍ରିୟା ପାତ୍ର ଯଥାକ୍ରମେ ୯୦ ଓ ୮୯ ପ୍ରତିଶତ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ଛାତ୍ରୀଛାତ୍ର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଚାନ୍ଦୁଆ ଆଦର୍ଶ ସ୍କୁଲ ଛାତ୍ରୀଙ୍କ ସଫଳତା



**କୁଳିଅଣା:** କୁଳିଅଣା ବ୍ଲକ ଚାନ୍ଦୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ବାଜିମାତ କରିଛନ୍ତି। ଭାଗ୍ୟଜ୍ୟୋତି ନାୟକ ୯୪.୮୦ ପ୍ରତିଶତ ମାର୍କ ରଖି ପ୍ରଥମ, ସାଇଜ୍ୟୋତି ଅଣ୍ଡିଆ ୯୩.୨୦ ପ୍ରତିଶତ ସହ ଦ୍ୱିତୀୟ ଓ ହୀରାମତି ନାଏକ ୮୯. ୮୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳରେ ୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଧାନଶିକ୍ଷକ ତୋଫାନ ସାମନ୍ତରାୟ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ତନ୍ମୟ, ସାଇକ୍ରିଷ୍ଟାଙ୍କ ସଫଳତା



**ବଡ଼ସାହି:** ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବଡ଼ସାହି ବ୍ଲକ ମାଣତ୍ରୀ ଗ୍ରାମର ତନ୍ମୟ ସାହା ୯୨.୨୦ ପ୍ରତିଶତ ନମ୍ବର ରଖି ବଡ଼ସାହି ଆଦର୍ଶ ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ସେ ଦିଲ୍ଲୀପ ସାହା ଓ କବିତା ସାହାଙ୍କ ପୁତ୍ର ଅଟନ୍ତି। ସେହିପରି ମୂଷଗଡ଼ିଆର ସୁଦର୍ଶନ ଉପାଧ୍ୟାୟ ଓ ସୁଜାତା ଉପାଧ୍ୟାୟଙ୍କ କନ୍ୟା ସାଇ କ୍ରିଷ୍ଟା ଉପାଧ୍ୟାୟ ୯୧.୨୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ରୂପାଲୀଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




ମୋରଡା, ୧୮।୪(ସମିସ): ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ମୃତ ଛାତ୍ରୀଙ୍କ ଆତ୍ମାର ସଦଗତି କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏ ପରିପ୍ରେକ୍ଷୀରେ ମୋରଡା ବ୍ଲକର ଚିତ୍ରଡା ଶୀର୍ଷାପାଳ ଛକରେ ଭଞ୍ଜସେନା ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ କାକବନ୍ଧ ଆଶ୍ରମ ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ବାଜୁନ ହାଁସଦା, ତ୍ରିନାଥ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଉଦଳା, ୧୮ ।୪(ସମିସ): ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମିଲେଟ୍ -ଆଧୁନିକ ବିଶ୍ୱ ପାଇଁ ପ୍ରାଚୀନ ଶସ୍ୟ ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଅଧ୍ୟାପିକା ମଞ୍ଜୁଳା କଳିଆ ବିଶ୍ୱ ଦରବାରରେ ମିଲେଟର ଚାହିଦା ବିଷୟରେ ବର୍ଣ୍ଣନା କରିଥିଲେ। ଗୃହ ବିଜ୍ଞାନ ବିଭାଗ ବରିଷ୍ଠ ଅଧ୍ୟାପିକା କୁମକୁମ ଦାସ ମିଲେଟ୍ ଏକ ପ୍ରଚୀନ ଖାଦ୍ୟ ଓ ବିଭିନ୍ନ ପ୍ରକାରର ମିଲେଟ୍ ବିଷୟରେ ବର୍ଣ୍ଣନା କରିଥିଲେ। ରିସର୍ସ ପର୍ସନ ଭାବେ ଉଦ୍ଭିଦ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଗିରିଜା ପାତ୍ର ମିଲେଟ ହେଉଛି ଭିଟାମିନ୍ ଓ ଖଣିଜ ଲବଣରେ ଭରପୂର ଥିବା ଏକ ପୃଷ୍ଟିକର ଖାଦ୍ୟ। ଯାହା ଶରୀରକୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ବୋଲି କହିଥିଲେ। +୩ ଦ୍ୱିତୀୟ ବର୍ଷ ଛାତ୍ରୀ ଅନୀତା ରଣା, ସୀମା ମୁଣ୍ଡା ଓ +୩ ପ୍ରଥମ ବର୍ଷ ଛାତ୍ରୀ ମଧୁସ୍ମିତା ମୁର୍ମୁ ବିଷୟ ସନ୍ଦର୍ଭ ପାଠ କରିଥିଲେ। ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ସୁଧାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ୯ ଦଫା ଦାବି ପୂରଣ ପାଇଁ ମାରିସାର ନିବେଦନ

# ଆଦିବାସୀ ଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି




ବାରିପଦା, ୧୮ ।୪(ସମିସ): ସମ୍ପ୍ରତି ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ବଢୁଥିବା ଠକାମି ଓ ପ୍ରତାରଣାକୁ ନେଇ ପାଲବଣୀଠାରେ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁଙ୍କ ନେତୃତ୍ୱରେ ଆଦିବାସୀ ଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତି ହସ୍ତକ୍ଷେପ କରନ୍ତୁ। ପ୍ରିଣ୍ଟ୍ ବ୍ୟାନର ଧରି ୯ଟି ଦାବି ପୂରଣ ପାଇଁ ସୋସିଆଲ ମିଡିଆରେ ନିବେଦନ କରାଯାଇଛି। କାକବନ୍ଧ ଆଶ୍ରମ ବିଦ୍ୟାଳୟର ଘଟଣା ରାଜ୍ୟସାରା ବିତର୍କର ବିଷୟ ହୋଇଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଜିଲ୍ଲା ସାରା ସମସ୍ତ ଆଶ୍ରମ ବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ପ୍ରତି ଏହା ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରଶାସନର ବେପାରୁଆ ମନୋଭାବ ଓ ଅନେକ କ୍ଷେତ୍ରରେ ବ୍ଲକ ମଙ୍ଗଳ ଅଧିକାରୀଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ଅଧିକାରୀ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ବିଦ୍ୟାଳୟକୁ ଖାଦ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ଆସୁଥିବା ଅର୍ଥକୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ମାଧ୍ୟମରେ ବାଟମାରଣ କରନ୍ତି। ଅଭିଭାବକ କିମ୍ବା ପିଲାଙ୍କଠାରୁ ଅଭିଯୋଗ ହେଲେ ଚାପି ଦିଅନ୍ତି ବା ସଲାସୁତୁରା କରିଦିଅନ୍ତି। ଉପରସ୍ଥ ଅଧିକାରୀ ନିରବ ରହିବାକୁ ଉଚିତ୍ ମନେ କରନ୍ତି। ପ୍ରଶାସନ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରି ନିଜର କର୍ତ୍ତବ୍ୟ ଶେଷ କରିଛି। ଛାତ୍ରୀ ମୃତ୍ୟୁ ପାଇଁ ତାଙ୍କୁ ଦାୟୀ କରି ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫ ଅନୁସାରେ ଅପରାଧିକ ମାମଲା ଦାୟର କରିବାର ଆବଶ୍ୟକତା ରହିଛି। କର୍ତ୍ତବ୍ୟରେ ଅବହେଳା ପାଇଁ ପ୍ରଶାସନିକ ତଦନ୍ତ କରି ଅତିଶୀଘ୍ର ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରିବାର ଆବଶ୍ୟକତା ରହିଛି। ଆରଡିସି ତଦନ୍ତ ତ ହେଉଛି, ଦେଖିବାର ଅଛି ନିରୀହ ଓ ସରଳ ଆଦିବାସୀଙ୍କୁ ଭୁଆଁ ବୁଲାଇ ତଦନ୍ତ ଆଳରେ ଦୋଷୀ ପ୍ରଧାନଶିକ୍ଷକଙ୍କୁ ସୁରକ୍ଷା ଦେଉଛନ୍ତି ନା ବାସ୍ତବରେ ତାଙ୍କ ପ୍ରତି କଠୋରରୁ କଠୋର ଦଣ୍ଡ, ଚାକିରୀରୁ ବହିଷ୍କାର ଓ ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁସାରେ ଅପରାଧିକ ମାମଲା କରି ଦଣ୍ଡ ବିଧାନ କରୁଛନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଭରସା ନ କରି ମୟୂରଭଞ୍ଜ ମାଟିର ଝିଅ ତଥା ରାଷ୍ଟ୍ରପତିଙ୍କୁ ରାଜ୍ୟରେ ଆଦିବାସୀଙ୍କ ପ୍ରକୃତ ସ୍ଥିତିକୁ ଜଣାଇ ହସ୍ତକ୍ଷେପ କରିବା ପାଇଁ ମାରିସା ପକ୍ଷରୁ ନିବେଦନ କରାଯାଇଛି। ଆଶ୍ରମ ବିଦ୍ୟାଳୟରେ ପରିଚାଳନାଗତ ବ୍ୟବସ୍ଥାକୁ ଯାଞ୍ଚ କରାଯିବା, ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ତାଲିକା ପ୍ରକାଶ କରାଯିବା, କେଉଁଦିନ କେତେ ସମୟରେ କ'ଣ ଖାଦ୍ୟ ଦିଆଯିବ ହଷ୍ଟେଲ୍ ପରିସରରେ ଫଳକରେ ଉଲ୍ଲେଖ କରାଯିବା, ପିଲାଙ୍କ ଅଭିଯୋଗ ପାଇଁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ପ୍ରକୋଷ୍ଠ ୨୪ ଘଣ୍ଟା ପାଇଁ ଖୋଲାଯିବା ଆଦି ୯ଟି ଦାବି ମାରିସା ପକ୍ଷରୁ କରାଯାଇଛି। ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ବ୍ରଜ ଗୋପାଳ ନାଏକ, ଲାଲୁ ମୁର୍ମୁ, ସୁକୁଲାଲ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡି ଓ କଂଗ୍ରେସର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

# ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ; ଗାଡ଼ି ଚଳାଚଳ ଠପ୍

ରାଇରଙ୍ଗପୁର, ୧୮।୪(ସମିସ)

ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକସ୍ଥ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଆଦିବାସୀ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ଘଟଣାରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନଷ୍ଠାନ ଦାବିରେ ବିଜେଡି ପକ୍ଷରୁ ଶନିବାର ମୟୂରଭଞ୍ଜ ବନ୍ଦ ପାଳନ ହୋଇଛି। ଜିଲ୍ଲା ବ୍ୟାପି ସମେତ ବାମନଘାଟି ଉପଖଣ୍ଡରେ ବନ୍ଦର ଜୋରଦାର ପ୍ରଭାବ ଦେଖିବାକୁ ମିଳିଛି। ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ସ୍କୁଲ, କଲେଜ ଓ ରେଳ ଚଳାଚଳ ବନ୍ଦ ରହିଛି। ବିଜେଡିର ବନ୍ଦ ଡାକରାକୁ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ପିକେଟିଂ କରି ବନ୍ଦ ପାଳନ କରିଛନ୍ତି। ଶନିବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ସମଗ୍ର ଜିଲ୍ଲାରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହୋଇଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନୂନଚାଟି ଗ୍ରାମର ରୂପାଲି ବେଶ୍ରା(୧୨)ଙ୍କ ମୃତ୍ୟୁ ଘଟିଛି। ସେ ଉକ୍ତ ଆଶ୍ରମ ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ରୀ ଅଟନ୍ତି। ସରକାରୀ ଅବହେଳା ପାଇଁ ଶିଶୁର ମୃତ୍ୟୁ ଘଟିଛି। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଉନ୍ନୟନ ବିଭାଗ ପରିଚାଳିତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଆବାସିକ ଶିକ୍ଷାନୁଷ୍ଠାନରେ ଘଟଣାର ପୁନରାବୃତ୍ତି ନ ହେବା, ଘଟଣାର ନ୍ୟାୟିକ ତଦନ୍ତ ସହିତ ଜଡ଼ିତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ବାପା କିମ୍ବା ମାଆଙ୍କୁ ସରକାରୀ ଚାକିରି ଯୋଗାଇ ଦେବା ଦାବିରେ ବନ୍ଦ ପାଳନ ହୋଇଛି। ବିଜେଡି ଓ କଂଗ୍ରେସ ଦଳର ଦାବି ଓ ଆଭିମୁଖ୍ୟ ସମାନ ଥିବାରୁ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଉକ୍ତ ବନ୍ଦ ଡାକରା ଦିଆଯାଇଥିବା ନେତୃବୃନ୍ଦ କହିଛନ୍ତି। ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟିକ ପ୍ରତିଷ୍ଠାନ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦକୁ ସମର୍ଥନ ଜଣାଇଥିଲେ। ବିଜେଡ଼ି ମୟୂରଭଞ୍ଜ-୨ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଓ କଂଗ୍ରେସ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ କର୍ମୀ ହରତାଳରେ ସାମିଲ ହୋଇଥିଲେ। ୪୯ନଂ ଜାତୀୟ ରାଜପଥ ଓ ୨୨୦ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବରୋଧ ଯୋଗୁଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବିଜେଡି ନେତା ଓ କର୍ମୀଙ୍କ ପିକେଟିଂ ଯୋଗୁଁ ଗାଡ଼ି ମଟର ଚଳାଚଳ ବନ୍ଦ ରହିବା ସହ କିଛି ସମୟ ପାଇଁ ଟାଟା-ବାଦାମପାହାଡ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ପୌରପାଳିକା ସମେତ ରାଇରଙ୍ଗପୁର ବ୍ଲକ, ବିଶୋଇ ବ୍ଲକ, ବାଦାମପାହାଡ ବ୍ଲକ, ତିରିଂ ବ୍ଲକ, ବହଳଦା ବ୍ଲକ, ବିଜିତଳା ବ୍ଲକ ଓ ଯାମଦା ବ୍ଲକରେ ବନ୍ଦର ଜୋରଦାର ପ୍ରଭାବ ଦେଖିବାକୁ ମିଳିଛି। ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ରାଇରଙ୍ଗପୁର ପୌରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକ, ଉପନଗରପାଳ ମମିତା ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ଚୌଧୁରୀ, ରାଜ୍ୟ ଶକ୍ତି ବିଭାଗର ପୂର୍ବତନ ଉପଦେଷ୍ଟା ଦୀପ୍ତିମାନ ବଳ, ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ମହିଳା ନେତ୍ରୀ ତନୁଜା ମହାନ୍ତ, ଜିଲ୍ଲା ଉପସଭାପତି ସ୍ୱରୂପ ବେହେରା, ସୁବାସ ମଣ୍ଡଳ, ପୂର୍ବତନ ସଭାପତି କାଶୀନାଥ ହେମ୍ବ୍ରମ, ରାଜ୍ୟ ସାଧାରଣ ସମ୍ପାଦକ ବିକାଶ ମହାନ୍ତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ପିକେଟିଂ କରି ବନ୍ଦ ପାଳନକୁ ସଫଳ କରିଥିଲେ।





**ବଡ଼ସାହି:** ବିଜେଡି ପକ୍ଷରୁ ଆହୂତ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ବଡ଼ସାହି ବ୍ଲକରେ ସଫଳ ହୋଇଛି। ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଦୋକାନ ବଜାର, ସ୍କୁଲ, କଲେଜ, ବ୍ଲକ, ତହସିଲ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ କର୍ମୀ ବୁଲି ବୁଲି ପିକେଟିଂ କରିଥିଲେ। କଂଗ୍ରେସ ଦଳ ମଧ୍ୟ ଏହାକୁ ସମର୍ଥନ ଜଣାଇଥିଲା। ବିଜେଡି ବ୍ଲକ ସଭାପତି ତପନ ପତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଯୁବ ସଭାପତି ନିହାର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ କାଞ୍ଚନ ପ୍ରଧାନ, ସମ୍ପାଦକ ରାକେଶ ମହାପାତ୍ର ଓ ବିଶ୍ୱଜିତ ଦାସ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସମସ୍ତ ପଞ୍ଚାୟତର ସଭାପତି, ଯୁବ ସଭାପତି, ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ସେହିପରି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କ ଶେଖର କରଙ୍କ ନେତୃତରେ କର୍ମୀ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ ହରତାଳରେ ସାମିଲ ହୋଇଥିଲେ।

**କୁଳିଅଣା:** କୁଳିଅଣା ବ୍ଲକ ସମେତ ଚାନ୍ଦୁଆ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଓ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବିଜୁ ଜନତା ଦଳ ପକ୍ଷରୁ ଆଜି ଏହି ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ୪୯ନଂ ଜାତୀୟ ରାଜପଥରେ ଟ୍ରକ୍ ସମେତ ବସ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। କୁଳିଅଣା ବ୍ଲକର ୧୭ଟି ପଞ୍ଚାୟତର ଲୋକେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦକୁ ସମର୍ଥନ କରିଥିଲେ। ଏଥିରେ ୮ ଓ ୯ ଜୋନ ଜିଲା ପରିଷଦ ସଭ୍ୟ ଦୁର୍ଗା ମାଣ୍ଡି ଓ ଆନନ୍ଦ ଟୁଡୁଙ୍କ ସମେତ ରାଜୀବ ଗୋସ୍ୱାମୀ, ଦିନେଶ ବାରିକ, ମୁକେଶ ଦାସ, ରବି କର, ଦୀପୁ ବେହେରା, ବାପି ବେହେରା ଓ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଥିଲେ।





**କପ୍ତିପଦା:** କାକବନ୍ଧ ଆଦିବାସୀ ଆଶ୍ରମ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ଶନିବାର ମୟୂରଭଞ୍ଜ ବନ୍ଦ ସଫଳ ହୋଇଛି। ବିଜେଡି ଓ କଂଗ୍ରେସ ପକ୍ଷରୁ ମିଳିତ ଭାବେ ବାଲେଶ୍ୱର ଗୋଲେଇଠାରୁ ବଜାର, କଲେଜ, ତହସିଲ କାର୍ଯ୍ୟାଳୟ ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିଲା। ବିଜେଡି ପକ୍ଷରୁ ସଭାପତି ପ୍ରଶାନ୍ତ ବେହେରା, ସୁମନ୍ତ ମହାନ୍ତି, ପରେଶ ବେହେରା, ସୁନୀଲ ପ୍ରଧାନ, ଗଦାଧର ଦାସ, ଜୟନ୍ତ ରାଉତ, ରମେଶ ହାଁସଦା, ଆଶିଷ ଦାସ, ଭଗୀରଥ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦୀପ ମଲ୍ଲିକ ଓ କଂଗ୍ରେସ ପକ୍ଷରୁ ସଭାପତି ରବିନାରାୟଣ ପରିଡ଼ା, ଅମରେନ୍ଦ୍ର ପାଢ଼ୀ, ପରିତୋଷ ମହାକୁଡ ଓ ଦିଲ୍ଲୀପ ବେଜ ପ୍ରମୁଖ ସାମିଲ ଥିଲେ।



**ବିଶୋଇ:** କାକବନ୍ଧ ଆଶ୍ରମ ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ଛାତ୍ରୀ ରୂପାଲି ବେଶ୍ରାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ଆଜି ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା। ଆଜି ବିଶୋଇ ବ୍ଲକ ବିଜେଡି ପକ୍ଷରୁ ବିଶୋଇ ବ୍ଲକରେ ବନ୍ଦକୁ ସଫଳ କରାଯାଇଛି। ବ୍ଲକ ବିଜେଡି ସଭାପତି ରଞ୍ଜନ ନନ୍ଦଙ୍କ ନେତୃତ୍ୱରେ ସକାଳ ୬ରୁ ବିଜେଡ଼ି କର୍ମୀ ୪୯ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପିକେଟିଂ କରାଯାଇ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ, ବଜାର ବନ୍ଦ କରାଯାଇଥିଲା। ମୟୂରଭଞ୍ଜ-୨ ଜିଲ୍ଲାର ବିଜେଡି ସଭାପତି ଡାକ୍ତର ଦେବାଶିଷ ମାର୍ଣ୍ଡି, ଜିଲ୍ଲା ଉପସଭାପତି ବୁଦ୍ଧିମାନ ମଣ୍ଡଳ, ସାଧାରଣ ସମ୍ପାଦକ ଅମର ସିଂ ଟୁଡୁ, ସମ୍ପାଦକ ଶୋଭାରାମ ମୁର୍ମୁ, ସମ୍ପାଦକ ବିରଞ୍ଚି ନନ୍ଦ, ସମ୍ପାଦକ ଖେଲାରାମ ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ। ଯୁବନେତା ସୁନୀଲ ମହାପାତ୍ର, ଛାତ୍ର ନେତା ସଚିନ୍ଦ୍ର ମହାନ୍ତ, ରାଜୀବ ନାଏକ, ଯୁବନେତା ଗୋପବନ୍ଧୁ ଗିରି, ରାଜେନ୍ଦ୍ର ହେମ୍ବ୍ରମ, ଗିରିଶ ପାଣିଗ୍ରାହୀ, ଅଜୟ ନନ୍ଦ, ଭାଦୁରାମ ହାଁସଦା, ଅଶୋକ ଗିରି, ଜିତେନ୍ଦ୍ର ମୁଣ୍ଡା, ଦେବଜ୍ୟୋତି ନାଏକ, ଶିବ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

**କୁଳିଅଣା:** ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଆହ୍ୱାନକ୍ରମେ ଆଜି ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦର ପ୍ରଭାବ କୁଳିଅଣାରେ ପଡ଼ିଛି। ବିଜେଡି ଜିଲ୍ଲା ସମ୍ପାଦକ ରବୀନ୍ଦ୍ର କର, ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି, ୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ପୂର୍ବତନ ବ୍ଲକ ସଭାପତି ସୁଧାଂଶୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି କୁଳିଅଣା ବ୍ଲକରେ ବନ୍ଦ ସଫଳ ହୋଇଛି। ୧୮ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ଥିବାବେଳେ, ଦୋକାନ ବଜାର, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ବିଜେଡିର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ମହାନ୍ତ, ହାଡ଼ିବନ୍ଧୁ ବେହେରା, ପାତିହିଞ୍ଜା ସମିତି ସଭ୍ୟ ବାବଲୁ ହାଁସଦା, କୁଳିଅଣା ପୂର୍ବତନ ସରପଞ୍ଚ ଆନନ୍ଦ ହାଁସଦା, ଚାନ୍ଦୁଆ ସମିତି ସଭ୍ୟ ପ୍ରଦୀପ ସିଂ, ଗେଣ୍ଡାପୋଖରୀ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ନିରଞ୍ଜନ ଧଡ଼ା, ରାଜେଶ ଗୋସ୍ୱାମୀ, ପପୁ କର, ମାରାଂଡାଣ୍ଡି ସମିତି ସଭ୍ୟ ରାଜେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।





**ରାସଗୋବିନ୍ଦପୁର:** ବିଜେଡିର ୧୨ ଘଣ୍ଟିଆ ବନ୍ଦ ରାସଗୋବିନ୍ଦପୁରରେ ସଫଳ ହୋଇଛି। ସାଧାରଣ ଲୋକ ବନ୍ଦକୁ ସମର୍ଥନ କରିଥିବାରୁ ଅଞ୍ଚଳରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଅତ୍ୟାବଶ୍ୟକ ସେବା ଔଷଧ ଦୋକାନ ଓ ମେଡିକାଲ୍ ବ୍ୟତୀତ ସମସ୍ତ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବିଜେଡି ବ୍ଲକ ସଭାପତି ଜଗନ୍ନାଥ ଦାସଙ୍କ ନେତୃତ୍ୱରେ ବନ୍ଦରେ ୪୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ସମାଜସେବୀ ମନୋଜ ଘୋଷ, ଯୁବନେତା ଉତ୍ତମ ମହାନ୍ତିଙ୍କ ସହିତ ସ୍ଥାନୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାଏକ, ସାରୁମୂଳା ସରପଞ୍ଚ ମନୋରଞ୍ଜନ ସିଂ, ବିନୋଦ ଦାସ, ବଳରାମ ଧଳ, ଅଶୋକ ସାହୁ, ନିରଞ୍ଜନ ଦାସ, ଅଞ୍ଜନ ମହାନ୍ତି, ଜଗଜିତ ମହାନ୍ତି, ବିଶ୍ୱରଞ୍ଜନ ଗିରି ଓ ରାଜୀବ ଦାସ ପ୍ରମୁଖ ସାମିଲ ଥିଲେ। ସିପିଆଇ(ଏମ) ପକ୍ଷରୁ ବରିଷ୍ଠ ନେତା ଓ ପ୍ରାକ୍ତନ ଶିକ୍ଷକ ହୀରାମୋହନ ଦାସ ଓ ମୃତ୍ୟୁଞ୍ଜୟ ବେହେରା ନେତୃତ୍ୱ ନେଇଥିଲେ। କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ଯୋଗେନ୍ଦ୍ର ମହାନ୍ତି, କର୍ମୀ ରମେଶ ମହାକୁଡ଼ ଓ ଯୋଗେନ୍ଦ୍ର ନାଏକ ଯୋଗଦେଇଥିଲେ।



**କରଞ୍ଜିଆ:** ଆଜି ସକାଳୁ କରଞ୍ଜିଆ ଅଞ୍ଚଳରେ ବନ୍ଦର ପ୍ରଭାବ ପଡ଼ିଥିଲା। ସହରର ମୁଖ୍ୟ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଜେଡି କର୍ମକର୍ତ୍ତା ବନ୍ଦ କରିଥିଲେ। ବାସନ୍ତୀ ହେମ୍ବ୍ରମ, ସିପୁ ନାୟକ, କରଞ୍ଜିଆ ଚେୟାରମ୍ୟାନ ପପି ପୃଷ୍ଟି ଓ ବ୍ଲକ ଚେୟାରମ୍ୟାନ ଶୁଭଦ୍ରା ମାରାଣ୍ଡିଙ୍କ ନେତୃତ୍ୱରେ ଦୋକାନ-ବଜାର ବନ୍ଦ କରାଯାଇଥିଲା। ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିଥିଲା।

**ଉଦଳା:** ଏଠାରେ ବିଜେଡିର ବନ୍ଦ ଡାକରା ସଫଳ ହୋଇଛି। ଏହି ବନ୍ଦକୁ କଂଗ୍ରେସ ସହିତ ବହୁ ସଂଗଠନ ସମର୍ଥନ କରିଥିଲେ। ଦୋକାନ ବଜାର, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ଓ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଉଦଳାର ବିଭିନ୍ନ ସ୍ଥାନରେ ବିଜେଡି କର୍ମୀ ପିକେଟିଂ କରି ବନ୍ଦକୁ ଡାକରା ସଫଳ କରିଥିବାରୁ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଧନ୍ୟବାଦ୍ ଜଣାଇଥିଲେ।



**ସାରସକଣା:** ଆଜି ବିଜେଡି ପକ୍ଷରୁ ଆହୂତ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଫଳରେ ସମଗ୍ର ଜିଲ୍ଲାରେ ପ୍ରଭାବ ପଡ଼ିଛି। ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ ରହିଥିଲା। ଜିଲ୍ଲା ସଭାପତି ଡଃ ଦେବାଶିଷ ମାରାଣ୍ଡି, ବ୍ଲକ ସଭାପତି ମଣିଶଙ୍କର ବାରିକ, ମିଡିଆସେଲ ସଂଯୋଜକ ସତ୍ୟଜିତ ଦତ୍ତ, ରାଜ୍ୟ ସାଧାରଣ ସମ୍ପାଦକ ପପୁ ଦାସ, ଦୁର୍ଗା ମୁର୍ମୁ, କୁନୁରାମ ସି, ମୁକେଶ ବେହେରା, ସଞ୍ଜୟ ପରିଡ଼ା, ବଦନ ସିଂ, ପାହାଡ଼ ସିଂ, କ୍ଷେତ୍ରମୋହନ ବେହେରା, ବିନୟ ଭୋଲା, ଅଶ୍ୱିନୀ ମାହାନ୍ତ, ସୁଜୟ ମୁର୍ମୁ, ହେମନ୍ତ ବେହେରା, ବିଶ୍ୱଜିତ ମହାନ୍ତି, ସ୍ୱାଗତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।



**ଖୁଣ୍ଟ:** କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ଘଟଣାରେ ବିଜୁ ଜନତା ଦଳ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ଶୁକୁଳି ବ୍ଲକରେ ପଡ଼ିଛି। ସମସ୍ତ ସରକାରୀ ଓ ବେସରକରୀ ଅଫିସ, ସମସ୍ତ ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଦଳର ବରିଷ୍ଠ ନେତା ଗୋଲକ ନାୟକ, ବିକାଶ ସି, ପତି କାରୁଆ, ନରେଶ ଗିରି, ଭାବଗ୍ରାହୀ ପାତ୍ର ଓ ପ୍ରାଣବନ୍ଧୁ ଘଡାଇ ପ୍ରମୁଖ ସାମିଲ ଥିଲେ।





**ବେତନଟୀ:** ଆଜି ବିଜେଡି ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଫଳରେ ସମଗ୍ର ବେତନଟୀ ବ୍ଲକରେ ପ୍ରଭାବ ପଡ଼ିଛି। ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ କେବଳ ଆମ୍ବୁଲାନ୍ସ ଓ ଅତି ଆବଶ୍ୟକ ଗାଡ଼ିକୁ ଛଡା ଯାଉଥିଲା। ଦୋକାନ ବଜାର, ସ୍କୁଲ କଲେଜ, ବ୍ଲକ, ତହସିଲ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବେତନଟୀ ଓ ବୈଶିଙ୍ଗା ଦୁଇଟି ସ୍ଥାନରେ ପିକେଟିଂ କରୁଥିଲେ। ଦଳୀୟ କର୍ମୀ। କଂଗ୍ରେସ ଦଳ ଏହାକୁ ସମର୍ଥନ ଜଣାଇଥିଲା। ବିଜେଡିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ସୁନ୍ଦର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ବଳ, ଯୁବନେତା ରାଜନ ଦାସ, ସମିତି ସଭ୍ୟ କିଶୋର ନାୟକ, ବିଜେଡି ନେତା ଚୈତନ୍ୟ ଟୁଡୁ, ତପନ ଜେନା, ଛାତ୍ରନେତା ଜୀବନ ଦାସ, ଅମର ପଞ୍ଝା, ଦୀପକ ସାହୁ ପ୍ରମୁଖଙ୍କ ନେତୃତ୍ୟରେ ବେତନଟୀ ଓ ବୈଶିଙ୍ଗାରେ ବନ୍ଦ ପାଳନ କରାଯାଇଥିଲା।

**ଗୋପବନ୍ଧୁନଗର/ଉଦଳା:** ଆଜି ମୟୂରଭଞ୍ଜ ଜିଲ୍ଲାରେ ବିରୋଧୀ ବିଜେଡି ଓ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ଡାକରାରେ ସଫଳ ହୋଇଛି। ସମଗ୍ର ଉପଖଣ୍ଡରେ ଜୀବନଯାତ୍ରାରେ ଘୋର ବ୍ୟାଘାତ ଘଟିଛି। ଉଦଳା ବଜାରର ସବୁ ଦୋକାନ ବଜାର ବନ୍ଦ ରହିବା ସହ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାରେ ବିଜେଡି ଦଳର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ କଂଗ୍ରେସର ଆଶାୟୀ ପ୍ରାର୍ଥି ଦୁଃଖିଶ୍ୟାମ ମୁର୍ମୁ ଓ ବହୁ ବରିଷ୍ଠ ବିଜେଡି ଓ କଂଗ୍ରେସ ନେତା ସାମିଲ ହୋଇଥିଲେ।



**ବାଙ୍ଗିରିପୋଷି/କଳାବାଡିଆ:** ବିଜେଡିର ମୟୂରଭଞ୍ଜ ବନ୍ଦ ଡାକରା ଦେଇଥିଲାବେଳେ ବ୍ଲକ କଂଗ୍ରେସ ଓ ବ୍ଲକ ବଣିକ ସଂଘ ସମର୍ଥନ କରିଥିଲା। ବାଙ୍ଗିରିପୋଷିରେ ଜାତୀୟ ରାଜପଥ ୪୯କୁ ସକାଳ ୬ ଘଟିକା ସମୟରୁ ବିଜେଡି ଓ କଂଗ୍ରେସ କର୍ମୀ ବନ୍ଦ କରିଥିଲେ। ବିଜେଡି ବ୍ଲକ ସଭାପତି ବୀରକିଶୋର ମହାନ୍ତିଙ୍କ ନେତୃତ୍ୱରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ବାଙ୍ଗିରିପୋଷିରେ ପହଞ୍ଚି ସରକାର ତୁରନ୍ତ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ, ପରିବାରରେ ଜଣକୁ ଚାକିରି, ନ୍ୟାୟିକ ତଦନ୍ତ ପାଇଁ ଦାବି କରିଥିଲେ। ବିଜେଡି ବ୍ଲକ ସଭାପତି ବୀରକିଶୋର ମହାନ୍ତି, କଂଗ୍ରେସ ସଭାପତି ରବୀନ୍ଦ୍ର ଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ସମିତି ସଭ୍ୟ ସୁନ୍ଦରମୋହନ ମାରାଣ୍ଡି, ଯୁବ ସଭାପତି ଦୁବାୟ ମାଝୀ, ମାସକାଲ ସିଂ ପୂର୍ତ୍ତି, ପ୍ରଭାତ ପାତ୍ର, ଚାକିଡି ସରପଞ୍ଚ ବିକ୍ରମ ହାଁସଦା, ମୋତିଲାଲ ଦାଶ, ଭାସ୍କର ମହାନ୍ତ, କମଳାକାନ୍ତ ବାରିକ, ବାବୁଆ ପାଳ, ପବିତ୍ର ମହାନ୍ତି, ସେକ୍ ନୈସାଦ, ଦାଶା ଚମ୍ପିୟାର, ପ୍ରଶାନ୍ତ ପାତ୍ରଙ୍କ ସହିତ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି ମୁରଲୀଧର ନାଏକ, ଏସକେ ଟୁଡୁ, ବନମାଳୀ ସୋରେନ, ପ୍ରଦୀପ ବେହେରା ପ୍ରମୁଖ ସାମିଲ ଥିଲେ।

**କୁଆମରା:** ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକରେ ସଫଳ ହୋଇଛି। ଉଭୟ ବ୍ଲକରେ ଥିବା ବିଭିନ୍ନ ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଶିଳ୍ପ ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ଯାତ୍ରୀବାହୀ ବସ୍ ଯାତାୟାତ ବନ୍ଦ ରହିଥିଲା। ଗୋପବନ୍ଧୁନଗର ବ୍ଲକ ବିଜେଡି ସଭାପତି ସତ୍ୟବାନ ଉପାଧ୍ୟାୟଙ୍କ ନେତୃତ୍ୱରେ ବ୍ଲକ ଛାତ୍ର ସଭାପତି ଦିଲ୍ଲୀପ ମହାପାତ୍ର, ଜିଲ୍ଲା ଯୁବ ଉପସଭାପତି ଜ୍ୟୋତିଶଙ୍କର ସାହୁ, ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ଯୁବ ସଂଗଠକ ଅସିତ ଲେଙ୍କା, ଅଭିମନ୍ୟୁ ପାତ୍ର, ରଞ୍ଜନ ମହାନ୍ତି, ମୀନକେତନ ମହାନ୍ତି, ରମାକାନ୍ତ ମହାନ୍ତି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟାୟ ନାଏକ ପ୍ରମୁଖ ଏହି ବନ୍ଦରେ ସାମିଲ ହୋଇଥିଲେ।



**ଗୋରୁମହିଷାଣୀ:** କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରୂପାଲି ବେଶ୍ରାଙ୍କ ମୃତ୍ୟୁର ପ୍ରତିବାଦରେ ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦର ପ୍ରଭାବ ଗୋରୁମହିଷାଣୀଠାରେ ପଡ଼ିଛି। ଆଜି ସକାଳୁ ବିଜେଡିର ବରିଷ୍ଠ ନେତା ସତ୍ୟବ୍ରତ ଦାସ, ସୁରେଶ ସୋରେନ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କ ନେତୃତ୍ୱରେ ସ୍କୁଲ କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ବିଜେଡିର ରମେଶ ସାହୁ, ଅଶୋକ ଗିରି, ଦୁର୍ଗା ମହାନ୍ତି, ଟିକି ଦାସ, ସାନ ଦାସ, ଚକ୍ର ବେହେରା, ମନୋଜ ମୁଦୁଲି, ସାଲଖୁ ସୋରେନ, ହାତିଆ ସରପଞ୍ଚ ଲାଲ ବାହାଦୁର ସୋରେନ ପ୍ରମୁଖ ସାମିଲ ଥିଲେ।

**ମୋରଡା:** ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଫଳରେ ମୋରଡା ବ୍ଲକରେ ପ୍ରଭାବ ପଡ଼ିଛି। ବିଜେଡି କର୍ମୀଙ୍କ ପିକେଟିଂ ଯୋଗୁଁ ବିଭିନ୍ନ ସ୍ଥାନରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅତ୍ୟାବଶକ ସେବାକୁ ବାଦ ଦିଆଯାଇଥିବାବେଳେ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ, କଚେରୀ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା। ବିଜେଡି କର୍ମୀ କ୍ଷୀତିସ ମହାନ୍ତ, ଅମ୍ବୁଜ ମହାନ୍ତ, ସମୀର ବେହେରା, ଜୟନ୍ତ ବେହେରା, ରାମାଇ ମାରାଣ୍ଡି ପ୍ରମୁଖ ଏହି ବନ୍ଦରେ ସାମିଲ ହୋଇଥିଲେ।

